ଆଦିବାସୀ ଭାଷା ଅଧ୍ୟୟନମାଳା

Tribal Language Study Series
Volume-XII

# ବାଥୁଡ଼ି

# BATHUDI

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ

ଓଡ଼ିଶା ସରକାର

**ACADEMY OF TRIBAL DIALECTS & CULTURE**

HARIJAN & TRIBAL WELFARE DEPARTMENT

Government of Orissa

# ବାଥୁଡ଼ି

( ବ୍ୟାକରଣ, ରଚନାବଳୀ, ଶବ୍ଦକୋଷ )


ସଂକଳକ :

ଡଃ ରବୀନ୍ଦ୍ର କୁମାର ଶତପଥୀ

ସୂଚକ :

ଶ୍ରୀ ଫଗୁଣା ନାଏକ

ଶ୍ରୀ ବାସୁଦେବ ନାଏକ

ଶ୍ରୀ କଇଲାସ ଦନେଇକ

ନିର୍ଦ୍ଦେଶକ :

ଖଗେଶ୍ୱର ମହାପାତ୍ର



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

ଭୁବନେଶ୍ୱର

୧୯୯୨

# ବାଥୁଡ଼ି

( ବ୍ୟାକରଣ, ରଚନାବଳୀ, ଶବ୍ଦକୋଷ )

ସଂକଳକ :

ଡଃ ରବୀନ୍ଦ୍ର କୁମାର ଶତପଥୀ

ସୂଚକ :

ଶ୍ରୀ ଫଗୁଣା ନାଏକ

ଶ୍ରୀ ବାସୁଦେବ ନାଏକ

ଶ୍ରୀ କଇଲାସ ଦନେଇକ

ନିର୍ଦ୍ଦେଶକ :

ଖଗେଶ୍ୱର ମହାପାତ୍ର

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

ଭୁବନେଶ୍ୱର

୧୯୯୨

ACKNOWLEDGEMENT

The Study was carried out with financial assistance from the Ministry of Welfare (T.D.) Govt. of India in 1990-91.

# BATHUDI

Compilation : Dr. Rabindra Kumar Sathapathy

Informants : Sri Faguna Naik, Keonjhar
Sri Basudev Naik, Tanda
Sri Kailash Daneik, Udala

Supervisor : Khageswar Mahapatra

**Academy of Tribal Dialects & Culture**
**Harijan & Tribal Welfare Department, Govt. of Orissa**

Adivasi Exhibition Ground, Bhubaneswar-751009

1992

Price : Rupees Sixty only

Printed at : Bholanath Press, Bhubaneswar-751010

# ମୁଖବନ୍ଧ

ଆଦିବାସୀ ଭାଷା ଅଧ୍ୟୟନମାଳାରେ ଖଚିତ ଏକ ଅମ୍ଳାନ ପୁଷ୍ପ ଓଡ଼ିଶାର ଅନୁସୂଚିତ ଉପଜାତି ବାଥୁଡ଼ି ଗୋଷ୍ଠୀର ଭାଷା ବିନ୍ୟାସର ପରିପ୍ରକାଶ ଉଦ୍ଦେଶ୍ୟରେ ରଚିତ ହୋଇଅଛି । ଭାବର ଆଦାନ ପ୍ରଦାନ ନିମନ୍ତେ ଭାଷାର ଆବଶ୍ୟକତା ଦୃଷ୍ଟିରୁ ଏହାର ବିଜ୍ଞାନ ସମ୍ମତ ଭାଷାତାତ୍ତ୍ୱିକ ଅଧ୍ୟୟନ ଅପରିହାର୍ଯ୍ୟ ଅଟେ । ଜୀବଜଗତରେ ମଣିଷ ଗୋଟିଏ ସ୍ୱତନ୍ତ୍ର କଥାକୁହା ପ୍ରାଣୀ । ବିଭିନ୍ନ କାଳରେ ସଙ୍କେତ, କଥିତ ଭାଷା, ଲିଖିତ ଭାଷାର ପ୍ରଚଳନ ଦେଖାଯାଇଅଛି । ପ୍ରତ୍ୟେକ ଭାଷାର ଏକ ନିର୍ଦ୍ଦିଷ୍ଟ ପରିସର ଥିଲେ ହେଁ ତାହା ଉକ୍ତ ପରିସୀମା ମଧ୍ୟରେ ଆବଦ୍ଧ ନୁହେଁ । କାରଣ ଏକ ଭାଷାଭାଷୀ ଗୋଷ୍ଠୀର ଲୋକମାନେ ଅନ୍ୟଭାଷାଭାଷୀ ଲୋକମାନଙ୍କ ସହିତ ସମ୍ପର୍କ ସ୍ଥାପନ କରୁଥିବାରୁ ଭିନ୍ନଭିନ୍ନ ଭାଷା ମଧ୍ୟରେ ଆଦାନ ପ୍ରଦାନ ଦେଖାଯାଇଥାଏ । ବିଶେଷରେ ବ୍ୟକ୍ତି ସମ୍ପର୍କର ଯୋଗାଯୋଗ ଭାଷା ମାଧ୍ୟମରେ ସମ୍ଭବ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଯୋଗାଯୋଗତତ୍ତ୍ୱ ବିଶାରଦ ଜନ୍ ଫିସ୍କେ ( John Fiske, 1982 ) ଙ୍କ ମତ ଅନୁଯାୟୀ ପାରସ୍ପରିକ କଥୋପକଥନ, ଦୂରଦର୍ଶନ, ସମ୍ବାଦ ପରିବେଷଣ, ବେଶ ପଟ୍ଟା, ସାହିତ୍ୟିକ ସମାଲୋଚନା ଇତ୍ୟାଦି, ଯେଉଁ ଗୁଡ଼ିକର ତାଲିକା ଅସମାପ୍ତ, ସେ ସମସ୍ତ ଯୋଗାଯୋଗ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ଅଟନ୍ତି । ଗୋଷ୍ଠୀ ମଧ୍ୟରେ ପାରସ୍ପରିକ ଯୋଗାଯୋଗ ନିମନ୍ତେ ଭାଷା ନଥିଲେ ଯୁଗଯୁଗଧରି ସ୍ଥିତି ଓ ପରିବର୍ତ୍ତନର ଧାରାବାହିକତା ସହ ସଂସ୍କୃତିର ଉଦ୍‌ବିକାଶ ତଥା ଅଭିବିକାଶ ସମ୍ଭବ ହୋଇପାରିନଥାନ୍ତା । ଭୂପୃଷ୍ଠରେ ମାନବ ସୃଷ୍ଟିର ପ୍ରାରମ୍ଭକାଳରୁ ସମାଜ, ସଂସ୍କୃତି ଏବଂ ଭାଷା ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ନିବିଡ଼ ଅଟେ । ଭାଷା ଅଧ୍ୟୟନରୁ ଗୋଷ୍ଠୀର ସାମାଜିକ ତଥା ସାଂସ୍କୃତିକ ସଂକେତ ବା ପ୍ରତୀକ, ରୀତିନୀତି, ଚାଲିଚଳଣି, ପ୍ରଥା, ଆଚାର ବ୍ୟବହାର, ବିଶ୍ୱାସ ଓ ଗୀତ ସମ୍ମତ ନୃତ୍ୟ, କଳା, ଜ୍ଞାତି ସମ୍ପର୍କ, ଜୀବନ ଧାରଣର ପରିବେଶ ଓ ପଦ୍ଧତି, ମୂଲ୍ୟବୋଧ, ଜଗଦ୍ଦୃଷ୍ଟି, ଲୋକ-ସଂସ୍କୃତି, ପରମ୍ପରା ଇତ୍ୟାଦି ବିଷୟରେ ଜ୍ଞାନଲାଭ କରାଯାଇଥାଏ । ନୃତତ୍ତ୍ୱବିତ୍ ବୋହାନାନ୍ (Paul Bohannan, 1963) ଉଲ୍ଲେଖ କରନ୍ତି ଯେ, ଅଷ୍ଟାଦଶ ଶତାବ୍ଦୀରେ ପାଣିନୀଙ୍କ ବ୍ୟାକରଣର ପୁନରାବିଷ୍କାର ସମସ୍ତ ଭାଷାତତ୍ତ୍ୱର ବିଜ୍ଞାନ ସମ୍ମତ ଅଧ୍ୟୟନର ପ୍ରାରମ୍ଭକାଳ ଅଟେ । ପୁନଶ୍ଚ, ଭାଷା କେବଳ ସଂସ୍କୃତିର ଅଂଶବିଶେଷ ନୁହେଁ, ତାହା ସମଗ୍ର ସଂସ୍କୃତିର ପ୍ରତିଫଳନର ଆଧାର ରୂପେ ଗ୍ରହଣ କରାଯାଇଥାଏ ।

ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା ଅନ୍ତର୍ଗତ ଏକ ଉପଭାଷା ରୂପେ ବାଥୁଡ଼ି ଭାଷାର ଲିପିବଦ୍ଧ ସଂକଳନ ନିତାନ୍ତ ଆବଶ୍ୟକୀୟ ଓ ସମୟୋପଯୋଗୀ ଅଟେ । ଏହି ସଂକଳନ କେବଳ ବ୍ୟାକରଣ ଓ ଶବ୍ଦକୋଷର ପରିସର ମଧ୍ୟରେ ସୀମିତ ନୁହେଁ । ଏଥିରେ ଲିଖିତ ଲୋକ ରଚନାବଳୀ, ଲୋକଗୀତ ଏବଂ ଲୋକ କଥା ବାଥୁଡ଼ି ସମାଜ ତଥା ସଂସ୍କୃତି ସମ୍ବନ୍ଧରେ ଆଲୋକପାତ କରିଥାଏ । ସାମ୍ପ୍ରତିକ ଭାଷା ବିଶାରଦ ଗଣ ଲୋକଭାଷା ଅନୁଶୀଳନ ସହ ସାମାଜିକ-ଭାଷାତତ୍ତ୍ୱ ଉପରେ ଗୁରୁତ୍ୱ ଆରୋପ କରିଥାନ୍ତି । ସମାଜ ଓ ସଂସ୍କୃତି ପରିପ୍ରେକ୍ଷୀରେ ଭାଷାର ଅଧ୍ୟୟନ ସମଗ୍ର ଭାଷାତତ୍ତ୍ୱ ପରିସର ଅନ୍ତର୍ଭୁକ୍ତ ହୋଇଥିବାରୁ ମାର୍ଟିନ୍ ଜୁସ୍ ( Martin Joos ) "ଭାଷା ତାତ୍ତ୍ୱିକ ନୃତତ୍ତ୍ୱ"ର ସମୀଚୀନତା ଉଲ୍ଲେଖ କରନ୍ତି । ଅଧୁନା ଭାଷାତତ୍ତ୍ୱର ବିଜ୍ଞାନୀକରଣ, ଅନୁଶୀଳନର ସଂପ୍ରସାରିତ ଦିଗନ୍ତ, ସହାୟକ ପ୍ରବିଧିର ଉପଯୋଗ ତଥା କମ୍ପ୍ୟୁଟର ଭଳି ଅତ୍ୟାଧୁନିକ ଉପକରଣର ପ୍ରଚଳନ ଏବଂ ସମ୍ଭାବ୍ୟ ବିନ୍ୟସନ ଅନ୍ୟ ଭାଷା ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ଉତ୍ସାହ ଓ ଉଦ୍ଦୀପନାର ସୂତ୍ରପାତ କରିଅଛି ।

ଏହି ଦିଗରେ ଓଡ଼ିଶା ସରକାରଙ୍କ ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ ଅନ୍ତର୍ଭୁକ୍ତ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ନିର୍ଦ୍ଦେଶକଙ୍କ ବଳିଷ୍ଠ ଚିନ୍ତାଧାରା, ଦକ୍ଷତା ଏବଂ ନିରନ୍ତର ଉଦ୍ୟମ ପ୍ରଶଂସନୀୟ ଅଟେ । ବିଲୁପ୍ତପ୍ରାୟ ତଥା ଅଣ ଲିପିବଦ୍ଧ ଲୋକଭାଷା ଗୁଡ଼ିକର ଏତାଦୃଶ ରଚନା, ସଂକଳନ ଓ ପ୍ରକାଶନ ଭାଷା ଶିକ୍ଷାର୍ଥୀମାନଙ୍କୁ ଯଥେଷ୍ଟ ପ୍ରେରଣା ଯୋଗାଇବା ସଙ୍ଗେ ସଙ୍ଗେ ଉକ୍ତ ଗୋଷ୍ଠୀର ଉନ୍ନୟନରେ ସହାୟକ ହେବ । ଭାଷା ଅଧ୍ୟୟନର ସ୍ରୋତ ସକ୍ରିୟ, ରୁଚିମନ୍ତ, ବଳିଷ୍ଠ ଓ ବେଗଗାମୀ ହେଉ ।

**କୃଷ୍ଣ କୁମାର ମହାନ୍ତି**
ନିର୍ଦ୍ଦେଶକ
ଆଦିବାସୀ ଓ ହରିଜନ ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ
ଭୁବନେଶ୍ୱର

ନଭେମ୍ବର 14, 1992.

# ଭୂମିକା

ଓଡ଼ିଶା ସରକାରଙ୍କ ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ପ୍ରତିଷ୍ଠିତ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ପକ୍ଷରୁ ଆଦିବାସୀ ଭାଷା ଶିକ୍ଷା ନିମନ୍ତେ ସହାୟକ ପୁସ୍ତିକା ପ୍ରସ୍ତୁତ କରିବାକୁ ଏକ ପ୍ରକଳ୍ପ ଗ୍ରହଣ କରାଯାଇଛି । ତଦନୁସାରେ ପ୍ରଥମ ପର୍ଯ୍ୟାୟରେ କୁଇ, ଓରାଓଁ, ଡ଼ିଡାୟୀ, କୁଇ ଓ ସାନ୍ତାଳୀ ଭାଷା ଉପରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଗାଦବା, ଜୁଆଙ୍ଗ, ଖଡ଼ିଆ, କୋୟା ଓ ଲାଞ୍ଜିଆ ସଉରା ଭାଷା ଉପରେ ପୁସ୍ତିକା ପ୍ରକାଶିତ ହୋଇଛି ।

ପ୍ରକଳ୍ପର ତୃତୀୟ ପର୍ଯ୍ୟାୟରେ ହୋ, ବାଥୁଡ଼ି, ବଣ୍ଡା, ମୁଣ୍ଡାରୀ ଓ ଭୂଇଁୟା ଜନ ଭାଷା ବିଷୟରେ ନିମ୍ନଲିଖିତ ଧରଣର ପୁସ୍ତିକା ପ୍ରସ୍ତୁତ ପାଇଁ ଉପାଦାନ ସଂଗ୍ରହ କରାଯାଇଛି ।

୧। ବ୍ୟାକରଣ

୨। ରଚନା (ଗଳ୍ପ, ପ୍ରବନ୍ଧ, ଗୀତ, ଡ଼ଗଡ଼ମାଳୀ ଇତ୍ୟାଦି)

୩। ଶବ୍ଦକୋଷ : (କ) ଆଦିବାସୀ ଭାଷା-ଓଡ଼ିଆ/ଇଂରାଜୀ

(ଖ) ଓଡ଼ିଆ-ଆଦିବାସୀ ଭାଷା

ଏହି ପୁସ୍ତିକା ଗୁଡ଼ିକ ନିତ୍ୟ ବ୍ୟବହାର୍ଯ୍ୟ ଭାଷାଶିକ୍ଷା ନିମନ୍ତେ ସରଳ ଭାବରେ ଲେଖାଯାଇଛି । ଏହା ଉଭୟ ଆଦିବାସୀ ଓ ଅଣ-ଆଦିବାସୀ ଲୋକଙ୍କ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ।

ପ୍ରସ୍ତୁତ 'ବାଥୁଡ଼ି' ଭାଷା ପୁସ୍ତିକାରେ ଉପାଦାନ ସଂଗ୍ରହ ଓ ଖସଡ଼ା ପ୍ରଣୟନ କରିଛନ୍ତି ଡ: ରବୀନ୍ଦ୍ର କୁମାର ଶତପଥୀ ଏବଂ ଏ ଦିଗରେ ତାଙ୍କର ଆଦିବାସୀ ଭାଷା-ସହାୟକ ହେଉଛନ୍ତି ଶ୍ରୀ ଫଗୁଣା ନାଏକ, ଶ୍ରୀ ବାସୁଦେବ ନାଏକ ଓ ଶ୍ରୀ କଇଲାସ ଦନେଇକ । ଏଥିପାଇଁ ଏମାନେ ଆମର ଧନ୍ୟବାଦାର୍ହ ।

ଆଶା କରାଯାଏ ଯେ, ଏହା ଆଗ୍ରହୀ ଲୋକଙ୍କର ସଦ୍ ବ୍ୟବହାରରେ ଲାଗିବ ଏବଂ ପ୍ରକଳ୍ପର ଉଦ୍ଦେଶ୍ୟ ସାଧିତ ହେବ ।

ଏପରି ଏକ ଉପଯୋଗୀ ପ୍ରକଳ୍ପର ପୃଷ୍ଠପୋଷକତା କରିଥିବାରୁ ଭାରତ ସରକାରଙ୍କ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଏକାଡେମୀ ପରିଚାଳନା ସମିତିର ସଭାପତି, ଉପ-ସଭାପତି ଓ ସଭ୍ୟବୃନ୍ଦଙ୍କ ନିକଟରେ ଆମେ କୃତଜ୍ଞ ।

ତା ୧।୧୧।୯୨

ଖଗେଶ୍ୱର ମହାପାତ୍ର
ନିର୍ଦ୍ଦେଶକ

# ସୂଚନା

ଏହି ପୁସ୍ତିକାରେ ବାଥୁଡ଼ି ଭାଷାର କଥା ଗୁଡ଼ିକ ରୋମାନ୍ ଲିପିଭିତ୍ତିକ ଆନ୍ତର୍ଜାତିକ ଧ୍ୱନିତାତ୍ତ୍ୱିକ ଲିପି (I. P. A.) ମାଧ୍ୟମରେ ଉଲ୍ଲେଖ କରାଯାଇଛି । ବାଥୁଡ଼ି ଭାଷାର ଉଚ୍ଚାରଣ ବୈଶିଷ୍ଟ୍ୟ ଧରିପାରିବା ନିମନ୍ତେ "ବ୍ୟାକରଣ" ଅନ୍ତର୍ଗତ "ଧ୍ୱନିତତ୍ତ୍ୱ" ଅନୁଚ୍ଛେଦଟି ଅନୁସରଣୀୟ । ଅବଶ୍ୟ ଉଚ୍ଚାରଣଗତ ବୈଶିଷ୍ଟ୍ୟ ଫୁଟାଇ ଓଡ଼ିଆ ଲିପିରେ ମଧ୍ୟ ଏହି କଥାଗୁଡ଼ିକ ଉଲ୍ଲେଖ କରାଯିବାର ପ୍ରୟାସ କରାଯାଇପାରେ । ତେବେ ଭାଷା ଶିକ୍ଷା ନିମନ୍ତେ ଧ୍ୱନିତାତ୍ତ୍ୱିକ ଲିପି ଅତ୍ୟନ୍ତ ଅନୁକୂଳ ବୋଲି ବିବେଚିତ ହୋଇଥିବାରୁ ଏଭଳି ଏକ ଭାଷା ଶିକ୍ଷା ସହାୟକ ପୁସ୍ତିକାରେ ଓଡ଼ିଆ ଲିପି ପରିବର୍ତ୍ତେ ରୋମାନ୍ ଲିପି ଗ୍ରହଣ କରିବାର ଉପାଦେୟତା ସ୍ୱୀକାର୍ଯ୍ୟ ।

## ସଂକେତ ବ୍ୟାଖ୍ୟା :

| | |
|---|---|
| + | ଯୁଗ୍ମଶବ୍ଦ |
| / | ବିକଳ୍ପ |
| ~ | ଚନ୍ଦ୍ରବିନ୍ଦୁ ँ |
| ŋ | ଙ |
| ñ | ଞ |
| ḍ | ଡ଼ |
| ṭ | ଟ |
| ṇ | ଣ |
| ḷ | ଳ |
| ɔ | ଅ |

## ବ୍ୟାକରଣିକ ସୂଚନା :

ବି = ବିଶେଷ୍ୟ

ବିଣ = ବିଶେଷଣ

କ୍ରି = କ୍ରିୟା

ସର୍ବ = ସର୍ବନାମ

କ୍ରି. ବିଣ = କ୍ରିୟା ବିଶେଷଣ

ଅ° = ଅବ୍ୟୟ / ନିପାତ

ନି = ନିପାତ / ଅବ୍ୟୟ

ସଂ = ସଂଯୋଜକ

# ସୂଚୀ


## ପ୍ରଥମ ଭାଗ

### ବ୍ୟାକରଣ

୧ : ସ୍ୱନମ୍

୧। ସ୍ଥୂଳ ବିଭାଜ୍ୟ ସ୍ୱନମ୍ ୨। ସ୍ଥୂଳ ବିଭାଜ୍ୟ ସ୍ୱନମ୍‌ର ବିତରଣ ୩। ସୂକ୍ଷ୍ମ ବିଭାଜ୍ୟ ସ୍ୱନମ

୪। ଅକ୍ଷର ୫। ପରିଶିଷ୍ଟ

୨ : ରୂପରଚନା ପ୍ରକ୍ରିୟା

୦। ରୂପିମ୍ ୦.୧। ପ୍ରାତିପଦିକ ୦.୨। ପ୍ରତ୍ୟୟ

୧। ସଂଜ୍ଞା

୧।୧। ବିଶେଷ୍ୟ

(ଲିଙ୍ଗ, ବଚନ, କାରକ)

୧।୨। ସର୍ବନାମ

(୧) ପୁରୁଷ ବାଚକ (୨) ଅ-ପୁରୁଷ ବାଚକ (୩) ସାର୍ବନାମିକ ପଦର ରୂପକ୍ରିୟା

(୪) ସର୍ବନାମର ବିଭକ୍ତି (୫) ସାର୍ବନାମିକ ବ୍ୟୁତ୍ପାଦିତ ପଦାବଳୀ

୧।୩। ବିଶେଷଣ

(୧) ବର୍ଣ୍ଣନାତ୍ମକ (୨) ନିର୍ଦ୍ଧାରକ (୩) ସଂଖ୍ୟା ଶବ୍ଦ

୨।୨। କ୍ରିୟା

(୧) ଅସମାପିକା କ୍ରିୟା (୨) ସମାପିକା କ୍ରିୟା

(୩) କ୍ରିୟା ରୂପର ବିଭକ୍ତି ସଂବର୍ଗ (୪) ସହାୟକ କ୍ରିୟା

୩ : ବାକ୍ୟ

(୧) ପୂର୍ଣ୍ଣ ଗଠିତ ବାକ୍ୟ (୨) ଅପୂର୍ଣ୍ଣାଙ୍ଗ ବାକ୍ୟ

(୩) ପଦବନ୍ଧ ଓ ଶବ୍ଦକ୍ରମ (୪) ଅନ୍ୱୟ (୫) ନିପାତ

## ଦ୍ୱିତୀୟ ଭାଗ

### ରଚନାବଳୀ

## ତୃତୀୟ ଭାଗ

### ଶବ୍ଦକୋଷ

ପ୍ରଥମ ଭାଗ

# ବାଥୁଡ଼ି ବ୍ୟାକରଣ

# ଉପକ୍ରମଣିକା

ବାଥୁଡ଼ି ଓଡ଼ିଶାରେ ବାସକରୁଥିବା ଏକ ହିନ୍ଦୁଧର୍ମୀ ଆଦିବାସୀ ଉପଜାତି । କୃଷି ତଥା କୃଷିକାର୍ଯ୍ୟରୁ ଲବ୍ଧ ମଜୁରି ଏ ଜାତିର ମୁଖ୍ୟ ଜୀବିକାର୍ଜନ ପନ୍ଥା । ୧୯୮୧ ଜନଗଣନା ଅନୁସାରେ ବାଥୁଡ଼ିଙ୍କ ଜନସଂଖ୍ୟା ୧,୪୭,୯୭୦ ଅର୍ଥାତ୍ ଓଡ଼ିଶାର ସମଗ୍ର ଆଦିବାସୀ ଜନସଂଖ୍ୟା ୫୯,୧୫,୦୬୭ର ଶତକଡ଼ା ୨.୫ ଭାଗ ଅଟେ । ମୟୂରଭଞ୍ଜ ଜିଲ୍ଲାର ପାଞ୍ଚପିଡ଼ (କରଞ୍ଜିଆ) ଓ କପ୍ତିପଦା, କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଓ କେନ୍ଦୁଝର ସଦର ତଥା ବାଲେଶ୍ୱର ଜିଲ୍ଲାର ନୀଳଗିରି ସବ୍‌ଡିଭିଜନ୍ ବାଥୁଡ଼ି ସଂଖ୍ୟା ବହୁଳ ଅଞ୍ଚଳ । ଏ ସମସ୍ତ ଅଞ୍ଚଳର ସମତଳ ଭୂମିରେ ଏମାନେ ଅନ୍ୟାନ୍ୟ ଜାତି ଓ ଉପଜାତିର ଲୋକ ସହିତ ବାସ କରନ୍ତି । ଖଡ଼ିଆ, ଖଣ୍ଡୁଆଲ, ମହାନ୍ତି, ଗଣ୍ଡ, ଧାରୁଆ, ଗଉଡ଼, ସାଉନ୍ତି, ଭୂୟାଁ ଗୋଷ୍ଠୀର ଲୋକ ଏମାନଙ୍କ ପଡ଼ୋଶୀ ଭାବେ ବାସ କରୁଥିବାର ଅନେକତ୍ର ଦେଖାଯାଏ ।

## ବାଥୁଡ଼ି ଭାଷା :

ଓଡ଼ିଶାର ଆଦିବାସୀ ସଂପ୍ରଦାୟକୁ ଭାଷାଗୋଷ୍ଠୀ ଦୃଷ୍ଟି କୋଣରୁ ଯେଉଁ ତିନିଭାଗ — ମୁଣ୍ଡାଗୋଷ୍ଠୀ, ଦ୍ରାବିଡ଼ ଗୋଷ୍ଠୀ ଓ ଭାରତୀୟ ଆର୍ଯ୍ୟଗୋଷ୍ଠୀରେ ବିଭକ୍ତ କରାଯାଏ ତନ୍ମଧ୍ୟରୁ ବାଥୁଡ଼ି ଶେଷୋକ୍ତ ଗୋଷ୍ଠୀର ଅନ୍ତର୍ଗତ ଅଟେ । ବାଥୁଡ଼ି ମାନଙ୍କ ଭାଷା ଭତ୍ରୀ, ଦେଶିଆ, ଭୂୟାଁ, ସାଉନ୍ତି ଇତ୍ୟାଦି ପରି ଏକ ଆଦିବାସୀ ଓଡ଼ିଆ ଉପଭାଷା । ଭତ୍ରୀ, ଦେଶିଆ, ଭୂୟାଁ, ସାଉନ୍ତି ସହ ବାଥୁଡ଼ିର ମଧ୍ୟ କେତେକ ଲକ୍ଷଣଗତ ସାମଞ୍ଜସ୍ୟ ଥିବାର ଦେଖାଯାଏ । ଯଥା /ଯ/ ର /ଜ/ ଉଚ୍ଚାରଣ, /କ୍ଷ/ ର /ଖ/ ଉଚ୍ଚାରଣ, ଅବର୍ଗ /ବ/ ର /ବ/ ଉଚ୍ଚାରଣ ପ୍ରଥମ ପୁରୁଷ ସର୍ବନାମ ପଦ /ମୁଇଁ/, କର୍ତ୍ତା କ୍ରିୟା ମଧ୍ୟରେ ଲିଙ୍ଗଗତ ଅନ୍ୱିତି ଅଭାବ /ପୁଅଗେଲା-ଝିଅଗେଲା/, କର୍ମକାରକ ପ୍ରତ୍ୟୟ /କେ/, ନିମିତ୍ତାର୍ଥକ ଅନୁସର୍ଗ /ନାଗି/ ଇତ୍ୟାଦି । ବାଥୁଡ଼ି ଏକ ଖେଚୁଡ଼ି ଉପଭାଷା ନୁହେଁ, ବରଂ ପୂର୍ବ ଭାରତୀୟ ଆର୍ଯ୍ୟଭାଷାର ଏକ ପ୍ରାଚୀନ ଆଞ୍ଚଳିକ ବା ସାମାଜିକ ଉପଭାଷା ।

ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ ଆଦିବାସୀ ଓଡ଼ିଆ ଉପଭାଷାର ବିବରଣୀ ନିମ୍ନଲିଖିତ ସୂଚୀରେ ଦର୍ଶାଯାଇ ବାଥୁଡ଼ି ଉପଭାଷାର ସ୍ଥାନ ଦର୍ଶାଗଲା ।

ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା

↓

ମଧ୍ୟଭାରତୀୟ ଆର୍ଯ୍ୟଭାଷା

↓

ଅପଭ୍ରଂଶ

↓

ଆଞ୍ଚଳିକ ଉପଭାଷା

↓

- ସାହିତ୍ୟିକ ଭାଷା
  - ଓଡ଼ିଆ
  - ବଙ୍ଗଳା
  - ହିନ୍ଦୀ
  - ମରାଠି
  - ଇତ୍ୟାଦି
- ମୌଖିକ ଉପଭାଷା
  - (ଦକ୍ଷିଣାଞ୍ଚଳୀୟ)
    - ଦେଶିଆ
    - ଝରିଆ
    - ମାଝିଆ
    - ଭତ୍ରୀ
    - ହାଲ୍‌ବି
    - ଭୁଞ୍ଜିଆ
  - (ଉତ୍ତରାଞ୍ଚଳୀୟ)
    - ବାଥୁଡ଼ି
    - ଭୂୟାଁ
    - କୁର୍‌ମାଲୀ
    - ସାଉନ୍ତି
  - (ପଶ୍ଚିମାଞ୍ଚଳୀୟ)
    - ସାଦ୍ରି
    - ଲରିଆ
    - ଭୁଲିଆ
    - ଆଗ୍‌ରିଆ
    - ବାଇଗା
    - କୁଡ଼ିଁଆ
    - ବନ୍‌ଜାର୍
    - କନ୍‌ଧାନ୍

'ବାଥୁଡ଼ି' ମାନକ ଓଡ଼ିଆ ଭାଷାଠାରୁ ବହୁଭାବରେ ପୃଥକ୍ । ବିଶେଷକରି କାଳ ପୁରୁଷ ବଚନ ଭେଦରେ କ୍ରିୟାରୂପରେ ଏହି ପାର୍ଥକ୍ୟ ସ୍ପଷ୍ଟଭାବରେ ଦେଖାଯାଏ । ବିଶେଷତଃ ବାଥୁଡ଼ି ମାନଙ୍କର କହିବାର ଭଙ୍ଗୀରେ ପାର୍ଥକ୍ୟ ସୁସ୍ପଷ୍ଟ । ବାଥୁଡ଼ିମାନେ ଅଧିକ ଲହରି ଦେଇ ଶବ୍ଦ ଉଚ୍ଚାରଣ କରିଥାନ୍ତି । ସେମାନଙ୍କର ଲହରିଆ ଉଚ୍ଚାରଣ ମାନକ ଓଡ଼ିଆଭାଷୀଙ୍କ ଉଚ୍ଚାରଣଠାରୁ ଯେ ପୃଥକ ଏହା ସେମାନେ ମଧ୍ୟ ସହଜରେ ଜାଣିପାରନ୍ତି । ଏହି ଲହରକୁ ସେମାନେ ରେଁ ଘେଇବା କହିଥାନ୍ତି । ଶିକ୍ଷାର ପ୍ରସାର ତଥା ମାନକ ଓଡ଼ିଆଭାଷା ବ୍ୟବହାର କରୁଥିବା ଶିକ୍ଷିତ ଓ ହାଟୁଆ ଲୋକଙ୍କ ସଂସ୍ପର୍ଶରେ ଆସି ବାଥୁଡ଼ି ଲୋକମାନଙ୍କର କଥା କହିବାର ଭଙ୍ଗୀ ଯଥେଷ୍ଟ ବଦଳି ଯାଇଥିଲେହେଁ ଗ୍ରାମାଞ୍ଚଳରେ ନିଜ ଗୋଷ୍ଠୀର ଲୋକସହ କଥାବାର୍ତ୍ତା କଲାବେଳେ ଉଚ୍ଚାରଣ ଭଙ୍ଗୀରେ ଏହି ପାର୍ଥକ୍ୟ ଦେଖାଯାଇଥାଏ ।

ବାଥୁଡ଼ି ଉପଭାଷାରେ ଲିଖିତ ସାହିତ୍ୟ ନାହିଁ, କେବଳ ଲୋକ ମୁଖରେ ଏହାର ସାହିତ୍ୟ ଓ ସଙ୍ଗୀତ ସଂଜୀବିତ । କିନ୍ତୁ ସେହି ସବୁ ସ୍ୱତଃସ୍ଫୂର୍ତ୍ତ ଲୋକ ସାହିତ୍ୟ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ବାଣୀଭଙ୍ଗୀର ସନ୍ଧାନ ମିଳେ ଯାହା କୋମଳ, ଲଳିତ ଓ ଅକୃତ୍ରିମ । ବାଥୁଡ଼ି ଶବ୍ଦସମ୍ଭାର ବହୁ ଔପଭାଷିକ ଶବ୍ଦରେ ସମୃଦ୍ଧ । ତଦ୍‌ଭବ, ଦେଶଜ, ବିଦେଶୀ ବହୁଶବ୍ଦ ବାଥୁଡ଼ି ଶବ୍ଦ ମଧ୍ୟରେ ଲକ୍ଷ୍ୟ କରାଯାଇ ପାରେ ।

**ତଦ୍‌ଭବ :** କୁଇଲି, ଗଣ୍ଡି, ଘଇତା, ସାମୀ, ବେଣ୍ଟ, ବଣ, ମୁଠି, ସଗ୍‌ଳ, ଥାନ, ରୁପା, ମୁଢ଼ି, ବଡ଼ାମ ଆଦି

**ଦେଶଜ :** (ଦ୍ରାବିଡ଼ ଭାଷା ତଥା ଆଦିବାସୀ ଭାଷାର ଶବ୍ଦାବଳୀ)
ଅଙ୍କା, ଅଡ଼ା, ଗଧି, ବାଙ୍ଗରା, ପକ, ଡ଼ାହି, ଡ଼ଙ୍ଗା, ଢେଙ୍କି, ଝେରି, ରୁମା, କୁଣ୍ଡା, ଖଲକା, ଖୁଲ, ଟାଙ୍ଗିଆ, ନିହାର ନିଜାମ ଇତ୍ୟାଦି ।

**ବିଦେଶୀ :** ଇସ୍କୁଲ, ଇଷ୍ଟାଟ୍, ଏନ୍‌କ୍ରୁର୍‌ମେଣ୍ଟ, କାଇଲ୍, ସାବୁନ, ଗୁଦାମ୍, ପେଣ୍ଟ୍ ଇତ୍ୟାଦି ।

ସ୍ଥାନୀୟ ବୈଷମ୍ୟ ଭିତ୍ତିରେ ସମସ୍ତ ବାଥୁଡ଼ି ଭାଷା କ୍ଷେତ୍ରକୁ ଚାରୋଟି ଉପାଞ୍ଚଳରେ ବିଭକ୍ତ କରାଯାଇପାରେ ।

( କ ) କପ୍ତିପଦା, ଉଦଳା ସବ୍‌ଡିଭିଜନ୍ ଅଂଚଳ

( ଖ ) ବାରିପଦା ସବ୍‌ଡିଭିଜନ୍ ଅଂଚଳ

( ଗ ) ପାଞ୍ଚପିଢ଼ ଓ କରଞ୍ଜିଆ ନିକଟସ୍ଥ କେନ୍ଦୁଝର ଜିଲ୍ଲାଞ୍ଚଳ

( ଘ ) ହୁଣ୍ଡାପିଢ଼ (କେନ୍ଦୁଝର) ଅଞ୍ଚଳ ।

ବାରିପଦା ସବ୍‌ଡିଭିଜନ ଅଞ୍ଚଳରେ ବାଥୁଡ଼ିଭାଷା ଅଧିକ ମାନକ ଓଡ଼ିଆ ପ୍ରଭାବିତ । କପ୍ତିପଦା ଉଦଳା ସବ୍‌ଡିଭିଜନ ଅଞ୍ଚଳରେ ବାଲେଶ୍ୱରୀ ପ୍ରଭାବ ରହିଥିବାର ଦେଖାଯାଏ । ହୁଣ୍ଡାପିଢ଼ (କେନ୍ଦୁଝର) ଅଞ୍ଚଳ ପ୍ରାକୃତିକ ପ୍ରତିବନ୍ଧକ ଯୋଗୁଁ ଆଧୁନିକ ସଭ୍ୟତାସହ ସଂପର୍କଚ୍ଛିନ୍ନ ହୋଇଥିବାରୁ କହିବାର ଭଙ୍ଗୀରେ ବିଶେଷକରି ଅଧିକ ପାର୍ଥକ୍ୟ ଦେଖାଯାଏ ।

ପାଞ୍ଚପିଢ଼ ଓ କେନ୍ଦୁଝର ଅଞ୍ଚଳର ବାଥୁଡ଼ି ଏବଂ କପ୍ତିପଦା ଉଦଳା ସବ୍‌ଡିଭିଜନର ବାଥୁଡ଼ି ମଧ୍ୟରେ ଲକ୍ଷ୍ୟକରାଯାଉଥିବା ପାର୍ଥକ୍ୟର କେତୋଟି ଦୃଷ୍ଟାନ୍ତ ପ୍ରଦାନ କରାଗଲା ।

| ଉଦଳା, କପ୍ତିପଦା | କରଂଜିଆ, କେନ୍ଦୁଝର |
|---|---|
| କାଅଡୋ | କାଆଡ଼େ |
| ଇନ୍ତ — ଇଁତ | ଇମ୍‌ତ — ଏଇମିତ |
| ସିନ୍ତ — ସିଁତ | ସିମ୍‌ତ — ସେଇମିତ |
| ଖାଇଚେ | ଖାଇକେ |
| ଫମ୍ପର | ଚଢ଼ର |
| କସନାଗି | କସେଇଁ |

'କରଞ୍ଜିଆ' ଅର୍ଥାତ୍ ପାଞ୍ଚପୀଢ଼ ଅଞ୍ଚଳ ବାଥୁଡ଼ି ଭାଷା କ୍ଷେତ୍ରର କେନ୍ଦ୍ରିକ କ୍ଷେତ୍ର ରୂପ ଗ୍ରହଣୀୟ । କାରଣ ମୟୂରଭଞ୍ଜରେ ବହୁ ପୂର୍ବରୁ ବାଥୁଡ଼ିମାନେ ଏ ଅଞ୍ଚଳରେ ଜମିଦାରଥିଲେ । ବାଥୁଡ଼ି ମାନଙ୍କର ଏ ଅଞ୍ଚଳରେ ଅଖଣ୍ଡ ପ୍ରତିପତ୍ତି ରହିଥିଲା । ଦ୍ୱିତୀୟତଃ ଏ ଅଞ୍ଚଳରେ ବସବାସ କରୁଥିବା ଅନ୍ୟାନ୍ୟ ସଂପ୍ରଦାୟର ଲୋକ ସଂଖ୍ୟା ଅପେକ୍ଷା ବାଥୁଡ଼ିଙ୍କ ସଂଖ୍ୟା ଅଧିକ ପୁଣି ଅନ୍ୟାନ୍ୟ ଅଞ୍ଚଳରେ ବାସ କରୁଥିବା ବାଥୁଡ଼ିଙ୍କ ସଂଖ୍ୟାଠାରୁ ମଧ୍ୟ ଏ ଅଞ୍ଚଳର ବାଥୁଡ଼ି ସଂଖ୍ୟା ଅଧିକ ୧୯୮୧ ଜନଗଣନା ଅନୁସାରେ କପ୍ତିପଦା, ଉଦଳା ସବ୍‌ଡିଭିଜନରେ ବାଥୁଡ଼ିଙ୍କ ସଂଖ୍ୟା ୬୩୯୮ ବେଳେ କରଂଜିଆ ଯଶୀପୁର ଅଞ୍ଚଳର ବାଥୁଡ଼ିଙ୍କ ସଂଖ୍ୟା ୪୬୮୧ ଏବଂ କେଉଁଝରର ଘଟଗାଁ ଓ ସାହାରପଡ଼ା ଅଞ୍ଚଳରେ ବାଥୁଡ଼ିଙ୍କ ସଂଖ୍ୟା ଯଥାକ୍ରମେ ୬୦୯୬ ଓ ୧୪୯୩ ଅଟେ । ଏସବୁକୁ ବିଚାରର ପରିସର ମଧ୍ୟକୁ ନେଇ କରଞ୍ଜିଆ, ଯଶୀପୁର ଓ କରଞ୍ଜିଆ ଅଞ୍ଚଳକୁ ଲାଗି କେଉଁଝର ଜିଲ୍ଲାର ସାହାରପଡ଼ା ଅଞ୍ଚଳକୁ ପ୍ରଧାନ ବାଥୁଡ଼ି ଭାଷାଞ୍ଚଳ କୁହାଯାଇପାରେ ।

ଶିକ୍ଷାର ବ୍ୟାପକ ପ୍ରସାର, ସରକାରୀ କାର୍ଯ୍ୟାଳୟ, ହାଟ ବଜାର ବ୍ୟବସାୟ ଇତ୍ୟାଦି ମାଧ୍ୟମରେ ଆଧୁନିକ ସଭ୍ୟତା ସହିତ ସଂପର୍କ ଓ ନିଜସ୍ୱ ସଂସ୍କୃତି ପ୍ରତି ଶିକ୍ଷିତ ଯୁବକଙ୍କ ଗୌଣ ମନୋଭାବ ବାଥୁଡ଼ିଭାଷା ଓ ସଂସ୍କୃତି ଦ୍ରୁତ ବିଲୋପର କାରଣ ହୋଇ ପଡ଼ୁଛି । ବାଥୁଡ଼ି ଯୁବକମାନେ ଆବଶ୍ୟକ ମୁତାବକ ପ୍ରକୃତ ତଥ୍ୟ ଯୋଗାଇବାରେ ଅକ୍ଷମ ହୋଇ ପଡୁଥିବାର ଦେଖାଯାଏ । ତେଣୁ ପ୍ରସ୍ତୁତ ବିବରଣୀର ସମସ୍ତ ତଥ୍ୟ ପ୍ରତ୍ୟକ୍ଷଭାବେ ପୁରୁଣାକାଳିଆ ବୁଢ଼ାବୁଢ଼ୀ, ଘର ଭିତରେ ଅଧିକ ସମୟ ଆବଦ୍ଧ ହୋଇ ରହୁଥିବା ସ୍ତ୍ରୀ ଲୋକ ଓ ସ୍ୱଳ୍ପସଂଖ୍ୟକ ଅଶିକ୍ଷିତ ଯୁବକ ମୁଖରୁ ସଂଗ୍ରହ କରାଯାଇଛି ।

# ୧. ସ୍ୱନମ୍ ଓ ଅକ୍ଷର

## ୦.୧. ସ୍ଥୁଳ ବିଭାଜ୍ୟ ସ୍ୱନମ୍

### ୦.୧.୧. (କ) ସ୍ୱର :

| | | |
|---|---|---|
| ଇ | | ଉ |
| ଏ | ଅ | |
| | ଆ | |

### ୦.୧.୨. (ଖ) ବ୍ୟଞ୍ଜନ :

| | | | | | |
|---|---|---|---|---|---|
| ପ | ତ | ଟ | ଚ | କ | |
| ବ | ଦ | ଡ | ଜ | ଗ | |
| | ସ | | | | ହ |
| ମ | ନ | ଣ | | ଙ | |
| | ଲ | ଳ | | | |
| | ର | | | | |

ଅର୍ଦ୍ଧସ୍ୱର :

ୟ

## ୦.୨ ସୂକ୍ଷ୍ମ ବିଭାଜ୍ୟ ସ୍ୱନମ୍ :

| | |
|---|---|
| ଅନୁନାସିକତା | ( ँ ଚିହ୍ନିତ ) |
| ଦୀର୍ଘତା | ( .. ଚିହ୍ନିତ ) |
| ସଂହୃତା | ( — ଚିହ୍ନିତ ) |
| ବଳାଘାତ | ( , ଚିହ୍ନିତ ) |

## ୦.୩.୧. ବୈଷମ୍ୟ ଭିତରେ ସ୍ୱନମ୍ ନିର୍ଦ୍ଧାରଣ :

### ( କ ) ସ୍ୱର ବୈଷମ୍ୟ :

| | | | |
|---|---|---|---|
| ଅ / ଆ | ଅଲ | - | ( ଓଲ୍ୟଅ ) |
| | ଆଲ | - | ( ଆଟ୍ଲେକ ) |
| | କନ | - | ( ମିଶ୍ରୀ ) |
| | କାନ | - | ( କାନ ) |
| | ବେଲ | - | ( ବେଲ ) |
| | ବେଲ | - | ( କଂସା ) bowl |

| | | | |
|---|---|---|---|
| ଅ /ଉ | ଅଡ଼ା | - | ଟସର ପୋକ ପାଇଁ କରାଯାଉଥିବା ଘର ( Perch for silk worm ) |
| | ଉଡ଼ା | - | ଏକପକ୍ଷ' |
| | ଅଧାର | - | ଅଧାର ( Feeding ) |
| | ହୁଲ | - | ହୁଲ |
| | ହୂଲ | - | ଲୁଆପଥର |
| | ଘାର | - | ଜିଷ୍ଟତ୍ତି |
| | ଘାରୁ | - | ଘାରୁ |
| ଅ / ଇ | ଅଁଠା | - | ଅଁଠା |
| | ଇଠା | - | ଏହୁଠା |
| | ଡଣ୍ଡା | - | ଦଣ୍ଡ |
| | ଡ଼ଣ୍ଡା | - | ଅବିବାହିତ ପୁରୁଷ |
| | ପୁଅ | - | ପୁତ୍ର |
| | ପୁଇ | - | ପୋଇଶାଗ |
| ଅ / ଏ | ଅଣ୍ଡର | - | ଅଣ୍ଡିର |
| | ଏଣ୍ଡ୍‌ର | - | ଢେବା ଆଖିଆ |
| | ପଣ୍ଡା | - | ପଣ୍ଡା |
| | ପେଣ୍ଡା | - | ଦାନ୍ଧ |
| | ପଣ | - | କନ୍ୟାମୂଲ୍ୟ |
| | ପଣେ | - | ଅଣୀ |
| ଆ / ଉ | ଆଲ | - | ଆଡ଼ି |
| | ଉଲ | - | ଓଲ |
| | ପାହାଲ | - | ପାହାଡ |
| | ପାହୁଲ | - | ପାଦର ଏକ ଅଲଙ୍କାର |
| | ନାଆ | - | ନାବ |
| | ନାଉ | - | ଲାଉ |

ଆ/ଇ ଇଛା - ଇଚ୍ଛା
ଆଛା - ଆଚ୍ଛା
ମାଛ - ମାଛ
ମିଛ - ମିଛ
ଉଆ - ଅରୁଆ
ଉଇ - ଉଇ

ଏ/ଆ ଏଲ - ସମ୍ବୋଧନ ସୂଚକ
ଆଲ - ଆଲୋକ
ବାଲ୍ - ଏକଅସ୍ତ୍ର
ବେଲ - ପାତ୍ର
ଗଣ୍ଡେ - ଗଣ୍ଡାଏ
ଗଣ୍ଡା - ବ୍ରଣ

ଉ/ଏ ଉଇ - ଉଇ
ଏଇ - ଏହି
ପୁଟେ୍‌ର - ଗେଣ୍ଡ଼ି
ପେଟେ୍‌ର - ଗର୍ଭବତୀ
ଠାଣୁ - ଠାରୁ
ଠାଣେ - ଠାରେ

ଉ/ଇ ଭୁଲ - ହାତଦ୍ୱାରା ଖୋଲା ଯାଇଥିବା ଗଡ଼ିଆ
ଭିଲ - ଗହ୍ଲ
ସାଉ - ସାହୁକାର
ସାଇ - ସାହି

ଇ/ଏ କିସ - କ'ଣ
କେସ - କେଶ
ଏସୁଁ - ଏ ବର୍ଷ
ଇସ - ଈଶ
ପାଇ - ଏକ ପରିମାପକ ପାତ୍ର
ପାଏ - ଏକ ଚତୁର୍ଥାଂଶ

## (ଖ) ସ୍ୱର ଅର୍ଦ୍ଧ-ସ୍ୱର ବୈଷମ୍ୟ :

ଉ/ୱ ହାଉ - ହାଇ
ହାୱ - ଖେଦସୂଚକ ପଦ
ଆଉ - ଆଉର, ପୁଣି
ଆୱ - ଆୟ (income)

## (ଗ) ବ୍ୟଞ୍ଜନ ବୈଷମ୍ୟ

ପ/ବ ପଇଲ୍ - ପଡ଼ିଲା
ବଇଲ୍ - କହିଲା
ଖପ୍‌ର ଗେଲା - ଖପର୍ ପଶ ଶୁଖିଗଲା
ଖବ୍‌ର ଗେଲା - ଅଥଙ୍ଗ ହୋଇଗଲା
ଦାପ୍ - ମାରବରେ ବସିରହିବା
ଦାବ୍ - ଦାବଦଅ

ବ/ମ ବାଇଁସ - ବାଉଁଶ
ମାଇଁସ - ମାଂସ
ଡାବୁଆ - ଛାତ
ଡାମୁଆ - ଅହଙ୍କାର
ଗରମ୍ - ଗରମ
ଗବନ୍ - ଗର୍ବ

ତ/ଦ ତନ୍ - ତନ୍ନ
ଦନ୍ - ପ୍ରତଦନ
ଗୁତାମ୍ - ବୋତାମ
ଗୁଦାମ୍ - ଗୋଦାମ

ଟ/ଡ ଟେର୍ - ମକ୍‌ଚୁଲ
ଡେର୍ - ଡେର (ଧଲଖ କଣ୍ଠରଖ)
ଖଟି - ଖଟି
ଖଡି - ଖଡ଼ି
ବଟ୍ - ସୂତାଆଦିକୁ ମୋଡିବା
ବଡ୍ - ବଡ଼

ତ/ଟ ତୂଲ - ତୋଲ
ଟୂଲ - ଢଚଡ଼ା
ଯୂତ୍‌ଶ - ଯୂରୁଶ
ଯୂଟ୍‌ଶ - ଗେଡା
ସାତ୍ - ସାତ
ସାଟ୍ - ଜାମା (shirt)

ଗ/ଙ ଗଗ୍‌ସ - ଗସ
ଗଙ୍‌ସ - ଗମ୍ଭୀର
ସୁଆଗ - ସୁହାଗ
ସୁଆଙ୍ଗ - ଶଙ୍ଖ
ପାଗ୍ - ପାଗ
ପାଙ୍ଗ୍ - କୁ ଦୃଷ୍ଟି ତଥା ମନ୍ଦ ବିଦ୍ୟା ପ୍ରୟୋଗ କର

ମ/ନ ମୁଣ୍ଡା - ମୁଣ୍ଡରେ ବନ୍ଧବା
ନୁଣ୍ଡା - ଗୋବର ପାଣି ଲେପନ
ଘୂରନେସ୍ତୁ - ଘୂରିଲେ
ଘୂରମେସ୍ତୁ - ଘୂରିବେ
କମ୍ - ଅଳ୍ପ
କନ୍ - କେଉଁ

ନ/ଙ ଚନ୍‌ଲ - ଚଣ୍ଡିଲ
ଚଙ୍‌ଲା - ଚଙ୍ଗୁଡ଼ି
ଅନ୍‌କା - ଅଧିକ
ଅଙ୍ଗା - କୁଣ୍ଡି

ନ/ଲ ସୁଙ୍ଗ - ରୂଟ
ସୁନା - ସୁନା
କାନ୍ - କାନ
କାଲ୍ - କାଲି

ଡ/ର ଡାହା - ଚଡାଗିଣ
ସହା - ସ୍ୱର

ଗାଢ଼ - ଗଣ୍ଡି
ଗାର - ଗାର
ବର୍ - ବର
ବଡ୍ - ବଡ଼

ଚ/ଜ ସୁଲ୍ - ସୁଲ
ଜାଲ୍ - ଜାଳଦେ
ପଶୁ - ପଶୁ
ପଜା - ପଜାଇବା
କାଚ - କାଚ
କାଜ - କାର୍ଯ୍ୟ
ପାଁଚ୍ - ପାଞ୍ଚ
ପାଁଜ୍ - ଖୋଜ

ଚ/ସ ଚଆଲ - ଏକ ପ୍ରକାର ଧନୁ
ସିଆଲ - ଶିଆଳ
ଖୁସି - ଆନନ୍ଦ
ଖୁଚ - ଝଣ୍ଟା

କ/ଗ କଇଁ - କଇଁ
ଗଇଁ - ଭଣେଇ
ସକାଳୁ - ସକାଳେ
ସଗାଳୁ - ଦସ୍ୟାନ୍ତ
ନାକ୍ - ନାକ
ନାଗ୍ - ଲଗିବା

ଦ/ଟ ଦଲଲ - ଦଲାଲ
ଟଲଲ - ଡଲ ପଡ଼ିଲ
ଘଟମ୍ - ପୋଟଲା
ପଦମ୍ - ପାଦୁକ
ପାଦ୍ - ପାଦ
ପାଟ୍ - ନିରବଚ୍ଛିନ୍ନ ଧାରାରେ ପିଟିବା

ଡ/ଢ଼ ଢାଲ୍ - ଢାଲ
ଢ଼ାଲ୍ - ଡାଲ
କଣ୍ଟା - ମାଛକାଣ୍ଟ
କଡ଼ା - ଦୃଢ଼
ଗଢ଼୍ - ଗଢ଼ବା
ଗଡ଼୍ - ଗଡ଼ିବା

ଦ/ଜ ଦାଗ - ଦାଗ
ଜାଗ - ଜଗୁଆଳ
ବାଦ - ବାଦ (antiphon)
ବାଜ - ବାଜ
ସୁଦ୍ - ଦମ୍ପ ଖୁଣ୍ଡିଷବେ
ସୁଜ୍ - ସୁଝିବା

ଟ/ର ଟେଢ଼ - ଢେଡ଼ବା
ରେଢ଼ - ଗୋଣ୍ଠି
ହାଟ - ହାଟ
ହାର - ହାର
ହଟ୍ - ହଟିଯିବା
ହର୍ - ହରଣ କରିବା

ଲ/ର ପଲଣ୍ - ପଲଣ
ପର୍ଣ୍ - ପ୍ରାଣ
ଭଲ୍ - ଭଲ
ଭର୍ - ଭେର

ର/ଲ ପାହାର - ବଡ଼ ଅର୍ଥରେ
ପାହାଲ - ପାହାଡ଼
ବଙ୍ଗ୍ଲା - ବଙ୍ଗଳା
ବଙ୍ଗ୍ର - ସିଁବାଳୁଆ

ଲ/ଢ଼ ଗୁଲା - ଗୁଢ଼ାଏ
ଗୁଢ଼ା - ଉଚ୍ଚଭୂମି

ଫୁଲ୍ - ଫୋଡ଼ବା
ଫୁଢ଼୍ - ପୋଡ଼ବା,

ଗ/ହ ଗାଦ - ସିଂହାସନ
ହାଦ - ଚାଲ (ବାଦ୍ୟର ଚାଲ)
ବେଗା - ଶୀଘ୍ର
ବେହା - ବେହସ୍ଥା

## (ଘ) ଅନୁସିନାକତା ବୈଷମ୍ୟ :

ଇ/ଇଁ ଇଟା - ଏହିଟା
ଇଁଟା - ଇଟା
ସଇ - ସହି
ସଇଁ - ଲୁକଟରେ ମଢ଼ଲବା

ଆ/ଆଁ ଗୃହା - ଗୃ
ଗୃହାଁ - ଗୃହିବା
ମାର୍ - ମାରବା
ମାଁର୍ - ( ମାଆ ର )

ଉ ଉଁ ରୁଅ - ରୁଅ
ରୁଁଅ - ଲୋମ

## (ଙ) ଦୀର୍ଘତା ବୈଷମ୍ୟ :

ଖାସ - କାଶ
ଖାଆସି - ଖାଉଛ
ସଟେଇ - ସଜାଡ଼
ସଅଟେଇ - ମୁଣ୍ଡ ତଳକୁ କରି ପୁଣି ଉପରକୁ ଉଠାଇ ନାଚିବା
ନାଟେଇ - ନାକଟରେ
ନାଆକେ - ନେବ
କନା - କନା
କଅନା - କନ୍ଦନା
ସିଟା - ଚାହା
ସିଇଟା - ସେହିଟା

**(ଗ) ସିଂହତା ବୈଷମ୍ୟ :**

ଚସ୍‌ଲ - ଚସଲ　　ନେଙ୍ଗ୍‌ଲା - ଲଙ୍ଗଳା　　ପସିଆ - ଯେଉଁ ସ୍ତ୍ରୀ ପଶିଆସିଥାଏ ।

ଚସ୍-ଲ - ଚଷିଲ　　ନେଙ୍ଗ୍-ଲ - ଲଞ୍ଜରେ ଧରି ଖେଦିବା　　ପସି-ଆ - ପଶିଆସ ।

**(ଛ) ବଳାଘାତ ବୈଷମ୍ୟ :**

ପଲଆ - ପଢ଼ିଆ　　ମର୍ - ମୋର　　ଝାଣ୍ - ଝାଣ୍ଟୁଆ

ପଲ'ଆ - ପଳେଇଆସ　　ମ'ର୍ - ମରିଯା　　ଝା'ଣ୍ - ଝାଣ

ପଳା - ତେଲ ମାପକ　　ସଜା - ସିଧା

ପଳା' - ପଳେଇ ଯା　　ସଜା' - ସଜକର

## ୧. ସ୍ଥୂଳ ବିଭାଜ୍ୟ ସ୍ୱନିମ୍

### ୧. ସ୍ୱନିମ୍‌ମାନଙ୍କର ବର୍ଣ୍ଣନା ଓ ବିତରଣ ସମ୍ବନ୍ଧୀ ବିବରଣୀ :

### ୧.୧. ଅଭିଲକ୍ଷଣାତ୍ମକ ବୈଷମ୍ୟ ସୂଚକ ନକ୍ସା –

ବ୍ୟଞ୍ଜନ

| | | | ଓଷ୍ଠ୍ୟ | ଦନ୍ତ୍ୟ | ମୂର୍ଦ୍ଧନ୍ୟ | ତାଲବ୍ୟ | କଣ୍ଠ୍ୟ | କାକଲ୍ୟ |
|---|---|---|---|---|---|---|---|---|
| ସ୍ପର୍ଶ | ଅଘୋଷ | ଅଳ୍ପପ୍ରାଣ | ପ | ତ | ଟ | ଚ | କ | |
| | | ମହାପ୍ରାଣ | ଫ | ଥ | ଠ | ଛ | ଖ | |
| | ସଘୋଷ | ଅଳ୍ପପ୍ରାଣ | ବ | ଦ | ଡ | ଜ | ଗ | |
| | | ମହାପ୍ରାଣ | ଭ | ଧ | ଢ | ଝ | ଘ | |
| ପ୍ରବାହୀ | | ସଂଘର୍ଷୀ | | ସ | | | | ହ |
| | | ନାସିକ୍ୟ | ମ | ନ | ଣ | ଞ | ଙ | |
| | | ପାର୍ଶ୍ୱିକ୍ୟ | | ଲ | ଳ | | | |
| | | ତାଡ଼ିତ | | | | | | |
| | | କମ୍ପିତ | | ର | | | | |

ଅର୍ଦ୍ଧସ୍ୱର

ସ୍ୱ

### ସ୍ୱର

| | ଅଗ୍ର | କୈନ୍ଦ୍ରିକ | ପଶ୍ଚ |
|---|---|---|---|
| ଉଚ୍ଚ | ଇ | | ଉ |
| ମଧ୍ୟ | ଏ | ଅ | |
| ନିମ୍ନ | | ଆ | |

## ୧. ୨. ସ୍ୱନମ୍ ମାନଙ୍କର ବର୍ଣ୍ଣନାତ୍ମକ ତାଲିକା

### ୧. ୨. ୧. ବ୍ୟଞ୍ଜନ

ସମସ୍ତ ସ୍ପର୍ଶ ବ୍ୟଞ୍ଜନର ମହାପ୍ରାଣିତ ଉପସ୍ୱନ ଦେଖାଯାଏ ।

| | | | | |
|---|---|---|---|---|
| /ପ/ | ଅଘୋଷ | ଓଷ୍ଠ୍ୟ ସ୍ପର୍ଶୀ | /ପଲ/ | ଓଜନ ଦାଣ୍ଡି |
| /ବ/ | ସଘୋଷ | ଓଷ୍ଠ୍ୟ ସ୍ପର୍ଶୀ | /ବୁବା/ | ବାପା |
| /ତ/ | ଅଘୋଷ | ଦନ୍ତ୍ୟ ସ୍ପର୍ଶୀ | /ତାଲୁ/ | କପାଳ |
| /ଦ/ | ସଘୋଷ | ଦନ୍ତ୍ୟ ସ୍ପର୍ଶୀ | /ଦାଣ୍ଡ/ | ହାଣ |
| /ଟ/ | ଅଘୋଷ | ମୂର୍ଦ୍ଧନ୍ୟ ସ୍ପର୍ଶଧ୍ୱନି | /ଟକ୍ଲ/ | ଟୋକ |
| /ଡ଼/ | ସଘୋଷ | ମୂର୍ଦ୍ଧନ୍ୟ ସ୍ପର୍ଶଧ୍ୱନି | /ଡ଼ଣ୍ଡା/ | ବାଡ଼ୁଅ |
| /ଚ/ | ଅଘୋଷ | ତାଲବ୍ୟ ସ୍ପର୍ଶଧ୍ୱନି | /ଚୁଙ୍ଗି/ | ଡ଼ବ |
| /ଜ/ | ସଘୋଷ | ତାଲବ୍ୟ ସ୍ପର୍ଶଧ୍ୱନି | /ଜଲ/ | ଶିଉଳ |
| /କ/ | ଅଘୋଷ | କଣ୍ଠ୍ୟ ସ୍ପର୍ଶଧ୍ୱନି | /କଡା/ | ଦାଢ |
| /ଗ/ | ସଘୋଷ | କଣ୍ଠ୍ୟ ସ୍ପର୍ଶଧ୍ୱନି | /ଗଲ/ | ନାଲ |
| /ସ/ | ଅଘୋଷ | ଦନ୍ତମୂଳୀୟ ସଂଘର୍ଷୀ ଧ୍ୱନି | /ସାର/ | କଷ୍ଟି |
| /ହ/ | | କାକଲ୍ୟ ସଂଘର୍ଷୀ ଧ୍ୱନି | /ହୁମ/ | ହୋମ |
| /ମ/ | ସଘୋଷ | ଦ୍ୱୟୋଷ୍ଠ୍ୟ ନାସିକ୍ୟ ଧ୍ୱନି | /ମେରୁ/ | ବଡ଼ |
| /ନ/ | ସଘୋଷ | ଦନ୍ତ୍ୟମୂଳୀୟ ନାସିକ୍ୟ ଧ୍ୱନି | /ନସୁ୍/ | ଛଏ |

ସ ବର୍ଗ ସ୍ପର୍ଶ ଧ୍ୱନିର ପୂର୍ବସ୍ଥିତ ହେଲେ /ନ/ ର ନିମ୍ନଲିଖିତ ଉପସ୍ୱନ ଦେଖାଯାଏ ।

(କ) ମୂର୍ଦ୍ଧନ୍ୟ ସ୍ପର୍ଶଧ୍ୱନି ସହିତ ସଂପର୍କ ଘଟିଲେ /ଝୁଣ୍ଡ/ ପାଟି

(ଖ) ଦନ୍ତ୍ୟ ସ୍ପର୍ଶଧ୍ୱନି ସହିତ ସଂପର୍କ ଘଟିଲେ /ବନ୍ଦର/ ଭୁଆଧାର

(ଗ) ତାଲବ୍ୟ ସ୍ପର୍ଶଧ୍ୱନି ସହିତ ସଂପର୍କ ଘଟିଲେ /ପଞ୍ଝା/ ଝୁଡ଼ା

( ଙ ) ସଘୋଷ କଣ୍ଠ୍ୟ ନାସିକ୍ୟ ଧ୍ୱନି — / ବଙଗ୍ରା / ସଁବାକୁଆ

( ଲ ) ସଘୋଷ ଦନ୍ତମୂଳୀୟ କମ୍ପିତ ଧ୍ୱନି — / ପେଲ୍ / ପେଲିବା

( ର ) ସଘୋଷ ଦନ୍ତମୂଳୀୟ କମ୍ପିତ ଧ୍ୱନି — / ରସା / ସ୍ୱେଗାନ୍ଧାନ୍ତ

( ଳ ) ସଘୋଷ ତାଲବ୍ୟ ପାର୍ଶ୍ୱିକ ଧ୍ୱନି — / ପାହାଳ / ପାହାଡ

( ୟ ) ସଘୋଷ ଘର୍ଷଣହୀନ ତାଲବ୍ୟ ପ୍ରବାହୀ ଧ୍ୱନି — / ଦୟ / ଦଏ

( ଇ ) ଏହାର ଅନାକ୍ଷରାତ୍ମକ ଉପସ୍ୱନ — / ସଇନାସି / ସନ୍ନ୍ୟାସୀ

## ୧. ୨. ୨. ସ୍ୱର :

ସ୍ୱର ପ୍ରକାରରେ ପାପ୍ରଷ୍ଟକାର ବୈଷମ୍ୟ ଦେଖାଯାଏ, ପ୍ରତ୍ୟେକେ ସାଧାରଣ ଉପସ୍ୱନ ଲକ୍ଷଣ ପ୍ରଦର୍ଶନ କରନ୍ତି ।

କ) ପ୍ରତ୍ୟେକ ସ୍ୱନମର ଦୀର୍ଘ ଉପସ୍ୱନ ଦେଖାଯାଏ । ବୈଷମ୍ୟ ବୋଧକ ହେଲେ ଦୀର୍ଘଣ ସ୍ୱନମିକ ହୁଏ ।

ଖ) ପ୍ରତ୍ୟେକ ସ୍ୱନମର ମୌଖିକ ଓ ନାସିକ୍ୟ ଉଚ୍ଚାରଣ ଦେଖାଯାଏ । ଅନୁନାସିକତା ସ୍ୱନମିକ ।

ଗ) ନାସିକ୍ୟ ବ୍ୟଞ୍ଜନର ନିକଟବର୍ତ୍ତୀତା ହେତୁ ମୌଖିକ ସ୍ୱର ସାମାନ୍ୟ ଅନୁନାସିକ ହୋଇଥାଏ ।

/ ଇ / ସଘୋଷ ଉଚ୍ଚ ଅଗ୍ର ଅସଂବୃତ

| | | | | |
|---|---|---|---|---|
| ଉପସ୍ୱନ | - | ନାସିକ୍ୟ - ଇଁ | / ଇଁଠା / | - ଇଠା |
| | | ଦୀର୍ଘ - (ଇ . . ) ବା (ଇ ଇ) | / ଆଇ / | - ଆଈ |
| | | ହ୍ରସ୍ୱ - ( ଇ ) | / ପଇସା / | - ପଇସା |

/ ଏ / ସଘୋଷ ମଧ୍ୟ ଅଗ୍ର ଅସଂବୃତ

| | | | | |
|---|---|---|---|---|
| ଉପସ୍ୱନ | - | ନାସିକ୍ୟ ( ଏଁ ) | / କସେଁଇ / | - କାହିଁକି |
| | | ଦୀର୍ଘ ( ଏ . . ) (ଏ ଏ) | / ଗେଏଲ / | - ନଷ୍ଟ ହୋଇଗଲା ଅର୍ଥରେ |
| | | ହ୍ରସ୍ୱ ( ଏ ) | / ଏତେ / | - ଏତେ |

/ ଅ / ସଘୋଷ ମଧ୍ୟ ମଧ୍ୟ ଅସଂବୃତ

| | | | | |
|---|---|---|---|---|
| ଉପସ୍ୱନ | - | ନାସିକ୍ୟ ( ଅଁ ) | / ଅଁଲା / | - ଅଅଁଳା ଫଳ |
| | | ଦୀର୍ଘ ( ଅ . . ) (ଅ ଅ) | / ଧଅର / | - ଝୁଙ୍କିପଡ଼ |
| | | ହ୍ରସ୍ୱ ( ଅ ) | / ଅଠା / | - ଅଠା |

/ ଆ / ସଘୋଷ ନିମ୍ନ ମୁକ୍ତ ମଧ୍ୟ ଅସଂବୃତ

| | | | | |
|---|---|---|---|---|
| ଉପସ୍ୱନ | - | ନାସିକ୍ୟ ( ଆଁ ) | / ଆଁକର୍ / | - ପାଟି ମେଲାକର |
| | | ଦୀର୍ଘ (ଆ . . ) (ଆ ଆ) | / କାଆର୍ / | - କହାର |
| | | ହ୍ରସ୍ୱ ( ଆ ) | / ଆସହେ / | - ଆମ୍ଭେ |

/ ଉ / ସଘୋଷ ଉଚ୍ଚ ପଶ୍ଚ ସଂବୃତ

| | | | | |
|---|---|---|---|---|
| ଉପସ୍ୱନ | - | ନାସିକ୍ୟ ( ଉଁ ) | / ଆଉଁସି / | - ଆଉଁସିବା |
| | | ଦୀର୍ଘ ( ଉ · · ) (ଉ ଉ) | / ରୁଉଣ / | - ତରକାରୀ |
| | | ହ୍ରସ୍ୱ | / ଉଠ୍ / | - ଉଠ |

## ୨. ସ୍ଥୂଳ ବିଭାଜ୍ୟ ସ୍ୱନିମ୍‌ର ବିତରଣ :

### ୨.୧. ସ୍ୱର ବିତରଣ

ମୌଖିକ ତଥା ଅନୁନାସିକ ରୂପରେ ପ୍ରତ୍ୟେକ ସ୍ୱର ପ୍ରତ୍ୟେକ ସ୍ଥିତିରେ ଆଦ୍ୟ, ମଧ୍ୟ, ଅନ୍ତ୍ୟ ପ୍ରଯୁକ୍ତ ହୋଇପାରେ, କେବଳ ଆଦ୍ୟ ସ୍ଥିତିରେ /ଏ/ ର ଓ /ଉ/ ର ଅନୁନାସିକ ରୂପ ବ୍ୟତୀତ ଅକ୍ଷର ସୀମାବର୍ତ୍ତୀ ବ୍ୟଞ୍ଜନ ଗୁଚ୍ଛ ମଧ୍ୟରେ ସଂକ୍ରମଣ କାଳରେ ମୃଦୁଘୋଷଯୁକ୍ତ ହ୍ରସ୍ୱରୂପ ପ୍ରଯୁକ୍ତ ହୋଇଥାଏ ।

| ମୌଖିକ/ନାସିକ୍ୟ | | ଆଦ୍ୟ | ମଧ୍ୟ | ଅନ୍ତ୍ୟ |
|---|---|---|---|---|
| ଇ | ଇଁ | ଇଟା - ଏହ୍ଟା | ବଇଲ - କହଲ | ସଇ - ସହ୍ଯ |
| | | ଇଁଟା - ଇଟା | ବଇଁଚ - ଏକକୋଳି, | ସଈ - ସଇଁ |
| ଉ | ଉଁ | ଉଆ - ଅରୁଆ, | ସୁଡ - ଏକକାଣ୍ଡ | ଆଉ - ଆହୁରି |
| | | | ସୁଁଢ - ମୁଣ୍ଡର ସ୍ତାଣି | ବେଲସୁଁ - ବେଲହୁଁ |
| ଏ | ଏଁ | ଏକ୍ - ଏକ | ଖେଲଆ - ଠେକୁଆ, | ସିଏ - ସେ |
| | | | ଟେଁଘେସେ - ଯୁକ୍ତତର୍କ | ସଭେଁ - ସମସ୍ତେ |
| ଅ | ଅଁ | ଅଲ୍ - ଆବୃତ କରିବା, | ସଜ - ବେଶ | କ - କହ |
| | | ଅଁଲା - ଅଅଁଲା | ବଁଝା - ବନ୍ଧ୍ୟା | କଁ - କେଉଁ |
| ଆ | ଆଁ | ଆ - ଆସ | ସୁଆଣ - ସବାରି | ସୁଆ - ପକ୍ଷୀ ବିଶେଷ |
| | | ଆଁ - ଖୋଲ | ସୁଆଁରି - ବଡ଼ଚଟୁ | ସୁଆଁ - ଏକ ଘାସ |

ହ୍ରସ୍ୱ / ଦୀର୍ଘ

| | | | |
|---|---|---|---|
| ଇ / ଇ | ପିଲ - ଛୁଆ, ବାଳକ | / | ପିଇଲ - ପାନକଲ |
| ଉ / ଉ | ପୁଅ - ପୁଅ | / | ଚୁକୁଣ - ଚଉକାର |
| ଅ / ଅ | ସର - ଦୁଧସର | / | ଚଅର - ମୁଣ୍ଡତଳ ଉପର କରି ନାଚିବା |
| ଆ / ଆ | ଭର - ବୋଝ | / | ଭଆର - ବାହାର |

### ୨.୧.୧. ବ୍ୟଞ୍ଜନ ବିତରଣ

(i) ସାଧାରଣ ସ୍ଥିତିରେ —

/ଣ, ଙ, ଳ, ଲ, ୟ/ ବ୍ୟତୀତ ଅନ୍ୟ ସକଳ ପଦାଦ୍ୟରେ ସ୍ୱର ପୂର୍ବରୁ ପ୍ରଯୁକ୍ତ ହୋଇପାରେ ।

/ଙ/ ବ୍ୟତୀତ ଅନ୍ୟ ସକଳ ପଦ ମଧ୍ୟରେ ସ୍ୱର ଅନ୍ତର୍ବର୍ତ୍ତୀ ଭାବେ ତଥା ଅନ୍ୟ ବ୍ୟଞ୍ଜନର ପୂର୍ବରୁ ବା ପରେ ପ୍ରଯୁକ୍ତ ହୋଇପାରେ ।

/ଙ/ କେବଳ ବ୍ୟଞ୍ଜନ ପୂର୍ବରୁ ପଦ ମଧ୍ୟରେ ପ୍ରଯୁକ୍ତ ହୋଇପାରେ ।

| ସ୍ୱନିମ | ଉପସ୍ୱନ | ଆଦ୍ୟ | ମଧ୍ୟ | ଅନ୍ତ୍ୟ |
|---|---|---|---|---|
| ଜ / | ( ଜ ) | ଜଲ - ଅଶ୍ୱତ୍ଥ | ଝେଜ୍ରା - ଏକ ମାଛ | ଘରଜ୍ - ଆବଶ୍ୟକ, ଜରୁରୀ ଅର୍ଥରେ |
| | ( ଝ ) | ଝଟି - ଝୋଟି | ନେଝଶ - ଯାହାର (ସ୍ତ୍ରୀ) ପେଟ ଓହ୍ଲ ପଡ଼ୁଥାଏ | ବୁଝ - ବୁଝିଦେବା |
| କ / | ( କ ) | କଡ଼ା - ଦୃଢ଼, କ୍ରୋଧ | ପକ୍ରା - ପୋକଖିଆ | ହକ୍ - ଯୁକ୍ତଯୁକ୍ତ |
| | ( ଖ ) | ଖଡା - ଶ୍ରେଷ୍ଠ କାଠି | ପୁଖ୍ରୀ - ପୋଖରୀ | ରଖ୍ - ରଖିବା |
| ଗ / | ( ଗ ) | ଗାଇ - ଗାଈ | ଡାଗ୍ଡା - ସବଳ | ଭାଗ୍ - ପଳା |
| | ( ଘ ) | ଘାଇ - ପାଣିଯିବା ବାଟ | ରଘ୍ଲା - ପେଷଣ | ବାଘ୍ - ବାଘ |
| ପ / | ( ପ ) | ପୁଡ଼ା - ପୁଡ଼ା | ଫପଯା - ଫୁସ୍‌ଫୁସ୍ | ରପ୍‌ରପ୍ - ଅନୁକରଣାତ୍ମକ ଶବ୍ଦ |
| | ( ଫ ) | ଫୁଡ଼ା - ପୋଡ଼ା | ରଫଲ୍ - ଆଲ୍ୟୁମିନିୟମ୍, | ଗିରଫ୍ - ଗିରଫ୍ |
| ବ / | ( ବ ) | ବେଲ - ସୂର୍ଯ୍ୟ | ରବର୍ - ରବର | ଗରବ୍ - ଗର୍ବ |
| | ( ଭ ) | ଭଲ୍ - ଭଲ | ବେଭର - ବ୍ୟବହାର | ଗରଭ୍ - ଗର୍ଭ |
| ଦ / | ( ଦ ) | ଦୁସ - ଦୋଷ | କୁଦ୍‌ର - ନଦୀ ପାଖ ଜାଗା | ସୁଆଦ୍ - ସ୍ୱାଦ |
| | ( ଧ ) | ଧୁମ୍ - ପ୍ରବଳ | ଅଧାର - ଅଧାର | ସୁଧ୍ - ଖାଣ୍ଟି |
| ତ / | ( ତ ) | ତୁଲା - ତୂଳ | ପତ୍ନି - ଟସର ପୋକ | ପର୍‌କୁତ୍ - ପ୍ରକୃତ |
| | ( ଥ ) | ଥଳି - ସ୍ଥଳ | ବାଥୁଲି - ବାଥୁଡ଼ି | |
| ଚ / | ( ଚ ) | ନୂଅ - କୂଅ | କୁଚ୍‌ନି - ଭୁଜା ଦୋକାନ | ରେଚ୍ - ରେଚନକର |
| | ( ଛ ) | ଛୁତ - ପଣ୍ଡ୍ରା | ପିଛ୍‌ଲା - ପିଚ୍ଛିଳ | ମାଛ୍ - ମାଛ |
| ଟ / | ( ଟ ) | ଟାଙ୍ଗର - ପଥର | ନୁଟ୍‌ଣି - ମୁଣ୍ଡର ଏକ ଜୁଡ଼ା | କୁଟ୍ - କୋର୍ଟ, ଅଦାଲତ୍ |
| | ( ଠ ) | ଠୁହ୍ଲ - ଘାସ ବନ୍ଧନ | ଅଠର - ଅଠର | ନେଠନେଠ୍ - ଅଠାଳିଆ |
| ଡ / | ( ଡ଼ ) | ଢେଡ଼୍ରା - ଅଚେତ, ଅଚଳ | ଢେଡ଼୍ରା | ଗଡ୍ - ଗଡ଼ିବା |
| | ( ଢ଼ ) | ଡଢ଼ର - ଫମ୍ପା, ପୋଲ | ଢ଼ଢ଼ରା | ଗଢ୍ - ଗଢିବା |
| ମ / | ( ମ ) | ମହୁ - ମଧୁ | ଡେମ୍‌ଣା - ସର୍ପବିଶେଷ | ନରମ୍ - ନରମ |
| ନ / | ( ନ ) | ନହୁ - ରକ୍ତ | ନୁନ୍‌ଛା - ସ୍ନେହସିକ୍ତ | ମାନ୍ - ମାନିବା |
| | ( ଞ ) | — | ଝେଞ୍ଝା - କଞ୍ଝା | ଯାଞ୍ଚ୍ - ତନ୍ନା କରିବା |
| | ( ଣ ) | — | ମଣ୍ଡା - ମଣ୍ଡାପିଠା | ବୁଣ୍ - ବୁଣ |
| | ( ନ ) | — | କୁନ୍ଦ୍‌ର - କୁନ୍ଦୁରି | କନ୍ - କେଉଁ |

| ସ୍ୱନିନ୍ | ଉପସ୍ୱନ | ଆଦ୍ୟ | ମଧ୍ୟ | ଅନ୍ତ୍ୟ |
|---|---|---|---|---|
| ଙ / | ( ଙ ) | — | ଝାଙ୍ଗିଆ - ଝାଙ୍ଗିଆ | — |
| ସ / | ( ସ ) | ସର୍‌ଗି - ଶାଳ | ମସ୍‌ଟି - ଦଳିବା | କସ୍ - ଜୋର୍‌ରେ |
| ଲ / | ( ଲ ) | — | କଲେଇ - ଝଡ଼ପୋକ | ବଲ୍ - ବଲ୍, ପେଣ୍ଡୁ |
| ର / | ( ର ) | ର୍‌ହା - ସ୍ୱର | ଗର୍‌ଲଲ୍ଲ - ଗର୍ଜନ କଲ୍ଲ | ଝୁର୍ - ସେର୍ |
| ଳ / | ( ଳ ) | — | ସଳ୍‌କ - ସଡ଼କ | ଫଳ୍ - ପଢ଼ିବା |
| ସ୍ୱ / | ( ସ୍ୱ ) | | ଗ୍ରସ୍ୱା - ସାସ୍ୱା | |
| | | | କହ୍ୟାକେ - କହ୍ୱବ | ଆଲ୍‌ମସ୍ୱ - ଆଲେକତ |
| | ( ଇଆ ) | | ଫଲଆକେ - ପଢ଼ିବ | |
| | ( ଇ ) | | ବଇସ - ବସ୍ୱସ | |

## ୨. ୨. ଅନୁକ୍ରମଠର ବିତରଣ

### ୨. ୨. ୧. ସ୍ୱର ବିତରଣ :

ପ୍ରତ୍ୟେକ ସ୍ୱର କେବଳ ଇ-ଉ, ଏ-ଅ, ଆ-ଅ ବ୍ୟତୀତ ଅନ୍ୟସ୍ୱର ଅନୁକ୍ରମରେ ପ୍ରଯୁକ୍ତ ହୋଇପାରେ ।

୨.୨.୧.୧. ନିମ୍ନରେ ପ୍ରଦତ୍ତ ନକ୍ସା ଦ୍ୱାରା ଦୁଇ ସ୍ୱର ଅନୁକ୍ରମକୁ ଦର୍ଶାଗଲା । ସଂଖ୍ୟାଗୁଡ଼ିକ ଉଦାହରଣ ତାଲିକାର ସୂଚକ।

| ସ୍ୱ ୧ \ ସ୍ୱ ୨ | ଇ | ଏ | ଅ | ଆ | ଉ |
|---|---|---|---|---|---|
| ଇ | — | ୧ | ୨ | ୩ | — |
| ଏ | ୪ | — | — | ୫ | ୬ |
| ଅ | ୭ | ୮ | — | ୯ | ୧୦ |
| ଆ | ୧୧ | ୧୨ | — | — | ୧୩ |
| ଉ | ୧୪ | ୧୫ | ୧୬ | ୧୭ | — |

ଦୃଷ୍ଟାନ୍ତ -

ଭଟିଏ - ( ଟିକେ, ଖଣ୍ଡିଏ )
ଝିଅ - ( ଝିଅ )
ଠିଆ - ( ଠିଆ )
ବଟେଇ - ( ପଠେଇ )

କେଁଆଲେ - ( ଯେଉଁଆଡ଼େ )

କେଉଟ - ( କେଉଟ )

ମଇ - ( ମହୁ )

ଘଏ - ( ଶହେ )

ଖୁମଆଲୁ - ( ଖମ୍ବଆଳୁ )

ଭଉତ୍ - ( ବହୁତ )

ସାଇ - ( ସାହୁ )

ପାଏ - ( ଏକ ଚତୁର୍ଥାଂଶ )

ଦାଉଲ୍ - ( ଦାଆ )

ପୁଇ - ( ପୋଇ )

ଚୁଏଇଲ୍ - ( ଝଁରଆ )

ଶୁଥ - ( ଶାଥ )

ଉଆ - ( ଅରୁଆ )

## ୨. ୨. ୧. ତିନସ୍ୱର ବିଶିଷ୍ଟ ଅନକ୍ରମ

ଉଏଇ - ଚୁଏଇଲ୍ ( ଝଁଶଲ )

ଉଆଇ - ଜୁଆଇଁ ( ଜୁଆଇଁ )

ଆଉଆ - ସାଉଆଣି ( ମହାଜନଙ୍କ ସ୍ତ୍ରୀ )

ଉଅଇ - ସୁଅଇ ( ଶୋଏ )

ଆଇଏ - ଆଇଏ ( ହେ ଆଇ )

ଆଇଆ - ନାଇଆକେ ( ପିନ୍ଧବ )

ଇଆଇ - ପଠିଆଇ ( କାବ୍ୟିକ ବ୍ୟବହାର,
ଦୂତ ଅଛୁ ପଠିଆଇ )

ଏଇଆ - ସଜେଇଆକେ ( ସଜାଇବ )

## ୨. ୧. ୩. ଚଉର୍ ସ୍ୱର ବିଶିଷ୍ଟ ଅନୁକ୍ରମ

ଉଏଇଆ - ଚୁଏଇ ଆକେ ( ଝଁରବ )

ଖୁଏଇ ଆକେ ( ଖୁଆଇବ )

## ୨. ୨. ୨. ବ୍ୟଞ୍ଜନ ବିତରଣ

ସଂଯୁକ୍ତ ବ୍ୟଞ୍ଜନ ପ୍ରୟୋଗ ପଦ ଆଦ୍ୟରେ ଆଦୌ ସମ୍ଭବ ନୁହେଁ । ପଦାନ୍ତରେ କେବଳ ସ୍ୱବର୍ଗ ସ୍ପର୍ଶ ସହିତ ନାସିକ୍ୟ, ସ + ଟ, ର + କ ବ୍ୟଞ୍ଜନ ଗୁଚ୍ଛର ପ୍ରୟୋଗ ହୋଇପାରେ । [ ଯଥା — ଝୁଣ୍ଡ, ଢ଼ଣ୍ଡା, ଜେଫ୍ଟ, ମୁର୍କ ] ଝୁଣ୍ଡ - ପାଟି, ଢ଼ଣ୍ଡା - ଅବିବାହିତ ଯୁବକ, ଜେଫ୍ଟ - ଜ୍ୟେଷ୍ଠମାସ, ମୁର୍କ - ମୂର୍ଖ । ଦୁଇ ଏବଂ ତିନି ବ୍ୟଞ୍ଜନର ଅନୁକ୍ରମ [ ଯଥା - ଅକ - କଅଅ -, - ଅକ - କକଅ -, - ଅକକ - କଅ - ] ଶବ୍ଦ ମଧ୍ୟରେ ଅକ୍ଷର ମଧ୍ୟବର୍ତ୍ତୀ ସ୍ଥଳରେ, ରୂପିମ ସୀମାରେ ଏବଂ ସଂହିତାର ପୂର୍ବରୁ ବା ପରେ ପ୍ରଯୁକ୍ତ ହୋଇପାରେ । ଏପରି ଅନୁକ୍ରମ ନିମ୍ନୋକ୍ତ ତିନି ପ୍ରକାରର ହୋଇଥାଏ ।

୧ । ସବର୍ଗ ବ୍ୟଞ୍ଜନ ଅନୁକ୍ରମ

୨ । ସମରୂପ ସ୍ୱନିମ ଅନୁକ୍ରମ

୩ । ଅସମବର୍ଗ ବ୍ୟଞ୍ଜନ ଅନୁକ୍ରମ

୨.୨.୨.୧. ସବର୍ଗ ବ୍ୟଞ୍ଜନ ଅନୁକ୍ରମ ଯଥାର୍ଥତଃ ନାସିକ୍ୟ ଓ ସବର୍ଗ ସ୍ପର୍ଶ ବ୍ୟଞ୍ଜନର ସଂଯୁକ୍ତ ଧ୍ୱନି ଏବଂ ଏହା ତିନିବ୍ୟଞ୍ଜନ ଅନୁକ୍ରମରେ ବିଶେଷ ପରିଚ୍ଛନ୍ନ ଭାବେ ପରିଲକ୍ଷିତ ହୁଏ ।

ଯଥା — [ କ ଅ ନ କ - କଅ - ] / ପିମ୍ପଲ - ପିମ୍ପଲ / ( ପିମ୍ପୁଡ଼ି )

/ ଗେଣ୍ଡ୍ଲ - ଗେଣ୍ଡ଼ଲ / ( ଶତପଦ )

ସଂଯୁକ୍ତ ନାସିକ୍ୟ ବ୍ୟଞ୍ଜନ ସ୍ୱର ମଧ୍ୟବର୍ତ୍ତୀ ସ୍ଥଳରେ କେବଳ ସଂବୃତ ଅକ୍ଷରରେ ପରିଲକ୍ଷିତ ହୁଏ ।

ଯଥା — [ - ଅ ନ କ ଅ - ] / କୁଣ୍ଡା - କୁଣ୍ଡ଼ା ( କୁଣ୍ଡା )

ପଣ୍ଡା - ପଣ୍ଡ଼ା ( ପଣ୍ଡା )

ବିବୃତ ଅକ୍ଷରରେ ଏ ପ୍ରକାର ଆଗମ ହେଲେ ସଂଯୁକ୍ତ ବ୍ୟଞ୍ଜନ ସ୍ଥଳରେ ପୂର୍ବବର୍ତ୍ତୀ ସ୍ୱରର ଅନୁନାସିକତା ପ୍ରାଧାନ୍ୟ ଲାଭ କରେ ।

ଯଥା — [ କ ଅ ନ କ ଅ କ ] > [ କଅଁକଅକ ] / କେଙ୍ଗ୍ଟ / > / କେଁଗ୍ଟ / (ଏଣ୍ଡୁଅ)

## ୨୨.୨.୨. ସମରୂପ ସ୍ୱନିମ୍ ଅନୁକ୍ରମ

ଗୁଡ଼ି - ଗୁଡ଼ ରଖିବା ମାଠିଆ

ଜୁତ୍ତା - ଜୋତା

ମୁଠ୍ଠା - ମୋଟା

ମକକା - ମକା

ଖୋଲ୍ଲା - ଖୋଲା

ପେଟ୍ଟ - ପେଟ

ସାପ୍ପା - ସଫା

## ୨:୨:୨:୩: ଅସମବର୍ଗ ବ୍ୟଞ୍ଜନ ଅନୁକ୍ରମ

ଅସମବର୍ଗ ବ୍ୟଞ୍ଜନ ଅନୁକ୍ରମରେ ପ୍ରକୃତ ସଂଯୁକ୍ତ ଧ୍ୱନି ଉପଲବ୍ଧ ହୁଏ ନାହିଁ, କାରଣ ଏହି ପରିସ୍ଥିତିରେ ସଂଯୋଗଶୀଳ ବ୍ୟଞ୍ଜନ ମଧ୍ୟରେ ଶିଥିଳ ସଂକ୍ରମଣ ଘଟିଥାଏ, / ସ + ତ / /ସ + ଟ / କ୍ଷେତ୍ରରେ ଯଥାର୍ଥ ସଂଯୁକ୍ତ ଧ୍ୱନି ଉପଲବ୍ଧ ହୁଏ ।

ଯଥା - ମସ୍ତ ( ବଡ଼ ), ଜେସ୍‌ଟ ( ଜ୍ୟେଷ୍ଠ ) ।

ଦୁଇ ବ୍ୟଞ୍ଜନ ଅନୁକ୍ରମରେ [ - କ$^{1}$ କ$^{2}$ - ] ପ୍ରଥମ ସ୍ଥାନରେ [କ$^{1}$] ପ୍ରତ୍ୟେକ ବ୍ୟଞ୍ଜନ, ଦ୍ୱିତୀୟ ସ୍ଥାନରେ [କ$^{2}$] / ଙ / ବ୍ୟତୀତ ଅନ୍ୟ ସକଳ ବ୍ୟଞ୍ଜନ ପ୍ରଯୁକ୍ତ ହୋଇପାରେ ।

ତିନି ବ୍ୟଞ୍ଜନ ଅନୁକ୍ରମରେ ଦୁଇଟି ବ୍ୟଞ୍ଜନ ସଂଯୁକ୍ତଭାବେ ଏବଂ ଅପରଟି ଏହାର ପୂର୍ବରୁ ବା ପରେ ଅନ୍ୟ ଅକ୍ଷର ସୀମାରେ ପରିଲକ୍ଷିତ ହୁଏ । ଏହି ଅନୁକ୍ରମ [ - ଅକକ - କଅ - ] କିମ୍ବା [ - ଅକ - କକଅ - ] ଭାବେ ଘଟିଥାଏ । ଅନୁକ୍ରମର ପ୍ରଥମ ଦୁଇଟି ବ୍ୟଞ୍ଜନ ସଂଯୁକ୍ତ ହୋଇଥିଲେ, ସେ ଦୁଇଟି [ ନ + କ ] ଅର୍ଥାତ୍ ନାସିକ୍ୟ ଓ ସବର୍ଗ ସ୍ପର୍ଶ ହୋଇଥାନ୍ତି ଓ ତୃତୀୟଟି ହୋଇଥାଏ / କ, ଟ, ଡ଼, ଣ, ଲ, ଳ, ର / ମଧ୍ୟରୁ ଗୋଟିଏ ।

### ଦୃଷ୍ଟାନ୍ତ -

[ - ଅନକ - କଅ - ]

ଙକ - ଳ [ /କଙ୍କଳା/ - କଙ୍କଡ଼ା, /ଫିଙ୍କ୍‌ଳ/ - ଏକ ଚଢେଇ, /ସିଙ୍କ୍‌ଳ/ - ସିକୁଳି ]

ଙଗ - ର ଲ / ବଙ୍ଗ୍‌ର / ସଁ ବାଳୁଆ, / ଚେଙ୍ଗ୍‌ଲ / - ଚେଙ୍ଗମାଛ

ନଟ - ର / ଚେଣ୍ଟ୍ରି / ବାମ ହାତ

ଣଡ - ର/ଲ / ଖେଣ୍ଡ୍ରି / ପଙ୍ଗପାଳ / ଗୁଣ୍ଡ୍‌ର / - ଏକ ପ୍ରକାର ପକ୍ଷୀ, / ଗେଣ୍ଡ୍‌ଲ / - ଶତପଦ

ନଦ - ର / କେନ୍ଦ୍‌ର / - କେନ୍ଦରା / କୁନ୍ଦ୍‌ର / - କୁନ୍ଦୁର

ନତ - ର / ମନ୍ତ୍‌ର / - ମନ୍ତ୍ରିତ

ମପ - ଣ/ଳ / ରମ୍ପଣି / - ଯାହା ସାହାଯ୍ୟରେ ରମ୍ପାଯାଏ, / ପିମ୍ପ୍‌ଳ / - ପିମ୍ପୁଡ଼ି

ଶେଷ ଦୁଇଟି ବ୍ୟଞ୍ଜନ ସଂଯୁକ୍ତ ହୋଇଥିଲେ ସେ ଦୁଇଟି ହୋଇଥାନ୍ତି [ ନ + କ ] କିମ୍ବା [ ସ + ଟ ] ଏବ ଏହାର ପୂର୍ବବର୍ତ୍ତୀ ବ୍ୟଞ୍ଜନ ହୁଏ / ର / ଓ / ହ /

[ - କଅର - କକ - ]

ର - ସଟ [ / ଚେରେସ୍‌ଟା / - ଚେଷ୍ଟା ]

ର - ଣଡ଼ [ / ମେରଣ୍ଡ /

[ କଅହ - କକ - ]

ହ - ଣଡ଼ [ / ଗହଣ୍ଡ୍‌ / - ଗୁରୁଣ୍ଡିବା ]

ନିମ୍ନରେ ସମ୍ଭାବ୍ୟ ଅସମବର୍ଗ ଦୁଇବ୍ୟଞ୍ଜନ ଅନୁକ୍ରମ ନକ୍ସା ଦ୍ୱାରା ଉପସ୍ଥାପିତ ହେଲା ।

କଠୋଙ୍କରେ ପ୍ରଦତ୍ତ ଚିହ୍ନର ଅର୍ଥ

( — ) ଦୁଇ ଅକ୍ଷରର ସଂଯୁକ୍ତ

( ୦ ) ସ୍ୱନମ ସୀମା ବାହାରେ ସଂଯୁକ୍ତ

( + ) ପଦସୀମା ବାହାରେ ସଂଯୁକ୍ତ

| କ୨<br>କ୧ | ଘ<br>୧ | ବ<br>୨ | ଭ<br>୩ | ଧ<br>୪ | ଝ<br>୫ | ଓ<br>୬ | ଚ<br>୭ | ଜ<br>୮ | କ<br>୯ | ଗ<br>୧୦ | ସ<br>୧୧ | ମ<br>୧୨ | ନ<br>୧୩ | ଣ<br>୧୪ | ଲ<br>୧୫ | ର<br>୧୬ | ଳ<br>୧୭ | ଙ<br>୧୮ |
|---|---|---|---|---|---|---|---|---|---|---|---|---|---|---|---|---|---|---|
| ଘ ୧ | | ○ | — | | Ō | | | | ○ | — | — | ○ | — | | — | — | — | |
| ବ ୨ | | ○ | — | | — | | | — | — | | — | | — | | — | — | — | |
| ଭ ୩ | + | ○ | ○ | | ○ | | | | — | | — | ○ | — | | — | — | — | |
| ଧ ୪ | | ○ | ○ | | | | | | — | | | — | — | | — | — | — | |
| ଝ ୫ | | ○ | ○ | | ○ | | | | Ọ | | | — | — | — | — | — | — | |
| ଓ ୬ | | | | | | | | | — | ○ | | ○ | | | — | — | | |
| ଚ ୭ | | — | — | | | — | | | — | | | — | | | — | — | | |
| ଜ ୮ | | | ○ | | | | | | ○ | | | | | | — | — | — | |
| କ ୯ | — | ○ | — | | — | | — | | | | — | | | | — | — | — | |
| ଗ ୧୦ | | Ō | ○ | — | | — | | | | | — | | | — | — | — | — | |
| ସ ୧୧ | | | — | | — | | | | | | | — | — | — | — | — | — | |
| ମ ୧୨ | | | — | — | — | — | — | | — | — | | — | ○ | — | | — | — | |
| ନ ୧୩ | | ○ | — | | — | | | — | — | — | — | — | | | | | | |
| ଣ ୧୪ | | ○ | Ọ | — | | | | | — | | — | | | | | | | |
| ଲ ୧୫ | — | — | | | — | | — | — | — | — | — | — | | | | — | | |
| ର ୧୬ | — | | Ọ | | | | — | — | — | — | — | — | | — | | | — | |
| ଳ ୧୭ | | | | | | | | | — | — | — | | | | — | | | |
| ଙ ୧୮ | | | | | | | | | | | | | | | | | | |

ଦୃଷ୍ଟାନ୍ତ -

( ୧ )

୨ / ନାପ୍ - ବ / - ମୁଁ ମାପିବ

୩ / ହପ୍ତା / - ସପ୍ତାହ

୫ / ବାପ୍ଟା / - ବାପାଟି

/ ସେପ୍ଟିନ୍ / - ସେଫ୍ଟି ପିନ୍

୯ / ନପ୍କର / - ବସିବା ହୁଅନ୍ତୁ

୧୦ / ଉପ୍ଗାର / - ଉପକାର

୧୧ / ଫପ୍ଯା / - ଫୁସ୍ ଫୁସ୍

୧୨ / ନାପ୍-ମୂ / - ଆମ୍ଭେ ମାପିବୁଁ

୧୩ / ଗୁପ୍ନ / - ମୁଣ୍ଡର ଏକ କଣ୍ଢାଗ ନାମ

୧୫ / ଚପ୍ଲ / - ଚପିଲ

୧୬ / ଚୁପ୍ସ / - ଗୁେପା

୧୭ / ଚପ୍ଲଲ / - ଚପୁଡ଼ିଲ

( ୨ )

୨ / ଖବ୍ବ / - ମୁଁ ଖବବ

୩ / କବ୍ତା / - କପୋତ

୮ / ଢାବ୍ଜା / - କବ୍ଜା (Hinge)

୯ / ଜାବ୍କଲ / - ଜାବୁକଲ

୧୧ / ବେବ୍ସା / - ବ୍ୟବସାୟ

୧୩ / ଖବ୍ନା / - ଖବନା

୧୪ / ଧୁବ୍ଣି / - ଧୋବଣୀ

୧୫ / ଧୁବ୍ଲ / - ଧଳା

୧୬ / ଗୁବ୍ର / - ଗୋବର

୧୭ / ସାବ୍ଲ / - ସାବଲ

( ୩ )

୧ / ଏତ୍ପର୍ / - ଏତେ ପ୍ରହର

୨ / ମାତ୍ବ / - ମାତବ, ମରୁଆଲ୍ ହେବ

୩ / ମାତ୍ତ / - ମରୁଆଲ୍ ହୁଅନ୍ତ

୫ / କେତ୍ଟା / - କେତେଗୋଟି

୯ / ପତ୍କା / - ପତାକା

୧୨ / ଚତ୍ମାତଆ / - ଚତ୍ ହୋଇ ଶୋଇବା

୧୩ / ପତ୍ନ / - ଝସର ପୋକ

୧୫ / ଫେତ୍ଲ ଝିଟିକା / - ଏକ ଜାତର ଝିଣ୍ଟିକା

୧୬ / କତ୍ରଣି / - କତୁରୀ, କଇଁଚ

୧୭ / ଅତ୍ଲା / - ଝନା

( ୪ )

୨ / ପିନ୍ଦ୍ ବ / - ପିନ୍ଧବ

୩ / ପିନ୍ଦ୍-ତ / - ପିନ୍ଧନ୍ତ

୯ / ପଦ୍କ / - ପଦକ, ପଦେ

୧୨ / ବଦ୍ମାସ / - ଦୁଷ୍ଟ

୧୩ / ପୁଦ୍ନା / - ପୋଦନା

୧୫ / ଖେଦ୍ଲ / - ପଛରେ ଗୋଡ଼ାଇଲା, ଘଉଡାଇଲା

୧୬ / କୁଦ୍ର / - ନଦୀକୂଳଆ ସ୍ଥାନ

୧୭ / ମାଦ୍ଲ / - ମାଦଲ

( ୫ )

୨ / ବାଟ୍-ବ / - ମୁଁ ବାଟିବ

୩ / ବାଟ୍-ତ / - ମୁଁ ବାଟନ୍ତ

୫ / ଫଟ୍-ଟା / - ଫୋଟଟି

୯ / ଛଟ୍କ / - ଛଟକ

୧୨ / ଗୁଟ୍ମାଟିଆ / - ଗୋଲ ଶରୀରଯୁକ୍ତ ଯାହାର

୧୩ / ଛଟ୍ନ / - ହଳଦୀ ମାଖିଲ

୧୪ / ଘୁଟ୍ଣି / - ଦାଉଣ କାଠି ଯେଉଁଥିରେ
କୁମ୍ଭାଘର ଘୁଁ ଯାଏ ।

୧୫ / ପାଟ୍ଲ / - ଜଣ ସ୍ତ୍ରୀଲୋକ ଏକାଧାରରେ
ପିଟିଲ

୧୬ / ପେଟ୍ର / - ଗର୍ଭବତୀ

( ୬ )

୯ / ବଡ୍‌କ / - ବଡ଼ବୋହୁ

୧୦ / ବଡ୍‌-ଗା / - ବଡ଼ ମାନେ

୧୨ / ବଡ୍‌-ମାଁ / - ବଡ଼ ମାଆ

୧୫ / ଗୁଡ୍‌ଲ / - ଏକ ପ୍ରକାର ଶସ୍ୟ

୧୬ / ଛୁଡର / - ପଣ୍ଡତ୍ୟକ୍ତା

( ୭ )

୨ / କାର୍‌ ବ / - ସଫାକରିବ

୩ / କାର୍‌-ଥ / - ଲୁଗା ସଫା କରନ୍ତୁ

୭ / କର୍‌ଡ଼ା / - ଧାନବଡ଼ା

୯ / କାର୍‌କ / - ଧୋଇବାକୁ

୧୩ / କୁର୍‌ନ / - ଭୁଷା ଦୋକାନ

୧୭ / ମୁର୍‌ଗ / - ଏକ ଗ୍ରାମ୍ୟଦେବୀ

( ୮ )

୩ / ପେଜ ଭୁର୍‌ଣି / - ପେଜଭୁର୍ଣି

୯ / ଢୁକ୍‌କେଇ / - ଢୁଲେଇ

୧୪ / ଖଜ୍‌ଣା / - କର

୧୫ / ଖୁଜ୍‌ଲ / - ଖୋଜିଲ

୧୬ / ଖେଜ୍‌ରା / - ମାଛ ବିଶେଷ

୧୭ / ଢଜ୍‌ଲ / - ଢଜୁଲ

( ୯ )

୧ / ଏକ୍‌ଯାଳ / - ଫଟେଇ

୨ / ଟେକ୍‌-ବ / - ମୁଁ ଟେକିବ

୩ / ଉକଚା / - ଉଚ୍ଛିଷ୍ଟ

୫ / ପାକ୍‌ଟଣ / - ଏକ ପ୍ରକାର ଗଛ

୭ / ବୁକ୍‌ଚ / - ବୋକଚୁଏ

୧୧ / ନକ୍‌ଯା / - ନକ୍ସା

୧୫ / ଠକ୍‌ଲ / - ମୁଗୁର

୧୬ / ପକ୍‌ର / - ପୋକଖିଆ

୧୭ / ପାକ୍‌ଲା / - କୁସୁମଗଛ

( ୧୦ )

୨ / ନାଗ୍‌ବ / - ଲଗିବ

୩ / ନାଗ୍‌ଥ / - ଲଗାନ୍ତୁ

୬ / ଭାଗ୍‌ତା / - ସବଳ

୧୫ / ପାଗ୍‌ଲ / - ପାଗଲ

୧୬ / ମଗ୍‌ର / - ଏକଜିଦଖିଆ

୪ / ମୁଗ୍‌ଦ / - ଏକ ପ୍ରକାର ଧାନ

୧୧ / ମଗ୍‌ସିର / - ମାର୍ଗଶିର

୧୪ / ମାଗଣିଆ / - ଭିକ୍ଷୁକ

୧୭ / ଫଗ୍‌ଲା / - ପାକୁଆ

( ୧୧ )

୩ / ପୁସ୍‌ତା / - ପୋସ୍ତ

୫ / ମସ୍‌ଟିଲ / - ଦଲାଲ

୧୨ ଅକସ୍‌ମାତ୍‌ / - ଆକସ୍ମିକ

୧୩ / ବାସ୍‌ନା / - ବାସନା, ଗନ୍ଧ

୧୪ / ମସ୍‌ଟଣ୍ଡଇ / - ମିଳେଇବା

୧୫ / ତସ୍‌ଲ / - ତସଲ

୧୬ / ଘସ୍‌ର / - କାଠ ଗଣ୍ଡିକୁ ପାହାଡରେ ଘୋଷାରିବା

୧୭ / ଘସ୍‌ଲା / - ଘଷଣ ଯୋଗ୍ୟ

( ୧୨ )

୩ / ଖେମ୍‌ତା / - କ୍ଷମତା

୪ / ସମ୍‌ଦୁର / - ସମୁଦ୍ର

୫ / କମ୍‌ଟି / - କମିଟି

୭ / ହେମ୍‌ଡେଇ / - ଭେଟଦିଆଇବା

୭ / ଖେମ୍ଟ୍ / - ପିଁଙ୍ଘା

୯ / ଜମ୍‌କଲ୍ଲ / - ଜମକ ହେଲା

୧୦ / କାମ୍‌ଗିର / - କର୍ତ୍ତା

୧୩ / କମ୍-ନ / - ଅଲ୍ପ ମାତ୍ର

୧୪ / ଖୁମ୍‌ଣି / - ଯୋମଣି

୧୬ / ସମ୍‌ର / - ସମ୍ବର

୧୭ / ରୁମ୍‌ଲା / - ପବନ ପୂର୍ଣ୍ଣ ମୂହାଁ

( ୧୩ )

୨ / ସୁନ୍‌ବାଙ୍କ / - ଶୂନ୍ୟ ବାଙ୍କ

୩ / ନୁନ୍‌ଚା / - ଖେଳ

୮ / ଆନ୍‌ଜାଦ୍ / - ଆନ୍ଦାଜ୍

୯ / ସାନ୍‌କ / - ସାନବୋହୂ

୧୦ / ମୁନ୍‌ଗା / - ସଜନା ଶାଗ

୧୧ / କାନ୍‌ସିଲା / - ଏକ ପ୍ରକାର ଶାଗ

( ୧୪ )

୨ / ବୃଣ୍-ଦ୍ଧ / - ବୃଣିବ୍ଧ

୩ / ବୃଣ୍-ତ / - ବୃଣନ୍ତ

/ ଗଣ୍ଢ / - ଗଣଢ

୪ / ନଣ୍ଦ / - ନଣନ୍ଦ

୯ / ଗଣ୍‌କ / - ଗଣକ

୧୧ / ଫଣ୍‌ସ / - ପଣସ

( ୧୫ )

୧ / ସିଲ୍‌ପତା / - ଶିଳପୁଆ

୨ / ସଲ୍‌ବଟିଆ / - ସରପଟ

୫ / ବାଲ୍‌ଟି / - ବାଲ୍‌ତି

୭ / ଉଲ୍‌ଚୁଲ୍ / - ହଲଚଲ .

୮ / କଲ୍‌ଜା / - କଲିଜା

୯ / ଦଲ୍‌କ / - ଅଣ୍ଡାଜନିତ କମ୍ପନ

୧୦ / ଅଲ୍‌ଗା / - ପୃଥକ୍

୧୧ / ଫୁଲ୍‌ସିକା / - ହୁଇସିଲ୍ (whistle)

୧୬ / ଝେଲ୍‌ର / - ମୟୂର ପକ୍ଷୀର ପୁଚ୍ଛ

( ୧୬ )

୧ / ଛଟର୍‌ପଟର୍ / - ରସିକ

୩ / ଟେର୍‌ଢଆ / - ଧାନବୁଣା ଢଙ୍ଗ

୫ / ଗୁର୍-ଟା / - ଗୁଣଗୋଟି

୬ / ଘାର୍‌ଢ଼ / - ବଉଡ଼କୁ ପାଗଖୁଆଇବା ଯନ୍ତ୍ର

୭ / ବୃର୍‌ଗ୍ / - ବର୍ଚ୍ଛା

୮ / ପର୍‌ଜା / - ପ୍ରଜା

୯ / ପର୍‌କା ପୁରକ / - ପରୀକ୍ଷା

୧୦ / ମୁର୍‌ଗ / - ମୃଗ

୧୧ / ପର୍‌ସନ / - ପ୍ରଶ୍ନ

୧୨ / ପର୍‌ମାଣ୍ / - ପ୍ରମାଣ

୧୩ / ଭର୍‌ତ / - ଭରତ

୧୪ / ପୁର୍‌ଣି / - ପଦ୍ମଫୁଲ

୧୬ / ହର୍‌ଲ / - ଏକ ପ୍ରକାର ପକ୍ଷୀ

( ୧୭ )

୧ / ଖଲ୍‌ପା / - ଖୋଲପା

୨ / ପଲ୍‌ବା / - ପଳାଇବା

୯ / ଚଲ୍‌ଢ / - ବଳ

୧୦ / ହୁଲ୍‌ଗା / - ଢିଲା

୧୧ / ବଲ୍‌ସି / - ବନ୍‌ଶୀ

ସକଳ ସ୍ପର୍ଶ ଧ୍ୱନିର ମହାପ୍ରାଣ ଉପଧ୍ୱନି ଗୁଡ଼ିକ ମଧ୍ୟ ଉପରୋକ୍ତ ବ୍ୟଞ୍ଜନ ଅନୁକ୍ରମରେ ପ୍ରଯୁକ୍ତ ହୋଇପାରନ୍ତି ।

## ୩. ସୂକ୍ଷ୍ମ ବିଭାଜ୍ୟ ସ୍ୱନମ୍

### ୩. ୧. ଅନୁନାସିକତା – / ँ /

ପ୍ରତ୍ୟେକ ସ୍ୱର ସହିତ ଅନୁନାସିକତାର ଆଗମ ହୋଇପାରେ । ଏହା ସ୍ୱନମିକ ଏବଂ ସୂକ୍ଷ୍ମ ବିଭାଜ୍ୟ ସ୍ୱନମଭାବେ ଗ୍ରହଣୀୟ ।

/ ଇଟା / - ଏହି

/ ଇଁଟା / - ଇଟା ( Brick )

ଯେକୌଣସି ମୌଖିକ ସ୍ୱର ନାସିକ୍ୟ ସ୍ୱନମର ସଂସ୍ପର୍ଶରେ ସାମାନ୍ୟ ଅନୁନାସିକ ହୋଇଥାଏ ।

ଯଥା : / ମଇସି / > / ମଇଁସି /, / ମା / > / ମାଁ /, / ସିକା / > / ସିଁକା /

ଏହି ପରବେଶରେ ସ୍ୱରର ଅନୁନାସିକତା ପୂର୍ବରୁ ମେୟ, ତେଣୁ ଏହା ସ୍ୱନମିକ ଭାବେ ଅଗ୍ରାହ୍ୟ ।

ନାସିକ୍ୟ ସଂଯୁକ୍ତ ବ୍ୟଞ୍ଜନ ଅନୁକ୍ରମରେ ପୂର୍ବସ୍ଥିତ ମଧ୍ୟବର୍ତ୍ତୀ ସ୍ୱର ଅନୁନାସିକ ହୋଇଥାଏ । ଏହା ନାସିକା ବ୍ୟଞ୍ଜନ ଅପସାରଣ କରେ ଏବଂ ଏକ ଅସ୍ୱନମିକ ଅନୁନାସିକ ସଂକ୍ରମଣ ଏହାର ଅନୁବର୍ତ୍ତୀ ହୁଏ । ସେହିପରି ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ନାସିକା ବ୍ୟଞ୍ଜନର ଅପସାରଣ ଘଟି ଅନୁନାସିକତା ଲାଭ କରୁଥିବାର ଦେଖାଯାଏ ।

ଯଥା : [ କ ଅ ନ କ ଅ ] > [ କଅଁ - କଅ ]

/ ପାଓ୍ୱ / / ପାଁଚ୍ /

/ ଏଣ୍ଡ୍ର / / ଏଁଡ୍ର /

/ ଦଂଶିଲ୍ / / ଧଁସିଲ /

/ ଧୂମ୍ସା / / ଧଅଁସା /

### ୩. ୨. ଦୀର୍ଘତା – / ‥ /

ଦୀର୍ଘତା ବୈଷମ୍ୟବୋଧକ ହେଉଥିବାରୁ ଏହା ସ୍ୱନମିକ ଭାବେ ଗ୍ରହଣୀୟ । ସମାନ ଉଚ୍ଚାରଣାତ୍ମକ ଉପାଦାନରେ ଉକ୍ତ ଦୁଇଟି ବକ୍ତବ୍ୟ କେବଳ ଉଚ୍ଚାରଣ ସମୟରେ ବୈଷମ୍ୟ ହେତୁ ପୃଥକ ଅର୍ଥ ପ୍ରକାଶ କରିଥାଏ ।

ହ୍ରସ୍ୱ ଓ ଦୀର୍ଘ ସ୍ୱର ମଧ୍ୟରେ ବିଭେଦ ପଦର ଆଦ୍ୟ ଅକ୍ଷରରେ ଉପଲବ୍ଧ ହୁଏ ।

/ ଦର / - ବୋଝ / ଦୁଆର / - ଦାହାର

/ ଖାଯ / - କାଣ, / ଖା ‥ ଯ / - ଖାଉଛ

/ ଇ ‥ ଟା / - ଏହିଟା

/ ହା ‥ ଟା / - ସେହିଟା

### ୩. ୩. ସଂହୃତା – / – /

ବକ୍ତବ୍ୟର ମଧ୍ୟସ୍ଥିତିରେ ଆଗତ ସମାନ ସ୍ୱନମିକ ଅନୁକ୍ରମ ଯଦି ଭିନ୍ନ ଭିନ୍ନ ଅର୍ଥବୋଧକ ହୁଏ, ତେବେ ଧରିନେବାକୁ ହୋଇଥାଏ ଯେ ଏହି ସ୍ୱନକ ଘଟଣା ମଧ୍ୟରେ ସଂହୃତା ରୂପକ ଏକ ସ୍ୱନମ ନିହିତ । ଏହା ସାଧାରଣତଃ ବିଭିନ୍ନ ବ୍ୟାକରଣିକ ଅଂଶର ସଙ୍ଗମ ସ୍ଥଳରେ ଉପଲବ୍‌ଧ ହୁଏ । ସ୍ୱନ ବିଜ୍ଞାନ ଦୃଷ୍ଟିରୁ ଏହା ସାମାନ୍ୟ ବିରାମ ଏବଂ ପରବର୍ତ୍ତୀ ବା ପୂର୍ବବର୍ତ୍ତୀ ଅଂଶର ଉପସ୍ୱନାତ୍ମକ ଲକ୍ଷଣଦ୍ୱାରା ଚିହ୍ନିତ ହୋଇଥାଏ ।

ଯଥା : / ଚସ୍‌ଲ / – ଚସଲ, / ଚସ୍‌–ଲ / – ହଳ କଲ

/ ନେଙ୍ଗ୍‌ଲା / – ଲଙ୍ଗଳା, / ନେଙ୍ଗ୍‌–ଲା / – ଲଞ୍ଜରେ ଧରି ଝୁଲ

ମଧ୍ୟାନ୍ତର ଏକ ବ୍ୟଞ୍ଜନ ବିଶିଷ୍ଟ ହେଲେ [କଅକଅ] ପ୍ରଥମ ବ୍ୟଞ୍ଜନ ପରେ ଏବଂ ବହୁ ବ୍ୟଞ୍ଜନ ବିଶିଷ୍ଟ ହେଲେ ଅନ୍ତ୍ୟ ବ୍ୟଞ୍ଜନରେ ଏହା ଉପଲବ୍‌ଧ ହୁଏ ।,

### ୩. ୪. ବଳାଘାତ – / ’ /

ବଳାଘାତ ସ୍ୱନମିକ

ଯଥା : / ମର୍‌ / – ମୋର

/ ମ’ର / – ମରିଯା

ଏକାକ୍ଷର ବିଶିଷ୍ଟ ଶବ୍ଦ ସର୍ବାଧିକ ବଳାଘାତଯୁକ୍ତ ହୋଇଥାଏ ।

ତିନରୁ ଅଧିକ ଅକ୍ଷର ବିଶିଷ୍ଟ ଶବ୍ଦରେ ଅନ୍ତ୍ୟବର୍ତ୍ତୀ ଅକ୍ଷର ସମ୍ପୃକ୍ତରେ ଗୌଣ ବଳାଘାତ ଉପଲବ୍‌ଧ ହୁଏ ଏବଂ ଏହା ସାଧାରଣତଃ ସେହି ଅକ୍ଷରରେ ନିହିତ ହୁଏ ଯାହାକି ମୁଖ୍ୟ ବଳାଘାତଯୁକ୍ତ ଅକ୍ଷରଠାରୁ ସର୍ବାପେକ୍ଷା ଦୂରବର୍ତ୍ତୀ ।

ଯଥା : / ଦଙ୍‘ଗ୍‌ର୍‌ଆ’ / – ଘଁ ବାଳୁଆ

/ କଙ୍‘କ୍‌ଲ୍‌ଆ’ / – କଙ୍କଡ଼ା

## ୪. ଅକ୍ଷର

### ୪. ୧. ବର୍ଣ୍ଣନା –

ସ୍ୱନ ପ୍ରକ୍ରିୟାତ୍ମକ ଶବ୍ଦ ସଂରଚନାର ନ୍ୟୂନତମ ଏକକ ହେଉଛି ଅକ୍ଷର । ପ୍ରତ୍ୟେକ ଉକ୍ତ ଏହିପରି ଏକ ବା ଏକାଧିକ ଏକକ ସହଯୋଗ ଗଠିତ ହୋଇଥାଏ । ପ୍ରତ୍ୟେକ ଅକ୍ଷରର କେନ୍ଦ୍ରରେ ଥାଏ ଗୋଟିଏ ସ୍ୱର କିମ୍ବା ଅନାକ୍ଷରାତ୍ମକ ସ୍ୱରଧ୍ୱନି ସମନ୍ୱିତ ଗୋଟିଏ ସ୍ୱର ଏବଂ ବୈକଳ୍ପିକ ଭାବେ ପ୍ରାରମ୍ଭିକ ବା ପ୍ରାନ୍ତିକ ବ୍ୟଞ୍ଜନ ।

### ୪. ୨. ଆକୃତିକ ଆଦର୍ଶ –

ଏକ ସ୍ୱନମ୍‌ ବିଶିଷ୍ଟ ଅ / ଆ / – ଆସ

/ ଇଗା / – ଏଗୁଡ଼ା

/ ଆଉ / – ଏବଂ, ପୁଣି

| | | | | |
|---|---|---|---|---|
| ଦୁଇ ସ୍ୱନମ୍ ବିଶିଷ୍ଟ | ଅକ | / ଉଠ୍ / | - | ଉଠ |
| | | / ଇଖ୍ଣି / | - | ବର୍ତ୍ତମାନ |
| | କଅ | / କେ / | - | କିଏ |
| | | / ଇଠେ / | - | ଏଠାରେ |
| ତିନି ସ୍ୱନମ୍ ବିଶିଷ୍ଟ | ଅକକ | / ଉଣ୍ଡ୍ / | - | ଉଣ୍ଡିବା |
| | | / ଏଣ୍ଡ୍.ସ / | - | ଢେବାଆଖିଆ |
| | | / ଆଙ୍ଗ୍.ଲ / | - | ଆଙ୍ଗୁଳି |
| | କଅକ | / ଘର୍ / | - | ଘର |
| | | / ଛେପ୍ / | - | ଛେପ |
| | କକଅ | / ଇ.ଦ / | - | ଇନ୍ଦ ପୂର୍ଣ୍ଣିମୀ |
| | | / ଗୁ.ଣ୍ଡି / | - | ଚୂନା |
| | | / ପେ.ଣ୍ଡ / | - | ଷଣ୍ଢ |
| ଚାରି ସ୍ୱନମ୍ ବିଶିଷ୍ଟ | କଅକକ | / ଦଙ୍ଗ୍.ସ / | - | ସିଁ ବାଳୁଆ |
| | | / ଗେଣ୍ଡ୍.ଲ / | - | ଶତପଦ ପ୍ରାଣୀ |
| | କକଅକ | / ବଇ.ନ୍ତର୍ / | - | ଯାର୍ଷ୍ଣିଦ୍ଧ |
| | | / ଅ.ନ୍ଧାର୍ / | - | ଅନ୍ଧାର |

## ୪. ୩. ଆକୃତିକ ଅଭିରଚନା ମଧ୍ୟରେ ସ୍ୱନିମ ବିତରଣ

### ଅକ୍ଷର ଆକୃତି

| | | | | |
|---|---|---|---|---|
| ୧ | ଅ | ଅ | - | ଯେକୌଣସି ସ୍ୱର |
| ୨ | ଅ କ | ଅ | - | ଯେକୌଣସି ସ୍ୱର |
| | | କ | - | ଯେକୌଣସି ବ୍ୟଞ୍ଜନ |
| ୩ | କ ଅ | କ | - | / ଙ / ବ୍ୟତୀତ ଅନ୍ୟ ସକଳ ବ୍ୟଞ୍ଜନ |
| | | ଅ | - | ଯେକୌଣସି ସ୍ୱର |
| ୪ | ଅ କ୧ କ୨ | ଅ | - | / ଇ, ଉ, ଏ, ଅ, ଆ / |
| | | କ୧ | - | ନାସିକ୍ୟ ବ୍ୟଞ୍ଜନ |
| | | କ୨ | - | ଯେକୌଣସି ବ୍ୟଞ୍ଜନ |
| ୫ | କ୧ ଅ କ୨ | କ୧ | - | / ଙ / ବ୍ୟତୀତ ଅନ୍ୟ ସକଳ ବ୍ୟଞ୍ଜନ |
| | | ଅ | - | ଯେକୌଣସି ସ୍ୱର |
| | | କ୨ | - | ଯେକୌଣସି ବ୍ୟଞ୍ଜନ |

| | | | | |
|---|---|---|---|---|
| ୬ | କ$^{୧}$ କ$^{୨}$ ଅ | କ$^{୧}$ | - | ନାସିକ୍ୟ ବ୍ୟଞ୍ଜନ ଓ / ସ / |
| | | କ$^{୨}$ | - | ସ୍ପର୍ଶ ବ୍ୟଞ୍ଜନ |
| | | ଅ | - | ଯେକୌଣସି ସ୍ୱର |
| ୭ | କ$^{୧}$ ଅ କ$^{୨}$ କ$^{୩}$ | କ$^{୧}$ | - | / ଙ / ବ୍ୟତୀତ ସକଳ ବ୍ୟଞ୍ଜନ |
| | | ଅ | - | ଯେକୌଣସି ସ୍ୱର |
| | | କ$^{୨}$ | - | ନାସିକ୍ୟ ବ୍ୟଞ୍ଜନ |
| | | କ$^{୩}$ | - | ସ୍ପର୍ଶ ବ୍ୟଞ୍ଜନ |
| ୮ | କ$^{୧}$ କ$^{୨}$ ଅ କ$^{୩}$ | କ$^{୧}$ | - | ନାସିକ୍ୟ ବ୍ୟଞ୍ଜନ |
| | | କ$^{୨}$ | - | ସ୍ପର୍ଶ ବ୍ୟଞ୍ଜନ |
| | | ଅ | - | ଯେକୌଣସି ସ୍ୱର |
| | | କ$^{୩}$ | - | ଯେକୌଣସି ବ୍ୟଞ୍ଜନ |

ଉପରୋକ୍ତ ବିବରଣୀରୁ ଦେଖାଯାଏ ( କ ) / ଙ, ଲ, ଣ, ୟ / ଏବଂ ସଂଯୁକ୍ତ ବ୍ୟଞ୍ଜନ ଅକ୍ଷର ପ୍ରାରମ୍ଭିକ ହୋଇପାରେନା, ( ୨ ) ଅନାଦ୍ୟ ଅକ୍ଷରର ପ୍ରାରମ୍ଭିକ ଭାବେ କେବଳ (ନାସିକ୍ୟ) + (ସ୍ପର୍ଶ) ଏବଂ / ସ / + / ଟ / ସଂଯୁକ୍ତ ବ୍ୟଞ୍ଜନ ରହିପାରେ, ( ୩ ) ଅକ୍ଷର ପ୍ରାନ୍ତିକ ଭାବେ ସମସ୍ତ ବ୍ୟଞ୍ଜନ ଏବଂ ( ନାସିକ୍ୟ ) + ( ସ୍ପର୍ଶ ), / ର / + / କ / / ସ / + / ଟ / ଧରଣର ବ୍ୟଞ୍ଜନ ଗୁଚ୍ଛ ରହିପାରେ ।

## ୪. ୪. ଶବ୍ଦ ମଧ୍ୟରେ ଅକ୍ଷର ବିତରଣ

ଶବ୍ଦ ମଧ୍ୟରେ ଗୋଟିକରୁ ଛଅଟି ପର୍ଯ୍ୟନ୍ତ ଅକ୍ଷର ରହିପାରେ । ପୂର୍ବୋକ୍ତ ଯେକୌଣସି ଆକୃତିର ଶବ୍ଦ ମଧ୍ୟରେ ଯେକୌଣସି ସ୍ଥାନରେ ରହିପାରେ । କେବଳ [ କକଅ ] ଓ [ କକଅକ ] ଆକୃତିର ଅକ୍ଷର ଶବ୍ଦ ଆଦ୍ୟରେ ରହିପାରେ ନାହିଁ ।

ଶବ୍ଦ ଭଣ୍ଡାରରେ ପରିମାଣ ଦୃଷ୍ଟିରୁ ବିଭିନ୍ନ ଅକ୍ଷର ସମନ୍ୱିତ ଶବ୍ଦ ଏହି କ୍ରମରେ ନିର୍ଣ୍ଣୟ କରାଯାଇପାରେ — ଦୁଇ ଅକ୍ଷର ବିଶିଷ୍ଟ ଶବ୍ଦ, ଏକାକ୍ଷର ଶବ୍ଦ, ତିନି ଅକ୍ଷର ବିଶିଷ୍ଟ ଶବ୍ଦ ଏବଂ ତତୋଽଧିକ ଅକ୍ଷର ବିଶିଷ୍ଟ ଶବ୍ଦ ।

ଶବ୍ଦ ମଧ୍ୟରେ ପ୍ରସିଦ୍ଧି ଦୃଷ୍ଟିରୁ ଦେଖାଯାଏ ଯେ ଦୁଇ ଅକ୍ଷର ବିଶିଷ୍ଟ ଶବ୍ଦରେ ଉଭୟ ଅକ୍ଷରରେ ସମଗୁଣାତ୍ମକ ସ୍ୱରଥିଲେ, ପ୍ରଥମ ଅକ୍ଷର ପ୍ରସିଦ୍ଧ ମନେହୁଏ ( ଯଥା — / ଆ - ଇ / ମାତ୍ର ଦ୍ୱିତୀୟ ଅକ୍ଷର ସଂବୃତାକ୍ଷର ହୋଇଥିଲେ ତାହାହିଁ ପ୍ରସିଦ୍ଧି ଲାଭ କରେ ( ଯଥା - ଅଲପ୍ ) ତିନି ଅକ୍ଷର ବିଶିଷ୍ଟ ଶବ୍ଦରେ ପ୍ରସିଦ୍ଧିର କ୍ରମ ହୁଏ - ୩. ୧. ୨. ଯଥା ( ଉ$^{୩}$ ମେ$^{୧}$ ହି$^{୨}$ )

## ୪. ୫. ବିଭିନ୍ନ ପ୍ରକାର ଅକ୍ଷରର ସହାବସ୍ଥିତି -

### ( କ ) ଦୁଇ ଅକ୍ଷର ଅନୁକ୍ରମ -

୨ୟ ଅକ୍ଷର

| | ଅ | ଅକ | ଅକକ | କଅ | କଅକ | କକଅ | କଅକକ | କକଅକ |
|---|---|---|---|---|---|---|---|---|
| ଅ | ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଅକ | — | — | — | ୯ | ୧୦ | — | ୧୧ | — |
| ଅକକ | — | — | — | ୧୨ | — | — | — | — |

## ୧ମ ଅକ୍ଷର

| | ଅ | ଅକ | ଅକକ | କଅ | କଅକ | କକଅ | କଅକକ | କକଅକ |
|---|---|---|---|---|---|---|---|---|
| କଅ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| କଅକ | — | — | — | ୨୧ | ୨୨ | ୨୩ | — | — |
| କଅକକ | — | — | — | ୨୪ | — | — | — | — |

୧ /ଆଉ/ - ଏବଂ, ୨ /ଆଉଜ/ - ଆଉଜବା

୩ /ଆଉଣ୍ଟ୍/ - ଆବର୍ତ୍ତିତ ହେବା, ୪ /ଉଦ/ - ଓଧ

୫ /ଉପାସ୍/ - ଉପବାସ, ୬ /ଅଙ୍ଗା/ - କୁର୍ତ୍ତା

୭ /ଅମଙ୍ଗ୍/ - ଅଗ୍ରଜ, ୮ /ଅନ୍ଧାର୍/ - ଅନ୍ଧାର

୯ /ଅତ୍ର/ - ବାତ୍ମାତେଲ, ୧୦ /ଅପ୍‌ଘାତ/ - ଅପଘାତ

୧୧ /ଉତ୍‌କାଣ୍ଡ୍/ - ଷୀପ୍ର ପଲାୟନ, ୧୨ /ଅଙ୍ଗ୍ର/ - ଅଙ୍ଗାର

୧୩ /ସାଇ/ - ସାହୁ, ୧୪ /ଟଆଲ୍/ - ଏକଶର

୧୫ /ଜଉନ୍ତ୍/ - ବକ୍ଷନ୍ତୁ, ୧୬ /ବୁବା/ - ବାପା

୧୭ /କାକର୍/ - ଥଣ୍ଡା, ୧୮ /ଟେଣ୍ଡି ହାତ୍/ - ବାମହାତ

୧୯ /ଗଡ଼ଣ୍ଡ୍/ - ଗୁରୁଣ୍ଡିବା, ୨୦ /ଡାଙ୍କର୍/ - ଡାଙ୍କର

୨୧ /ଲୁନ୍ଟା/ - ଖୋଳି, ୨୨ /ପର୍ବତ୍/ - ପର୍ବତ

୨୩ /ଜର୍ନା/ - ଜରନା ଦେଉଳ, ୨୪ /ଫମ୍ପ୍ର/ - ଫମ୍ପା

### ( ଖ ) ତିନି ଅକ୍ଷର ଅନୁକ୍ରମ –

| | ଅ | ଅକ | କଅ | କଅକ | କକଅ |
|---|---|---|---|---|---|
| ଅ. ଅ. | — | — | ୧ | — | — |
| ଅ. କଅ. | ୨ | ୩ | ୪ | ୫ | ୬ |
| ଅକ. କଅ | ୭ | — | ୮ | — | — |
| କଅ. ଅ | ୯ | — | ୧୦ | — | — |
| କଅ. କଅ | ୧୧ | ୧୨ | ୧୩ | — | ୧୪ |
| କଅ. କଅକ | — | — | — | ୧୫ | — |
| କଅକ. କଅ | ୧୬ | — | ୧୭ | — | ୧୮ |
| କଅକକ. କଅ | ୧୯ | — | — | — | — |
| କଅ. କକଅ | ୨୦ | — | ୨୧ | ୨୨ | — |
| କଅ. କକଅକ | — | — | — | — | — |
| ଅ. କକଅ. | ୨୩ | — | ୨୪ | | |

| | | | | | | | |
|---|---|---|---|---|---|---|---|
| ୧ | / ଆଇସ / | - | ଅୟୁଷ, | ୨ | / ଅଷିଆ / | - | ଉପାସିଆ |
| ୩ | / ଏକୁଇସ୍ / | - | ଏକୋଇଶ, | ୪ | / ଅଗିଲ୍ଲ / | - | ସ୍ତନାଗ୍ର |
| ୫ | / ଆଗବତ୍ / | - | ପୂର୍ବପର, | ୬ | / ଅଯାନ୍ତ / | - | ଅଶାନ୍ତ |
| ୭ | / ଅଲ୍ସୁଆ / | - | ଅଲସୁଆ, | ୮ | / ଅଦ୍ସଣି / | - | ଚଢ଼ାଣି |
| ୯ | / ଘୃଢ଼ଆ / | - | ରୋଗ ବିଶେଷ, | ୧୦ | / ଘଇତା / | - | ସ୍ୱାମୀ |
| ୧୧ | / କଟିଏ / | - | ଟିକିଏ, | ୧୨ | / ହୁସିଆର୍ / | - | ସତର୍କ |
| ୧୩ | / ନଙ୍ଗାର / | - | ଏକ ଦେବତା, | ୧୪ | / ପୁରସ୍ଟ / | - | ଚଞ୍ଚଳ |
| ୧୫ | / ତସିଲ୍‌ଦାର / | - | ତହସିଲ୍‌ଦାର, | ୧୬ | / ହଲ୍‌ଦଆ / | - | ହଲଦିଆ |
| ୧୭ | / ସାଦ୍‌ବାଣି / | - | ସାଧବାଣୀ, | ୧୮ | / ସର୍ସିଙ୍ଗା / | - | ଏକ ବାତରୋଗ |
| ୧୯ | / ପାଙ୍ଗ୍‌ଣିଆ / | - | ବଶୀକରଣକାରୀ, (trickster) | ୨୦ | / ଝାଙ୍ଗିଆ / | - | ଝାଙ୍ଗିଆ |
| ୨୧ | / ସଢ଼ାଲ / | - | ସଢ଼, | ୨୨ | / ହାଣ୍ଡିସାଲ୍ / | - | ହାଣ୍ଡିଶାଳ |
| ୨୩ | / ଅଣ୍ଡିଆ / | - | ଅଣ୍ଡିରା, | ୨୪ | / ଇଙ୍ଗାଣି / | - | କ୍ଷୁଦ୍ର ମକ୍ଷିକା |

## ( ଗ ) ସ୍ୱରଅକ୍ଷର ଅନୁକ୍ରମ –

| | | |
|---|---|---|
| ଅଅ. କଅ. କଅ | / ଆଇଗ୍ସର / | ଆଗ୍ସର |
| ଅ. କଅକ, କଅ. ଅ. | / ଅମାନ୍ତଆ / | ଅସିଜ |
| ଅକ. କଅ. ଅ. କଅ. | / ଅଲ୍‌ହେଇତ / | ଅହ୍ଲେଇତ |
| ଅ. କଅ. କଅ. ଅ | / ଅସାଲୁଆ / | ଅଖାଡୁଆ ଫଳ |
| ଅ. କକଅ. କଅ. କଅ. | / ହଲ୍ଲୁଚଲୁ / | ହଲଚଲ |
| ଅ. କଅକ. କଅ କଅ | / ଅଣ୍ଟୁଚକ / | ଆଣ୍ଟୁଚକ |
| ଅକ, କଅ. କଅ. ଅ. | / ଇଲେକ୍‌ଟିର / | ଇଲେକ୍ସନ୍ |
| ଅ. କଅ. କଅ. କକଅ | / ଆଗ୍‌କାଲିଆ / | ପ୍ରଥମ ପତ୍ନୀ |
| ଅ. କଅ. କଅ. କଅ | / ଅଗିହାଲ / | ଅଭ୍ରଆଡ଼ୀ |
| କଅ. କଅ. ଅ କଅ | / କଠିଆରି / | ଗୃହିଣୀ |
| କଅ. ଅ. କଅ. ଅ | / ଚଉକିଆ / | ଚୌକିଦାର |
| କଅ. ଅ. କଅ. କଅ | / ପାଇକାଲି / | ପାଇକ ନୃତ୍ୟ |
| କଅ. କଅ. କଅ. କଅ | / ଝିଟିପିଟି / | ଝିଟିପିଟି |
| କଅ. କଅକ. କଅ. କଅକ | / ଟେଭର୍‌କାବର୍ / | ଛାପଛାପ |

| | | |
|---|---|---|
| କଅ. କଅକ. କଅ. କଅ | / ଚଲକ୍ଚତା / | ଦେଖାଇହେବା ସ୍ୱଭାବର ସ୍ତ୍ରୀ ( showy ) |
| କଅକ. କଅ. କଅ. କଅ | / କରକ୍ବାଡ଼ / | ଧାରକରଜ |
| କଅକ. କଅ. କଅ. ଅ | / ବଗ୍ବଗିଆ / | ବଗପର ଧଳା |
| କଅ. କକଅକ. କଅ. କକଅକ | / ଜେଙ୍ଗେଲ୍ ମେଙ୍ଗେଲ୍ / | ଅପରଷ୍କାର |

## ( ଘ ) ପାଞ୍ଚ ଅକ୍ଷର ଅନୁକ୍ରମ –

| | | |
|---|---|---|
| ଅ. କଅ. କଅ. କଅ. ଅ | / ଉଡ଼ାବାଲଆ / | ଉଡ଼ିବାକୁ ସକ୍ଷମ |
| କଅ. କଅକ. କଅ. କଅ. ଅ | / ଚଉର୍ ମାସିଆ / | ବର୍ଷାକାଲ |
| କଅ କଅ. କଅ. ଅ. କଅ | / ଝୂକ ବୁଇଲ / | ପରସ୍ପରକା |
| କଅ କକଅ. କଅ. କକଅ. ଅ | / ପଣ୍ଡାଗାଣ୍ଡିଆ / | ଯେ ସହଜରେ ଲାଗେ ନାହିଁ ବା ଟିକେ କଥାରେ ଭୁଲିଯାଏ । |
| କଅ. କଅ. କଅ. କଅ. ଅ | / କଲି କଜିଆ / | କଲହ, କଲିତକରାଲ |

## ( ଙ ) ଛ ଅକ୍ଷର ଅନୁକ୍ରମ –

| | | |
|---|---|---|
| ଅ. କକଅ. କଅ. କଅ. କକଅ. କଅ | / ଆମ୍ପୁଡ଼ ଗ୍ରମ୍ପୁଡ଼ / | କେଶ କୁଣ୍ଡାଇବା କର୍ମ |
| କଅ. କଅଅ. କଅ. କଅ. ଅ | / ଗୁଣଆ ମାଳଆ / | ଟରବର |

# ( ପରିଶିଷ୍ଟ )

## ସାଧାରଣ ଧ୍ୱନିତାତ୍ତ୍ୱିକ ଲକ୍ଷଣ :

ମାନକ ଓଡ଼ିଆ ସହିତ ତୁଳନାତ୍ମକ ଭାବେ ବିଚାର କରି ନିମ୍ନୋକ୍ତ ଧ୍ୱନିତାତ୍ତ୍ୱିକ ବୈଶିଷ୍ଟ୍ୟ ସମୂହ ନିର୍ଦ୍ଦେଶ କରାଯାଇପାରେ ।

### ୧ । ମହାପ୍ରାଣତା ଲୋପ –

ମାନକ ଓଡ଼ିଆ ମହାପ୍ରାଣ ଧ୍ୱନି 'ହ' ଏ ଭାଷାରେ ଲୋପପାଇ ଅଳ୍ପପ୍ରାଣ ହୋଇଥାଏ ।

ଯଥା — / ଯାହୁ / > / ଯାଉ /, / ଯାହି / > / ଯାଇ /
/ ସହି / > / ସଇ /, / ଶହେ / > / ସଏ /
/ ଯାହେବ / > / ଯାଇବ /, / ଏହାର / > / ଇଆର /
/ ନାହିଁ / > / ନାଇଁ /, / ପୁରୋହିତ / > / ପୁରେଇତ /

କେତେକ କ୍ଷେତ୍ରରେ 'ହ' ଲୋପ ପାଇଲେ ପୂର୍ବବର୍ତ୍ତୀ ଅଳ୍ପପ୍ରାଣ ବ୍ୟଞ୍ଜନ ଧ୍ୱନି ମହାପ୍ରାଣ ହୋଇଥାଏ ।

ଯଥା — / ବହୁତ / > / ଭଉତ୍ /, / ବାହାର / > / ଭାଆର /

## ୨ । ସଂଯୁକ୍ତ ବ୍ୟଞ୍ଜନ ହ୍ରାସ କରଣ –

ଆଦ୍ୟ ସ୍ଥିତିରେ ସଂଯୁକ୍ତ ବ୍ୟଞ୍ଜନ ଆଦୌ ରହିପାରେ ନାହିଁ । ଅନ୍ୟାନ୍ୟ ସ୍ଥିତିରେ ମଧ୍ୟ ସଂଯୁକ୍ତ ବ୍ୟଞ୍ଜନ ପରିବର୍ତ୍ତେ ଏକକ ବ୍ୟଞ୍ଜନ ସଂରକ୍ଷିତ ହୁଏ ।

ନିମ୍ନୋକ୍ତ ପ୍ରକ୍ରିୟାରେ ଏହା ସାଧିତ ହୋଇଥାଏ ।

( କ ) ସମୀକରଣ — / ସମ୍ବର / > / ସମ୍‌ର /, / ସ୍ତନ / > / ଥନ /
/ ସ୍ତାମ୍ଭ / > / ଥାମ୍ଭ /, / ସମ୍ପୂର୍ଣ୍ଣ / > / ସପୁଣ /
/ ଶ୍ମଶାନ / > / ସଁଶାନ /, / ସ୍ଥାନ / > / ଥାନ /
/ ସୋମବାର / > / ସଁବାର /, / ସ୍ଥଳ / > / ଥଳ /
/ ସମସ୍କାର / > / ସମ୍‌କାର /, / ଷ୍ଟ୍ରବ / > / ଭୂଦ /
/ ସମସ୍ତେ / > / ସମତେ /

( ଖ ) ସ୍ୱରଭକ୍ତି — / ପ୍ରମାଣ / > / ପର୍‌ମାଣ୍ /, / ପ୍ରଥମ / > / ପର୍‌ଥମ /
/ ପ୍ରଚଦନ / > / ପର୍‌ଚଦନ /, / ପଙ୍କ / > / ପରନ୍ /
/ ପ୍ରତ୍ୟେକ / > / ପର୍‌ତେକ /, / ପସ୍କାର / > / ପର୍‌ଷିକାର୍ /
/ ପର୍ଜନ୍ତ / > / ପର୍‌ଜନ୍ତ /, / ହୃଦ୍ୟ / > / ହୃର୍‌ଦ /
/ ପଦ୍ମ / > / ପଦମ୍ /, / ସ୍ତ୍ରୀ / > / ତିର /
/ ସ୍ୱାଦ / > / ସୁଆଦ /, / ଧ୍ରୁବ / > / ଧୁରୁବ /
/ ଦୀର୍ଘ / > / ଦର୍‌ଘ /, / ମୂର୍ଖ / > / ମୂର୍‌ଖ /

( ଗ ) ବ୍ୟଞ୍ଜନ ଅପସାରଣ — / ମତ୍ସ୍ୟ / > / ମାଛ /, / ପକ୍ୱ / > / ପାକା /
/ ସର୍ପ / > / ସାଁପ /, / ଶଙ୍ଖ / > / ସଇକ /

## ୩ । ବ୍ୟଞ୍ଜନ ବିଯୋଗ –

କେତେକ କ୍ଷେତ୍ରରେ ବ୍ୟଞ୍ଜନ ବ୍ୟବଚ୍ଛେଦ କରି ସନ୍ନିକୃଷ୍ଟ ସ୍ୱର ସଂରକ୍ଷଣ କରାଯାଏ ଏବଂ କେତେକ କ୍ଷେତ୍ରରେ ସ୍ୱର ସମେତ ବ୍ୟଞ୍ଜନର ଲୋପ କରାଯାଏ । ମଧ୍ୟସ୍ଥିତ / ମ /, / ନ / ସାଧାରଣତଃ ଅନୁନାସିକତା ଦ୍ୱାରା ଅପସାରିତ ହୁଏ ।

( କ ) / ମ / > / ଅଁ / —

/ ଧୂମ / > / ଧୂଆଁ /, / ଧୂମସା / > / ଧଅଁସା /
/ କୋମଳ / > / କଅଁଳ /, / ଲୋମ / > / ଲୁଅଁ /
/ ଭୂମି / > / ଭୂଇଁ /, / ଭ୍ରମର / > / ଭଅଁର /

/ ନ / > / ଅଁ / — / ଘ୍ରଞ୍ଚୁଣୀ / > / ଛିଁଚୁଣି / / ଦାନ୍ତ / > / ଦାଁତ /

/ ଛୁଞ୍ଚ / > / ଛୁଁଚ /

/ ଙ / > / ଅଁ / — / ମାଂସ / > / ମାଉଁସ / / ମାଙ୍କଡ଼ / > / ମାଁକ୍ଲ /

( ଖ ) ଆଦ୍ୟ ବ୍ୟଞ୍ଜନ ଲୋପ —

/ ସେହ୍ନଠୁ / > / ହାଣ୍ଟୁ /, / ଅଭିଶାପ / > / ସାଇପ /

/ ଭୂକ୍ତା / > / ଭକତା /

( ଗ ) ମଧ୍ୟ ବ୍ୟଞ୍ଜନ ଲୋପ —

/ ରବିବାର / > / ରଇବାର /, / ଏମିତ୍ତ / > / ଏଁ-ଠ /

/ ସେମିଠ / > / ସିଁ-ଠ /, / ଫୁସ୍‌ଫୁସ୍‌ / > / ଫସ୍‌ସା /

/ ସେଫ୍‌ଟିପିନ୍‌ / > / ସେପଟିନ୍‌ /, / ଖର୍ପର / > / ଖପ୍‌ର /

/ କଙ୍କର / > / କାକ୍‌ର /, / ପଲେଇବା / > / ପଲ୍‌ବା /

/ କଣବାଲୁ / > / କଣକ /

( ଘ ) ଅନ୍ତ ବ୍ୟଞ୍ଜନ ଲୋପ —

/ ମହାପ୍ରଭୁ / > / ମହାପୁରୁ /, / ପଗଡ଼ି / > / ପାଗ /

/ ଡ଼କାସ୍ତଭ / > / ଡ଼ାକୁ /, / ବ୍ୟବସାୟ / > / ବେବ୍‌ସା /

## ୪। ବ୍ୟଞ୍ଜନ ସଂଯୋଗ –

ଆଦ୍ୟ — / ଆଣ୍ଟୁ / > / ମାଣ୍ଡୁ /

ମଧ୍ୟ — / ଶାସ୍ତ୍ର / > / ସାହାସ୍ତ୍ର /, / ଧଳା / > / ଧବ୍‌ଲା /

/ ନାଭି / > / ନାହୁଡ଼ି /, / ଫେଣ / > / ଫେମ୍‌ଲ /

/ ଘସା / > / ଗୁମସା /

ଅନ୍ତ୍ୟ — / ପେଣ୍ଟୁ / > / ପେଣ୍ଟ୍ରୁ /, / ଫମ୍ପା / > / ଫମ୍‌ଗ୍ର /

/ ଗ୍ରେପା / > / ଚୂପ୍‌ର /, / ଡ଼ର / > / ଡ଼ରୁହ /

/ ଡର / > / ଦର୍‌ନ୍ଦ /, / ପଇଷ / > / ପାଉଟ୍‌ସ୍ /

/ ଦୃଢ / > / ଡ଼ାଣ୍ଡିଆ /

## ୫। ଘୋଷୀକରଣ –

/ କ / > / ଗ / — / କଣ୍ଠା / > / ଗଣ୍ଠା /

/ ଫ / > / ଭ / — / ଫିଟେଇ / > / ଭଟେଇ /

ମହାପ୍ରାଣୀ ଭବନ —

/ କ / > / ଖ / — / କାଖ / > / ଖାକ /, / କାନ୍ଧ / > / ଖାନ୍ଦ /

/ କାଛୁ / > / ଖେସୁ /

/ ପ / > / ଫ / — / ପଡ଼୍ / > / ଫଲ୍ /, / ପୋଲସ / > / ଫୁଲ୍ସି /

/ ପୋଡ଼ / > / ଫୁଲ /

/ ବ / > / ଭ / — / ବହୁତ୍ / > / ଭଉତ୍ /, / ବିହାଣ / > / ଭିଆଣ /

/ ବାହାଡ଼ା / > / ଭର୍ଲା /

## ୬। ବିପର୍ଯ୍ୟାସ –

/ ହରଡ଼ / > / ରହାଲ /, / ପୋଢବା / > / ଋପିବା /

/ ବୁଡ୍ / > / ଡୁବ୍ /, / ଟିକଏ / > / କଟିଏ /

/ ପାର୍ହେଇ / > / ପାହାର /, / କଖାରୁ / > / ଖକାରୁ /

## ୭। ମୂର୍ଦ୍ଧନ୍ୟୀକରଣ –

/ ତ, ଦ / > / ଟ, ଡ / — / ତାଟି / > / ଟାଟି /, / ତୁଣ୍ଡ / > / ଟୁଣ୍ଡ /

/ ଦଣ୍ଡ / > / ଡଣ୍ଡ /, / ତୋଟା / > / ଟୁଟା /

/ ତୁଠ / > / ଟୁଠ /, / ଦାଣ୍ଡିଆ / > / ଡାଣ୍ଡିଆ /

/ ଥ, ଧ / > / ଠ, ଢ / — / ଥୋଟାର / > / ଠୋଟାର /

/ ଧଡ଼ଗ / > / ଢଡ଼୍ରା /

## ୮। ଦନ୍ତ୍ୟ କରଣ –

/ ଚ / > / ତ / — / ଚ୍ଛପ / > / ତାପ /

## ୯। ଅନ୍ୟାନ୍ୟ ବ୍ୟଞ୍ଜନ ପରିବର୍ତ୍ତନ –

/ ଲ / > / ନ / — / ଲୁଗା / > / ନୁଗା /, / ଲାଜ / > / ନାଜ /

/ ଲମ୍ବା / > / ନମା /, / ଲୋକ / > / ନୁକ /

/ ଲାର୍ / > / ନାର୍ /

/ ମ / > / ନ / — / ମାପ / > / ନାପ /

/ ଡ / > / ଲ / — / ପାହାଡ଼ / > / ପାହାଲ /, / ଘୋଡ଼ା / > / ଘୁଲା /

/ ଫୁଡ଼ / > / ଫୁଲ /, / ପାଫୁଡ଼ / > / ପାଫୁଲ /
/ ଗୁଡ / > / ଗୁଲ /, / ଖେଡ଼ଆ / > / ଖେଲଆ /
/ ଚମ୍ଡା / > / ଚମ୍ଲା /, / ମାଙ୍କଡ଼ / > / ମାଁକ୍ଲ /

/ସ୍ୱ / > / ଝ / — / ମସ୍ୱର / > / ମଝ୍ଉର /. / ନସ୍ୱାମ / > / ନଝାମ /

## ୧୦। ଅଳ୍ପପ୍ରାଣୀ ଭବନ –

/ ଥ / > / ତ / — / ପରସ୍ଥିତ / > / ପରସ୍ତିତ /, / ବ୍ୟବସ୍ଥା / > / ବେବସ୍ତା /
/ ଧ / > / ଦ / — / ଅନ୍ଧାର / > / ଅନ୍ଦାର୍ /, / ସିନ୍ଧ୍ / > / ସିନ୍ଦ /

## ୧୧। ଅନୁନାସିକତା –

/ ଇଟା / > / ଇଁଟା /, / ବଡ଼ / > / ବଁଡ଼ /, / ଆଖି / > / ଆଁଖି /

## ୧୨। ସ୍ୱର ବିଯୋଗ –

ଅନ୍ତ୍ୟ ସ୍ୱର — / ବାପା / > / ବାପ୍ /, / ଝିଅ / > / ଝି /
/ ଘନ / > / ଘନ୍ /, / ଧନ / > / ଧନ୍ /
ମଧ୍ୟ ସ୍ୱର — / ହଳଦୀ / > / ହଲ୍ଦ /, / ଛଟକ / > / ଛଟ୍କ /, / ଖୋଲପା / > / ଖୁଲ୍ପା /

## ୧୩। ସମୀକରଣ –

ଉଚ୍ଚାରଣର ସ୍ୱଚ୍ଛନ୍ଦତା ହେତୁ ସନ୍ନିକଟବର୍ତ୍ତୀ ସ୍ୱର ମଧ୍ୟରେ ସମୀକରଣ ହୋଇଥାଏ । ସାଧାରଣତଃ ବଳାଘାତହୀନ ସ୍ୱର ସମୀଭୂତ ହୁଏ ।

/ ଓଲୁଅ />/ ଅଲ୍ଲ /, / ଅଲୁଅ />/ ଆଲ /, / ଛମୁଣ୍ଡିଆ / > / ଛେମ୍ଲା /

## ୧୪। ସ୍ୱର ସଂଯୋଗ –

( କ ) ଅପିନିହିତ — / ଶାପ୍ୟ / > / ସାଇପ /, / ସତ୍ୟ / > / ସଇତ /
/ ଅନ୍ୟ / > / ଅଇନ /, / ରାଜ୍ୟ / > / ରାଇଜ /
( ଖ ) ଅନ୍ତ୍ୟ ସ୍ୱରାଗମ / ଓସାର / > / ଉସାରେ /, / ଦରକାର୍ / > / ଦରକାରେ /
/ ଚୋବାଦାମ୍ / > / ଚୋବାଦାମେ /, / ଖରାପ୍ / > / ଖାରାପେ /
( ଗ ) ମଧ୍ୟ ସ୍ୱରାଗମ — / ମାଂସ / > / ମାଉଁସ /, / ପିଣ୍ଡା / > / ପଇଣ୍ଡା /
/ ବଂଶୀ / > / ବଇଁଶି /, / ପାଣ୍ଡୁଆ / > / ପାଣ୍ଡୁଇଆ /

**୧୫। ସ୍ୱତଃ ନାସିକ୍ୟ ବ୍ୟଞ୍ଜନ –**

/ନୂଆ/ > /ନୁଆଁ/, /ପିକା/ > /ପିଁକା/, /ଯୋକ/ > /ଜେଁକ/
/ଆଖି/ > /ଆଁଖି/, /ସାପ/ > /ସାଁପ୍/
/ବଢ଼/ > /ବଁଢ଼/

**୧୬। ସ୍ୱରପରିବର୍ତ୍ତନ –**

ଗୋଟିଏ ସ୍ୱର ଅନ୍ୟ ସ୍ୱରକୁ ପରିବର୍ତ୍ତିତ ହେବାର କାରଣ ବିକାର ବା ଅଭିଶ୍ରୁତି । ସ୍ୱର ସଙ୍ଗତି ବା ସନ୍ନିକଟ ସ୍ୱର ପ୍ରଭାବ ଏବଂ ହ୍ରସ୍ୱ ସ୍ୱରର ପରିପୂରଣାର୍ଥକ ଦୀର୍ଘତା । ଗୋଟିଏ ସ୍ୱରର ପ୍ରକୃତ ପାର୍ଶ୍ୱବର୍ତ୍ତୀ ଅପରାପର ସ୍ୱରଦ୍ୱାରା ପ୍ରଭାବିତ ହୁଏ । ତେଣୁ ଗୋଟିଏ ଉଚ୍ଚସ୍ୱର ନିମ୍ନସ୍ୱରକୁ ପରିବର୍ତ୍ତିତ ହୋଇପାରେ । ସ୍ୱର ମଧ୍ୟବର୍ତ୍ତୀ ବ୍ୟଞ୍ଜନ ବା ସଂଯୁକ୍ତ ବ୍ୟଞ୍ଜନରୁ ଏକ ଅଂଶ ବିଲୁପ୍ତ ହେଲେ ପରିପୂରଣାର୍ଥକ ଭାବେ ସ୍ୱରର ଦୀର୍ଘତା ବୃଦ୍ଧି ପାଏ ।

/ଓ/ > /ଉ/ବା/ଅ/ — /କୋତା/ > /କୁତ୍ରା/, /ଘୋଡ଼ା/ > /ଘୁଡ଼ା/
/ବୋତଲ/ > /ବୁତଲ୍/, /ଚୋର/ > /ଚୁର/
/ଗୋଡ଼/ > /ଗୁଡ଼/, /ପୋଖରୀ/ > /ପୁଖ୍ରୀ/
/ରୋଗୀ/ > /ରୁଗି/, /ବୋହୂ/ > /ବହୁ/
/ଗୋରୁ/ > /ଗରୁ/, /ଲୋକ/ > /ନକ - ନୁକ/
/ପୋକ/ > /ପକ - ପୁକ/, /ଓଲ୍ଅ/ > /ଅଲ/
/ଅ/ > /ଉ/ — /ଯାଅ/ > /ଜୁଆ/, /ଗାଅ/ > /ଗୁଅ/
/ଏ/ > /ଇ/ — /ଏଠାରେ/ > /ଇଠି/, /ସେଠାରେ/ > /ସିଠି/
/ସେମାନେ/ > /ସିମାନେ/, /ଏମାନେ/ > /ଇମାନେ/
/ଅ/ > /ଏ/ — /କଷା/ > /କେସା/, /କଷ୍ଟା/ > /କେଷ୍ଟା/
/ବ୍ୟବସାୟ/ > /ବେବସା/
/ଔ/ > /ଅ/ — /ଔଷଧ/ > /ଅଷ୍ଦ/, /କୌଣସି/ > /କଣ୍ସି/

**୧୭। /ଓ୍ୱ/ > /Ø/ — /ଓ୍ୱ/ ଧ୍ୱନି ସର୍ବତ୍ର ଲୋପ ହୋଇଥାଏ ।**

/ ନିଃଶ୍ୱାସ / > / ନିସାସ୍ /
/ ଈଶ୍ୱର / > / ଇସର୍ /
/ ସ୍ୱାମୀ / > / ସାମି /
/ ବିଶ୍ୱାସ / > / ବିସାସ୍ /

/ଓଇ/ > /ଉଇ/
/କୋଇଲି/ > /କୁଇଲି/, /କୋଇଲ/ > /କୁଇଲ/
/ଧୋଇବା/ > /ଧୁଇବା/, /ଶୋଇବା/ > /ସୁଇବା/

/ଆଉ/ > ଆ
/ ଡ଼ାଉଁଶ / > / ଡାଁସ /

# ।୨। ରୂପରଚନା ପ୍ରକ୍ରିୟା

## ୦. ରୂପିମ୍ :

ରୂପ ରଚନା ପ୍ରକ୍ରିୟାର ପ୍ରଧାନ ଉପାଦାନ ରୂପିମ୍ । ଏହା ଦ୍ୱିବିଧ । (୧) ମୁକ୍ତ (୨) ବଦ୍ଧ । ମୁକ୍ତ ରୂପିମ୍ ସ୍ୱତନ୍ତ୍ରଭାବେ ବ୍ୟବହୃତ ହୋଇପାରେ, ମାତ୍ର ବଦ୍ଧ ରୂପିମ ସ୍ୱତନ୍ତ୍ର ରୂପିମ୍ ସଂଯୋଗରେ ବ୍ୟବହୃତ ହୋଇପାରେ ।

ମୁକ୍ତ ରୂପିମ୍ ଏବଂ ଏକାଧିକ ବଦ୍ଧରୂପିମ୍ ବା ମୁକ୍ତ ଓ ବଦ୍ଧରୂପିମ୍‌ର ସଂଯୁକ୍ତ ରୂପହିଁ ରୂପରଚନା ପ୍ରକ୍ରିୟାର ନ୍ୟୂନତମ ଅଂଶ – ପ୍ରାତିପଦିକ ।

ଯେଉଁ ବଦ୍ଧରୂପିମ୍ ନୂତନ ପ୍ରାତିପଦିକ ଉତ୍ପାଦନରେ ଅଂଶଗ୍ରହଣ କରେ ତାହା ବ୍ୟୁତ୍ପାଦକ ପ୍ରତ୍ୟୟ ରୂପେ ଗ୍ରହଣୀୟ ।

ବୃହତ୍ତର ରଚନା ପ୍ରକ୍ରିୟାରେ ଏହି ସକଳ ପ୍ରାତିପଦିକ ବିଭକ୍ତି ସହଯୋଗେ ପରସ୍ପର ମଧ୍ୟରେ ବ୍ୟାକରଣିକ ସମ୍ପର୍କରକ୍ଷି ପ୍ରଯୁକ୍ତ ହୁଅନ୍ତି । ଯେଉଁ ବଦ୍ଧ ରୂପିମ୍ ବିଭକ୍ତିଭାବେ ପ୍ରଯୁକ୍ତ ହୁଏ, ତାହା ବିଭକ୍ତି ପ୍ରତ୍ୟୟ ରୂପେ ଗ୍ରହଣୀୟ ।

ରୂପରଚନା ପ୍ରକ୍ରିୟା ମୂଳତଃ ବିଭିନ୍ନ ବ୍ୟାକରଣିକ ସ୍ତରରେ ପ୍ରାତିପଦିକ ଓ ପ୍ରତ୍ୟୟ ମାନଙ୍କର ସଂଯୋଗ ବିଧାନ । ଗୋଟିଏ ରଚନାତ୍ମକ ଅଂଶର କେନ୍ଦ୍ରରେ ଥାଏ ପ୍ରାତିପଦିକ ଏବଂ ତାହା ସହିତ ଜଡ଼ିତ ହୋଇଥାଏ ପ୍ରତ୍ୟୟମାନଙ୍କର ସ୍ତର । ବ୍ୟୁତ୍ପାଦକ-ପ୍ରତ୍ୟୟ ଆଭ୍ୟନ୍ତରୀଣ ସ୍ତର ଓ ବିଭକ୍ତି ପ୍ରତ୍ୟୟ ବହିର୍ଭାଗୀୟ ସ୍ତର ରଚନା କରନ୍ତି ।

ଅନେକ କ୍ଷେତ୍ରରେ ଗୋଟିଏ ରଚନାତ୍ମକ ଅଂଶର ସନ୍ନିହିତ ଯାବତୀୟ ରୂପ ଉପଲବ୍ଧି କରିବା ସହଜସାଧ୍ୟ ହୁଏ ନାହିଁ । ଏହାର କାରଣ ରୂପମାନଙ୍କ ମଧ୍ୟରେ ତଥା ସୀମାରେ ରୂପ ସ୍ୱନିମିକ ପରିବର୍ତ୍ତନ । ଏହିପରି କ୍ଷେତ୍ରରେ ବ୍ୟବହାରଗତ ପ୍ରବୃତ୍ତି ଭିତ୍ତିରେ ନିର୍ଣ୍ଣୀତ ରୂପ ସ୍ୱନିମିକ ନିୟମ ପ୍ରୟୋଗ କରି ସନ୍ନିହିତ ଉପାଦାନ ଗୁଡ଼ିକ ନିରୂପଣ କରାଯାଇ ପାରେ । ଏହି ସ୍ଥଳରେ ରୂପସ୍ୱନିମିକ ପରିବର୍ତ୍ତନ ଉଭୟ ସ୍ୱନ ଓ ରୂପ ପ୍ରକ୍ରିୟାର ବଶବର୍ତ୍ତୀ । ରୂପରଚନା ପ୍ରକ୍ରିୟାରେ ବିବିଧ ପ୍ରକାରର ରୂପ ସ୍ୱନିମିକ ପରିବର୍ତ୍ତନ ସମ୍ବନ୍ଧୀୟ ନିୟମ କାର୍ଯ୍ୟକାରୀ ହୋଇଥାଏ ।

## ୦.୧. ପ୍ରାତିପଦିକ :

ରୂପ ରଚନାତ୍ମକ ତଥା ବାକ୍ୟ ରଚନାତ୍ମକ ପଦ୍ଧତି ଅବଲମ୍ବନରେ ପ୍ରାତିପଦିକର ତ୍ରିବିଧ ବିଭାଗୀକରଣ ସମ୍ଭବ, ଯଥା, ସଂଜ୍ଞା, କ୍ରିୟା ଓ ନିପାତ ।

ସଂଜ୍ଞା ଓ କ୍ରିୟା ବିଭକ୍ତି ଯୁକ୍ତ ହୋଇପାରନ୍ତି ଏବଂ ଉଦ୍ଦେଶ୍ୟ ବିଧେୟ ଭାବେ ପ୍ରଯୁକ୍ତ ହୋଇପାରନ୍ତି । କିନ୍ତୁ ନିପାତ ଅବିକାରୀ, ଏହା ବାକ୍ୟରେ ଅବସ୍ଥିତି ଅନୁସାରେ କେତେକ ନିର୍ଦ୍ଦିଷ୍ଟ ପ୍ରକାର୍ଯ୍ୟ ସାଧନ କରନ୍ତି ।

ନିପାତ କାରକ ନିର୍ଦ୍ଦେଶକାରୀ ଅନୁସର୍ଗ, ରଚନାନ୍ତର୍ଗତ ଅଂଶବିଶେଷ ମଧ୍ୟରେ ସଂଯୋଜକ ଓ କ୍ରିୟାବିଶେଷଣ ଭାବେ ପ୍ରୟୋଗ ହୋଇପାରେ ।

ସଂଜ୍ଞା ତିନୋଟି ଉପବର୍ଗରେ ବିଭାଜ୍ୟ — ବିଶେଷ୍ୟ, ସର୍ବନାମ ଓ ବିଶେଷଣ ।

ଏଗୁଡ଼ିକ ମଧ୍ୟରେ ପ୍ରଭେଦ ମୁଖ୍ୟତଃ ପ୍ରକାର୍ଯ୍ୟାତ୍ମକ । ବ୍ୟକ୍ତି, ବସ୍ତୁ ବା ଭାବ ଇତ୍ୟାଦି ଯାହା ନାମିତ କରେ ତାହା ବିଶେଷ୍ୟ, ଯାହା ବିଶେଷ୍ୟର ପ୍ରତିନିଧିତ୍ୱ କରେ, ତାହା ସର୍ବନାମ ଏବଂ ଯାହା ବିଶେଷ୍ୟର ବର୍ଣ୍ଣନା, ଗୁଣନିର୍ଦ୍ଦେଶ ଓ ଅନନ୍ୟତା ପ୍ରଦର୍ଶନ କରେ, ତାହା ବିଶେଷଣ ।

ପ୍ରତ୍ୟେକ ପ୍ରାତିପଦିକ ଏକ ନିର୍ଦ୍ଦିଷ୍ଟ ରୂପ-ବର୍ଗର ଅନ୍ତର୍ଭୁକ୍ତ ହୋଇ ଏକ ନିର୍ଦ୍ଦିଷ୍ଟ ଅର୍ଥ ପରିବହନ କରୁଥିଲେହେଁ ରଚନାତ୍ମକ ପଦ୍ଧତିରେ ବ୍ୟୁତ୍ପାଦନ ବା ସଂଯୋଗୀକରଣ ଦ୍ୱାରା ଏବଂ ବାକ୍ୟ ମଧ୍ୟରେ ସ୍ଥାନ ପରିବର୍ତ୍ତନ ଦ୍ୱାରା ଅନ୍ୟବର୍ଗକୁ ରୂପାନ୍ତରିତ ହୋଇପାରେ ତଥା ଅନ୍ୟଅର୍ଥ ପ୍ରକାଶ କରିପାରେ । ବାକ୍ୟ ପ୍ରକରଣ ପାଇଁ ବାକ୍ୟ ସମ୍ବନ୍ଧିତ ବିଶ୍ଳେଷଣ ସ୍ଥଗିତ ରଖି ବର୍ତ୍ତମାନ ରୂପରଚନାତ୍ମକ ଦୃଷ୍ଟିରୁ ବିଚାର କଲେ ପ୍ରଥମେ ପରିଲକ୍ଷିତ ହୁଏ ଯେ ପ୍ରାତିପଦିକ ତ୍ରିବିଧ ହୋଇପାରେ, ଯଥା - ସାଧାରଣ, ବ୍ୟୁତ୍ପାଦିତ ଓ ଯୌଗିକ ।

### ୦. ୧. ୧. ସାଧାରଣ ପ୍ରାତିପଦିକ :

ଏହି ପ୍ରକାର ପ୍ରାତିପଦିକ ଗୋଟିଏ ଗୋଟିଏ ରୂପିମ୍‌ରୁ ନେଇ ଗଠିତ ।

ଦୃଷ୍ଟାନ୍ତ : / ଖା / - ରୂ ଖା, / ଜା / - ରୂ ଯା,
/ ସେ / - ସେ, / ଆଜ୍ / - ଆଜି,
/ କାଲ୍ / - ଗତକାଲି ବା ଆସନ୍ତା କାଲି / ଆର୍ / - ଏବଂ,
/ ଆଉ / - ପୁଣି, ଇତ୍ୟାଦି

### ୦. ୧. ୨. ବ୍ୟୁତ୍ପାଦିତ ପ୍ରାତିପଦିକ :

ଏହି ପ୍ରକାର ପ୍ରାତିପଦିକ ସାଧାରଣତଃ ଦୁଇଟି ଉପାଦାନରେ ଗଠିତ । ସେଥିରୁ ଗୋଟିଏ ପ୍ରକୃତି ଏବଂ ଅନ୍ୟଟି ବ୍ୟୁତ୍ପାଦକ ପ୍ରତ୍ୟୟ ।

ବ୍ୟୁତ୍ପାଦିତ ପ୍ରାତିପଦିକ ଦ୍ୱିବିଧ — ( କ ) ପ୍ରାଥମିକ ବା କୃଦନ୍ତ
( ଖ ) ଦ୍ୱିତୀୟକ ବା ତଦ୍ଧିତ

( କ ) କୃଦନ୍ତ —

ବ୍ୟୁତ୍ପାଦନାର୍ଥକ ବଦ୍ଧ-ରୂପ ବା ପ୍ରକୃତି ସହିତ ବ୍ୟୁତ୍ପାଦକ ପ୍ରତ୍ୟୟ ସଂଯୋଗରେ ଏହି ପ୍ରକାର ପ୍ରାତିପଦିକ ଗଠିତ ହୋଇଥାଏ ।

ଦୃଷ୍ଟାନ୍ତ : / ବସ୍ + ଆ / - ବସା, / ପଲ୍ହ + ଆ / - ପଢ଼ା
/ ଛଲ୍ + ଅ / - ଛଲ, / ପୁତ୍ + ର / - ପୁତ୍ର
/ ପଲ୍ + ଇଆ / - ପଢ଼ିଆ, / ଜାଗ୍ + ଅ / - ଜାଗ - ଜଗୁଆଳ
/ ଖଟ୍ + ଣି / - ଖଟଣି, / ମାଗ + ଣା / - ମାଗଣା
/ ପସ୍ + ଇଆ / - ବିନା ବିବାହ କର୍ମରେ ଯିଏ ପଶିଆସିଥାଏ,
/ ଘେନ୍ + ଆ / - କ୍ରୀତ, / ମେଲ + ଆ / - ଖୋଲାସ୍ଥାନ

( ଖ ) ତଦ୍ଧିତ — ମୂଳରୂପ ସହିତ ବ୍ୟୁତ୍ପାଦକ ପ୍ରତ୍ୟୟ ଯୋଗେ ଏ ପ୍ରକାର ପ୍ରାତିପଦିକ ନିଷ୍ପନ୍ନ ହୁଏ ।

ଦୃଷ୍ଟାନ୍ତ : / ହଲ + ଇଆ / - ହଳିଆ (bullock), / ନେଣ୍ଟି + ଆ / - ଗ୍ଲେଟ
/ ନଙ୍ଗଲ + ଇଆ / - ହଳୁଆ (Ploughman), / ପାଁଚ୍ + ଆ/ - ପାଁଚୁ (ପାଞ୍ଚଜଣ ଦ୍ୱାରା ନିର୍ଦ୍ଧାରିତ ହେଉଥିବା ଗୁନ୍ଦା)
/ ଦୁକାନ + ଇ / - ଦୋକାନି ଇତ୍ୟାଦି

### ୦. ୧. ୩. ଯୌଗିକ ପ୍ରାତିପଦିକ :

ଦୁଇଟି ପ୍ରାତିପଦିକ ବା ଦୁଇଟି ପ୍ରକୃତି ସଂଯୋଗରେ ଏ ପ୍ରକାର ପ୍ରାତିପଦିକ ଗଠିତ ହୁଏ । ଦୁଇଟି ପ୍ରକୃତି ସଂଯୁକ୍ତ ପଦକୁ ପ୍ରାଥମିକ ଯୌଗିକ ପ୍ରାତିପଦିକ ଏବଂ ଦୁଇଟି ପ୍ରାତିପଦିକ ସଂଯୁକ୍ତ ପଦକୁ ପରବର୍ତ୍ତୀ ଯୌଗିକ ପ୍ରାତିପଦିକ କୁହାଯାଇପାରେ । ଅନୁକରଣାତ୍ମକ ଶବ୍ଦ ପ୍ରାଥମିକ ପ୍ରକାରପଦର ପ୍ରକୃଷ୍ଟ ଉଦାହରଣ । ଦ୍ୱିତୀୟକ ପଦ ସାଧାରଣତଃ ଏକ ତୃତୀୟ ବସ୍ତୁକୁ ନିର୍ଦ୍ଦେଶ କରେ, ଯାହାକି କୌଣସି ରୂପେ ସଂଯୋଜନୀୟ ପଦ ସହିତ ସମ୍ବନ୍ଧାନ୍ୱିତ । ଏହି ଧାରାରେ ନିମ୍ନୋକ୍ତ ପ୍ରକାର ଯୌଗିକ ପ୍ରାତିପଦିକ ଉପଲବ୍ଧ ହୁଏ ।

**( କ ) ବିଶେଷ୍ୟ + ବିଶେଷ୍ୟ**

/ ଘୁଲା + କାଠ୍ / - ଜଣୁଣୀ ( / ଘୁଲା / - ଘୋଡ଼ା, / କାଠ୍ / - କାଠ )

/ ତାର୍ + କଥା / - ଟେଲିଗ୍ରାମ୍ ( / ତାର୍ / - ତାର, / କଥା / - କଥା )

/ ବାଘ୍ + ଧୁଣ / - ଇନ୍ଦ୍ରଧନୁ ( / ବାଘ୍ / - ବାଘ, / ଧୁଣ / - ଧନୁ )

/ ନୁଗା + ଡ଼ଣ୍ଡା / - ଅଲଗୁଣି ( / ନୁଗା / - ଲୁଗା, / ଡ଼ଣ୍ଡା / - ଦଣ୍ଡ )

**( ଖ ) ବିଶେଷଣ + ବିଶେଷ୍ୟ**

/ ଜ ଜ + ପଖାଲ୍ / - ଅଇଁଠା ପଖାଲର ପଞ୍ଚସ୍ତ ( / ଜ ଜ / - ଶ୍ରେଷ୍ଠ, / ପଖାଲ୍ / - ଧୋଇବା )

/ ବାଙ୍କୁଲା + ନୁଟା / - ଗଡୁ ( / ବାଙ୍କୁଲା / - ବଙ୍କ, / ନୁଟା / - ଲୋଟା )

/ କଞ୍ଚା + ଜିଆ / - ଏକ ରୋଗ ( / କଞ୍ଚା / - କଞ୍ଚା, / ଜିଆ / - ଜିଆଁ )

**( ଗ ) ବିଶେଷଣ + ବିଶେଷଣ**

/ ଆଗ + କାଲିଆ / - ପୁରାତନ ପତ୍ନୀ ( / ଆଗ / - ପୂର୍ବ, / କାଲିଆ / - କାଳର

/ ଉଢ଼ + ବାଲିଆ / - ଉଡ଼ିବାକୁ ସକ୍ଷମ ( / ଉଢ଼ା / - ଉଡ଼ନ୍ତା, ଉଡ଼ିବା / ବାଲିଆ / - ଭଲିଆ )

**( ଘ ) କ୍ରିୟା + ବିଶେଷ୍ୟ**

/ ଖିଆ + ହାତ୍ / - ଡାହାଣ ହାତ ( / ଖିଆ / - ଖାଇବା, / ହାତ୍ / - ହାତ )

/ ପେଲ୍ + ଗାଡ଼ି / - ଠେଲାଗାଡ଼ି ( / ପେଲ୍ / - ପେଲିବା, / ଗାଡ଼ି / - ଗାଡ଼ି )

**( ଙ ) କ୍ରିୟା + କ୍ରିୟା**

/ ଉଲ + ଚୁଲ୍ / - ହଲ୍‌ଚଲ୍

**( ଚ ) ଯୁଗ୍ମ ଶବ୍ଦ :**

ସମାର୍ଥକ ଶବ୍ଦ — / ନେଖାପଲ୍‌ହା / - ଲେଖାପଢ଼ା, / ବେଲା ବାସନ୍ / - କଂସା ବାସନ

/ ଗାଧା ବୁଡ଼ା / - ସ୍ନାନ, / ନଗା ଧସ୍ତ / - କଳିଗୋଳ

/ ଛୁଆ ପୁଆ / - ଛୁଆ ପିଲା, / କୁମ୍ଭ ମାଠିଆ / - କଳସ, ମାଠିଆ

ବିପରୀତାର୍ଥକ ଶବ୍ଦ — / ଅଗା ମୂଲା / - ଆଗମୂଳ, / ଆଜ୍‌କାଲ୍ / - ଆଜିକାଲି

/ ଇଅଲେ ପିଅଲେ / - ଏଣେ ତେଣେ / କଣା ବକା / - କଣାବଙ୍କା

ସାର୍ଥକ + ସାର୍ଥକ — / ସାଟ୍ + ସୁଟ୍ / - ଜାମା ପ୍ୟାଣ୍ଟ୍, / ଭୁସ୍ଣି + ପାଣି /, / ଖଣ୍ଡ୍ + ମଣ୍ଡଳ / - ଆଖପାଖ ସ୍ଥାନ,
/ ଗଣ୍ଡା + ଭୁଖା / - ଦୁର୍ଭାବ ଜକାଶ, / ଧନ + ଦୁକାନ / - ଧନଦ୍ରବ୍ୟ,
/ ସାଇ + ପଲ୍ସିଆ / - ସାଇ ପଡ଼ଶା, / କରଜ + ବାଡ଼ /. / ତମ୍ବା + ଭୁଲ୍ସି /.
/ ଘର୍ + ବାଲ / - ଘରବାଡ଼ି

ସାର୍ଥକ + ନିରର୍ଥକ — / ଛେର + ବଭ୍ର / - କ୍ଷୌର, / ଘୁଙ୍କି + ଫାଙ୍କି / - ଘୁଣ୍ଟି, / ଛୁଆଁ + ଛନ୍ଦା / - ଛୁଆଁ ଅଛୁଆଁ
/ ଘୁନଆ + ମାନଆ / - ଚଞ୍ଚଳ, ବ୍ୟସ୍ତ

ନିରର୍ଥକ + ସାର୍ଥକ — / ଆଖ + ପାଖ /, / ଅଦଲ + ବଦଲ /, / ଅଣ୍ଡା + ବଣ୍ଡା /

ନିରର୍ଥକ + ନିରର୍ଥକ — / ହେନ୍ + ତେନ୍ / - ଇତ୍ୟାଦି ଇତ୍ୟାଦି, / ଛଟର + ପଟର / - ରସିକ ସ୍ୱଭାବଯୁକ୍ତ
/ ବଲ୍ + କୁଲ / - ଆଦୌ, / ହାଲ୍କୁ + ଦୁଲ୍କୁ / - ଡଉଲ ଡାଉଲ

ପୁନରାବୃତ୍ତି — / କାସୁ + କୁଚ /, / କୁବ୍ଲା + କୁବ୍ଲ /, / ଗୁପି + ଗୁପା /, / କମ୍ଟି + କୁମଟା /,
/ ଘୁଲର + ଛୁଲର /, / ନେଙ୍ଗ୍ଲା + ନୁଙ୍ଗ୍ଲ /, / ବାଣ୍ଡା + ବୁଣ୍ଡି /,

**ଅନୁକରଣାତ୍ମକ ଶବ୍ଦ –**

**ବିଶେଷ୍ୟ –** / ଇଙ୍ଗାଣି / - କ୍ଷୁଦ୍ର ମକ୍ଷିକା, / ଠୁକ୍ରିସ / - କାଠହଣା, / ଟୋଁ / - କୁକୁଡ଼ାଛୁଆ
**କ୍ରିୟା –** / ରେଁସେସେ ହେବା / - ଯୁକ୍ତିତର୍କ କରିବା, / ବଲ୍କବା / – ଭଡ଼୍ ଭଡ ଶବ୍ଦକରି ପାଣିଫୁଟିବା
/ ପେଁପେଟେ ହେବା / - ଧଇଁ ସଇଁ ହେବା, / ଚୁର୍ମିବା / - ଘେଞ୍ଚିବା
**ବିଶେଷଣ –** / ଢଡ୍ରା / - ଫମ୍ପା, / ନାଲ୍ନୁଲଆ / - ପତଳା, / ବଗ୍ବଗିଆ / – ବଗପର ଧଳା
**କ୍ରିୟା ବିଶେଷଣ –** / ଛର୍ ଛର୍ /, / ନପି ନପି /, / ହାଲ୍ ହୁଲ୍ /, / ଠୁକୁମୁକୁ /, / ଟହ୍ ଟହ୍ /,
/ ରପ୍ ରପ୍ /, / ଭେର୍ ଭେର୍ /, / ସୁଟ୍ ସାଟ୍ /, / ଜମ ଜମ /, / ନହ୍ରସିନହ୍ରସି /

## ( ଛ ) ସମୀଭୂତ ଯୁଗ୍ମ-ଶବ୍ଦ :

କେତେକ ମୂଳତଃ ଯୌଗିକ ଶବ୍ଦ ସଂପୂର୍ଣ୍ଣ ସମୀଭୂତ ରୂପେ ଉପଲବ୍ଧ ହୁଏ ।

/ ଛାମ୍ଳା / - ( ଛାୟା + ମଣ୍ଡପ ), / ଅଳନ୍ଦ / - ( ଅଳଂ + ଧୂମ ),
/ ସନାଲ / - ( ସନ୍ଧ + ଆଲ୍ଭ ), / ଅଖ୍ଣି / - ( ଏକ୍ + ଛଣି )

## ୦.୨. ପ୍ରତ୍ୟୟ :

### ୦.୨.୧. ବିଭକ୍ତି ପ୍ରତ୍ୟୟ :

ଏହି ଜାତୀୟ ପ୍ରତ୍ୟୟ ଲିଙ୍ଗ, ବଚନ, କାରକ, କାଳ, ବୃତ୍ତି ଇତ୍ୟାଦି ବିଭିନ୍ନ ବ୍ୟାକରଣିକ ସଂବର୍ଗ ଓ ବାକ୍ୟଗତ ସଂସର୍ଗ ସୂଚିତ କରିବା ପାଇଁ ପ୍ରାତିପଦିକ ସହିତ ସଂଯୋଗ କରାଯାଏ ।

### ୦.୨.୨. ବ୍ୟୁତ୍ପାଦକ ପ୍ରତ୍ୟୟ :

ପ୍ରକୃତି ଓ ପ୍ରାତିପଦିକରୁ ନୂତନ ଶବ୍ଦ ନିଷ୍ପନ୍ନ କରିବା ପାଇଁ ଏହି ଜାତୀୟ ପ୍ରତ୍ୟୟ ପ୍ରୟୋଗ ହୁଏ । ନିମ୍ନରେ କେତେକ ପ୍ରତ୍ୟୟର ଏକ ତାଲିକା ପ୍ରଦତ୍ତ ହେଲା । ଏଥିରୁ ଅଧିକାଂଶ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା ସୂତ୍ରରୁ ନିଷ୍ପନ୍ନ ଏବଂ ମାନକ ଓଡ଼ିଆ ବୋଲିରେ ମଧ୍ୟ ଉପଲବ୍ଧ ।

### ( କ ) ପୂର୍ବ ପ୍ରତ୍ୟୟ –

ଅ / ନାସ୍ତିବାଚକ — / ଅରୁଚ୍ଚ / - ଅରୁଚିକର, / ଅସୁବିଧା / - ଅସୁବିଧା,
/ ଅକୁଲାଣ / - ଅକୁଳନ, / ଅମର / - ଅମର

ଆର୍ / / ଆର୍ ଜାତିଆ / - ଜାତିବାହାର

ନ / ନସ୍ / ନର୍ / ନଛଡି / - ଷଡିଯନ୍ତ୍ର ଶୂନ୍ୟ, / ନସ୍କାର / - ଆକାରଶୂନ୍ୟ
/ ନରକିଆ / - କଳଙ୍କ, / ନଁଠା / - ଶୁଦ୍ଧ (ଯାହା ଅଇଁଠା ହୋଇନାହିଁ)
/ ନସ୍‌କାମିଆ / - ଅଳସୁଆ

ନର୍ / - ଅତିବାଚକ / ନର୍ଧୂମ୍ / - ପ୍ରଚଣ୍ଡ, / ନସ୍‌ଚୁପ୍ / - ସଂପୂର୍ଣ୍ଣଭାବେ ଶାନ୍ତ

ସ / ଅତିବାଚକ / ସୁବିଦ୍ୟା / - ଅତିବିଦ୍ୟା / ସଚଳ / - ଉତ୍ତମ ଚଳପ୍ରଚଳ (well-to-do)

ନିମ୍ନଲିଖିତ କେତେକ ଶବ୍ଦରେ ପୂର୍ବପ୍ରତ୍ୟୟ ସଂପୂର୍ଣ୍ଣ ସମୀଭୂତ ହୋଇଥିବାର ଅନୁମାନ ହୁଏ ।

ଯଥା — / ଅଲଗା / - ଅଲଗ୍ନ, / ଉଲ୍‌ଟା / - ଆଲୋଡଯୁକ୍ତ, / ଗଭ୍‌ଭ / - କପଟିତ,
/ ସାମନା / - ସମ୍ମୁଖ, / ଅସ୍କରା / - ଅପସ୍କାର, / ବିଛଣା / - ବିଚ୍ଛଳିତ,
/ ବଢେଇ / - ଉପଚ୍ଛାଦଯୁକ୍ତ, / ଉଦ୍‌ର / - ଉଦ୍ଧରଣ, / ଅଗନା ଅଗନ / - ଅଗମ୍ୟ

### ( ଖ ) ପରପ୍ରତ୍ୟୟ :

ନିମ୍ନୋକ୍ତ ପ୍ରତ୍ୟୟମାନ କ୍ରିୟା ଓ ସଂଜ୍ଞା ଶବ୍ଦ ସହିତ ସଂଯୁକ୍ତ ହୋଇଥାଏ । କେତେକ କ୍ଷେତ୍ରରେ ପ୍ରତ୍ୟୟ ଯୋଗେ ପ୍ରାତିପଦିକର ପରିବର୍ତ୍ତନ ସଂଘଟିତ ହୁଏ । ଏ ପ୍ରକାର ପରିବର୍ତ୍ତନ ରୂପରଚନାତ୍ମକ ପ୍ରକ୍ରିୟାଦ୍ୱାରା ନିୟନ୍ତ୍ରିତ ।

କ୍ରିୟାରୁ ସଂଜ୍ଞା ବ୍ୟୁତ୍ପାଦନ

/ ଅ / — / ଛେଦ୍ + ଅ / - ଛେଦ ( ଦଳ ), / ଦାଗ୍ + ଅ / - ଦାଗ ( ଦାଗ )
/ ଖାପ୍ + ଅ / - ଖାପ ( କାଣ ), / ଜାଲ୍ + ଅ / - ଜାଲ ( ଉତ୍ତାପ )
/ ନାପ୍ + ଅ / - ନାପ ( ମାପ )

/ ଆ / — ସ୍ୱାର୍ଥକ ସଂଜ୍ଞା, ବିଶେଷଣ ଓ କ୍ରିୟା ବ୍ୟୁତ୍ପାଦକ

/ ବସ୍ + ଆ / - ବସା ( ଘର )   / ମଲ୍ + ଆ / - ମଲା ( ଦଳା ଯାଇଥିବା ଦୋକଡା ଗୁଣ୍ଡି )

/ ଖଣ୍ଡ୍ + ଆ / - ଖଣ୍ଡା ( ଅସ୍ଥି ),   / ଢେର୍ + ଆ / - ଢେରା ( ଠେସ )

/ ନେଖ୍ + ଆ / - ନେଖା (ଲେଖା),   / ମେଲ୍ + ଆ / - ମେଲା ( ଖୋଲା ସ୍ଥାନ )

କ୍ରିୟା→ବିଶେଷ୍ୟ

/ ପସ୍ + ଇଆ / - ପସିଆ ( ଯିଏ (ସ୍ତ୍ରୀ) ପଶି ଆସିଥାଏ ),   / ଭୁଲ୍ + ଇଆ / - ଭୁଲିଆ ( ଯିଏ ଭୁଲିଯାଏ )

/ ବାଟ୍ + ଇଆ / - ବାଟିଆ ( ବଟୁଆ ),   / ପେଲ୍ + ଇଆ / - ପେଲିଆ ( ପିଢ଼ିଆ )

ବିଶେଷଣ→ବିଶେଷଣ

/ ବହଲ୍ + ଇଆ / - ବହଲିଆ,   / ଉପର + ଇଆ / - ଉପ୍‌ରିଆ

ବିଶେଷ୍ୟ→ବିଶେଷଣ

/ ହଳଦ + ଆ / - ହଳଦିଆ,   / ଗଣ୍ଡି + ଆ / - ଗଣ୍ଡିଆ,   / ପିମ୍ପ୍‌ଲ + ଆ / - ପିମ୍ପଲିଆ

ବିଶେଷ୍ୟ→ବିଶେଷ୍ୟ

/ ଇଆ /   / ନଙ୍ଗ୍‌ଲ + ଇଆ / - ନଙ୍ଗ୍‌ଲିଆ ( ଯେ ହଳ କରେ )

/ ଛେଳ + ଇଆ / - ଛେଳିଆ ( ଛେଳି ଜଗୁଆଳ )

/ ଗାଡ଼ + ଇଆ / - ଗାଡ଼ିଆ ( ଶ୍ରେଷ୍ଠ ପୋଖରୀ )

କ୍ରିୟା ବ୍ୟୁତ୍ପାଦକ —

/ ବୁଝ୍ + ଆ / - ବୁଝା ( ବୁଝିବା କାର୍ଯ୍ୟ ),   / ଲିଁପ୍ + ଆ / - ଲିଁପା ( ଲେପନ )

/ ଆ /  ବିଶେଷ୍ୟରୁ ବିଶେଷଣ —

/ ବେଗ + ଆ / - ବେଗା ( ଶୀଘ୍ର ),   / ବୁଗ + ଆ / - ବୁଗା-ବୁଘା ( ବୁଗ୍ଣ )

/ ଇ /  କ୍ରିୟାରୁ ସଂଜ୍ଞା —

/ ଖା + ଇ / - ଖାଇ ( ଆମ୍ବ ପେଡ଼ିବା ଯନ୍ତ୍ର ),   / ବାହଲ୍ + ଇ / - ବାହଲି ( ବାହୁଡ଼ା )

ବିଶେଷ୍ୟରୁ ବିଶେଷ୍ୟ —

/ ଫୁଲ + ଇ / - ଫୁଲି ( ନାକର ଅଳଙ୍କାର ),   / ଗୁଣ୍ଡ + ଇ / - ଗୁଣ୍ଡି ( ସାଧୁ )

/ ଡାଲ + ଇ / - ଡାଲି ( ଏକ ପର୍ବ )

ବିଶେଷ୍ୟରୁ ବିଶେଷଣ —

/ ସତ + ଇ / - ସତି ( ସତ୍ୟ ),   / ଧନ + ଇ / - ଧନି ( ଧନୀ )

/ ଆଲୁ /

/ ଗିତ + ଆଲୁ / - ଗିତାଲୁ ( ଗାୟକ ),   / ଡେଙ୍ଗା + ଆଲୁ / - ଡେଙ୍ଗାଲୁ ( ଡେଙ୍ଗା ଲୋକ )

/ ବଗ୍ + ଆଲୁ / - ବଗାଲୁ ( ବ୍ୟାଘ୍ର )

/ ଉଆ / ବିଶେଷ୍ୟରୁ ବିଶେଷ୍ୟ ଉତ୍ପାଦକ —

/ ନାଟ୍ + ଉଆ / - ନାଟୁଆ, / ହାଟ୍ + ଉଆ / - ହାଟୁଆ, / ଅଘାଲ + ଉଆ / - ଅଘାଳୁଆ (ଅଘାଡୁଆ)

ବିଶେଷଣରୁ ବିଶେଷଣ —

/ ଝାଣ୍ + ଉଆ / - ଝାଣୁଆ, / ବଡ + ଉଆ / - ବଡୁଆ, ବଡୁଆଳୁଆ ( ବଡ଼ ଘରର ପୁଅ )

ବିଶେଷ୍ୟରୁ ବିଶେଷଣ —

/ ଜର୍ + ଉଆ / - ଜରୁଆ, / ବାଘ୍ + ଉଆ / - ବାଘୁଆ

କ୍ରିୟା→ବିଶେଷଣ

/ ପଲ୍ହ + ଉଆ / - ପଲ୍ହୁଆ ( ପଢୁଆ ), / ଡାକ୍ + ଉଆ - ( ଡ଼ାକୁଆ ପାହାଡ଼ )

/ ଅଣ / ଭାବବାଚକ କ୍ରିୟା ବିଶେଷ୍ୟ ବ୍ୟୁତ୍ପାଦକ —

/ ମାଗ୍ + ଅଣ୍ / - ମାଗଣ୍, / ପାଙ୍ଗ୍ + ଅଣ୍ / - ପାଙ୍ଗଣ୍, / ନଗା + ଅଣ୍ / - ନଗାଣ

ଯୌଗିକ ପ୍ରତ୍ୟୟ - ( ଅଣ୍ + ଇଆ ) - ବିଶେଷ୍ୟ ବ୍ୟୁତ୍ପାଦକ —

( ମାଗଣ୍ + ଇଆ / - ମାଗ୍‌ଣିଆ, / ପାଙ୍ଗଣ୍ + ଇଆ / - ପାଙ୍ଗ୍‌ଣିଆ, / ନଗାଣ୍ + ଇଆ / - ନଗାଣିଆ

/ ଅଣି / — ( ଯୌଗିକ, ଅଣ + ଇ ) ବିଶେଷ୍ୟ ଓ ବିଶେଷଣ ବ୍ୟୁତ୍ପାଦକ, କ୍ଷୁଦ୍ରାର୍ଥକ ଆଦ୍ୟ / ଅ / ବ୍ୟଞ୍ଜନ ପରେ ଲୁପ୍ତ ହୁଏ । ସ୍ୱରପରେ ଣତ୍ୱବର୍ଜିତ ହୁଏ ।

/ ରମ୍ଫ୍ + ଅଣି / - ରମ୍ଫ୍‌ଣି, ( କୋରଣା ), / ଖଟ୍ + ଅଣି / - ଖଟ୍‌ଣି ( ପରିଶ୍ରମ )

/ ଆଣି / - ( ବିଶେଷଣ ବ୍ୟୁତ୍ପାଦକ )

/ ଉଠ୍ + ଆଣି / - ଉଠାଣି, / ଉତ + ଆଣି / - ଉତାଣି ( ଉତାଣିର୍ ଘୂଲା )

/ ଅଦର୍ + ଆଣି / - ଅଦ୍‌ରାଣି

/ ଆଣ / - ବିଶେଷ୍ୟ ଓ ବିଶେଷଣ ବ୍ୟୁତ୍ପାଦକ —

/ ବିସ୍ + ଆଣ / - ବିସାଣ ( ବିଷାକ୍ତ ), / ମିଠ୍ + ଆଣ / - ( ମିଠାଣ ),

/ ବାହା + ଆଣ / - ବାହାଣ ( ଯେ ପାଳିଧରେ )

/ ଉଣା / - ବିଶେଷ୍ୟ ବ୍ୟୁତ୍ପାଦକ —

/ ପା + ଉଣା / - ପାଉଣା,

/ ଏଇ / - ବିଶେଷ୍ୟ ବ୍ୟୁତ୍ପାଦକ —

/ ନଲ୍ହ୍ + ଏଇ / - ନଲ୍ହେଇ ( ଲଢେଇ ), / କମ୍ + ଏଇ / - କମେଇ ( କ୍ଷୌର )

/ ବିଦା + ଏଇ / - ବିଦେଇ ( ବିଦାୟ )

/-ଲିଆ/ ବିଶେଷ୍ୟ ବ୍ୟୁତ୍ପାଦକ —

/ ଭଙ୍ଗା + ଲିଆ / - ଭଙ୍ଗାଲିଆ, / ପଣ୍ଡା + ଲିଆ / - ପଣ୍ଡାଲିଆ, / ପେନ୍ଥା + ଲିଆ / - ପେନ୍ଥାଲିଆ

/ - ଅଲ / - ବିଶେଷ୍ୟ ବ୍ୟୁତ୍ପାଦକ —

/ ଚୁହ୍ + ଆଲ / - ଚୁହାଲ ( ଓଠ )

/ ଜୁଆ + ଆଲ / - ଜୁଆଲ ( ଜୁଆଣ )

/ ଉଲା / - ବିଶେଷଣ ବ୍ୟୁତ୍ପାଦକ

/ ବାଙ୍କ୍ + ଉଲା / - ବାଙ୍କୁଲା ( ବକ୍ର )

/ ଉଲ / - ବିଶେଷ୍ୟ ବ୍ୟୁତ୍ପାଦକ

/ ହାର୍ + ଉଲ / - ହାରୁଲ ( ହାରୁଡ଼ )

/ ଅନ୍ତ + ଉଲ / - ଅନ୍ତୁଲ ( ଏନ୍ତୁଡ଼ )

/ ଉଆଲ / - ବିଶେଷ୍ୟ ଓ ବିଶେଷଣ ବ୍ୟୁତ୍ପାଦକ

/ ଜାଗ୍ + ଉଆଲ / - ଜାଗୁଆଲ ( ଜଗୁଆଲ )

/ ମେଞ୍ଚ + ଉଆଲ / - ମେଞ୍ଚୁଆଲ ( ଧୂଳଆ )

/ ଇଲ୍ / - କ୍ରିୟାରୁ ବିଶେଷ୍ୟ ଓ ବିଶେଷଣ ବ୍ୟୁତ୍ପାଦକ

/ ଦେଖ୍ + ଇଲ୍ / - ଦେଖିଲ୍ ( ଦୃଷ୍ଟ )

/ ସୁଣ୍ + ଇଲ / - ସୁଣିଲ ( ଶ୍ରୁତ )

/ ସୁପ + ଇଲ୍ / - ସୁପିଲ ( ଭୃଷାଣ୍ଡି )

/ ଉର୍ / - ବିଶେଷ୍ୟ→ବିଶେଷ୍ୟ

/ ପୁତା + ଉର୍ / - / ପୁତୁର୍ / - ( ଭ୍ରାତୃଷ୍ପୁତ୍ର )

/ ଉଲ୍ / - ବିଶେଷ୍ୟ→ବିଶେଷ୍ୟ

/ ଘର୍ + ଉଲ୍ / - / ଘରୁଲ୍ / - ( ଖେଙ୍ଗା )

/ ବାଲ୍ / - ବିଶେଷ୍ୟ ବ୍ୟୁତ୍ପାଦକ

/ ସୁଣିଲା + ବାଲ୍ / - ଶୁଣିଲ୍ବାଲ ( ଶ୍ରୋତା )

/ ଦେଖିଲ + ବାଲ୍ / - ଦେଖିଲ୍ବାଲ ( ଦ୍ରଷ୍ଟା )

/ ଉଆର / - ବିଶେଷ୍ୟ ବ୍ୟୁତ୍ପାଦକ

/ ବାଟ୍ + ଉଆର / - ବାଟୁଆର ( ବାଟୋଇ )

/ ଘାଟ୍ + ଉଆର / - ଘାଟୁଆର ( ଘାଟ ଜଗୁଆଲ )

/ ଆର / - ବିଶେଷ୍ୟ ବ୍ୟୁତ୍ପାଦକ

/ ଚମ୍ + ଆର / - ଚମାର ( ମୋଚି )

/ କୁମ୍ଭ + ଆର / - କୁମ୍ଭାର ( କୁମ୍ଭକାର )

/ ଆର / - / ଭିଖ + ଆର / - ଭିଖାର ( ଭିକାରି )

/ ସେବକ + ଆର / - ସେବାକାର ( ସେବକ )

/ସ୍/ - ବିଶେଷଣ ବ୍ୟୁତ୍ପାଦକ

/ପେଟ୍ + ସ/ - ପେଟ୍ସ (ପେଟୁ), /ପକ + ସ୍/ - ପକସ୍ (ପୋକଖିଆ)

/ହେଗ୍ + ସ/ - ହେଗ୍ସ୍ (ହଗସ୍), /ଡାକ୍ + ସ/ - ଡାକ୍ସ୍ (ଡାକସ୍)

/କାନ୍ + ସ/ - କାନ୍ସ (କାନ୍ଦୁସ), /ଗୁଲ୍ + ସ/ - ଗୁଲ୍ସା (ଯେ ଘୂରିକୁ ଗୁଡ଼ୁଥାଏ)

/ଗିର/ - /କାମ୍ + ଗିର/ - କାମ୍ଗିର - (କର୍ତ୍ତା)

/ମସ୍ତ/ - /ଆଲ + ମସ୍ତ/ - ଆଲମସ୍ତ - (ଅଲେକତ)

/ହାଟି/ - /ଖସ୍ + ହାଟି/ - ଖସ୍ହାଟି (ଖସ୍ଦନିଆ)

/କାଦ + ହାଟି/ - କାଦହାଟି-ଖାଦହାଟି (କାଦଖେଳ)

/ଦାର୍/ - /ଜମି + ଦାର୍/ - ଜମିଦାର (ଜମି ମାଲିକ), /ତସିଲ୍ + ଧାର୍/ - ତସିଲ୍ଦାର (ତହସିଲ୍ଦାର)

/କ/ - /ବନ୍ଧ + କ/ - ବାନ୍ଧୁକ (ଯେ କାଂଯ୍ୟାଦିପାଇଁ ବୋଝ ବୋଝ ବନ୍ଧୀ କରେ)

/ସେବା + କ/ - ସେବକ - ସେବାକାରୀ

/ତ/ - /ମାନ୍ + ତ/ - ମାନ୍ତ (ସମ୍ମାନ)

/ଚା/ - /ଛିଁ + ଚା/ - ଛିଁଚା (ଅଶୁଚି)

/ଏ/ - ପରିମାଣବୋଧକ

/ଫାଲ୍ + ଏ/ - ଫାଲ୍ଏ (ଫାଲେ), /ଦମ୍ + ଏ/ - ଦମେ (ପ୍ରଚୁର)

/ଉ/ - /ବଡ୍ + ଉ/ - ବଡୁ (ବାପାଙ୍କ ବଡ଼ଭାଇ)

/କ/ - /ବଡ୍ + କ/ - ବଡ୍କ (ବଡ ବୋହୂ), /ସାନ୍ + କ/ - ସାନକ (ସାନ ବୋହୂ)

## ୧. ସଂଜ୍ଞା

## ୧. ୧. ବିଶେଷ୍ୟ :

### ୧. ୧. ବିଶେଷ୍ୟ ଶବ୍ଦରୂପ :

ବିଶେଷ୍ୟର ବ୍ୟାକରଣିକ ସବର୍ଗ ତ୍ରିବିଧ — ଲିଙ୍ଗ, ବଚନ, କାରକ । କୌଣସି ବିଶେଷ୍ୟ ଶବ୍ଦ ବିଶ୍ଳେଷଣ କଲେ ଦେଖାଯାଏ ଯେ ପ୍ରାତିପଦିକ ପରେ କ୍ରମାନୁସାରେ ଲିଙ୍ଗ, ବଚନ ଓ କାରକ ପ୍ରତ୍ୟୟ ସଂଯୋଜିତ ହୋଇଥାଏ । ସର୍ବଦା ସର୍ବଶେଷ ଉପାଦାନଟି ଶବ୍ଦର ବହିରଙ୍ଗ ବିତରଣକୁ ନିୟନ୍ତ୍ରଣ କରେ ।

### ୧. ୧. ୧. ଲିଙ୍ଗ :

ରୂପ ରଚନା ପ୍ରକ୍ରିୟାରେ ଲିଙ୍ଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଏହା ଅନ୍ୟାନ୍ୟ ବିଭକ୍ତି ଉପରେ ପ୍ରଭାବ ବିସ୍ତାର କରେ ନାହିଁ । କେବଳ ବିଶେଷଣ ସହିତ ଏହାର ଅନ୍ୱିତ ଆକାଙ୍‌କ୍ଷା କରାଯାଏ ।

ଯଥା : /କାଣା ବୁଢ଼ା/ — /କାଣି ବୁଢ଼ି/

ଚେତନ ଓ ଅଚେତନ ଉଭୟ ପ୍ରକାରର ବିଶେଷ୍ୟ ଲିଙ୍ଗର ଦୁଇଟି ସବର୍ଗରେ ବିଭାଜ୍ୟ । ବ୍ୟାକରଣିକ ଲିଙ୍ଗ ନଥିବାରୁ ଶାବ୍ଦିକ ବିଭେଦ ଭିତ୍ତିରେ ଲିଙ୍ଗ ନିରୂପଣ କରାଯାଇଥାଏ । ତିନୋଟି ପଦ୍ଧତିରେ ଲିଙ୍ଗ ବିଭେଦ ପ୍ରଦର୍ଶନ କରାଯାଇପାରେ । ଯଥା —

( କ ) ପ୍ରତ୍ୟେକ ଲିଙ୍ଗ ସବର୍ଗ ପାଇଁ ସ୍ୱତନ୍ତ୍ର ଶବ୍ଦ ପ୍ରୟୋଗ

/ ବାପ୍ / > / ମାଁ /

/ ସାମି / - ସ୍ୱାମୀ > / ତିର୍ଲ / - ସ୍ତ୍ରୀ

/ ପଣ୍ଡା / - ଅଣ୍ଡିରା କୁକୁଡ଼ା > / ଧାଲ / - ମାଈ କୁକୁଡ଼ା

/ ସେଣ୍ଡ / - ଷଣ୍ଢ > / ଗାଇ / - ଗାଈ

( ଖ ) ବିଶେଷ୍ୟ ସହିତ ଲିଙ୍ଗ ବର୍ଣ୍ଣନାତ୍ମକ ଶବ୍ଦ

/ ହଁସ / - ହଂସ > / ମାଇହଁସ / - ହଂସୀ

/ ଅଣ୍ଡିଆ ଗଛ୍ / - ଅଣ୍ଡିରାଗଛ > / ମାଇ ଗଛ / - ମାଈଗଛ

( ଗ ) ଲିଙ୍ଗ ପରିବର୍ତ୍ତିକ ବ୍ୟୁତ୍ପାଦକ ପ୍ରତ୍ୟୟ ସଂଯୋଗ

( i ) ସ୍ତ୍ରୀବାଚକ ପ୍ରତ୍ୟୟ :

/ ଇ / - / ବେଧ / > / ବେଧି / - ଦୁଷ୍ଟଶତା

/ ଟାଙ୍ଗ୍ରା / - ଲଣ୍ଡିତ > / ଟାଙ୍ଗ୍ରି / - ମୁଣ୍ଡନ ହୋଇଥିବା ନାରୀ

/ ବୁଢ଼ା / > / ବୁଢ଼ି /

/ ଦେବ୍ତା / - ଦେବତା > / ଦେବ୍ତି / - ଦେବୀ

/ ଆଣି / - / ସାଉ / > / ସାଉଆଣି /, / ମୂଲିଆ / > / ମୂଲିଆଣି /, / ସାଇବ / > / ସାଇବାଣି /

/ ଉଣି / - / ସଙ୍ଗାତ / > / ସଙ୍ଗାତୁଣି /, / ସିଆଳ / > / ସିଆଳୁଣି /,

/ ବଡାମ / > / ବଡ଼ାମୁଣି /, / ମାଲ / > / ମାଲୁଣି /

( ii ) ପୁରୁଷବାଚକ ପ୍ରତ୍ୟୟ :

/ ଆ / - / ବାଁଝି / - ବନ୍ଧ୍ୟା > / ବାଁଝା / - ନପୁଂସକ

/ ପେଟ୍ରି / > / ପେଟ୍ରା / - ପେଟୁ

/ ରଣ୍ଡି / > / ରଣ୍ଡା /

[ ଟିପ୍ପଣୀ — ମାନକ ଓଡ଼ିଆ ସହିତ ତୁଳନାକଲେ ପ୍ରଭେଦ ପରିଦୃଷ୍ଟ ହୁଏନାହିଁ ]

## ୧.୧.୨. ବଚନ :

ସାଧାରଣ ବହୁବଚନ ଚିହ୍ନ / ଗା / / ସବୁକା / / ମାନେ /

ମୂଳ ଏକବଚନ ରୂପ ସହିତ ଏହି ଚିହ୍ନକ ପର ପ୍ରତ୍ୟୟଭାବେ ସଂଯୋଗ କରି ବହୁବଚନ ପ୍ରକାଶ କରାଯାଏ ।

ଯଥା : / ଝି / - ଝିଅ → / ଝିଗା /

/ ବାପ୍ / - ବାପ → / ବାପ୍ ଘରକା / - ପିତା ଓ ପିତୃ ସ୍ଥାନୀୟ

/ ମାଁ / - ମାଆ → / ମାଁ ଘରକା / - ମାତୃ ସ୍ଥାନୀୟା ଯେତେ

ମାନକ ଓଡ଼ିଆ ଭାଷାର ବହୁଳ ପ୍ରଭାବ ଯୋଗୁଁ / ମାନେ / ବହୁବଚନ ଚିହ୍ନକ ବ୍ୟବହୃତ ହେଉଥିବାର ମଧ୍ୟ ଦେଖାଯାଏ ।

ଅନ୍ୟାନ୍ୟ ବୈକଳ୍ପିକ ପଦ୍ଧତି ( ୧ ) ବହୁତା ନିର୍ଦ୍ଦେଶକ କିମ୍ବା ( ୨ ) ସଂଖ୍ୟାବାଚକ ବା ଶ୍ରେଣୀବାଚକ ବିଶେଷଣାତ୍ମକ ଶବ୍ଦ ବିଶେଷ୍ୟର ପୂର୍ବରେ ବା ପରେ ପ୍ରୟୋଗ କରାଯାଏ ।

କେତେକ ସାଧାରଣ ବହୁତା ନିର୍ଦ୍ଦେଶକ —

/ ସବ୍ / ଏହା ବିଶେଷ୍ୟର ପୂର୍ବରେ ବ୍ୟବହାର ହୋଇପାରେ ।

/ ଜାତ / - / ସବ୍ ଜାତ / - ସବୁଜାତ

/ ଲୁକ / - / ସବ୍‌ଲୁକ / ସମସ୍ତଲୋକ

/ ଗୁଟେ / ଏହା ବିଶେଷ୍ୟର ପୂର୍ବରେ ବା ପରେ ବ୍ୟବହାର ହୋଇପାରେ ।

/ ଗୁଟେଲୁକ / - / ଲୁକଗୁଲେ /

/ ଢେର୍ / ଏହା ବିଶେଷ୍ୟର ପୂର୍ବରେ ବ୍ୟବହାର ହୋଇପାରେ ।

/ ଢେର୍‌ଛୁଆ / - ବହୁତ ଛୁଆ

/ ଭଉତ୍ / ଏହା ବିଶେଷ୍ୟର ପୂର୍ବରେ ବ୍ୟବହାର ହୋଇପାରେ ।

/ ଭଉତ୍‌ଲୁକ /

/ ଜବର୍ /, / ଅନେକ /, / ହୁଡେ / ଆଦି ବହୁତ ନିର୍ଦ୍ଦେଶକ ବିଶେଷ୍ୟର ପୂର୍ବରେ ବ୍ୟବହୃତ ହୋଇ ବହୁବଚନ ପ୍ରକାଶ କରନ୍ତି ।

ଯଥା — / ଜବର ମାଡ଼ /, / ଅନେକ ଲୁକ /, / ହୁଡେ ଖେଳଆ /

କୌଣସି ପଦର ପୁନଃଉଚ୍ଚାରଣ ଦ୍ୱାରା ବହୁତା ନିର୍ଦ୍ଦେଶିତ ହୋଇଥାଏ ।

ଯଥା — / ଗାଁ ଗାଁ /, / ସାଇ ସାଇ /, / ଘର୍ ଘର୍ /

ଦ୍ୱିବଚନ ନଥିଲେହେଁ ଯୁଗ୍ମତା ବୋଧକ ଶବ୍ଦ ଓ ସଂଖ୍ୟାବାଚକ ଶବ୍ଦ ବିଶେଷ୍ୟ ପୂର୍ବରେ ବ୍ୟବହାର କରି ଏହା ପ୍ରକାଶ କରାଯାଇପାରେ ।

/ ହଲେ / > / ହଲେ ହଲଆ /

/ ଜୁଟେ / > / ଜୁଟେ ଖାଣ୍ଡ / - ଯୋଡ଼ାଏ କାଠି

/ ଦୁଇ / > / ଦୁଇ ଭାଇ /

> / ଦୁଇ ନଙ୍ଗଲଆ /

ଏକବଚନ କ୍ଷେତ୍ରରେ ବିଶେଷ୍ୟ ସହିତ ସଂଖ୍ୟାବାଚକ ଶବ୍ଦ / ଏକ୍ / କିମ୍ବା ନିର୍ଦ୍ଧାରକ / ଟା /, / ଝଣେ / ଯୋଗ କରି ପ୍ରକାଶ କରାଯାଏ ।

/ ରଜା / > / ଏକ ରଜା / - ଏକ ରଜା ରାଇଜରେ ।

/ ବାପ୍ / > / ବାପ୍ଟା / - ବାପ୍ଟା ହେଇକରି ଭିଡ କହ୍ୟାକ୍ନା ?

/ ଲୁକ / > / ଝଣେଲୁକ /

## ୧. ୧. ୩. କାରକ :

ନିମ୍ନଲିଖିତ ପ୍ରତ୍ୟୟ ଓ ଅନୁସର୍ଗ ଯୋଗେ କାରକ ପ୍ରକାଶିତ ହୁଏ । ଏଗୁଡ଼ିକ ଏକ ବଚନ ବହୁବଚନରେ ସମାନ ରହେ ।

| | ପ୍ରତ୍ୟୟ | ଅନୁସର୍ଗ |
|---|---|---|
| କର୍ତ୍ତାକାରକ : | Ø | |
| କର୍ମ : | କେ / ଲୁ | |
| କରଣ : | ରେ | ଦେଇ |
| ସମ୍ପ୍ରଦାନ : | | ଲାଗି, ଏଇଁ |
| ଅପାଦାନ : | ଉ | ଠୁ, ଠାଣୁ |
| ସମ୍ବନ୍ଧ : | ର୍, ଅର୍ | |
| ଅଧିକରଣ : | - ଏ | ଠେ, ଠାଣେ. |

କର୍ମ, କରଣ, ଅପାଦାନ, ସମ୍ବନ୍ଧ ଓ ଅଧିକରଣ କାରକ ଅର୍ଥରେ ପ୍ରଯୋଜ୍ୟ ପ୍ରତ୍ୟୟମାନ ପ୍ରାତିପଦିକର ପୂର୍ଣ୍ଣରୂପ ସହିତ ସଂଯୁକ୍ତ କରାଯାଏ । ଯଥା - / ଗାଁ / - / ଗାଁକେ /, ଅପାଦାନ / ଘର୍ / - / ଘରୁ /, ଅଧିକରଣ / ଘର୍ / - / ଘରେ /, କିନ୍ତୁ କାରକ ବୋଧକ ଅନୁସର୍ଗ ସମୂହ ସମ୍ବନ୍ଧକାରକ ରୂପକ ତିର୍ଯ୍ୟକ ରୂପ ସହିତ ସଂଯୁକ୍ତ କରାଯାଏ ।

ଯଥା — ଦେଇ - / ଟାଙ୍ଗିଆ / - / ଟାଙ୍ଗିଆର୍ ଦେଇ / ( ଟାଙ୍ଗିଆ ଦ୍ୱାରା )

ଲାଗି - / ରାମ / - / ରାମର ଲାଗି / ( ରାମ ପାଇଁ / ନିମନ୍ତେ )

# ୧. ୨. ସର୍ବନାମ

## ୧. ୨. ୧. ସର୍ବନାମ ପ୍ରାତିପଦିକ :

ଏହା ଦୁଇ ପ୍ରକାର । ଯଥା - ପୁରୁଷ ବାଚକ ଓ ଅପୁରୁଷ ବାଚକ ।

### ( କ ) ପୁରୁଷ ବାଚକ :

ପ୍ରଥମ ପୁରୁଷ :

ଏକ ବଚନ / ମୁଇଁ / ( ମୁଁ )

ବହୁ ବଚନ / ଆମ୍ହେ / ( ଆମ୍ଭେମାନେ )

ଦ୍ୱିତୀୟ ପୁରୁଷ :

ଏକବଚନ / ତୁଇ / ( ତୁ )

ବହୁବଚନ / ତମ୍ହେ / ( ତୁମ୍ଭେ )

ତୃତୀୟ ପୁରୁଷ :

ଦୂରବର୍ତ୍ତୀ - ଏକବଚନ / ଝିଏ / ( ସେ )

ବହୁବଚନ / ଝିମାନେ / ( ସେମାନେ )

ନିକଟବର୍ତ୍ତୀ - ଏକବଚନ / ଇଏ /

ବହୁବଚନ / ଇମାନେ / ( ଏହିମାନେ )

ପ୍ରଶ୍ନ ଓ ଅନିଶ୍ଚିତତା ସୂଚକ : / କିଏ / - / କେ /

ସମ୍ବନ୍ଧ ସୂଚକ : / କିଏ / / କେ /

**( ଖ ) ଅ-ପୁରୁଷ ବାଚକ :** ( ବସ୍ତୁ, ବିଷୟ, ସ୍ଥାନ, ଇତ୍ୟାଦି )

ନିର୍ଦ୍ଦେଶକ : ନିକଟ - / ଏଇ / - / ଇ /

ଏକବଚନ / ଇଟା / ( ଏହିଟା )

ବହୁବଚନ / ଇଗା / ( ଏହିଗୁଡ଼ା )

ଦୂର - / ଝି /

ଏକବଚନ - / ଝିଟା / ( ସେହିଟା )

ବହୁବଚନ - / ଝିଗା / ( ସେହିଗୁଡ଼ାକ )

ସୁଦୂର / ଝି . . . /

/ ହି . . . /

/ ହାୟ୍. . . /

ପ୍ରଶ୍ନ ଓ ଅନିଶ୍ଚିତତା ସୂଚକ :

ବସ୍ତୁ ପୂରକ / କିଁ / - / କନ୍ / ( କେଉଁ )

ବିଷୟ ପୂରକ / କିସ / ( କଣ )

ସମ୍ବନ୍ଧ ସୂଚକ / କିଁ / ( କେଉଁ )

## ୧. ୨. ୨. ସାର୍ବନାମିକ ପଦର ରୂପକ୍ରିୟା :

ଉପରୋକ୍ତ ପ୍ରାତିପଦିକ ରୂପ ସମୂହର ଏକ ବା ଏକାଧିକ ତିର୍ଯ୍ୟକ ରୂପ ରହିଛି । ପ୍ରାତିପଦିକ ରୂପ ସଂବୃତ ଶ୍ରେଣୀସ୍ଥ ଏବଂ ବାକ୍ୟର କର୍ତ୍ତା ସ୍ଥାନରେ ପ୍ରୟୋଗ ହୋଇପାରେ । ତିର୍ଯ୍ୟକ ରୂପ ବନ୍ଧୁଗ୍ରାନ୍ତକ, ଏହା ସହିତ ପ୍ରତ୍ୟୟ ସଂଯୁକ୍ତ ହୁଏ ଏବଂ ଏହା କର୍ମସ୍ଥାନରେ ପ୍ରୟୋଗ ହୋଇପାରେ ।

ବିଭିନ୍ନ ପ୍ରକାରର ସାର୍ବନାମିକ-ରୂପର ଅଭ୍ୟନ୍ତରୀଣ ସଂରଚନା ନିମ୍ନଲିଖିତ ନକ୍ସା ମାଧ୍ୟମରେ ପ୍ରକାଶ କରାଯାଇପାରେ ।

| ୧ | ଆଧାର ରୂପିମ୍ | ପ୍ରାତିପଦିକ ରୂପ | ଉପାନ୍ତିକ-ରୂପ | |
|---|---|---|---|---|
| | | | କାରକ ପ୍ରତ୍ୟୟ ପାଇଁ | ସାର୍ବନାମିକ ବ୍ୟୁତ୍ପାଦନ ପାଇଁ |
| ୧. ପ୍ରଥମ ପୁରୁଷ ଏକବଚନ | ମ - | - ଉଇ | ଅ | |
| ବହୁବଚନ | ଆ-ମ୍-ହ | - ଏ | - Ø | |
| ୨. ଦ୍ୱିତୀୟ ପୁରୁଷ ଏକବଚନ | ତ - | - ଉଇ | - ଅ | |
| ବହୁବଚନ | ତ-ମ-ହ | - ଏ | - Ø | |
| ୩. ତୃତୀୟ ପୁରୁଷ ଏକବଚନ | ସ | - ଇଏ | ତା | |
| ବହୁବଚନ | -ଇ-ମ୍-ଆ-ନ୍ | ଏ | Ø | |
| ୪. ନିର୍ଦ୍ଦେଶକ ନିକଟ ସୂଚକ | ଇଏ-ଇ | Ø | ଆ | |
| ୫. ଦୂର ସୂଚକ | ସ | ଇ | Ø | |
| ୬. ପ୍ରଶ୍ନ ବାଚକ | କ | ଏ | ଆ | Ø |
| ୭. ସମ୍ବନ୍ଧ ବାଚକ | ଜ | ଏ | ଆ | Ø |

## ୧.୨.୩. ସର୍ବନାମର ବିଭକ୍ତି :

(କ) ଲିଙ୍ଗ ସଂବର୍ଗ ସମ୍ବନ୍ଧୀୟ ବିଭକ୍ତି ନାହିଁ ।

(ଖ) ବହୁତା ଚିହ୍ନକ ସଂଯୋଗରେ ତଥା ସଂଖ୍ୟା ସୂଚକ ବିଶେଷଣ ସଂଯୋଗ ଦ୍ୱାରା ବଚନ ନିର୍ଦ୍ଦେଶିତ ହୁଏ ।

ଯଥା : / ସିଏ - ମାନେ /, ପ୍ରଥମ ଓ ଦ୍ୱିତୀୟ ପୁରୁଷର / ଆମ୍ଭେ, ତୁମ୍ଭେ / ଏହା ସହିତ ବୈକଳ୍ପିକ, କାରଣ ପ୍ରାତିପଦିକ ରୂପରେହିଁ ବଚନ ସଂବର୍ଗ ପ୍ରକଟିତ । ଯଥା : / ଆମ୍ଭେ / - / ଆମ୍ଭେମାନେ /

ବହୁତା-ଚିହ୍ନକ ସାଧାରଣତଃ ପ୍ରାତିପଦିକ-ରୂପ ସହିତ ସଂଯୁକ୍ତ ହୁଏ, ମାତ୍ର ପ୍ରଶ୍ନ ଓ ସମ୍ବନ୍ଧ ସର୍ବନାମ କ୍ଷେତ୍ରରେ ଏହା ଉପାନ୍ତିକ ରୂପ ସହିତ ସଂଯୁକ୍ତ ହୁଏ ।

ଯଥା : / କିଁମାନେ /, / ଜିଁ ମାନେ / ପ୍ରଶ୍ନ ଓ ସମ୍ବନ୍ଧ ବାଚକ ସର୍ବନାମ ଉଚ୍ଚାରଣରେ ସାମାନ୍ୟ ନାସିକ୍ୟ ହୋଇଥାଏ ।

ତୃତୀୟ ପୁରୁଷ ସହିତ ବହୁତା ଚିହ୍ନକ ସଂଯୁକ୍ତ ହେଲେ ରୂପଗତ ପରିବର୍ତ୍ତନ ଘଟିଥାଏ । ଅର୍ଥାତ୍ ପ୍ରାତିପଦିକ ରୂପରେ ଥିବା ଦୁଇଟି ସ୍ୱର ମଧ୍ୟରୁ ଗୋଟିଏ ଲୋପ ପାଇଥାଏ ।

ଦୃଷ୍ଟାନ୍ତ - / ସିଏ + ମାନେ / - / ସିମାନେ /

( ଗ ) କାରକ ପ୍ରତ୍ୟୟ ଓ ଅନୁସର୍ଗ ବିଶେଷ୍ୟ ପଦ ସହିତ ସମାନ । ପ୍ରତ୍ୟୟ ତିର୍ଯ୍ୟକ ରୂପ ସହିତ ଓ ଅନୁସର୍ଗ ସମ୍ବନ୍ଧକାରକ ରୂପ ସହିତ ସଂଯୁକ୍ତ ହୁଏ ।

| | ପ୍ରତ୍ୟୟ | ଅନୁସର୍ଗ |
|---|---|---|
| କର୍ତ୍ତା : | Ø | |
| କର୍ମ : | - କେ / - କୁ | |
| ସମ୍ବନ୍ଧ : | ର୍ | |
| | ଅର୍ | କାର୍ ( ତୃତୀୟ ପୁରୁଷ ବହୁବଚନାତ୍ମକ ପଦ ସହ ) |
| କରଣ : | | ସାଙ୍ଗେ, ଦେଇ, |
| ସମ୍ପ୍ରଦାନ : | କେ / କୁ | ଲାଗି |
| ଅପାଦାନ : | ଉ | ଠୁ, ଠାନ୍ତୁ |
| ଅଧିକରଣ : | | ଠାଣେ, ଠେ |

( ଘ ) ଅପୁରୁଷବାଚକ ପଦରେ ସାଧାରଣତଃ ନିର୍ଦ୍ଧାରକ / ଟା / ସଂଯୁକ୍ତ ହୁଏ । ଏହି ନିପାତ ଏକ ଅନ୍ୱାଦେଶକ ପ୍ରତିନିଧି ସଦୃଶ ବ୍ୟବହୃତ ହୁଏ ।

ଯଥା : / କିଁ ପିଲା-କେ / - / କିଁ ଟା - କେ /

ରୂପାବଳୀର ନମୁନା :

( କ ) ପ୍ରଥମ ପୁରୁଷ / ମୁଇଁ - ଆମ୍ହେ /

| | | | |
|---|---|---|---|
| କର୍ତ୍ତା : | ମୁଇଁ | ଆମ୍ହେ | ଆମ୍ହେମାନେ |
| କର୍ମ : | ମତେ | ଆମ୍ହ୍କେ | ଆମ୍ହର ମାନ୍କେ |
| ସମ୍ବନ୍ଧ : | ମର୍ | ଆମ୍ହର | ଆମ୍ହର ମାନ୍କାର |
| କରଣ : | ମର୍ଦେଇ | ଆମ୍ହର ଦେଇ | ଆମ୍ହର ମାନ୍କାର୍ ଦେଇ |
| ଅପାଦାନ : | ମର୍ଠାନ୍ତୁ | ଆମ୍ହରଠାନ୍ତୁ | ଆମ୍ହର ମାନ୍କାର୍ ଠାନ୍ତୁ |
| ଅଧିକରଣ : | ମର୍ଠାଣେ | ଆମ୍ହର୍ଠାଣେ | ଆମ୍ହର ମାନ୍କାର୍ ଠାଣେ |

( ଖ ) ପ୍ରଶ୍ନବାଚକ ( i ) କେ / - ( କିଏ )

| | |
|---|---|
| କେ | କେ-ମାନେ |
| କାକେ | କେ ମାନ୍କେ |
| କା - ର୍ | କେ ମାନ୍କାର୍ |
| କା - ର୍ - ଦେଇ | କେ ମାନ୍କାର ଦେଇ |
| କାର୍ - ଠାନ୍ତୁ | କେ ମାନକାର୍ ଠାନ୍ତୁ |
| କା - ର୍ - ଠାଣେ | କେ-ମାନ୍କାରଠାଣେ |

( ii ) / କିଁ / - କେଉଁ

| | |
|---|---|
| କିଁଟା | କିଁଗା |
| କିଁଟାକେ | କିଁଗାକେ |
| କିଁଟାର୍ | କିଁଗାର୍ |
| କିଁଦେଇ | |
| କିଁଠୁ | |
| କିଁଠେ | |

( iii ) / ଇ / - ( ଏହି )

| | |
|---|---|
| ଇ - ଟା | ଇଗା |
| ଇଆକେ | ଇଗାକେ |
| ଇଆର୍ | ଇଗାର୍ |
| ଇଆର୍ - ସାଙ୍ଗେ | ଇ - ଗାର - ସାଙ୍ଗେ |
| ଇଆର୍ - ଦେଇ | ଇ - ଗାର୍ - ଦେଇ |
| ଇ - ଠୁ | |
| ଇ - ଠେ | |

ବାଥୁଡ଼ି ଓ ମାନକ ଓଡ଼ିଆ ସର୍ବନାମରେ ପାର୍ଥକ୍ୟ ।

| | | |
|---|---|---|
| କେ | - | କିଏ |
| କିଁ | - | କେଉଁ |
| ଜିଁ | - | ଯେଉଁ |
| କସ | - | କଣ |
| ଇ | - | ଏଇ-ଏହି |

## ୧. ୨. ୪. ସାର୍ବନାମିକ ବ୍ୟୁତ୍ପାଦିତ ପଦାବଳୀ :

ସାର୍ବନାମିକ ପ୍ରାତିପଦିକରୁ ବିଭିନ୍ନ ପ୍ରକାରର ବିଶେଷଣାତ୍ମକ ଓ କ୍ରିୟା ବିଶେଷଣାତ୍ମକ ରୂପ ବ୍ୟୁତ୍ପାଦିତ ହୋଇଥାଏ । ଏହି ପଦ ସମୂହ ନିମ୍ନଲିଖିତ ରୂପକ୍ରିୟାରେ ବ୍ୟୁତ୍ପାଦିତ ହୁଏ ।

| ସଙ୍କେତ ରୂପିମ୍ : | ସମ୍ଭାବ୍ୟ ବ୍ୟୁତ୍ପତ୍ତି |
|---|---|
| ପରିମାଣ / ତ / | < / ବହୁତ / - ଏତେ |
| ଆକୃତି / ଡ଼ / | < / ବୃହଦତା ବଡ଼ / - ଏଡ଼େ |
| ସ୍ଥାନ / ଠ / | < / ଅନ୍ତ / - ଇଠେ |
| / ଏ / | < / ଅଧିକରଣ କାରକ ପ୍ରତ୍ୟୟ / |

ସମସ୍ତ /ବ/ < /ବେଳ/ - ଏବେ
/ଭ/ /କେଭେ/
ଦଗ /ଣ/ /ଡ - ଲ/ < /ସ୍ଥାନ/ - ଏଣେ, ଇଆଲେ - ଇଆଡ଼େ
/ଆଡ଼/
ସାଢ /ମତ/ < /ମନ୍ତ/ - ଇମ୍ତି
- ଉଁତି

ନିମ୍ନସ୍ଥ ନକ୍ସା ମାଧ୍ୟମରେ ଆଭ୍ୟନ୍ତରୀଣ ସଂରଚନା ବିଶ୍ଳେଷଣ ସହିତ କେତେକ ସାର୍ବନାମିକ ବ୍ୟୁତ୍ପାଦିତ ପଦର ବିବରଣୀ ପ୍ରଦତ୍ତ ହେଲା ।

| ସଂକେତ ରୂପିମ୍ | ସାର୍ବନାମିକ ପ୍ରାତିପଦିକ ଓ ବ୍ୟୁତ୍ପାଦିତ ରୂପାବଳୀ | | | |
|---|---|---|---|---|
| | ଏ / ଇ | ସେ / ସି / ତେ | କେ / କା / କି | ଜେ / ଜା / ଜି |
| ତ | ଏ - ତ୍ - ଏ<br>- ଇ<br>- କ<br>- କି | ସେ - ତ୍ - ଏ<br>- ଇ<br>- କ<br>- କି | କେ - ତ - ଏ<br>ଇ<br>କ<br>କି | ଜେ - ତ୍ - ଏ<br>ଇ<br>କ<br>କି |
| ଡ - ଲ | ଏ-ଡ଼/ଲ-ଏ<br>ଇ<br>ଇ-ଡ/ଲ ଇ<br>କି | ସେ-ଡ଼/ଲ-ଏ<br>ଇ<br>କି | କେ-ଡ଼/ଲ ଏ<br>ଇ<br>କି | ଜେ-ଡ଼/ଲ ଏ<br>ଇ<br>କି |
| ୦ | ଏ/ଇ-୦-ଏ<br>ଇ<br>କି<br>ଶ | ସେ/ସି-୦-ଏ<br>ଇ<br>କି<br>ଶ | କେ/କେଁ-୦-ଏ<br>ଇ<br>କି<br>ଶ | ଜେ/ଜେଁ-୦-ଏ<br>ଇ<br>କି<br>ଶ |
| ବ/ଭ | ଏ-ବ-ଏ | ତେ-ବ/ଭ-ଏ<br>-ଏ | କେ-ବ/ଭ-ଏ<br>-ଏ | ଜେ-ବ/ଭ-ଏ<br>-ଏ |
| ଣ<br>ଡ଼-ଲ | ଏ-ଣ-ଏ<br>- କି | ତେ-ଣ-ଏ<br>- କି | କେ/କ-ଣ-ଏ<br>-କି | ଜେ-ଣ-ଏ<br>-କି<br>ଜା-ଡ-ଏ |
| ମତ | ଇ-ମତ-ଇ<br>ଉଁତ-ଇ | ସି-ମତ-ଇ<br>ଉଁତ-ଇ | କି-ମତ-ଇ<br>ଉଁତ-ଇ | ଜି-ମତ-ଇ<br>ଉଁତ-ଇ |

ନକ୍ସା ଅନ୍ତର୍ଗତ ପଦର ଧ୍ୱନି ସ୍ବରୂପ ନିରୂପଣ ପଦ୍ଧତି :—

ଏ - ତ - ଏ = ଏତେ
ଏ - ତ - ଇ = ଏତି
ଏ - ତ - କ = ଏତିକ
ଏ - ତ - କି = ଏତିକି
ଇ - ମତ - ଇ = ଇମ୍ତି - ଉଁତି
ସି - ମତ - ଇ = ସିମତି - ସିଁତି

ଏ ଭାଗରେ ସାଧାରଣାର୍ଥକ ବହୁବଚନାତ୍ମକ ପଦ ମାନ୍ୟାର୍ଥରେ ଏକ ବଚନରେ ପ୍ରଯୁକ୍ତ ହୁଏ । ମା. ଓ. ରେ ଥିବା / ଆପଣ / ରୂପର ଅତିମାନ୍ୟାର୍ଥକ ରୂପ ନାହିଁ ।

## ୧. ୩. ବିଶେଷଣ :

୧. ୩. ୦. ବିଶେଷଣ ଦୁଇଟି ବ୍ୟାପକ ବିଭାଗର ଅନ୍ତର୍ଗତ ।

(୧) ବର୍ଣ୍ଣନାତ୍ମକ ବିଶେଷଣ ଏବଂ

(୨) ନିର୍ଦ୍ଧାରକ ।

୧. ୩. ୧. ବର୍ଣ୍ଣନାତ୍ମକ ବିଶେଷଣ

ଏହି ଶ୍ରେଣୀସ୍ଥ ବିଶେଷଣ ବିଶେଷ୍ୟ ସହିତ ଲିଙ୍ଗଗତ ଅନ୍ୱିତ ଅଧିକାଂଶ କ୍ଷେତ୍ରରେ ରକ୍ଷାକରେ । ତେଣୁ ଏହି ପ୍ରାତିପଦିକ ସମୂହ ପରିବର୍ତ୍ତନୀୟ ମାତ୍ର ନିର୍ଦ୍ଧାରକ ଅପରିବର୍ତ୍ତନୀୟ ।

ଏହି ବିଶେଷଣ ଉଭୟ ଗୁଣବାଚକ ବିଶେଷଣ ତଥା ବିଧେୟ ବିଶେଷଣ ଭାବେ ପ୍ରୟୋଗ କରାଯାଏ । ଗୁଣବାଚକ ବିଶେଷଣ ଭାବେ ଏହା ବିଶେଷ୍ୟ ସହିତ ସଂଶ୍ଳିଷ୍ଟ ହୁଏ ( ଯଥା : / ଗରମ୍ ଭାତ୍ / ) ଏବଂ ବିଧେୟ – ବିଶେଷଣ ଭାବେ ଏହା ବିଧେୟ ସ୍ଥାନରେ କର୍ତ୍ତା ବା କର୍ମ ସହିତ ସମ୍ବନ୍ଧିତ ହୁଏ ।

ଯଥା : / ସିଏ ପାଣି ଗରମ୍ କଲା /

ବର୍ଣ୍ଣନାତ୍ମକ ବିଶେଷଣ ଗୁଡ଼ିକ ସାଧାରଣତଃ ବିଶେଷ୍ୟାତ୍ମକ ବା କ୍ରିୟାତ୍ମକ ପ୍ରାତିପଦିକରୁ ବିଶେଷଣାତ୍ମକ ପ୍ରତ୍ୟୟ ଯଥା ଆ, ଇ, ଏ, ଇଆ, ଉଆ, ଆଳୁ, ଇଲ, ଉଲା ଏବଂ ର ଇତ୍ୟାଦି ଯୋଗେ ବ୍ୟୁତ୍ପାଦିତ ହୋଇଥାଏ ।

ଦୃଷ୍ଟାନ୍ତ : / ଆ / - / ଛିଣ୍ଡ୍ + ଆ / - ଛିଣ୍ଡା
/ ମାଜ୍ + ଆ / - ମାଜା
/ ଇ / - / ସତ + ଇ / - ସତି ( ସତ୍ୟ )
/ ଧନ + ଇ / - ଧନି
/ ଏ / - / ଫାଲ୍ + ଏ / - ଫାଲେ
/ ଖଣ୍ଡ୍ + ଏ / - ଖଣ୍ଡେ ( ଗୋଟିଏ, ଖଣ୍ଡିଏ )
/ ଇଆ / - / ପିମ୍ପୁଲ + ଇଆ / - ପିମ୍ପୁଲିଆ ( ପିମ୍ପୁଡ଼ିର ଗନ୍ଧପରି )
/ ପାଉଁସ + ଇଆ / - ପାଉଁସିଆ
/ ଉଆ / - / ଖାର + ଉଆ / - ଖାରୁଆ
/ ଝାଣ୍ + ଉଆ / - ଝାଣୁଆ
/ ଆଳୁ / - / ସରା + ଆଳୁ / - ସରାଳୁ ( ଦୟାଳୁ ), ସରେଇବା - ଦୟାକରିବା
/ ଇଲ / - / ଦେଖ୍ + ଇଲ / - ଦେଖିଲ, ଦେଖିଲ ଝଣେ ( ଜଣେ ଦେଖିଥିବା ଲୋକ)
/ ସୁସ + ଇଲ / - ସୁସିଲ ( ତୃପ୍ତାତ୍ମି )
/ ଉଲା / - / ବାଙ୍କ + ଉଲା / - ବାଙ୍କୁଲା ( ବାଙ୍କୁଲା ନୁହାଁ )
/ ର / - / ଢାନ୍ଦ୍ + ର / - ଢାନ୍ଦର ( ଢାନ୍ଦୁର )
/ ପକ + ର / - ପକର ( ଫୋପଡ଼ିଥା )

୧. ୩. ୨. ନିର୍ଦ୍ଧାରକ :

ଯେଉଁ ବିଶେଷଣ ବର୍ଣ୍ଣନା ନକରି ନିର୍ଦ୍ଦିଷ୍ଟ ବ୍ୟକ୍ତି, ବସ୍ତୁ, ଭାବ ଇତ୍ୟାଦି ନିର୍ଦ୍ଦେଶକରେ ତାହା ନିର୍ଦ୍ଧାରକ ଶ୍ରେଣୀୟ । ଏ ଗୁଡ଼ିକର ଲିଙ୍ଗଭେଦ ଅନୁସାରେ ରୂପଭେଦ ହୁଏ ନାହିଁ ।

ଏହାକୁ ନିମ୍ନଲିଖିତ ଭାବେ, ବର୍ଗୀକରଣ କରାଯାଇପାରେ ।

(କ) ସାର୍ବନାମିକ : ସମ୍ବନ୍ଧ ପଦୀୟ / ମର, ତର / ( ମୋର, ତୋର )
ପ୍ରଶ୍ନବାଚକ / କିଁ / ( କେଉଁ )
ସହ ସମ୍ବନ୍ଧବାଚକ / ଜିଁ / ( ଯେଉଁ )
ନିର୍ଦ୍ଦେଶକ / ଇ, ସି / ( ଏହା, ତାହା )

(ଖ) ସାର୍ବନାମିକ ବ୍ୟୁତ୍ପାଦିତ : ପରିମାଣ ବାଚକ / ଏତେ, ତେତେ /
ଆକୃତି ବାଚକ / ଏଡ଼େ, ସେଡ଼େ /
ସ୍ଥିତି ବାଚକ / ଇଁଥ, ସିଁଥ /

(ଗ) ପରିମାଣାତ୍ମକ : ସମୁଦାୟ ବାଚକ / ସବୁ, ଗୁଲେ, ଅନେକ, ଜବର /
ଅଂଶବାଚକ / ଅଧେ, ଗୁଟେ, ଅଲପ୍, ଗଣ୍ଡେ /
ସଂଖ୍ୟାବାଚକ / ଏକ୍, ଦୁଇ, ତିନ୍ /

୧. ୩. ୩. ସଂଖ୍ୟାଶବ୍ଦ :

ଭାଥୁଡ଼ିରେ କ୍ରମ ସୂଚକ ଶବ୍ଦ ଥିଲେହେଁ ଅନେକତ ଗଣନା ସୂଚକର ବ୍ୟବହାର ହୁଏ । ଗଣନା ସୂଚକ ଶବ୍ଦ କୋଡ଼ିଏ ପର୍ଯ୍ୟନ୍ତ ସୀମିତ, ମାତ୍ର ଦସ୍, କୋଡ଼ି, ତିରିସ୍, ଚାଲିସ୍, ପଚାସ, ସାଠିଏ, ସତୁରି, ଅସି, ନବେ, ସହ ଆଦି ଦସ୍‌ର ଗୁଣିତକ ଗୁଡ଼ିକ ବ୍ୟବହୃତ ହୁଏ । ମାତ୍ର ଅନ୍ୟ ସଂଖ୍ୟା ଯଥା ୪୭ / ୪୯ ଆଦିକୁ ଯଥାକ୍ରମେ / ଦୁଇକୋଡ଼ି ସାତ୍ /, / ଦୁଇ କୋଡ଼ି ନଅ / ଭାବେ ଗଣନା କରାଯାଏ । ନିର୍ଦ୍ଧାରିତ ଏକ ବୁଝାଇବାକୁ ଗୋଟିଏ ଏକକ ଚିହ୍ନ ଅଛି — / ଗୁଟେ /, ଅନ୍ୟ ସଂଖ୍ୟା ସହିତ ନିର୍ଦ୍ଧାରକ / ଟା / ପ୍ରତ୍ୟୟ ଯୋଗ କରାଯାଏ । ଯଥା : / ଦୁଇଟା, ଆଠ୍‌ଟା / ଇତ୍ୟାଦି ।

ସଂଖ୍ୟାବାଚକ ଶବ୍ଦମଧ୍ୟ ରୂଢ଼ି ଅର୍ଥରେ ଅନିର୍ଦ୍ଦିଷ୍ଟ ସଂଖ୍ୟା ବୁଝାଇଥାଏ । ଯଥା : / ହାତ୍ ଏକ୍ / ( ହାତେ ପାଖାପାଖି ), / ଦୁଇଟା / - ( ଅଳ୍ପକେତେକ ) / ଆଠ୍ ଦସ ଟା / ( କିଛି )

ବିଶେଷ୍ୟ ପଦ ସହିତ ନିର୍ଦ୍ଦେଶକ / ଏ / ଓ ସଂଖ୍ୟାବାଚକ / ଏକ / ପ୍ରାୟ ପରିଦୃଷ୍ଟ ହୁଏ । ଯଥା : / ତଲେ / ( ଏକତଲା ପୂର୍ଣ୍ଣ ), / କୁଲେ / ( ଏକକୁଲା ପୂର୍ଣ୍ଣ ), / ଠେକେ / ( ଏକଠେକା ପୂର୍ଣ୍ଣ ) / ଗଣ୍ଡାକ / ( ଏକଗଣ୍ଡା ), / ମୁଠାକ / ( ଏକ ମୁଠା ) । ବ୍ୟୁତ୍ପାଦକ ପ୍ରତ୍ୟୟ / ଲ / ଏହା ସହିତ ସଂଯୁକ୍ତ ହୁଏ, / ଏକ୍‌ଲ / ।

/ ତିନ୍ /, / ଦୁଇ / ବିଶେଷ୍ୟ ପୂର୍ବରେ ସଂସ୍ଥିତ ହେଲେ ପ୍ରାତିପଦିକ ସହିତ ସମୀଭୂତ ହୁଏ ଏବଂ ଏହି ପରିସ୍ଥିତିରେ ରୂପିମିକ ଅବଶେଷ ରହେ ଯଥାକ୍ରମେ / ତି / ଓ / ଦୁ / । ଦୃଷ୍ଟାନ୍ତ ସ୍ୱରୂପ / ଦୁହତ / ( ଦ୍ୱିତୀୟ ଥର କରାଯାଉଥିବା ହଳ ) / ତିହ୍‌ତିଆ / ( ବୈଶାଖ ମାସ ପୂର୍ଣ୍ଣିମାର ତିନିଦିନରେ ପଡୁଥିବା ତିଥି ) ।

୧. ୩. ୪. ବିଶେଷଣ ବ୍ୟତୀତ ଅନ୍ୟାନ୍ୟ ବର୍ଗୀୟ ପଦ ମଧ୍ୟ ବିଶେଷଣ ରୂପେ ବ୍ୟବହୃତ ହୋଇପାରେ । ଏଗୁଡ଼ିକ ବିଶେଷଣ ସମାନାର୍ଥକ ଭାବେ ଗ୍ରହଣୀୟ । ନିମ୍ନଲିଖିତ ରୂପବର୍ଗ ବିଶେଷଣ ଭାବେ ପ୍ରଯୁକ୍ତ ହୋଇପାରେ ।

କ) / ନୁହା - ନଙ୍ଗ୍ଲ / ( ଲୁହା ଲଙ୍ଗଳ )

/ ଧାନ୍ - ହାଣ୍ଡି / ( ଧାନ ସିଝାଯାଉଥିବା ହାଣ୍ଡି )

/ ନଦ - ମାଛ୍ / ( ନଦୀର ମାଛ )

/ ମଦ୍ - ଭଟି / ( ମଦଭଟି )

/ ଫୁଲ୍ ଗଛ / ( ଫୁଲଗଛ )

ସମ୍ବନ୍ଧ କାରକ ରୂପରେ ବିଶେଷ୍ୟ ସାଧାରଣତଃ ବିଶେଷଣ ଭାବେ ବ୍ୟବହୃତ ହୁଏ ।

/ ହାଟର୍ କଣା / ( ହାଟରୁ କଣା )

/ ଘରର୍ କରା / ( ଘରେ ପ୍ରସ୍ତୁତ )

/ ରାମର ଘର / ( ରାମର ଘର )

ଖ) କୃଦନ୍ତ ବିଶେଷଣ :

ବର୍ତ୍ତମାନ କାଳିକ - / ଧୁଆ ଲୁଗା / ( ଧୁଆ ଯାଇଥିବା ଲୁଗା )

/ ଆଉଛ ମାସ୍ / ( ଆସନ୍ତା ମାସ )

ଭୂତ କାଳିକ - / ଦେଖ୍ଲା କଥା / ( ଦେଖାଯାଇଥିବା ଘଟଣା )

/ ସୁଣ୍ଲା ଝଣେ / ( ଶୁଣିଥିବା ଜଣେ ବ୍ୟକ୍ତି )

ଭବିଷ୍ୟତ କାଳିକ - / ଖେଲବା ପିଲା / - ( ଖେଳୁଥିବା ପିଲା )

/ ଖାଇବା ଭାତ୍ / - ( ଖାଇବା ଭାତ )

/ ଧର୍ବା କଥା / - ( ଆଲୋଚ୍ୟ ବିଷୟ )

ଗ) କ୍ରିୟା ବିଶେଷଣ :

/ ଗଲ୍ଲା କଥା / - ( ଗତ କଥା )

/ ଭିର୍ ରାତି / - ( ଭୋର ରାତି )

/ କାଲ୍ ସକାଳ / - ( ଆସନ୍ତା କାଲି - ଗତକାଲି ସକାଳ )

## ୨. ୨. କ୍ରିୟା

୨. ୨. ୦. ଦେଶିଆ ଭାଷାରେ ଦୁଇପ୍ରକାର କ୍ରିୟାରୂପ ଦେଖାଯାଏ ।

ଯଥା : ( ୧ ) ଅସମାପିକା କ୍ରିୟାରୂପ

( ୨ ) ସମାପିକା କ୍ରିୟା ରୂପ

୨. ୨. ୧. ଅସମାପିକା କ୍ରିୟା ସଂରଚନାର ଦୁଇଟି ପ୍ରସ୍ଥଗ - କ୍ରିୟା ପ୍ରାତିପଦିକ + ବିଭକ୍ତି ପ୍ରତ୍ୟୟ । ଏହି ଜାତୀୟ କ୍ରିୟା ଯୌଗିକ ସମାପିକା କ୍ରିୟା ବା ପଦବନ୍ଧ ଗଠନରେ ଏବଂ ଜଟିଳ ବାକ୍ୟରେ ଉପବାକ୍ୟ ଗୁଡ଼ିକର ସଂଯୋଜନାରେ ଅଂଶଗ୍ରହଣ କରେ । ନିମ୍ନଲିଖିତ ବିଭକ୍ତି - ପ୍ରତ୍ୟୟ ଯୋଗେ ଅସମାପିକା କ୍ରିୟା ଗଠିତ ହୋଇଥାଏ ।

୧. / କଣ / - ଏକାଧିକ କ୍ରିୟାର ଆନୁକ୍ରମିକ ଉପସ୍ଥାପନରେ ସଂପନ୍ନତା ସୂଚକ ସଂଯୋଜକ ।

/ ଘିଉ୍ ରୁଉଣ ରାନ୍ଧକଣ ଇଗା ଖାଇନେସ୍ / ( ଘିଉ ତରକାରି ରାନ୍ଧି ଏମାନେ ଖାଇଲେ )

୨. / ଇ / - କ୍ରିୟା ବିଶେଷଣାତ୍ମକ ସାଂତତ୍ୟବୋଧକ ।

/ କାଲ ଘଟ୍କ ଆଇଲା / ( କାଲୀ ଦୌଡ଼ି ଆସିଲା )

୩. / ତେ / - କ୍ରିୟା ବିଶେଷଣାତ୍ମକ ଏକ କାଳକତା ବୋଧକ ।

/ ସିଏ ଜାଇତେ ଦେଖ୍ଲା / ( ସେ ଯିବା ସମୟରେ ବା ଯାଉ ଯାଉ ଦେଖିଲା )

/ ସିଏ ଖାଇତେ ଖାଇତେ ଗେଲା / ( ସେ ଖାଉ ଖାଉ ଗଲା )

୪. / ତାନ / କ୍ରିୟା ବିଶେଷଣାତ୍ମକ ସାଂତତ୍ୟବୋଧକ ।

/ ତାକେ ରଖିଦଣ୍ତାନ ଘଟ୍କବ / ( ତାକୁ ରଖିଦେବାମାତ୍ର ଦୌଡ଼ିବ )

୫. / ନେ / ସୋପାଧିକ ବା ସର୍ତ୍ତମୂଳକ ସଂଯୋଜକ ।

/ ତୁଇ ନାଇଁ ଗେନେ ମୁଇଁ ଆଉ ପାର୍ବନ / ( ତୁ ନଗଲେ ମୁଁ ଆଉ ପାରିବ ନାହିଁ )

୬. / ଆ / ସଂଜ୍ଞାତ୍ମକ

/ ତାକେ ସୁଙ୍ଗୁ ବାଜା କର୍ନେସ୍ / ( ତାକୁ ସୁଙ୍ଗୁ ବଜା କରାଇଲେ )

୭. / କ / ଭାବାର୍ଥକ

/ ମାଁକ୍ଲ ସଲେଇଥାଏ ମାଗିକ / ( ମାଙ୍କଡ ମାଗିବାକୁ ଭୁଲିଯାଇଥାଏ )

୮. / ବା / ଭାବାର୍ଥକ ସଂଜ୍ଞାତ୍ମକ

/ ଇଟା ଧର୍ବା କଥା / ( ଏହା ଆଲୋଚ୍ୟ ବିଷୟ ଅଟେ )

୯. / ବାର୍ / ଭାବାର୍ଥକ ସଂଜ୍ଞାତ୍ମକ ଓ ସମ୍ବନ୍ଧାର୍ଥକ ବିଶେଷଣାତ୍ମକ ।

/ ତକେ ଆଉ ରଖ୍ବାର ନାଇଁ / ( ତତେ ଆଉ ରଖିବା କଥା ନାହିଁ )

/ ସିମାନେ ତାଙ୍କର୍ ଖାଇବାର୍ ଧରନେସ୍ / ( ସେମାନେ ତାଙ୍କର ଖାଇବାର ଧରିଲେ )

୨. ୨. ୨. ସମାପିକା କ୍ରିୟାରୂପ

ସମାପିକା କ୍ରିୟା ସଂରଚନାର ସୂତ୍ର :

[ ପ୍ରାତିପଦିକ + ( ଆତ୍ମମୁଖ୍ୟ ) ( ସହାୟକ କ୍ରିୟା ) + ( କାଳ / ବୃତ୍ତି ) + ପୁରୁଷବଚନ ]

ଏଥିରୁ ପ୍ରତିପନ୍ନ ହୁଏ ଯେ ଏକ ସମ୍ପୂର୍ଣ୍ଣ କ୍ରିୟା ପଦରେ ପାଞ୍ଚଟି ଉପାଦାନ ରହିପାରେ ।

୧. କ୍ରିୟା ପ୍ରାତିପଦିକ

୨. ଆତ୍ମମୁଖ୍ୟାତ୍ମକ ପ୍ରତ୍ୟୟ

୩. ସହାୟକ କ୍ରିୟା

୪. କାଳ ଓ ବୃତ୍ତି ନିର୍ଦ୍ଦେଶକ

୫. ପୁରୁଷ ବଚନ ସୂଚକ ପ୍ରତ୍ୟୟ

ଏହି ଉପାଦାନ ଗୁଡ଼ିକର ଉପସ୍ଥିତି ଅନୁସାରେ କ୍ରିୟାପଦ ଗୁଡ଼ିକୁ ତିନୋଟି ସଂରଚନାତ୍ମକ ଶ୍ରେଣୀରେ ବିଭକ୍ତ କରାଯାଇପାରେ ।

( କ ) ମୌଳିକ ସରଳ ରୂପ ( ପ୍ରକୃତି + ପୁରୁଷ - ବଚନ )

୧. ଚିରକାଳିକ

୨. ଅନୁଜ୍ଞା

( ଖ ) ଆଭିମୁଖ୍ୟ ବିହୀନ ସରଳରୂପ ( ପ୍ରକୃତି + କାଳ / ବୃତ୍ତି + ପୁରୁଷ-ବଚନ )

୩. ସାମାନ୍ୟ ଅତୀତ

୪. ସାମାନ୍ୟ ଭବିଷ୍ୟତ

୫. ସାମାନ୍ୟ ସର୍ତ୍ତମୂଳକ

( ଗ ) ଆଭିମୁଖ୍ୟ ଯୁକ୍ତ ଯୌଗିକ ରୂପ ।

(i) ( ପ୍ରକୃତି + ଆଭିମୁଖ୍ୟ ) + ( ସତ୍ତାତ୍ମକ + କାଳ / ବୃତ୍ତି + ପୁରୁଷ-ବଚନ )

୬. ଅସମ୍ପନ୍ନ ଅତୀତ

୭. ପୂର୍ଣ୍ଣ ଅତୀତ

୮. ନିରପେକ୍ଷ ସମ୍ଭାବ୍ୟ ଅସମ୍ପନ୍ନ ( ଅସମ୍ପନ୍ନ ଭବିଷ୍ୟତ )

୯. ନିରପେକ୍ଷ ସମ୍ଭାବ୍ୟ ସମ୍ପନ୍ନ

୧୦. ସୋପାଧିକ ସମ୍ଭାବ୍ୟ ଅସମ୍ପନ୍ନ

୧୧. ସୋପାଧିକ ସମ୍ଭାବ୍ୟ ସମ୍ପନ୍ନ

୧୨. ଚିରକାଳିକ ଅସମ୍ପନ୍ନ

୧୩. ଚିରକାଳିକ ସଂପନ୍ନ

(ii) ( ପ୍ରକୃତି + କାଳ + ପୁରୁଷ-ବଚନ ) + ( ସତ୍ତାତ୍ମକ + ପୁରୁଷ ବଚନ )

୧୪. ବର୍ତ୍ତମାନ ଅସମ୍ପନ୍ନ

୧୫. ସମ୍ପନ୍ନ

ଉପରୋକ୍ତ ବିବରଣୀରୁ ପ୍ରତିପନ୍ନ ହୁଏ ଯେ କ୍ରିୟା-ରୂପ ଦୃଷ୍ଟିରୁ ସର୍ବମୋଟ ୧୫ଟି ରୂପ ଉପଲବ୍ଧ । ଏହି ରୂପ ସମୂହ ତ୍ରିବିଧ ପୁରୁଷ ଭେଦ ଏବଂ ଦ୍ୱିବିଧ ବଚନ ଭେଦ ଯୋଗୁଁ ସର୍ବମୋଟ ୯୦ଟି ରୂପରେ ପରିଣତ ହୋଇପାରେ ।

୨. ୨. ୩. କ୍ରିୟା ରୂପର ବିଭକ୍ତି ସଂବର୍ଗ :

ପୂର୍ବ ବିବରଣୀ ଭିତ୍ତିରେ ପ୍ରତିପନ୍ନ ହୁଏ ଯେ କ୍ରିୟା ପ୍ରାତିପଦିକର ବିଭକ୍ତି ସଂବର୍ଗ ପଞ୍ଚବିଧ

(୧) ଆଭିମୁଖ୍ୟ, (୨) କାଳ, (୩) ବୃତ୍ତି, (୪) ପୁରୁଷ, (୫) ବଚନ,

୨.୨.୩.୧. ଆଭିମୁଖ୍ୟ :

ଏହାଦ୍ୱାରା ଏକ ନିର୍ଦ୍ଦିଷ୍ଟ କାଳସୀମା ମଧ୍ୟରେ କର୍ମର ସ୍ଥିତି ସୂଚିତ ହୁଏ । ଏହା ନ ଥିଲେ କର୍ମର ବିବରଣୀ ମାତ୍ର ମିଳେ, ସ୍ଥିତି କାଳ ଜାଣି ହୁଏ ନାହିଁ । ଅସମ୍ପନ୍ନ ଓ ସମ୍ପନ୍ନ ଭେଦରେ ଆଭିମୁଖ୍ୟର ଦ୍ୱିବିଧ ବୈଷମ୍ୟ ପରସ୍ପର ବ୍ୟାବର୍ତ୍ତିକ । ଏକ ନିର୍ଦ୍ଦିଷ୍ଟ କାଳସୀମା ମଧ୍ୟରେ ଅସମ୍ପନ୍ନ ଆଭିମୁଖ୍ୟ କର୍ମର ବିସ୍ତୃତି ଏବଂ ସମ୍ପନ୍ନ ଆଭିମୁଖ୍ୟ କର୍ମର ସମାପ୍ତି ସୂଚିତ କରେ ।

ଆଭିମୁଖ୍ୟ ସୂଚକ ପ୍ରତ୍ୟୟ : ଅସଂପନ୍ନ - / ଉ /
ସଂପନ୍ନ - / ଇ /

ଯଥା : / ମୁଇଁ ଖାଉଛେସ୍ଁ / ( ମୁଁ ଖାଉଅଛି )
/ ମୁଇଁ ଖାଇଛେସ୍ଁ / ( ମୁଁ ଖାଇଅଛି )

୨.୨.୩.୨. କାଳ :

ଏହା କର୍ମର ସମୟ ନିର୍ଦ୍ଦେଶ କରେ । ଏଥିରେ ତ୍ରିବିଧ ବୈଷମ୍ୟ ଯଥା : ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ । ତାହା ନିମ୍ନୋକ୍ତ ରୂପିମ୍ ଦ୍ୱାରା ସୂଚିତ ହୁଏ ।

ବର୍ତ୍ତମାନ ନିର୍ଦ୍ଦେଶକ — / Ø / ( ଦ୍ୱିତୀୟ ପୁରୁଷ ଚିରକାଳିକ ଏକ ବଚନରେ / ସ / ଦେଖାଯାଏ । ଚିରକାଳିକରେ ଏକ ସ୍ୱରାତ୍ମକ ପ୍ରତ୍ୟୟ ଅଛି, ଯାହାର ଉପରୂପ ପୁରୁଷ ବଚନ ସହିତ / ଏଁସ୍ଁ, ଉଁ, ଅ / ରୂପରେ ଉପଲବ୍ଧ ହୁଏ )

ଅତୀତ ନିର୍ଦ୍ଦେଶକ - / ଲ, ନ / ( ଏକ ବଚନରେ / ଲ / ବହୁବଚନରେ / ନ / ବ୍ୟବହୃତ ହୁଏ )

ଭବିଷ୍ୟତ ନିର୍ଦ୍ଦେଶକ — / ବ, ମ, କ / ( ଏକବଚନରେ / ବ / ବହୁବଚନରେ / ମ / ତୃତୀୟ ପୁରୁଷ ଏକବଚନରେ / କ / ବ୍ୟବହୃତ ହୁଏ ।

୨.୨.୩.୩. ବୃତ୍ତି :

ଏହାଦ୍ୱାରା କର୍ତ୍ତାର କର୍ମପ୍ରତି ମନୋଭାବ ସୂଚିତ ହୋଇଥାଏ । କ୍ରିୟା ରୂପରେ ଉପଲବ୍ଧ ଚତୁର୍ବିଧ ବୃତ୍ତି ମଧ୍ୟରୁ ନିଶ୍ଚୟାର୍ଥକ ଓ ସମ୍ଭାବନାର୍ଥକ ବୃତ୍ତିଦ୍ୱୟ ବିଭିନ୍ନ ପ୍ରକାର କ୍ରିୟାରୂପରେ ଏବଂ ସର୍ତ୍ତମୂଳକ ଓ ଅନୁଜ୍ଞାତ୍ମକ ବୃତ୍ତିଦ୍ୱୟ ନିମ୍ନଲିଖିତ ବିଭକ୍ତି ପ୍ରତ୍ୟୟଯୋଗେ ପ୍ରକାଶିତ ହୋଇଥାଏ ।

ସର୍ତ୍ତମୂଳକ ପ୍ରତ୍ୟୟ / ତ /
ଅନୁଜ୍ଞାତ୍ମକ ପ୍ରତ୍ୟୟ / Ø /

୨.୨.୩.୪. ପୁରୁଷ ବଚନ :

ପୁରୁଷ କୋଟିରେ ତ୍ରିବିଧ ଏବଂ ବଚନ କୋଟିରେ ଦ୍ୱିବିଧ ବୈଷମ୍ୟ ପରିଲକ୍ଷିତ ହୁଏ । କ୍ରିୟା ରୂପରେ ପୁରୁଷ ଓ ବଚନ ଏକତ୍ର ସମନ୍ୱିତ ହେବେ ନିମ୍ନଲିଖିତ ପର୍ଯ୍ୟାୟବାଚୀ ପ୍ରତ୍ୟୟ ଗୁଡ଼ିକ ଦ୍ୱାରା ନିର୍ଦ୍ଦେଶିତ ହୁଏ ।

| | i | ii | iii | iv |
|---|---|---|---|---|
| ୧ମ ପୁରୁଷ ଏକବଚନ | ଏଁ / ଏସ୍ଁ | ଭ | | ଏସ୍ଁ |
| ବହୁବଚନ | ଉଁ | ଉ | | ଉ |

| | i | ii | iii | iv |
|---|---|---|---|---|
| ୨ୟ ପୁରୁଷ ଏକବଚନ | ଅସ | ଏ | Ø | ଏ |
| ବହୁବଚନ | ଅସ | ଅ | ଅ | ଅ |
| ୩ୟ ପୁରୁଷ ଏକବଚନ | ଏ / ଅୟ | ଆ | ଉ | ଇ |
| ବହୁବଚନ | ଅନ୍ତି | ଏୟ | ଉନ୍ତ୍ | ଅନ୍ତି |

ବ୍ୟାଖ୍ୟା :

ପର୍ଯ୍ୟାୟ i ସାଧାରଣ ପ୍ରତ୍ୟୟ

ii ସାମାନ୍ୟ ଅତୀତ, ସାମାନ୍ୟ ସର୍ତ୍ତମୂଳକ, ସାମାନ୍ୟ ଭବିଷ୍ୟତ ରୂପ ସହିତ ସାମାନ୍ୟ ବର୍ତ୍ତମାନ ।

iii ଅନୁଜ୍ଞାତ୍ମକ ରୂପ ସହିତ

iv ସହାୟକ କ୍ରିୟା /ଅଛ୍/ ର ଚିର କାଳିକ ରୂପ ଏବଂ ନାସ୍ତିବାଚକ ରୂପ ସହିତ ।

୧.୨.୪. ସହାୟକ କ୍ରିୟା :

ଏହା ମୁଖ୍ୟକ୍ରିୟା ସହିତ କେତେକ ବଭିନ୍ନ ସବର୍ଗ ଓ ବୃତ୍ତି ନିର୍ଦ୍ଦେଶ କରିବା ଅର୍ଥରେ ସଂଯୁକ୍ତ ହୋଇଥାଏ । ଏହା ଅଭିମୁଖ୍ୟ ଯୁକ୍ତ ମୁଖ୍ୟ କ୍ରିୟାର ଅନୁବର୍ତ୍ତୀ ହୁଏ ଏବଂ କାଳ ବୃତ୍ତି ପୁରୁଷ ବଚନ ବୋଧକ କ୍ରିୟାରୂପ ସମ୍ବନ୍ଧୀୟ ପ୍ରତ୍ୟୟମାନ ଗ୍ରହଣ କରିଥାଏ ।

ବାଥୁଡିରେ ଏହିପରି ଦୁଇଟି ସହାୟକ କ୍ରିୟା ଅଛି /ଅଛ୍/ ଓ /ଥା/ । /ଅଛ୍/ ବର୍ତ୍ତମାନ କାଳିକ ଅସମ୍ପନ୍ନ ଓ ସମ୍ପନ୍ନ ରୂପ ରଚନାରେ ଏହା ସଂଯୁକ୍ତ ରୂପରେ ପ୍ରଯୁକ୍ତ ହୁଏ ।

| | ଏକବଚନ | ବହୁବଚନ |
|---|---|---|
| ୧ମ ପୁରୁଷ | /ଛେୟଁ/ | /ଛଉ/ |
| ୨ୟ ପୁରୁଷ | /ଛେ/ | /ଛ/ |
| ୩ୟ ପୁରୁଷ | /ଛି/ | /ଛନ୍ତି/ |

/ଥ/ ଅତୀତ ଓ ଭବିଷ୍ୟତ କାଳିକ ଅସମ୍ପନ୍ନ ଓ ସମ୍ପନ୍ନ ରୂପ ତଥା ଚିରକାଳିକ ଅସମ୍ପନ୍ନ ଓ ସମ୍ପନ୍ନ ରୂପରଚନାରେ ପ୍ରଯୁକ୍ତ ହୁଏ ।

ଏହାର ରୂପାବଳୀ :

( ସାମାନ୍ୟ ଅତୀତ )

| | ଏକବଚନ | ବହୁବଚନ |
|---|---|---|
| ୧ମ ପୁରୁଷ | ଥିଲି | ଥିଲୁ |
| ୨ୟ ପୁରୁଷ | ଥିଲେ | ଥିଲ |
| ୩ୟ ପୁରୁଷ | ଥିଲା | ଥିଲେୟ |

( ସାମାନ୍ୟ ଭବିଷ୍ୟତ )

| | ଏକବଚନ | ବହୁବଚନ |
|---|---|---|
| ୧ମ ପୁରୁଷ | ଥୁବି | ଥୁମୁ |
| ୨ୟ ପୁରୁଷ | ଥୁବେ | ଥୂବ |
| ୩ୟ ପୁରୁଷ | ଥୂଆକେ | ଥୁମେୟୁ |

## ଚିରକାଳିକ

| | ଏକବଚନ | ବହୁବଚନ |
|---|---|---|
| ୧ମ ପୁରୁଷ | ଥାଏଁ | ଥାଉଁ |
| ୨ୟ ପୁରୁଷ | ଥାଆସ୍ | ଥାଆସ |
| ୩ୟ ପୁରୁଷ | ଥାଏ | ଥାନ୍ତି |

## ଅନୁଜ୍ଞା

| | ଏକବଚନ | ବହୁବଚନ |
|---|---|---|
| ୨ୟ ପୁରୁଷ | ଥା | ଥାଅ |
| ୩ୟ ପୁରୁଷ | ଥାଉ | ଥାଉନ୍ତୁ |

## ନାସ୍ତିବାଚକ ଚିରକାଳିକ

| | ଏକବଚନ | ବହୁବଚନ |
|---|---|---|
| ୧ମ ପୁରୁଷ | ନାହିଁ ଥାଏଁ | ନାହିଁ ଥାଉଁ |
| ୨ୟ ପୁରୁଷ | ନାହିଁ ଥାଆସ୍ | ନାହିଁ ଥାଆସ |
| ୩ୟ ପୁରୁଷ | ନାହିଁ ଥାଏ | ନାହିଁ ଥାନ୍ତି |

୨. ୨. ୫. ସମାପିକା କ୍ରିୟା ରୂପାବଳୀର ନମୁନା :

କ୍ରିୟା ପ୍ରାତିପଦିକ : / କର୍ /

୧. ନାସ୍ତିବାଚକ ଚିରକାଳିକ

| | ଏକବଚନ | ବହୁବଚନ |
|---|---|---|
| ୧ମ ପୁରୁଷ | ନାହିଁ କରେୟୁଁ | ନାହିଁ କରଉଁ |
| ୨ୟ ପୁରୁଷ | ନାହିଁ କରସ୍ | ନାହିଁ କରସ |
| ୩ୟ ପୁରୁଷ | ନାହିଁ କରେୟୁ | ନାହିଁ କରନ୍ତି |

୨. ଅନ୍ନୁଜ୍ଞା

| ଏକବଚନ | ବହୁବଚନ |
|---|---|
| / (କରେସ୍ତଁ) / | / (କରଉଁ) / |
| / କର୍ / | / କର / |
| / କରଉ / | / କରୁନ୍ / |

୩. ସାମାନ୍ୟ ଅତୀତ (ମୁଁ କରଲି ଇତ୍ୟାଦି)

| | |
|---|---|
| / କଇଲି / | / କଇଲୁ / |
| / କଇଲେ / | / କଇଲ / |
| / କଇଲା / | / କଇନେସ୍ତ / |

୪. ସାମାନ୍ୟ ଭବିଷ୍ୟତ (ମୁଁ କରିବି ଇତ୍ୟାଦି)

| | |
|---|---|
| / କରିବି / | / କରିମୁ / |
| / କରିବେ / | / କରିବ / |
| / କରିଆକ୍ / | / କରିମେସ୍ତ / |

୫. ସାମାନ୍ୟ ସର୍ତ୍ତମୂଳକ (ଯଦି କହନ୍ତେ, ମୁଁ କରନ୍ତି ଇତ୍ୟାଦି)

| | |
|---|---|
| କରନ୍ତି | କରନ୍ତୁଁ |
| କରନ୍ତେ | କରନ୍ତ |
| କରନ୍ତା | କରନ୍ତେସ୍ତଁ |

୬. ଅସମ୍ପନ୍ନ ଅତୀତ (ମୁଁ କରୁଥିଲି ଇତ୍ୟାଦି)

| | |
|---|---|
| କରୁଥିଲି | କରୁଥିଲୁ |
| କରୁଥିଲେ | କରୁଥିଲ |
| କରୁଥିଲା | କରୁଥିନେସ୍ତ |

୭. ପୂର୍ଣ୍ଣ ଅତୀତ (ମୁଁ କରିଥିଲି ଇତ୍ୟାଦି)

| | |
|---|---|
| କରିଥିଲି | କରିଥିଲୁ |
| କରିଥିଲେ | କରିଥିଲ |
| କରିଥିଲା | କରିଥିନେସ୍ତ |

୮. ଅସମ୍ପନ୍ନ ଭବିଷ୍ୟତ (ମୁଁ କରୁଥିବି ଇତ୍ୟାଦି)

| | |
|---|---|
| କରୁଥିବ | କରୁଥିମୁ |
| କରୁଥିବେ | କରୁଥିବ |
| କରୁଥିଆକେ | କରୁଥିମେସ୍ତ |

୯. ନିରପେକ୍ଷ ସମ୍ଭାବ୍ୟ ସମ୍ପନ୍ନ (ମୁଁ କରିଥିବି ଇତ୍ୟାଦି)

| ଏକବଚନ | ବହୁବଚନ |
|---|---|
| କରିଥିବ | କରିଥିମୁ |
| କରିଥିବେ | କରିଥିବ |
| କରିଥିଆକେ | କରିଥିମେସ୍ତ |

୧୦. ସୋପାଧିକ ସମ୍ଭାବ୍ୟ ଅସମ୍ପନ୍ନ (ମୁଁ କରୁଥାନ୍ତି ଇତ୍ୟାଦି)

| | |
|---|---|
| କରୁଥିନ୍ତି | କରୁଥିନ୍ତୁଁ |
| କରୁଥିନ୍ତେ | କରୁଥିନ୍ତ |
| କରୁଥିନ୍ତା | କରୁଥିନ୍ତେସ୍ତଁ |

୧୧. ସୋପାଧିକ ସମ୍ଭାବ୍ୟ ସମ୍ପନ୍ନ (ମୁଁ କରିଥାନ୍ତି ଇତ୍ୟାଦି)

| | |
|---|---|
| କରିଥିନ୍ତି | କରିଥିନ୍ତୁଁ |
| କରିଥିନ୍ତେ | କରିଥିନ୍ତ |
| କରିଥିନ୍ତା | କରିଥିନ୍ତେଇଁ |

୧୨. ଚିରକାଳିକ ଅସମ୍ପନ୍ନ (ମୁଁ କରୁଥାଏଁ)

| | |
|---|---|
| କରୁଥାଏଁ | କରୁଥାଉଁ |
| କରୁଥାଉ | କରୁଥାଅ |
| କରୁଥାଏ | କରୁଥାନ୍ତି |

୧୩. ଚିରକାଳିକ ସମ୍ପନ୍ନ (ମୁଁ କରିଥାଏଁ ଇତ୍ୟାଦି)

| | |
|---|---|
| କରିଥାଏଁ | କରିଥାଉଁ |
| କରିଥାସ୍ | କରିଥାଅ |
| କରିଥାଏ | କରିଥାନ୍ତି |

୧୪. ବର୍ତ୍ତମାନ ଅସମ୍ପନ୍ନ (ମୁଁ କରୁଅଛି ଇତ୍ୟାଦି)

| | |
|---|---|
| କରୁଛେସ୍ତଁ | କରୁଛଉଁ |
| କରୁଛେ | କରୁଛ |
| କରୁଛି | କରୁଛନ୍ତି |

୧୫ ସମ୍ପନ୍ନ ବର୍ତ୍ତମାନ (ମୁଁ କରିଅଛି ଇତ୍ୟାଦି)

| | |
|---|---|
| କରିଛେସ୍ତଁ | କରିଛଉଁ |
| କରିଛେ | କରିଛ |
| କରିଛି | କରିଛନ୍ତି |

### ୨. ୨. ୬. କ୍ରିୟାର ନାସ୍ତିବାଚକ ରୂପାନ୍ତର :

ସମାପିକା ବା ଅସମାପିକା କ୍ରିୟାର ନାସ୍ତିସୂଚକ ରୂପାନ୍ତରଣ ନାସ୍ତ୍ୟାର୍ଥକ ରୂପିମ୍ / ନାହିଁ / ଦ୍ୱାରା ସମ୍ପନ୍ନ ହୋଇଥାଏ । କେବଳ ଭବିଷ୍ୟତ କାଳ ତୃତୀୟ ପୁରୁଷ ଏକବଚନ କ୍ରିୟା ରୂପରେ / ନ / ର ବ୍ୟବହାର ଦେଖାଯାଏ । / ନ / ପର ପ୍ରତ୍ୟୟ ଭାବେ ସଂଯୁକ୍ତ ହୁଏ । ମାତ୍ର / ନାହିଁ / ଆଦ୍ୟ ମଧ୍ୟ ଓ ପର ରୂପେ ସଂଯୁକ୍ତ ହୋଇଥାଏ ।

( କ ) / ନ / - / ସିଏ କହ୍ୟାକେ / - ( ସେ କହିବ ) > / ସିଏ କହ୍ୟାକନ / ( ସେ କହିବ ନାହିଁ )

/ ସିଏ କରିଥିଆକେ / - ସେ କରିଥିବ > / ସିଏ କରିଥିଆକନ / ( ସେ କରିନଥିବ )

'ନ' ସଂଯୋଗ ହେଲେ କ୍ରିୟାର ଅନ୍ତ୍ୟ ସ୍ୱରାତ୍ମକ ପ୍ରତ୍ୟୟ 'ଏ' ଲୋପ ହୁଏ ।

( ଖ ) / ନାହିଁ / - / ମୁହିଁ କରେସୁଁ / ( ମୁଁ କରେ ) > / ମୁହିଁ ନାହିଁ କରେସୁଁ / ( ମୁଁ କରେ ନାହିଁ )

> / ମୁହିଁ କରେସୁଁ ନାହିଁ / ( ମୁଁ କରେ ନାହିଁ )

( ଗ ) / ସିଏ ରହିବ ବଇଲା / ( ସେ ରହିବ କହିଲା ) > / ସିଏ ନାହିଁ ରହିବ ବଇଲା /

> / ସିଏ ରହିବ ନାହିଁ ବଇଲା /

( ଘ ) / ମୁହିଁ କରୁଛେସୁଁ / ( ମୁଁ କରୁଅଛି ) > / ମୁହିଁ ନାହିଁ କରୁଛେସୁଁ /

( ଅତୀତ, ଭବିଷ୍ୟତ ଓ ବର୍ତ୍ତମାନ କାଳର ସମ୍ପନ୍ନ ଅସମ୍ପନ୍ନ କ୍ରିୟା ରୂପରେ ନାହିଁ ପୂର୍ବ ପ୍ରତ୍ୟୟ ଭାବେ ସଂଯୁକ୍ତ ହୁଏ )

### ୨. ୨. ୭. ପ୍ରେରଣାର୍ଥକ ରୂପାନ୍ତର :

ସାଧାରଣତଃ ରୂପରଚନା ପ୍ରକ୍ରିୟା ପକ୍ଷରେ ଧାତୁପଦକ ସହିତ ପ୍ରେରଣାର୍ଥକ ରୂପିମ୍ ଦ୍ୱାରା /

କିମ୍ବା ( ୨ ) ବାକ୍ୟରଚନାତ୍ମକ ପଦ୍ଧତିରେ / କର / କ୍ରିୟାର ପ୍ରେରଣାର୍ଥକ ରୂପ ସଂଯୋଜନ ଦ୍ୱାରା ଦ୍ୱିବିଧସ୍ଥଳରେ ପ୍ରେରଣାର୍ଥକ ରୂପାନ୍ତର ହୋଇପାରେ ।

ଯଥା / ଆଣ / > / ଆଣେଇଲା /

> / ଅଣା କରେଇଲା /

/ କଢ / > / କଢ଼େଇକ /

/ କଢ଼ା ଭରେଇକ /

ବାଥୁଡ଼ି ଭାଷାରେ ଦୁଇଟି ପ୍ରେରଣାର୍ଥକ ରୂପିମ୍ ଅଛି — / ଏ / ଓ / ଇ /, ଏବଂ ଏମାନଙ୍କ ବିତରଣ ପରସ୍ପର ପରିପୂରକ ।

( କ ) / ଏ / ଏହା ପର ପ୍ରତ୍ୟୟ ରୂପେ ପ୍ରଯୁକ୍ତ ହୁଏ । ଏହା ଫଳରେ ନିମ୍ନୋକ୍ତ ଭାବେ ରୂପଧ୍ୱନିମିକ ପରିବର୍ତ୍ତନ ଘଟେ ।

୧। ବ୍ୟଞ୍ଜନାତ୍ମକ ଧାତୁପଦକ / ଇ / ଉଚ୍ଚାରଣ ସହିତ ବିସ୍ତାରିତ ହୁଏ ।

ଯଥା : / ନାଚ / - / ନାଚେ / → / ନାଚେଇଲା /

୨ । [ - କଅ - ] ଅକୃତ ବଶିଷ୍ଟ ପ୍ରାତପଦକ ସ୍ୱର ନମ୍ନଲଖିତ ଭାବେ ପରବର୍ତ୍ତିତ ହୁଏ ।

/ ଅ /, / ଆ / > / ଉ / ଯଥା : / ପ / > / ପୁଇଲା / → / ପୁଏଇଲା /

/ ଖା / > / ଖାଇଲା / → / ଖୁଏଇଲା /

ଏ > / ଇ / / ଦେ / > / ଦେଲା / → / ଦିଏଇଲା /

୩ । [ ଅକ ଅକ ] ଆକୃତ ବଶିଷ୍ଟ ପ୍ରାତପଦକର [ ଅ' ] ଅବଲୁପ୍ତ ହୁଏ ।

( କ ) ଯଥା : / ଅଲଙ୍ଘ୍ / > / ଅଲ୍‌ଙ୍ଘିଲା / → / ଅଲଙ୍ଘେଇଲା / ( ଓଡ଼ଲେଇଲା )

/ ଅଦର୍ / > / ଅଦରଲା → / ଅଦ୍‌ରେଇଲା /

( ଖ ) / ଇ / ଏହା କେବଳ [ (କ) ଅକଅଅ - ] ଆକୃତ ବଶିଷ୍ଟ ପ୍ରାତପଦକର [ - ଅଅ ] ଅନୁକ୍ରମରେ ମଧ୍ୟ ପ୍ରତ୍ୟୟଭାବେ ପ୍ରଯୁକ୍ତ ହୁଏ । ଏଭଳି ପ୍ରାତପଦକ ସାଧାରଣତଃ ନାମଧାତୁକ, ସକର୍ମକ ଭାବେ ରୂପାନ୍ତରିତ ଅକର୍ମକ ଏବଂ ପ୍ରାଥମିକ ବ୍ୟୁତ୍ପାଦିତ ]

ଯଥା : [ ପଠ୍ ] > / ପଠେଇ / → / ପଠିଆଇ /

୨. ୨. ୮. କର୍ମବାଚକ ରୂପାନ୍ତରଣ

କର୍ତ୍ତୃବାଚ୍ୟର କ୍ରିୟାରୂପ କର୍ମବାଚ୍ୟରେ ବାକ୍ୟରଚନାତ୍ମକ ପଦ୍ଧତିରେ ସହାୟକ କ୍ରିୟା ସଂଯୋଗରେ ସାଧିତ ହୁଏ । କର୍ତ୍ତୃବାଚ୍ୟର କ୍ରିୟା ପ୍ରାତପଦକ କ୍ରିୟା ବିଶେଷ୍ୟ ଭାବେ ରୂପାନ୍ତରିତ ହୁଏ କର୍ତ୍ତାକରଣ କାରକ ଓ ସମ୍ବନ୍ଧରେ ପ୍ରତିସ୍ଥିତ ହୁଏ । ଯଥା କର୍ତ୍ତୃବାଚ୍ୟର ସଂରଚନା ।

କର୍ତ୍ତା - କର୍ମ - କ୍ରିୟା → କର୍ମ - କର୍ତ୍ତା - ମୂଳକ୍ରିୟା - ସହାୟକ କ୍ରିୟା ।

ଆମ୍ଭେ ଧାନ୍ କୁଣୁ → ଆମ୍ଭର ଧାନ୍ କୁଣା ହୁଏ ।

ଆମ୍ଭେ ଧାନ୍ କୁଣିଲୁ → ଆମ୍ଭର ଧାନ୍ କୁଣା ହେଲା / ଆମ୍ଭର୍ ଧାନ୍ କୁଣା ଗେଲା ।

କର୍ମ ଅନିର୍ଦ୍ଦିଷ୍ଟ ହୋଇଥଲେ କର୍ମବାଚକ କ୍ରିୟା ପ୍ରୟୋଗ ହୁଏ ।

ଆମ୍ଭେ ଖାଉଥିଲୁ

ଆମ୍ଭର୍ ଖିଆ ହେଉଥିଲା ।

କର୍ମବାଚ୍ୟ ରଚନାରେ ସହାୟକ କ୍ରିୟାଭାବେ / ହୁ / / ଜା / ପ୍ରୟୋଗ ହୁଏ ।

[ ମା : ଓ ସହିତ ଏହା ସମାନ୍ତରାଳ ଭାବେ ତୁଳନୀୟ ]

୨. ୨. ୯. କ୍ରିୟା ପ୍ରାତପଦିକ :

କ୍ରିୟାପଦ ରଚନାର ଭିତ୍ତି କ୍ରିୟା ପ୍ରାତପଦକ ଏବଂ ଏହା ସହିତହିଁ କ୍ରିୟାରୂପ ନିଷ୍ପାଦନ ପ୍ରତ୍ୟୟ ସଂଯୁକ୍ତ ହୋଇଥାଏ । ଏହି ଭିତ୍ତି ନିର୍ଣ୍ଣୟ କରିବାର ସହଜ ଉପାୟ ଏହା ଅବିକଳ ଭାବେ ୨ୟ ପୁରୁଷ ଏକବଚନ, ଅନୁଜ୍ଞା ପଦରେ ପ୍ରଯୁକ୍ତ ହୋଇଥାଏ ।

କ୍ରିୟା ପ୍ରାତପଦକ ମୌଳିକ ମୁକ୍ତ-ରୂପ ହୋଇପାରେ କିମ୍ବା ଏଥିରୁ ବିଭିନ୍ନ ବ୍ୟାକରଣୀକ ପଦ୍ଧତିରେ । ଯଥା : ପ୍ରତ୍ୟୟ ସଂଯୋଗ, ଆଭ୍ୟନ୍ତରୀଣ ପରିବର୍ତ୍ତନ, ସହାଦେଶ ଓ ସନ୍ଧି, ବ୍ୟୁତ୍ପାଦିତ ହୋଇପାରେ । ଏହି ଦୃଷ୍ଟିରୁ କ୍ରିୟା ପ୍ରାତପଦକ ତ୍ରିବିଧ ପ୍ରକୃତି ଲକ୍ଷଣୀୟ - ସରଳ, ବ୍ୟୁତ୍ପାଦିତ ଓ ଯୌଗିକ ।

ସରଳ ପ୍ରକୃତ :

ଗୋଟିଏ ରୂପିମ୍ ( = ଧାତୁ ) ଉପରେ ପ୍ରାତପଦକ ଆଧାରିତ ହୋଇଥିଲେ ତାହା ସରଳ ପ୍ରକୃତ ରୂପେ ଗ୍ରହଣୀୟ ।

ଏହି ଜାତୀୟ ପ୍ରାତପଦକ ମଧ୍ୟରେ ଦୁଇ ପ୍ରକାର ଭେଦ ଦେଖାଯାଏ । ଯଥା : ସକର୍ମକ ଓ ଅକର୍ମକ । ଅକର୍ମକ ଭାବବାଚକ କ୍ରିୟାର ପ୍ରକୃତ ହୁଏ ଏବଂ କର୍ମ ସହିତ ସମ୍ବନ୍ଧିତ ହୋଇପାରେ ନାହିଁ । ଏହାକୁ ପ୍ରେରଣାର୍ଥକ କ୍ରିୟାରେ ରୂପାନ୍ତରିତ କଲେ ସକର୍ମକ ଭାବେ ପ୍ରଯୁକ୍ତ ହୋଇପାରେ ।

ସରଳ ପ୍ରକୃତର ପ୍ରାତପଦକ ଏକାକ୍ଷରିକ ବା ଦ୍ୱ୍ୟାକ୍ଷରିକ ।

ଏକାକ୍ଷରିକ ପ୍ରକୃତର ଆକାର ।

| ସ୍ୱନମିକ ରୂପ | ଦୃଷ୍ଟାନ୍ତ |
|---|---|
| ୧. ଅ | / ଆ / ( ଆସ ) |
| ୨. କଅ | / ର / ( ରହ ) |
| | / କ / ( କହ ) |
| | / ଆ / - / ଖା /, / ଜା /, / ଗା /, / ନା / ( ବନ୍ଧ ), / ଧାଁ / |
| | / ଏ / - / ଦେ /, / ନେ /, / ଭେଁ / |
| | / ଉ / - / ଛୁଁ /, / ଧୁ / |
| ୩. ଅକ | / ଉଠ୍ /, ଉଡ୍ /, / ଅଳା /, / ଅଡା /, / ଆଣ / |
| ୪. କଅକ | / ମର୍ /, / ଧର୍ /, / ବଞ୍ଚ୍ /, / ମଲ / ( ମୋଡ଼ିବା ) |
| | / ଖେଦ୍ /, / ପିନ୍ଧ୍ /, / ଢାଳ୍ / |

ଦ୍ୱ୍ୟାକ୍ଷରିକ ପ୍ରକୃତର ଆକୃତ

| | |
|---|---|
| ୫. ଅକଅକ | / ଅଲଟ୍ / - ( ଓଲଟିବା, ଝୁଲିବା ) |
| | / ଅଦର୍ / - ( ତଳକୁ ଖସିବା ) |
| | / ଅକାଲ୍ / - ( ବାନ୍ତି କର ) |
| | / ଉଦ୍ଧାଡ୍ / - ( ଘୋଡ଼ାଇବା ) |
| ୬. କଅଅକ | / ଦଉଡ୍ / - ଦୌଡ଼ିବା |
| | / ଜୁଆର୍ / - / ଜୁହାର / ( ଜୁହାର୍ କରିବା ) |
| ୭. ଅକକଅକ | / ଅଣ୍ଡାଲ୍ / - ( ଖୋଜିବା ) |

୨. ୨. ୧୦ ପ୍ରାତପଦକର ପରିବର୍ତ୍ତନ ରୂପରଚନାତ୍ମକ ପ୍ରକ୍ରିୟାରେ ନିମ୍ନଲିଖିତ ଭାବେ ଲକ୍ଷଣୀୟ ।

କ ) ସମସ୍ତ ଏକାକ୍ଷରିକ ପ୍ରାତପଦକ [ ଅ ] ବା [ କଅ ] ଆକୃତର ଅନୁଜ୍ଞା ପ୍ରତ୍ୟୟ / Ø / । ଅନ୍ୟାନ୍ୟ କ୍ରିୟାରୂପ ରଚନାତ୍ମକ ପ୍ରତ୍ୟୟ ଗ୍ରହଣ କରିବା ପୂର୍ବରୁ ବିକରଣ ସ୍ୱର 'ଇ' ଗ୍ରହଣ କରିଥାନ୍ତି ।

/ ଆ / > / ଆଇଲ / - ( ଆସିଲ )

/ ର / > / ରଇଲ / - ( ରହିଲ )

/ ଗା / > / ଗାଇଲ / - ( ଗାଇଲ )

ମାତ୍ର / ଜା, ଦେ, ନେ / ପ୍ରାତିପଦିକ ସହିତ ଭବିଷ୍ୟତ କାଳିକ / ବ / ପ୍ରତ୍ୟୟ ସଂଯୋଗ ପୂର୍ବରୁ ଅତୀତ କାଳିକ / ଲ - ନ / ପ୍ରତ୍ୟୟ ସଂଯୋଗ ପୂର୍ବରୁ ଏ ବିସ୍ତାର ଘଟେ ନାହିଁ ଓ ଚରକାଳିକରେ ମଧ୍ୟ ଏହି ବିସ୍ତାର ଘଟେ ନାହିଁ ।

ଯଥା : / ଜା / → / ଜାଏଁ /, / ଜାଉ /, / ଜିବ /, / ଜିମୁ /

/ ଦେ / → / ଦଏଁ /, / ଦଉ /, / ଦେବ /, / ଦେମୁଁ /

/ ନେ / → / ନଏଁ /, / ନଉ /, / ନେବ /. / ନେମୁ /

ନିମ୍ନଲିଖିତ [ ଅ ] ଏବଂ [ କଅ ] ଆକୃତିର ପ୍ରାତିପଦିକ ଗୁଡ଼ିକର ଉପରୂପିକ ବିକଳ୍ପନ ଦେଖାଯାଏ ।

ଯଥା : / ଏ, ଆ / > / ଇ /,   / ଅ / > / ଉ /

ସାଧାରଣତଃ ୨ୟ ପୁରୁଷ ବହୁବଚନ ଅନୁଜ୍ଞା ଓ ନାସ୍ତିବାଚକ ଚରକାଳିକ ରୂପରେ ପ୍ରାତିପଦିକ ସ୍ୱର ପରିବର୍ତ୍ତନ ଲକ୍ଷ୍ୟ କରାଯାଏ ।

| ପ୍ରାତିପଦିକ | ଉପସ୍ୱନ | ବିବରଣ | ଉଦାହରଣ |
|---|---|---|---|
| / ଆ / | / ଆସ୍ / | ସଂପନ୍ନାର୍ଥକ କ୍ରିୟାରୂପ | / ମୁଁ ଆସିଛେଁ / |
| | | ୨ୟ ପୁରୁଷ ବହୁବଚନ ଅନୁଜ୍ଞା | / ତମ୍ହେ ଆସ / |
| | | ୩ୟ ପୁରୁଷ ବହୁବଚନ ଅନୁଜ୍ଞା | / ସିମାନେ ଆସୁନ୍ / |
| | | ନାସ୍ତିବାଚକ ଚରକାଳିକ | / ମୁଁ ନାଇଁ - ଆସେଁ / |
| / ଜା / | / ଜି / | ୧ମ ପୁରୁଷ ଏକବଚନ-ବହୁବଚନ | / ମୁଁ ଜିବ / / ଆମ୍ହେ ଜିମୁ / |
| | | ୩ୟ ପୁରୁଷ ବହୁବଚନ ଭବିଷ୍ୟତ କାଳିକ ରୂପ | / ସିମାନେ ଜିମେସ୍ / |
| | / ଜୁ / | ୨ୟ ପୁରୁଷ ବହୁବଚନ ଅନୁଜ୍ଞା | / ତମ୍ହେ ଜୁଅ / |
| / ଗା / | / ଗୁ / | ୨ୟ ପୁରୁଷ ବହୁବଚନ ଅନୁଜ୍ଞା | / ତମ୍ହେ ଗୁଅ / |
| / ଦେ / | / ଦ / | ତୃତୀୟ ପୁରୁଷ ଏକବଚନ ଚରକାଳିକ | / ସିଏ ଦସ୍ / |
| | | ନାସ୍ତିବାଚକ | / ସିଏ ଦସ୍ ନାଇଁ / |
| | | ୨ୟ ପୁରୁଷ ବହୁବଚନ ଚରକାଳିକ | / ତମ୍ହେ ଦଅସ / |
| | | ଓ ନାସ୍ତିବାଚକ | / ତମ୍ହେ ଦଅସ ନାଇଁ / |
| / ନେ / | / ନ / | ତୃତୀୟ ପୁରୁଷ ଏକବଚନ ଚରକାଳିକ | / ସିଏ ନସ୍ / |
| | | ୨ୟ ପୁରୁଷ ବହୁବଚନ | / ତମହେ ନଅସ / |
| | | ନାସ୍ତିବାଚକ | / ତମହେ ନଅସ ନାଇଁ / |
| / ସ / | / ସୁ / | ଚରକାଳିକ | / ତମ୍ହେ ସୁଅସ / |
| | | ନାସ୍ତିବାଚକ | / ତମ୍ହେ ସୁଅସ ନାଇଁ / |

(ଗ) ପ୍ରାତିପଦିକ /ଜା/ ର ସର୍ବାଦେଶ /ଗେ/ ସାମାନ୍ୟ ଅତୀତ ରୂପରେ ଦେଖାଯାଏ ।

/ମୁଇଁ ଗେଲି/ (ମୁଁ ଗଲି), /ଆମ୍ହେ ଗେଲୁ/ (ଆମ୍ଭେ ଗଲୁଁ)

/ତୁଇ ଗେଲେ/ (ତୁ ଗଲୁ), /ସିମାନେ ଗେନେୟ୍/ (ସେମାନେ ଗଲେ)

(ଘ) ପ୍ରାତିପଦିକ /କର୍/ ଓ /ମର୍/ ର ଅନ୍ତ୍ୟ /ର/ ସାମାନ୍ୟ ଅତୀତକାଳିକ ରୂପରେ ଅବଲୁପ୍ତ ହୁଏ । କେବଳ ବିକରଣ /ଇ/ ରହେ ।

/ମୁଇଁ କଇଲି/ - (ମୁଁ କରିଲି), /ସିଏ କଇଲା/ - (ସେ କରିଲା)

/ମୁଇଁ ମଇଲି/ - (ମୁଁ ମରିଲି), /ସିଏ ମଇଲା/ - (ସେ ମରିଲା)

(ଙ) ଦ୍ୟକ୍ଷରିକ [ (କ) ଅକ ଅକ ] ଆକୃତିର ପ୍ରାତିପଦିକର /ଅ'/ ସ୍ୱର ହ୍ରାସକରଣ ନିୟମ ଅନୁଯାୟୀରେ ଅପସାରିତ ହୁଏ ।

ସ୍ୱର ଆଦ୍ୟକ ପ୍ରତ୍ୟୟ ଯୋଗରେ /ଅ/ ଅପସାରିତ ହୁଏ ।

ଯଥା : /ଅଲଙ୍/ - /ଅଲଙ୍ଗୁ/ /ଅଲ୍ଙ୍ଗିଲା/ /ଅଲ୍ଙ୍ଗେଇଲା/

/ଉଁଖାର୍/ - /ଉଁଖ୍ରେଇଲା/

/ଅରଜ୍/ - /ଅର୍ଜୁ/ /ଅର୍ଜିଲା/

୨. ୨. ୧୦. ୧. ବ୍ୟୁତ୍ପାଦିତ ପ୍ରକୃତି

ଏହି ଜାତୀୟ ପ୍ରାତିପଦିକ ଆଧାର ରୂପିମ୍ ସହିତ ବ୍ୟୁତ୍ପାଦକ ପ୍ରତ୍ୟୟ ଯୋଗେ ନିଷ୍ପନ୍ନ ହୁଏ ।

ଏହା ଦ୍ୱିବିଧ - ପ୍ରାଥମିକ ଓ ପରବର୍ତ୍ତୀକ ।

ପ୍ରାଥମିକ ଶ୍ରେଣୀସ୍ଥ ଆଧାର ରୂପିମ୍ ବ୍ୟୁତ୍ପାଦନ ଦୃଷ୍ଟିରୁ ବଦ୍ଧରୂପିମ୍, କିନ୍ତୁ ଅନ୍ୟ ଶ୍ରେଣୀସ୍ଥ ଆଧାର ରୂପିମ୍ ମୂଳତଃ ପ୍ରାତିପଦିକ ।

୨. ୨. ୧୦. ୧. ୧. ପ୍ରାଥମିକ ବ୍ୟୁତ୍ପାଦିତ : ଧାତୁଜ

ବ୍ୟୁତ୍ପାଦନ ପଦ୍ଧତି - ଆଧାର ରୂପିମ୍ + /ଏଇ/

ଦୃଷ୍ଟାନ୍ତ : (ଉଲ୍ଲିଖିତ ସମସ୍ତ ଆଧାର ରୂପିମ୍ ପରିକଳ୍ପିତ)

/ନଟ୍/ - /ନଟେଇ/ (ସୂତା ଖୋଲିବା)

/ଗୁଡ୍/ - /ଗୁଡେଇ/ (ପଛରେ ଅନୁସରଣ କରିବା)

/ବଟ୍/ - /ବଟେଇ/ (ପଠାଇବା)

/ଝୁଣ୍ଡ/ - /ଝୁଣ୍ଡେଇ/ (ଝୁଣ୍ଡି ହେବା)

/ଝିର୍/ - /ଝିରେଇ/ (ଛୁଟିବା)

/ଝିଙ୍/ - /ଝିଙ୍ଗେଇ/ (ସିଧା କରିବା)

୧. ୧. ୧୦. ୯. ୧. ପରବର୍ତ୍ତିକ ବ୍ୟୁତ୍ପାଦନ : ( ଶବ୍ଦ )

ବ୍ୟୁତ୍ପାଦନ ପଦ୍ଧତି : ସଂଜ୍ଞା + / ଇ, ଏଇ /

/ ଚୁଅ / - / ଚୁଏଇ / (ଝରିବା), . / ଗୁଅ / - / ଗୁଏଇ / (ଗୁଆବାଣ୍ଡିବା),

/ କାମ / - / କମେଇ / (ଅର୍ଜନ କରିବା), / ନାଙ୍ଗୁଳ / - / ନେଙ୍ଗୁଳେଇ / (ଲାଙ୍ଗୁଡ଼ ଧରି ଖେଳିବା)

/ ଘୁଲ / - / ଛଲି / (ଘୁଲିବା)

୧. ୧. ୧୦. ୧. ଯୌଗିକ ପ୍ରକୃତି :

ଦୁଇଟି ପ୍ରାତିପଦିକର ସନ୍ନିଧିଦ୍ୱାରା ଯୌଗିକ ପ୍ରାତିପଦିକ ବ୍ୟୁତ୍ପାଦିତ ହୁଏ । ଏଥିରେ ପ୍ରଥମଟି ସଂଜ୍ଞା ବା କ୍ରିୟା ହୋଇପାରେ, ମାତ୍ର ଦ୍ୱିତୀୟଟି ଅବଶ୍ୟ କ୍ରିୟା । ପ୍ରଥମଟି କେବଳ ପ୍ରାତିପଦିକ ରୂପରେ ବା ଅସମାପିକା କ୍ରିୟା ରୂପରେ ରହେ, ଏବଂ ଦ୍ୱିତୀୟଟି ସମାପିକା କ୍ରିୟାରୂପର ବିଭକ୍ତି ପ୍ରତ୍ୟୟ ଗ୍ରହଣ କରେ । ଯୌଗିକ ପ୍ରାତିପଦିକର ଅନ୍ତର୍ଗତ ଦ୍ୱିତୀୟ ପ୍ରାତିପଦିକ ପ୍ରଥମଟିର ଅର୍ଥ ପରିସ୍ଫୁଟ କରେ । ସୁତରାଂ ପ୍ରଥମଟିକୁ ମୁଖ୍ୟ ଏବଂ ଦ୍ୱିତୀୟଟିକୁ ସହାୟକଭାବେ ଗ୍ରହଣ କରାଯାଇପାରେ । ଅନେକ କ୍ଷେତ୍ରରେ ଗୋଟିଏ ପ୍ରାତିପଦିକ ଦ୍ୱାରା ଉଦ୍ଦିଷ୍ଟ ଅର୍ଥର ସୂକ୍ଷ୍ମ ଅଭିବ୍ୟଞ୍ଜନା ସମ୍ଭବ ହୁଏ ନାହିଁ । ସେହି ପରିସ୍ଥିତିରେ ସହାୟକ ପ୍ରାତିପଦିକର ଆବଶ୍ୟକତା ରହେ । ସହାୟକ ପ୍ରାତିପଦିକ ମୁଖ୍ୟ ପ୍ରାତିପଦିକର ଅର୍ଥକୁ ଅଭିଳଷିତଭାବେ ନିୟନ୍ତ୍ରଣ କରେ ବା ପରିବର୍ତ୍ତନ କରେ । ତେଣୁ ଏହାକୁ ଯଥାର୍ଥତଃ ବ୍ୟାଖ୍ୟାକାରୀ ରୂପେ ଅଭିହିତ କରାଯାଇପାରେ । ଏହା ସାହାଯ୍ୟରେ ଯେଉଁସବୁ ଅର୍ଥ ମୁଖ୍ୟତଃ ଅଭିବ୍ୟକ୍ତ ହୋଇଥାଏ ତାହା ହେଉଛି କ୍ଷମତା, ପୂର୍ଣ୍ଣତା, ବାଧ୍ୟତା, ନିରବଚ୍ଛିନ୍ନତା, ଆକସ୍ମିକତା, ତୀବ୍ରତା, ସମ୍ଭାବନା, ନିଷେଧ, ନିଶ୍ଚିତତା, ସମାପ୍ତି ଇତ୍ୟାଦି ।

| | | |
|---|---|---|
| / ଆ / | ତୀବ୍ରତା ବୋଧକ | / ଧାଇଁ ଆଇଲା / |
| | | / ଘିନି ଆଇଲା / |
| | | / ମଟେଇ ଆଇଲା / |
| | | / ସରି ଆଇଲା / |
| / ଆସ୍ / | ବାକ୍ୟରଚନା ବୋଧକ | / ଦେଖି ଆସଉଁ / |
| / ଆଣ୍ / | କ୍ରିୟା ବିଶେଷଣ ବୋଧକ | / ଖେଦି ଆଣ୍ଲା / |
| | | / ଉଢ଼େଇ ଆଣ୍ଲା / |
| / କର୍ / | ପ୍ରେରଣାର୍ଥ ବୋଧକ | / ଦେଖା କରେଇଲା /, / ଖିଆ କରେଇଲା / |
| | ବାକ୍ୟରଚନା ବୋଧକ | / ଠିଆ କଇଲା /, / ଝଲଝାଲ୍ କଇଲା / |
| / ଖା / | କ୍ରିୟା ବିଶେଷଣ ବୋଧକ | / ଝଙ୍କ ଖାଇଲା /, / କଞ୍ଚ ଖାଇଲା / |
| / ଜିବା / | ବାକ୍ୟରଚନା ବୋଧକ | / ମରିଗଲେ /, / ହକ୍କିଗଲେ / |
| | ତୀବ୍ରତା ବୋଧକ | / ଖାଇଗଲେ /, / ପାଇଗଲେ /, / ବାସିଜାଉଛି / |
| | ପୂର୍ଣ୍ଣତା ବୋଧକ | / ସରିଗଲେ /, / ଧରିଗଲେ /, / ହେଇଗଲେ / |
| | ସମ୍ଭାବନା ବୋଧକ | / ବନି ଜମେଯିବ /, / ହେଇ ଜମେଯିବ / |

| | | |
|---|---|---|
| / ଥିବା / | ବାକ୍ୟରଚନା ବୋଧକ | / ପୁଛିଥିଲି /, / ଡ଼ରୁଥିମେସ୍ତ / |
| / ନେବା / | ସ୍ୱାର୍ଥବୋଧକ | / ଖାଇନେଲି / |
| | ଶୀଘ୍ରତା ବୋଧକ | / ଉଡ଼େଇନେଲି /, / ଖାଙ୍କିନେଲି / |
| | ଉପକାରାର୍ଥବୋଧକ | / ବୁଲେଇ ନେଲି / |
| / ନାଗ୍ / | ନିରବଚ୍ଛିନ୍ନତା ବୋଧକ | / ଖାଇ ନାଗଲି / |
| / ଦେ / | ଉପକାରାର୍ଥକ ବୋଧକ | / ଖେଲି ଦେଉଛୁ /, / ବାନ୍ଧିଦେଉଛୁ / |
| | ଶୀଘ୍ରତା ବୋଧକ | / ଖାଇଦେଲି /, / ବଢେଇଦେଲି /, / ନେଙ୍ଗ୍ଲେଇ ଦେଲି / |
| / ପଲା / | କ୍ରିୟା ବିଶେଷଣ ବୋଧକ | / ଉଡ଼ପଲାମେସ୍ତ / |
| / ପା / | କ୍ଷମତା ବୋଧକ | / ଖାଇ ପାଇନେସ୍ତ / |
| / ପକା / | କ୍ରିୟା ବିଶେଷଣ ବୋଧକ | / ମାରି ପକେଇଲି / |
| / ବସ / | ନିଷ୍ଟିସ୍ତୂତା ବୋଧକ | / ଖାଇ ବସିଛୁ / |
| / ମାର୍ / | ଶୀଘ୍ରତା ବୋଧକ ଓ କ୍ରିୟା ବିଶେଷଣ ବୋଧକ | / ଖିମ୍ଚି ମାରୁଛୁ /, / ଛେଚ ମାରୁଛୁ / |
| / ହେବା / | କ୍ରିୟା ରୂପ ବୋଧକ | / ଫୁଲ ହେଇଛନ୍ତି / / ଜାଇ ହେନେସ୍ତ / |

## ୩. ବାକ୍ୟବିନ୍ୟାସ ପ୍ରକ୍ରିୟା

୩. ୦. ବାକ୍ୟ ବ୍ୟାପକ ଭାବେ ଦୁଇଟି ବର୍ଗରେ ବିଭକ୍ତ ହୋଇପାରେ । ପୂର୍ଣ୍ଣ ଗଠିତ ବାକ୍ୟ ଓ ଅପୂର୍ଣ୍ଣାଙ୍ଗ ବାକ୍ୟ ।

୩. ୧. ପୂର୍ଣ୍ଣ ଗଠିତ ବାକ୍ୟ ତ୍ରିବିଧ । ( ୧ ) ସରଳ ବାକ୍ୟ ( ୨ ) ଯୌଗିକ ବାକ୍ୟ ( ୩ ) ଜଟିଳ ବାକ୍ୟ । ବାକ୍ୟ ମଧ୍ୟରେ ଉପବାକ୍ୟର ସଂଘଟନା ଭିତ୍ତିରେ ଏପରି ବିଭାଗୀକରଣ ପରିକଳ୍ପିତ । ବାକ୍ୟ ମଧ୍ୟରେ ସର୍ବବୃହତ୍ ସାଂଗଠନିକ ଅଂଶ ହେଉଛି ଉପବାକ୍ୟ । ଏହା ହେଉଛି ବାକ୍ୟର ଉଚ୍ଚତମ ଏକକ । ଯାହାକି ଏକ ନିର୍ଦ୍ଦିଷ୍ଟ ଅନୁତାନିକ ପରିରେଖା ମଧ୍ୟରେ ସମାହିତ ହୋଇଥାଏ ।

ଉପବାକ୍ୟର ପ୍ରକାର ଭେଦ ଦ୍ୱିବିଧ — ( ୧ ) ସ୍ୱତନ୍ତ୍ର ଉପବାକ୍ୟ

( ୨ ) ଆଶ୍ରିତ ଉପବାକ୍ୟ

**ସ୍ୱତନ୍ତ୍ର ଉପବାକ୍ୟ** ରଚନାର ଦ୍ୱାରା ବିନା ନିରପେକ୍ଷ ଭାବେ ରହିପାରେ କିନ୍ତୁ **ଆଶ୍ରିତ ଉପବାକ୍ୟ** କେବଳ ଏକ ବିସ୍ତାରିତ ରଚନା ଅର୍ଥାତ୍ ପୂର୍ଣ୍ଣଗଠିତ ବାକ୍ୟ ମଧ୍ୟରେ ରହିପାରେ । ସଂରଚନାତ୍ମକ ଦୃଷ୍ଟିରୁ ଉପବାକ୍ୟ ସ୍ୱତନ୍ତ୍ର ହୋଇଥିଲେ ମଧ୍ୟ ଯଦି ଦୁଇ ବା ଅଧିକ ଉପବାକ୍ୟ ଯୁକ୍ତ ବୃହତ୍ତର ରଚନାର ଅନ୍ତର୍ଭୁକ୍ତ ହୁଏ, ତା ହେଲେ ଏହା ଆଶ୍ରିତ ଉପବାକ୍ୟ ଭାବେ ପରିଗଣିତ ହୋଇଥାଏ । ସ୍ୱତନ୍ତ୍ର ଉପବାକ୍ୟର ଏପରି ଆଶ୍ରିତତା ସଂଯୋଜକ ବିହୀନ ସମନ୍ୱୟ ଭାବେ ଅଭିହିତ ହୁଏ ।

ଉପବାକ୍ୟର ସାଙ୍ଗଠନିକ ବିଶ୍ଳେଷଣରେ ପରିସ୍ଫୁଟ ହୁଏ **ପଦବନ୍ଧ** । ଏହା ବହୁବିଧ — ଯଥା : ନାମିକ, କ୍ରିୟା ବିଶେଷଣାତ୍ମକ, ଅବଧାରକ, ସମ୍ବୋଧକ, କ୍ରିୟାତ୍ମକ ଇତ୍ୟାଦି ।

ଗୋଟିଏ ବାକ୍ୟରେ ଅନେକ ଉପବାକ୍ୟ ଶୃଙ୍ଖଳିତ ହୋଇଥିଲେ ମୁଖ୍ୟ ଉପବାକ୍ୟରେ ରହେ ସମ୍ପୂର୍ଣ୍ଣ କ୍ରିୟାପଦବନ୍ଧ ଏବଂ ଆଶ୍ରିତ ଉପବାକ୍ୟରେ ରହେ ଅସମ୍ପୂର୍ଣ୍ଣ କ୍ରିୟା ପଦବନ୍ଧ । କୌଣସି ଉପବାକ୍ୟରେ ଅନ୍ୟାନ୍ୟ ପ୍ରକାର ପଦବନ୍ଧର ସଂଘଟନା ବାଧ୍ୟଭାବେ ଆବଶ୍ୟକ ନ ହୋଇପାରେ ।

୩. ୧. ୧. ସରଳ ବାକ୍ୟ :

ସରଳବାକ୍ୟର ରଚନାରେ ଏକମାତ୍ର ଉପବାକ୍ୟ, ଯାହାକି ଏକ ମୁଖ୍ୟ-ଉପବାକ୍ୟ । ଏହାର ସର୍ବାଧିକ ଆଦୃତ ରଚନା-ପ୍ରକାର ହେଉଛି ଉଦ୍ଦେଶ୍ୟ-ବିଧେୟ ଜାତୀୟ । ଏପରି ବାକ୍ୟରେ ଉଦ୍ଦେଶ୍ୟ ଯଦି କ୍ରିୟାପଦ ହୋଇଥାଏ, ତେବେ କର୍ତ୍ତାର ପ୍ରୟୋଗ ବୈକଳ୍ପିକ । କାରଣ କ୍ରିୟାପଦରେହିଁ କର୍ତ୍ତା ନିହିତ ଥାଏ ।

ଯଥା — / ଖାଇଲି / = / ମୁଁ ଖାଇଲି /

/ ଖାଇଲେ / = / ରୁଇ ଖାଇଲେ /

/ ଖାଇଲା / = / ସିଏ ଖାଇଲା /

/ ଖାଇଲୁ / = / ଅମ୍ଭେ ଖାଇଲୁ /

/ ଖାଇନେଥି / = / ସିମାନେ ଖାଇନେଥି /

ବିଧେୟ ସ୍ଥଳୀୟ କ୍ରିୟା ରୂପାନ୍ତରିତ ହୋଇଥାଏ ଏବଂ ଏହା ସକର୍ମକ କିମ୍ବା ଅକର୍ମକ ହୋଇପାରେ । / ମୁଁ ଆଇଲି /, / ମୁଁ ଭାତ୍ ଖାଇଲି /

ନାମଜାତ ପ୍ରତିପନ୍ନ ହୁଏ କ୍ରିୟା ଅକର୍ମକ ହୋଇଥିଲେ କର୍ମ ସମ୍ବନ୍ଧିତ ହୁଏନାହିଁ, ମାତ୍ର ସକର୍ମକ ହୋଇଥିଲେ ବୈକଳ୍ପିକ ଭାବେ ଏକ ବା ଏକାଧିକ କର୍ମ ଗ୍ରହଣ କରିପାରେ ।

ସମୀକରଣାତ୍ମକ ରଚନାରେ, ଯେଉଁଥିରେକି ବିଧେୟ କ୍ରିୟା ବିହୀନ ହୋଇଥାଏ, ବିଧେୟ ବିଶେଷଣ ବିଶେଷ୍ୟ କିମ୍ବା କ୍ରିୟା ବିଶେଷଣ ହୋଇପାରେ ।

ଯଥା : / ଅମ୍ଭେ ଗ୍ରାମର ବଡ଼ ନାଇକ / - ବିଧେୟ ବିଶେଷ୍ୟ

/ ସିମାନେ ବିଁଥା ବିଁଥି / - ବିଧେୟ ବିଶେଷଣ

/ ସିମାନେ ଆଗିଲ ଅଧେ, ପଛ ଅଧେ, ମୁଁ ମଝିରେ / - କ୍ରିୟା ବିଶେଷଣ

୩. ୧. ୨. ଯୌଗିକ ବାକ୍ୟ :

ଏହା ଦୁଇ ବା ତତୋଽଧିକ ସରଳବାକ୍ୟର ସଂଯୁକ୍ତ ରୂପ । ଏଥିରେ ସଂଯୋଜକ ଶବ୍ଦ ରହିପାରେ, ନ ରହିବ ପାରେ ।

/ ତୁଇକା ଇବାଟେ, ମୁଁ ଜାଏଁ ସିବାଟେ /

/ ଏଇ କନ୍ୟାଁ ହୁଏ ଅଉ ବସ୍ତିପୁର ହୁଏ ।

୩. ୧. ୩. ଜଟିଳ ବାକ୍ୟ :

ଜଟିଳବାକ୍ୟ ଏକ ମୁଖ୍ୟ ଉପବାକ୍ୟ ଏବଂ ଏକାଧିକ ଆଶ୍ରିତ ଉପବାକ୍ୟ ଦ୍ୱାରା ଗଠିତ ହୁଏ । ମୁଖ୍ୟ ଉପବାକ୍ୟ ସହିତ ଆଶ୍ରିତ ଉପବାକ୍ୟ ସଂଯୋଜକ ବିହୀନ ସମନ୍ୱୟତା ବଳରେ ସଂଯୁକ୍ତ ହୁଏ । ଅର୍ଥାତ୍ / ଆର୍ /, / ଆଉ / ସହ ସମ୍ବନ୍ଧ ସୂଚକ ସର୍ବନାମ କ୍ରିୟାର୍ଥକ ବିଶେଷ୍ୟ ବ୍ୟତୀରେକ କେତେକ ବିଶିଷ୍ଟ ସଂଯୋଜକାଶ୍ରିତ ଉପାଦାନ ଦ୍ୱାରା ସଂଯୁକ୍ତ ହୁଏ ।

## ଅନ୍ୟାନ୍ୟ ଲକ୍ଷଣ :

( କ ) ପ୍ରତ୍ୟେକ ଉପବାକ୍ୟ ତାର ସୀମାନ୍ତରେ କ୍ଷଣିକ ବା ଚରମ ବିରାମ ଦ୍ୱାରା ଚିହ୍ନିତ ହୁଏ । ସାଧାରଣତଃ ମୁଖ୍ୟ-ଉପବାକ୍ୟ ଚରମ ଆନୁତାନିକ ପଦରେଖା ଦ୍ୱାରା ଚିହ୍ନିତ ହୁଏ ।

( ଖ ) ଜଟିଳ ବାକ୍ୟର ମୂଳଧାର ସ୍ୱରୂପ ହେଉଛି ମୁଖ୍ୟ ଉପବାକ୍ୟ । ଏହା ସାଧାରଣତଃ ଅନ୍ତ୍ୟସ୍ଥଳରେ ସନ୍ନିବେଶିତ ହୋଇଥାଏ ଏବଂ ତଦଭିମୁଖୀ ଆଶ୍ରିତ ଉପବାକ୍ୟ ସମୂହ ଆନୁକ୍ରମିକ ଭାବେ ରହିଥାଏ ।

ଯଥା : / ରୁଇ, ଖର ନାଗିଲା ହେନେ, ଉଟେଇ କଣ, ପଲେଇ ଆସିବେ ଜେ ଏକ୍‌ଦମ୍ ଘରେ /

( ଗ ) ଯଦି ଆଶ୍ରିତ ଉପବାକ୍ୟ ସର୍ତ୍ତମୂଳକ ହୋଇଥାଏ, ତାହା ସହିତ ଏକାଧିକ ଉପବାକ୍ୟ ରହିପାରେ ନାହିଁ ।
ଯଥା : / ଅଧାର ଖାଇଚେଣି ହେନେ ବେସି ବଡ୍ ବଡ୍ ହେଇ ଝଟେଣି /

( ଘ ) ଯଦି ଆଶ୍ରିତ ଉପବାକ୍ୟ ମଧ୍ୟରେ ଅନିଶ୍ଚୟବୋଧକ ଶବ୍ଦଥାଏ ତେବେ ତାହାର ପ୍ରତିଶବ୍ଦ ଅନ୍ୱାଦେଶକଭାବେ ମୁଖ୍ୟ ଉପବାକ୍ୟରେ ରହେ ।

ଯଥା : / ଇଠେ ଜିଁଗା ହାକେ ସିଠେବ ସିଗା ହାକେ /

/ ଆମ୍‌ହେ ଜାହି ଗେଲୁ ସିମାନେ ତାହି ଗେନେସ୍ତୁ /

( ଙ ) ଏକ ସ୍ୱତନ୍ତ୍ର ଉପବାକ୍ୟ ଏକ ଆଶ୍ରିତ ଉପବାକ୍ୟ ଭାବରେ ଏକ ସମ୍ବନ୍ଧିତ ଉପବାକ୍ୟ ମଧ୍ୟରେ ନିକ୍ଷିପ୍ତ ହୋଇପାରେ ।

ଯଥା : / ସେଇ କଥାଟା, ଜିଁଟା ତତେ କହିଥିଲି, ସିଟା କାଆକେ କହିବେ ନାହିଁ /

( ଚ ) ବିଧେୟ ବିହୀନ ଆଶ୍ରିତ ଉପବାକ୍ୟ ଅନ୍ୱାଦେଶକ ଭାବେ ସନ୍ନିବେଶିତ ହୋଇପାରେ ।

ଯଥା : / ତରୁନ ଏକ୍‌ଲର ଟୁଣ୍ଡ, ଏକ୍‌ଲର ମନ୍ ଅଛୁ /

### ୩. ୨. ଅପୂର୍ଣ୍ଣାଙ୍ଗ ଉପବାକ୍ୟ :

ଏକ ସମ୍ପୂର୍ଣ୍ଣ ଉପବାକ୍ୟର ସମସ୍ତ ରଚନାଙ୍ଗ ନଥିଲେ, ସେହିପ୍ରକାର ଲୁପ୍ତାଂଶ ରଚନାକୁ ଅପୂର୍ଣ୍ଣାଙ୍ଗ ବାକ୍ୟ ବା ଜନସ୍ତ ବାକ୍ୟ କୁହାଯାଏ ।

୧ ) ଉଦ୍ଦେଶ୍ୟ ବିହୀନ ଉପବାକ୍ୟ — ( ତାକେ ) / ବେଳେ ଭୁଖେଇଛନ /

(ସିମାନେ) / ଖାଲି ଟାଲୁ ଟାଲୁ ହେଉଥିନେସ୍ତୁ /

୨ ) ସମ୍ବୋଧନାତ୍ମକ — / ଦେସ୍ତ୍, ମାଁ /

୩ ) ଉକ୍ତି ପ୍ରତ୍ୟୁକ୍ତି — ପ୍ରଶ୍ନ / କାଇଥିଲେ /

ଉତ୍ତର / ନାହିଁ /, / ହଁ /, / କଣ /

ସମାଦର / ଜୁହାର୍ / / ନମସ୍କାର /

ଭାବୋଦ୍ଦୀପକ, ଉଦ୍‌ଘୋଷଣାତ୍ମକ / ଥୁ / / ଛି / / ବାପ୍ / ଇତ୍ୟାଦି ।

### ୩. ୩. ପଦବନ୍ଧ ବା ଶବ୍ଦକ୍ରମ :

ବାକ୍ୟ, ଉପବାକ୍ୟ ଓ ପଦବନ୍ଧ ଦୁଇଟି ସନ୍ନିହିତ ରଚନାଙ୍ଗରେ ବିଶ୍ଳେଷିତ ହୋଇପାରେ । ଏହି ରଚନାଙ୍ଗ ଦୁଇଟି ହୋଇପାରେ ବିଷୟ ଓ ବକ୍ତବ୍ୟ, ଉଦ୍ଦେଶ୍ୟ ଓ ବିଧେୟ, ଶୀର୍ଷ ଓ ଶସ୍ତର । ଯଦିଓ କ୍ରମ ନିର୍ବାଚନରେ କୌଣସି ନିୟନ୍ତ୍ରଣ ନାହିଁ, ତଥାପି ସର୍ବାଧିକ ପ୍ରଚଳିତ ରୀତି ହେଉଛି, ବକ୍ତବ୍ୟ ବିଷୟର, ବିଧେୟ ଉଦ୍ଦେଶ୍ୟର ଏବଂ ଶସ୍ତର ଶୀର୍ଷର ଅନୁସରଣ କରେ । ସରଳ ବାକ୍ୟରେ କର୍ତ୍ତା ବା ଉଦ୍ଦେଶ୍ୟ ହୁଏ ବିଷୟ, ବକ୍ତବ୍ୟ ହୁଏ ବିଧେୟ । କିନ୍ତୁ ଜଟିଳତର ବାକ୍ୟରେ କର୍ମ ମଧ୍ୟ ବିଷୟ ହୋଇପାରେ ଏବଂ ବକ୍ତବ୍ୟର ଅନ୍ତର୍ଭୁକ୍ତ ହୋଇପାରେ ଉଭୟ ଉଦ୍ଦେଶ୍ୟ ଓ ବିଧେୟ ।

/ ମୁଇଁ ଭାତ୍ ଖାଇଛେଁ /

/ ମୁଇଁ ତାକେ ଦେଖିଛେଁ /

/ ତାକେ ମୁଇଁ ଦେଖିଛେଁ /

### ୩. ୩. ୧. ଉଦ୍ଦେଶ୍ୟ :

ବାକ୍ୟରେ ଉଦ୍ଦେଶ୍ୟର ଆସନ ସଂଜ୍ଞା ବା ତଦନୁରୂପ ପଦବନ୍ଧ ଗ୍ରହଣ କରିପାରେ । ବିଶେଷ୍ୟ ଓ ସର୍ବନାମ ଅତିରିକ୍ତ ନିମ୍ନୋକ୍ତ ରୂପବର୍ଗ ଉଦ୍ଦେଶ୍ୟଭାବେ ସନ୍ନିବେଶିତ ହୋଇପାରେ ।

ବିଶେଷଣ / ପାଣି ବେସି ହେଲେ ଧୁବ୍‌ଲ ନାୟେ /

କ୍ରିୟା ବିଶେଷଣ / ପଗ୍ରୁଲଆଟା ଭଲହେଲା /

କ୍ରିୟା ବିଶେଷ୍ୟ / ଛୁଆଣି ଢେର ରକମ୍ ଅଛି /

କ୍ରିୟାତ୍ମକ ବିଶେଷଣ / ଆଣିଲୁଟା ଖାଇଲେ /

ଉଦ୍ଦେଶ୍ୟ ସ୍ଥଳରେ ବିଶେଷ୍ୟ ପଦବନ୍ଧ ରହିଲେ ତାହା ହୁଏ ବିଶେଷ୍ୟ ଶୀର୍ଷରେ ବା କେନ୍ଦ୍ରରେ ଥିବା ଅନ୍ତର୍କେନ୍ଦ୍ରିକ ରଚନା । ଏ ଜାତୀୟ ପଦବନ୍ଧର ପ୍ରକାର ଭେଦ ଦ୍ୱିବିଧ : ସମନ୍ୱୟକ ଓ ବିଶେଷକ । ସମନ୍ୱୟକ ପଦବନ୍ଧରେ ଶୀର୍ଷ ଶସ୍ତର ଯୁକ୍ତ ହୁଏ ନାହିଁ । ଏହା ହୋଇପାରେ **ଯୋଗଜ**, ଦୁଇଟି କେବଳ ବିଶେଷ୍ୟ ପଦର ସନ୍ନିହିତ ସ୍ଥିତି ବା ସଂଯୋଜକ ମାଧ୍ୟମରେ ସଂଯୋଜନ ( ଯଥା : / ବୁଢ଼ା ବୁଢ଼ି / / ସାଦ୍‌ବ ସାଦବାଣି / / ତୁଇକ ସିଏ / / ତୁଇ ନହେଲେ ମୁଇଁ / କିମ୍ବା **ସମାନାଧିକରଣିକ**, ଦୁଇଟି ବିଶେଷ୍ୟ ପରସ୍ପର ମଧ୍ୟରେ ଶୀର୍ଷ ଓ ଶସ୍ତରଭାବେ ସମ୍ବନ୍ଧାନ୍ୱିତ । ଯଥା : ( / ତୁମ୍‌ହେ ସାଙ୍ଗ / / ସିଏ ମୁର୍‌ଖ /

**ବିଶେଷକ** ପଦବନ୍ଧରେ ଶୀର୍ଷ କେତେକ ଗୁଣ ବା ଲକ୍ଷଣ ଦ୍ୱାରା ସମାଚ୍ଛନ୍ନ ହୋଇଥାଏ । ଶୀର୍ଷର ଏପରି ଗୁଣ ସୂଚକ ବିସ୍ତାର ପୂର୍ବାନୁଗାମୀ କିମ୍ବା ପଶ୍ଚାନୁଗାମୀ ହୋଇପାରେ । କେତେକ ପ୍ରକାର ପୂର୍ବାନୁଗାମୀ ବିସ୍ତାରର ନମୁନା :

ଲକ୍ଷଣ ବାଚକ ବିଶେଷଣ / ଭେସାଙ୍ଗିଆ ବୁଢ଼ା /

ନିର୍ଦ୍ଦେଶକ / ଇଟ୍‌ର ଘର୍‌ଣି / / ସେଇ ଲୁକଟା /

ସର୍ବନାମୀୟ ବ୍ୟାପ୍ତିବାଚକ / ଏତେ କଥା /

ସମ୍ବନ୍ଧସୂଚକ ବିଶେଷ୍ୟ / ତାର୍ ଭାଇ / / ତାଙ୍କର ଘର୍ /

ସଂଖ୍ୟାବାଚକ / କୂଳେ ଲୁଗା / / ହଳେ ହଳଆ /

କ୍ରିୟା ବ୍ୟୁତ୍ପାଦିତ / ପାକଲ ପଣସ /

କ୍ରମାନୁପାତୀ ବିସ୍ତାର କେବଳ ସଂଖ୍ୟାଶବ୍ଦ ଓ ନିର୍ଦ୍ଧାରକ / ଟା / ପ୍ରତ୍ୟୟ ଯୋଗେ ହୋଇଥାଏ ।

ଯଥା : / ଝିଅ ପାଞ୍ଚଟା /, / ବାପ୍‌ଟା /

୩. ୩. ୨. ବିଧେୟ : ବାକ୍ୟରେ ବିଧେୟ ଆପଣ କ୍ରିୟା ବା ତଦନୁରୂପ ପଦବନ୍ଧ ଗ୍ରହଣ କରିପାରେ । ଏକ ସମାପିକା କ୍ରିୟା ସହିତ ନିମ୍ନଲିଖିତଭାବେ ବିସ୍ତାର ସମ୍ଭବ ।

ନିର୍ଦ୍ଦେଶକ - / ମୁଇଁ ଇଟା ଖାଇବି /

ନାସ୍ତିବାଚକ - / ମୁଇଁ ନାଇଁ ଖାଇବ / / ମୁଇଁ ଖାଇବ ନାହିଁ /

କାରକ ଯୁକ୍ତ ବିଶେଷ୍ୟ ପଦ - / ମୁଇଁ ଠେକାରେ ପକେଇ ଦେବି /

ସ୍ଥାନବାଚକ - / ସିଏ ଘରେନ ଅଛି /

ଅସମାପିକା କ୍ରିୟାପଦ - / ସିଠେ ଜବର ଭୁଲ ଭୁଲନୁ / ( ସଂଜ୍ଞାତ୍ମକ )

/ ସିଏ ଖାଇକ ଦସ୍ତ ନାଇଁ / ( ଭାବାତ୍ମକ ସଂଜ୍ଞାତ୍ମକ )

/ ସିମାନେ ଗୀତ ଗାଇକରି ନେମେଥି / ( ଏକ କାଳକର୍ତ୍ତା ବୋଧକ )

/ ସିମାନେ ଜାଇକରି ଦେଖିନେସ୍ତି / ( ସମ୍ପନ୍ନତା ସୂଚକ ସଂଯୋଜକ )

/ ତୁଇ ଦେନେ ମୁଇଁ ନେଇତ / ( ସର୍ତ୍ତମୂଳକ )

/ ତୁମ୍ହେ ରଖିଦଣତାନ ଘଟିକବ / ( କ୍ରିୟା ବିଶେଷଣାତ୍ମକ ସାଂତତ୍ୟବୋଧକ )

/ ମୁଇଁ ଜିବ ନଇଲି / ( ସମାପିକା କ୍ରିୟା )

/ ଏମ୍ବୁଁ ହେଲ ନାଇଁ / ( କ୍ରିୟା ବିଶେଷଣ )

/ ଇନାସ୍ତ ଜିବ /

୩. ୩. ୩. ନିମ୍ନଲିଖିତ ନକ୍ସାରେ ସମ୍ଭାବ୍ୟ ବିସ୍ତାର ସହିତ ଉଦ୍ଦେଶ୍ୟ ଓ ବିଧେୟ ବିନ୍ୟାସର ସବାଦ୍ଭୁତ କ୍ରମ ସୂଚିତ କରାଗଲା ।

<table>
<tr><td>ସେଇ</td><td>କାଣି</td><td>ବୁଢ଼ିର</td><td rowspan="2">ପୁଅ</td><td rowspan="2">ଟା</td><td>ଦୁଇ</td><td>ଦିନ୍‌ରେ</td><td>ଗୁଟେ</td><td>ମଣ୍ଡ</td><td>ଡାହି</td><td>ଫୁଟେଇଲା</td></tr>
<tr><td colspan="3"></td><td colspan="5">କର୍ମ</td><td>କ୍ରିୟା</td></tr>
<tr><td colspan="5">ଉଦ୍ଦେଶ୍ୟ</td><td colspan="6">ବିଧେୟ</td></tr>
<tr><td colspan="11">ବାକ୍ୟ</td></tr>
</table>

୩. ୩. ୪. କର୍ମ ସଂଯୁକ୍ତ ରଚନାରେ ସାଧାରଣ କ୍ରମ ହେଉଛି କର୍ତ୍ତା-କର୍ମ-କ୍ରିୟା । କିନ୍ତୁ କର୍ତ୍ତା ପୂର୍ବରୁ କର୍ମର ଆଗମ ହେଉଥିବାର ଦୃଷ୍ଟାନ୍ତ ବିରଳ ନୁହେଁ ।

ଯଥା : / ସିମାନେ ତାକେ ତାହା କଣିକ ନେଇ ଗେନେସ୍ତି /

/ ତାକେ ସିମାନେ ତାହା କଣିକ ନେଇ ଗେନେସ୍ତି /

ଅବଶ୍ୟ ଏପରି ପରିବର୍ତ୍ତନ ଅନେକ କ୍ଷେତ୍ରରେ ଅର୍ଥକୁ ପ୍ରଭାବିତ କରିଥାଏ ।

ଦୃଷ୍ଟାନ୍ତ ସ୍ୱରୂପ - / ମୁଇଁ ତାକେ ଦେଖିଛେସ୍ତିଁ / (୧)

/ ତାକେ ମୁଇଁ ଦେଖିଛେସ୍ତିଁ / (୨)

ପ୍ରଥମ ବାକ୍ୟଟିରେ / ତାକେ / ଉପରେ ଗୁରୁତ୍ୱ ନ୍ୟସ୍ତ, ଦ୍ୱିତୀୟରେ / ଦେଖିଛେସ୍ତିଁ / ଉପରେ ଗୁରୁତ୍ୱ ନ୍ୟସ୍ତ ।

ଯଦି ରଚନାରେ ଏକାଧିକ କର୍ମଥାଏ ଗୌଣ କର୍ମ ପ୍ରଥମେ ସନ୍ନିବେଶିତ ହୁଏ ।

ଯଥା - / ତୁମ୍‌ହେ ମର୍‌କଥା କିସ ହେଉଥିଲ / କର୍ମ ସଂଜ୍ଞାପଦ, ଆନ୍ତଃକୈନ୍ଦ୍ରିକ ସଂଜ୍ଞାପଦବନ୍ଧ, କ୍ରିୟା ବା ଉପବାକ୍ୟ ହୋଇପାରେ ।

ସଂଜ୍ଞାପଦ / ସିଏ ଭାତ୍‌ ଖାଇଲା /

ସଂଜ୍ଞାପଦବନ୍ଧ / ସିଏ ତତଲା ଭାତ୍‌ ଖାଇଲା /

ବିଶେଷଣ / ସିଏ ଗରମ୍‌ ଖୁଜସ୍ତି /

କ୍ରିୟା / ସିଏ ଖାଇବି ବଲସ୍ତି ଜେ ଦିସ୍‌ନାଇଁ /

ଉପବାକ୍ୟ / ତୁଇ ବେଗି ହାଣିଦେ, ସିଏ କହୁଲା /

## ୩. ୪. ଅନ୍ୱିତ :

ବାକ୍ୟ ରଚନାରେ ଲକ୍ଷଣ ବାଚକ ବିଶେଷଣ ଅନିୟମିତ ଭାବେ ହେଲେ ମଧ୍ୟ ଲିଙ୍ଗ ଦୃଷ୍ଟିରୁ ବିଶେଷ୍ୟ ସହିତ ଅନ୍ୱିତ ରକ୍ଷାକରେ ଏବଂ କ୍ରିୟା ନିୟମିତ ଭାବେ ପୁରୁଷ ବଚନ ସହିତ ଅନ୍ୱିତ ହୁଏ ।

ଯଥା : / ଭଲୁକାଣି ନେଟଂର ପେଟି /

/ ଭଲୁ ନେଟଂର ପେଟା /

/ ମୁଇଁ ଖାଇଲି /

/ ତୁଇ ଖାଇଲେ /

ଯଦି କର୍ତ୍ତା ଏକାଧିକ ହୋଇଥାଏ ତେବେ କ୍ରିୟା ଗୋଟିକର ପୁରୁଷ ବଚନ ସହିତ ଅନ୍ୱିତ ହୁଏ । ସାଧାରଣତଃ ଅନ୍ୟପୁରୁଷ ସମାଯୁକ୍ତ ଥିଲେ କ୍ରିୟା କେବଳ ପ୍ରଥମ ପୁରୁଷ ବଚନ ସହିତ ଅନ୍ୱିତ ହୁଏ ଏବଂ କେବଳ ୨ୟ ଓ ୩ୟ ପୁରୁଷ ଥିଲେ ୨ୟ ସହିତ ଅନ୍ୱିତ ହୁଏ ।

/ ତୁଇ ସିଏ ଆର୍ ମୁଇଁ ଜିମୁ /

/ ସିଏ ଆର୍ ତୁଇ ଜିବେ /

କ୍ରିୟାରୂପ ବିଶେଷ୍ୟର ନିର୍ଦ୍ଦିଷ୍ଟ କାରକରୂପ କିମ୍ବା କ୍ରିୟା ପ୍ରାତିପଦିକର ବିଭକ୍ତି ନିର୍ବାଚନ ନିୟନ୍ତ୍ରଣ କରିଥାଏ ।

ଯଥା : / ପିଲାଟା ଆମ୍ହ୍‌କେ ଜଲ୍‌ହେଲା /

/ ଆମ୍ହେ ପିଲାଟା ସାଙ୍ଗେ ଜଲ୍ ହେଲୁଁ /

## ୩. ୫. ନିପାତ :

ନିପାତ ରୂପ ପ୍ରକ୍ରିୟା ଦୃଷ୍ଟିରୁ ଅବିକାରୀ ବା ଅବ୍ୟୟ । ଏଗୁଡ଼ିକ ମୁକ୍ତ ରୂପିମ୍ । ମାତ୍ର ଏମାନଙ୍କ ବିତରଣ ବାକ୍ୟରଚନାତ୍ମକ କୋଟିରେ ଆବଦ୍ଧ । ବାକ୍ୟରେ ଅବସ୍ଥିତି ଅନୁସାରେ ନିର୍ଦ୍ଦିଷ୍ଟ ପ୍ରକାର୍ଯ୍ୟ ସାଧନ କରୁଥିବାରୁ ଏଗୁଡ଼ିକ ପ୍ରକାର୍ଯ୍ୟ-ଶବ୍ଦ ଭାବରେ ଗ୍ରହଣୀୟ । ଏହି ଜାତୀୟ ଶବ୍ଦଗୁଡ଼ିକୁ ନିମ୍ନୋକ୍ତ କେତୋଟି ବର୍ଗରେ ବିଭକ୍ତ କରାଯାଇପାରେ ।

୧. ବିସ୍ମୟାଦିବୋଧକ / ଇସ୍ / ( ବିସ୍ମୟା ବୋଧକ )

/ ଏଃ / ( ବିସ୍ମୟାବୋଧକ )

/ ଜା / ( ପ୍ରତ୍ୟାଖ୍ୟାନ ବୋଧକ )

/ ଥୁ / ( ପ୍ରତ୍ୟାଖ୍ୟାନ ବୋଧକ )

/ ଛି / ( ନିନ୍ଦାବୋଧକ )

/ ଆଃ / ( ପ୍ରଶଂସାବୋଧକ )

/ ବାସ୍ / ( ତୃପ୍ତି ସୂଚକ )

/ ଅହ୍ନ / ( ମୂଢ଼ାର୍ମି ସୂଚକ )

( ୨ ) ଅବଜ୍ଞାବୋଧକ —

/ ବେ / ( / ହଁ ବେ ସଲା ତୁମ୍‌ହେ କଏ / )

( / ବେ କେତେ ମଣିସ ମାରଥିନେୟି କେହ ପର୍ତ ପୁସଣ୍ କରପାଇନେୟିନ / )

( ୩ ) ଉଦ୍‌ବୋଧନାତ୍ମକ — / ଆରେ / ( / ଆରେ ନେଖାଟା ଦେଖେଇଦେ / )

/ ବ / ( / ଦେ ବ ଦାଣକ ଭାଇ, ଗୁଟେ କଥାଣି କ / )

/ ଏରେୟି / ( / ଏରେୟି, ଏକ୍ ରାଜା ରାଇଜକେ - - / )

/ ଏୟି / ( / ଏୟି , ଇଟା ମୁଇଁ ବାସ ଭରଛେୟିଁ / )

/ ଏ / ( / ଏ ନନା ଘର / )

( ୪ ) ଅସ୍ତିବାଚକ / ହଁ /

/ ହୟି /

( ୫ ) ସମ୍ମତିସୂଚକ / ହୁଁ /

( ୬ ) ନାସ୍ତିବାଚକ / ନା / ( / ନା, ତୁଇ ବଡ଼ ନାଇଁ / )

/ ନାଇଁ /

/ ଉହୁଁଃ /

(୭) ପ୍ରଶ୍ନବାଚକ / କାହିଁ / ( / କାହିଁ ଖେଳ ଚଲେଇ / )

/ କ / - / କସ /

/ କଏ / - / କୋ /

/ କନ୍ / ( / କନ୍ ବାଜାରେ ବାଲର ସସୁର୍ ଘର / )

(୮) ନିର୍ଦ୍ଧାରକ / ଟା / ( / ବାପ୍‌ଟା ହେଇକଇ ଇଁଠ କହ୍ୟାକ୍ନା / )

/ କଟି / ( / ନେଣ୍ଡି ଆକଟି / )

/ ବାଲ / ( / ଖାଇବା ବାଲ ଝଣେ / )

(୯) ସ୍ୱର ପରିବର୍ତ୍ତିକ / ନ / - ଗୁରୁତ୍ୱବୋଧକ ( / ହୁଁ ମର ସିଁଠ କାମ୍ ନ / )
( / ସିଏନ କହ୍ଲା / )

/ ତ / - ( / ମାଇଁସ ଖାଆନ୍ତ ତ / )
( ରୁଇତ ଭଲସୁନ୍ଦ )

/ ନା / - ଅନୁରୋଧବୋଧକ ( / ମକେ ମାର୍ନା, କେତେ ଦାନ୍ସ ପାଇବେ / )

/ ଜେ / - ବିସ୍ମୟବୋଧକ ( / ରୁଇ କହ୍ଲେ ଜେ / )

/ ନା / - ଭୀତି ପ୍ରଦର୍ଶନ ବୋଧକ ( / ରଅନା ମର୍ ମାଁ ଛାଲଆକ୍ତକେ / )

(୧୦) ଅବଧାରକ ବୋଧକ / ନାଇଁନା / / ରୁଇ ଇଁଠ କଥା କହ୍ଥଲେ, ନାଇଁନା /

/ ହିଁ / / ତକେହିଁ କହ୍ତା, ରୁଇହିଁ କହ୍ତେ /

/ ନ / / ତକେନ କହ୍ଛୁ / / ଇଁଠନ କହ୍ଲା /

(୧୧) କ୍ରିୟା ବିଶେଷଣାତ୍ମକ ( ସର୍ବନାମିକ ବ୍ୟୁତ୍ପାଦିତ ରୂପ )

ସମୟ - / ଆଜି, କାଲି, ଇନାଗ୍, ଉଜୁଣା, ସେତେବେଳେ, ଇଖ୍ଣି କେତେବେଳେ, ଏସୁଁ, ପଛେ /

ରୀତି - / ବେଗା, ଜଲ୍ଦି, ସାତେ ସାତେ, ଧିରେ, ଝୁର୍ ଝୁର୍, ଢାର୍ଧୁମ୍, ଝର୍ଘାତ, ଜବର /

ପରିମାଣ - / କମ୍, ଭଡ଼ତ୍, ସବ୍, ଅଲପ୍, ଖୁ, ଏକ୍ଲା, ଗୁଲେ, ଗୁଟେ, କେତେ, କଟିଏ, ଖଣ୍ଡେ, ଏତେ /

ସ୍ଥାନ - / କତି, ଆଗିଲ, ପଛା, ଧୁର୍କେ, ଭିଅରେ, ଭିତ୍ର, ମଝା, ଉପ୍ର, ତଳ, ଇଠି, ସିଠି, ସାମ୍ନା, ମୁହୁଁରେ, ପାଶେ /

(୧୨) ଅନୁସର୍ଗ ଓ ପୂର୍ବସର୍ଗ - / ଅଇନ / (ଅନ୍ୟ), / ଭନେ /, / ଜଚେ / (ନିଶ୍ଚୟ), / ଜହ୍ନାଡ /,
/ ଇରକମ୍ / (ଏହିପରି), / ମେଡ / (ପରି), / ନେଖା / (ଲେଖାଏଁ)
/ ଆଉ /, / ସତେ /

(୧୩) ସଂଯୋଜକ :

ସଂଗମ ଜ୍ଞାପକ - / ସିଠୁ / ( / ଆମ୍ଭେ ଗେଲୁ, ସିଠ୍ ଜାଇକରି ଫେର ରହିଲୁ / )
/ ଆର୍ / ( / ସିଏ ଆର୍ ମୁଇଁ / )
/ ଫେର / ( / ରହିକରି ଫେର୍ ଖାଇଲୁ / )

କାର୍ଯ୍ୟକାରଣ ସୂଚକ - / ସିନା / ( / ଖାଇଲେ ସିନା ଜାଣିବେ / )
/ ତେଭେ / ( / ସିଏ ମତେ ଦେଲା ନାଇଁ ତେଭେ ମୁଇଁ କିଛି କହିଲି ନାଇଁ / )
/ ବଲେ / ( / ଫୁଟି ଗେଲାବଲେ ହେମ୍ କୁଣ୍ଡର ପାଣି ଢାଳି ଦେଲା / )

ବିକଳ୍ପ ବୋଧକ - / କି / ( / ଖାଉ୍ କି ପେଜ୍ / )
/ ନା / ( / ସିଏ ନା ତାର ଆଉ କିଏ / )

ନିମିତ୍ତାର୍ଥକ - / ନାଗି / ( / ତହି ନାଗି ହେନେ ହେବ ଜୁଗି )
/ ଦେଇ / ( / ତାର ଦେଇ ମୁଇଁ ଗେଲି / )

ଅନୁକ୍ରମିକତା ସୂଚକ - / କରି / ( / ସିଏ ଖାଇ କରି ଗେଲା / )
/ କରିକା / ( / ଏଁଠ କହି କରିକା ସିମାନେ ଗେନେଯି / )

ଉଦ୍ଧୃତ ସୂଚକ - / ବଲି / ( / ସିଏ କିଆକ୍ ବଲି କହିଲା / )

—o—

ଦ୍ୱିତୀୟ ଭାଗ

# ବାଥୁଡ଼ି ରଚନାବଳୀ

# ଖକ ଚଲେଇ

ଆଉ ତାଙ୍କର ଝଣେ ସଁପଡକୁ ଆଉ ଛୁଆସିଲ ନାଇଁ, ବଁଝା ବଁଝି, ବଁଝାବଁଝି ହେନେ ବନେସ୍ତ କୁକୁଲା ରଖିଛୁ । ଛେଳ ରଖିଛୁ । ହାଟୁ କଟିଏ ଖାଇକ ଦସ୍ତ ନାଇଁ ବୁଡି, ସାଦ୍‌ବାଶୀ ବୁଡ଼ି । ଖାଇବ ବଲସ୍ତୁ୍‌ ସାଦ୍‌ବ ବୁଡାକେ ନାଇଁ ବଲସ୍ତୁ୍‌ । ଉହୁଁଃ ଥାଉ ଆଉ ମର୍‌ କେତେ ସୁନ୍ଦର ଦେଖୁଛେସ୍ତିଁ, ଥାଉ ପଇସା ହାକେ । ସାଦ୍‌ବ ବୁଡ଼ା କେତେଦନ୍‌ କହେଲ ନାଇଁ ଖାଇକ ଦେଲ କଟିଏ । ବୁଡ଼ାତାର୍‌ ଗୁଟେ ବୁଧି କଇଲା । ଆରେ ବୁଡି ଏତେଜେ ଧନ୍‌ସଁପଠ ଅର୍ଜନଛେସ୍ତିଁ କାଲ୍‌ ମରଜାକେ, ହଜଜାକେ, ଘରେ କଟିଏ ସଦ ନାଇଁ, ପାଟି ଧିରଧାର୍‌ ହେଇ ରଇଲା, ଗୁଟେ ଚଲେଇ ସାଉଠବା ହେନେ ଭୁଟୁର୍‌ ଭଟୁର୍‌ ହେତା । ନାଁ କ ଚଲେଇ ସାଉଠବୋରେ ବୁଡ଼ା ! ବୁଡ଼ି କହେଲା । ନାଁ ଖକ ଚଲେଇ ଗୁଟେ ଆଣିବା । ଖକ ଚଲେଇଟା ଆଣିନେ ସିଏ ଖାକୁଖାକୁ କଣଆକେ ।

ବୁଡ଼ା ସିଠୁ ବୁଡ଼ଆ ଗୁଟେ ଖାନ୍ଦେଇ କଣ ଗେଲା । କେଁଠେ ଗୁଟେ ଡଙ୍ଗ୍‌ର ଗଛ ଦେଖିକର୍‌ ଆଇଲା । ଆଇତେ ପାଇଟଲକରେ ବୁଡ଼ା ? ହଁ ପାଇଛେସ୍ତିଁ । ଏହେ କଟୁକଟୁ ଛୁଆ ହେଇଛୁନ । ଆଜନ ଫୁଟେଇଛୁ । ଅଧାର ଖାଇତେଇଁ ହେନେ ବେସି ବଡ୍‌ ବଡ୍‌ ହେଇ ଜତେଇଁ । ନାଁ କସ କସ ଖାଆନ୍ତୁ ? ନାଁ ମାଇଁସ ଖାଆନ୍ତୁ । ମାଇଁସ ଖାଆନ୍ତୁତ, ତାହାନେ ମାର୍‌ ଗୁଟେ କୁକୁଲା, ବୁଡି କହେଲା । ସିଠୁ କୁକୁଲା ମାରକର ଫୁଡ଼କର ବୁଡ଼ା ଖାଇଲା, ବୁଡି ଖାଇଲା, ଆଉ ପଡ୍‌ରେ ରଇଲା ଚଲେଇ ନାଗି ।

ବୁଡ଼ା ମାଇଁସ ନେଇକର ଗେଲା ବଣ୍‌କେ, ସେଇ ଡଙ୍ଗ୍‌ର ଗଛ ମୂଲ୍‌କେ । ଆର୍‌ ଖାଇ ଦେଇକର ଗଛ୍‌ମୁଲେ ପଲେଇ ଆଇଲା । ବୁଡ଼ା ତାର୍‌ ଇନ୍ତୁ ମାଇଁସ ନେଇକର ଜାଏ ଆଉ ଖାଇଦେଇ କରି ଗଛ୍‌ମୁଟେଲ, ପଲେଇ ଆସସ୍ତୁ୍‌ । ବେଢ଼େ ଭୁଖେଇଛୁନ, ବୁଡି । ଖାଲ ଟାକୁ ଟାକୁ ହେଉଥନେସ୍ତୁ୍‌ । ଖକ୍‌ ଖକୁମ୍‌ ଖକୁ , ଖକ୍‌ ଖକୁମ୍‌ ଖକୁ କଣ ଡଣ୍ଡେ ହେଲ ଖାଇ ଦେନେସ୍ତୁ୍‌ ।

ଫେର୍‌ କଛୁଦନ୍‌ ଜାଇତେ ଆଉଥରେ ଦେ ତାହାନେ ମାର୍‌ ଆଉଗୁଟେ । ଦେଖି ଆସସ୍ତିଁ କେଲେ କଟେ କଟେ ହେନେଇନ । ନାଇଁ ସେଦନ ଖାଇଛନ୍ତୁକେ ଆଜି କଟେ କଟେ ନଡ଼ର ନଡ଼ର ହେଇ ଜାଇଥନ୍ତୁନ । ଆହୁରେ ତାହାନେ ଖୁଏଇବା । ଇନ୍ତୁ କର ବୁଡ଼ା ସାଙ୍ଗ୍‌ଟା ଆଠ୍‌ଟା କୁକୁଲା ଖାଇଦେଲ । ଖାଇଦେଲଠାନ୍ତୁ ବୁଡ଼ାହିଁ ମଟେଇ ଆଇଲାନ । ଇଆଲେ ବୁଢ଼ିର କୁକୁଲାହିଁ ସରି ଆଇଲାନ ।

ବୁଡ଼ା କେଁଦନ ଆଣିବେରେ ଛୁଆଗାକ, ବୁଡ଼ି ପଚ୍ଚରଲା । ଆଣ୍‌ବଟେର ବୁଡ଼ି, ଇଥ୍‌ର ଉଡ଼ାବାଲଆ ହେଟନେଇ ନତ । ମଟେଇ ଆଇନେଇନ । ମୁଇଁ ଏକ୍‌ଲା ହେନେ ଆଉ ଧାର୍‌ବନ । ତୁଇବ ଜବେ । ତୁଇ ନାଇଁଗନେ ମୁଇଁ ଅଉ ପାର୍‌କାନ । ତୁଇ ଜବେକେ ମୁଇଁ ଗଛ୍‌ ଉପରେ ଉଠିବ । ତୁଇ ଠେକାଟା ମୁଣ୍ଡେଇ କଣ ଗଛ୍‌ ସାଙ୍ଗରେ ଗଛ ହେଇକରି ଥିବେ । ଚିହ୍ନ୍‌ତ୍‌ଲୁ ହେବେ ନାଇଁ । ମୁଇଁ ସେଇ ଠେକାରେ ଡଙ୍ଗ୍‌ରୀ ଗଛରୁ ଉଲ୍‌ହେଇ କଣ ପକେଇ ଦେବ । ଖଗ ନାଗିଲା ହେନେ ଉଡେଇ କଣ ପଲେଇ ଆସିବେକେ ଏକ୍‌ଦମ୍‌ ଘରେ । ଏକ୍‌ ମୁହୁଁ । ହେଇ କଣ ସୁଲ୍‌ ଆଇବେ । ଅଲ୍‌ହାବେନ୍‌ନ, ନାହିଁନେ ଉଡ଼ସଲାମେସ୍ତୁ ।

ଖକ୍‌ଖକୁମ୍‌, ଖକ୍‌ଖକୁମ୍‌ କଣଦେଲ ବୁଡା । ଦେଇକର ଠେକାରେ ଥର୍‌ ହେଇକର ବସିଲା । ବସି ପଇଲା ଠାନ୍ତୁଡ ଖଗ ନାଗିଲା । କହୁଛୁ ଅଲ ହାବେନ୍‌ ନାଇଁ ବଲ । ଆଣିଲକେ ଏକ୍‌ଦମ୍‌ ଘରେ, କାଇଁ ଚଲେଇ । ଇଟାତ ବୁଡ଼ାଟା, ଇଟା ଖକ ଚଲେଇ ! ମର୍‌ କୁକୁଲା ଖାଇଲା । ନଗାଧଚ୍ଚ ହେନେସ୍ତୁ । ନାଇଁ ରହବ ବଇଲ ବୁଡ଼ି । ମର୍‌ ବାପ୍‌ ଘର୍‌କେ ପଲାବ ବଇଲା । ପଲ୍‌ଲା ଚୁଲକର ବୁଡା ଆଁକା ପାଁକା ହେଲା ଏକ୍‌ଲା ଗୁନ୍ଧବାଡି କର ।

ସିଠୁ ସାଇ ପଲସିଆ ପିଲା ଦୁଇଝଣ୍ ନା ଠନ୍ଝଣ୍କେ ସାଙ୍ଗ୍ କଇଲା । ଜବା ସ୍ତୁଲଗ ଗୁଟେ ଗାଁରେ ଆମ୍ହେ ବୁଲେଇ ହେବା । କେଁଠେ ଗ୍ଲଲ୍ର ଛୁଲ୍ବ୍ର ଥିଆକ୍ ହେନେ ଆଣିବା ଗୁଟେ । ସିଠିକନ ଜମେଇ । ଗେନେସ୍ତକୋ ଅନ୍ଧାର ସ୍ୱଢଆ ହେଇକରି ସେଇ ସଜା ଗେନେସ୍ତ୍ । ଆମ୍ହେ ଇଠେ ଫଳନ୍ତୁଁ ଯେ ଗ୍ଲଲ୍ବ୍ଛୁଲ୍ବ୍ର ଗୁଟେ ଥିଆଚ୍ ହେନେ ବଲ୍ ବଇନେସ୍ତ । ନା ସେଇ ସାଦ୍ବ ଘର ଗୁଟେ ଦେଇଥିଲା କେ ଗ୍ଲଲ୍ଶ ହେଇଛୁ ଜୁଅ, ଦେମେସ୍ତ୍ ହେନେ ବଲ୍ ସାଇର୍ ନୁକ୍ଗା କହ୍ନେସ୍ତ୍ । ସିଠୁ ସାଦ୍ବ ଘର୍ନେ ଢାଣ୍ଡିଆ ବଂଟାନେସ୍ତ । ବଂଟାନେସ୍ତ୍ ଠାଣ୍ଡ ହଁ ଦେମୁଁ, ଆମ୍ହେକ ଆଉ ସବୁଦନ୍ ପୁସିମୁଁ । ଉ ହଁବାସା ହେଇ ଗେଲାଠାଣ୍ଡ ଖାତ ରୁଉଣ ଖାଇନେସ୍ତ୍ । ପାଗ ମାଶଛନ୍କେ ବଡ଼ ବଡ, ଶନ ପାର୍ମେସ୍ତନ । ଟକ୍ଳମାନେ ସଁଜ ହେଲାଠାଣ୍ଡ ଗୁଙ୍ଗୁ ବଜାକରାନେସ୍ତ୍ । ଗିତ ଗାଉନେସ୍ତ୍, ଗାଇନେସ୍ତ । ଭ୍ଲର୍ ସ୍ୱଢ ହେଲା ବେଲ୍କୁଡ ଗାଇନେସ୍ତ୍ ।

ସମ୍ର ଦମ୍କଲା କରେ ସମ୍ର ଦମ୍କଲା
ଯେ ବୁଢ଼ାକୁ ଝେଇବୁଢ଼ି ଚର ନାଟ ଜମ୍କଲା ।
ଘିନଗ୍ଳ ଘିନଗ୍ଳ ଘିନଗ୍ଳ ।

ଇନ୍ତ ହେଇ ହେଇ ସ୍ୱଢ ପାହ୍ନଗେଲା । ସ୍ୱଢ ପାହ୍ନଲା ଠାଣ୍ଡ ଦେଖିନେସ୍ତ ଯେ ସେଇ ବୁଢ଼ା । ଆଉଥରେ ବୁଢ଼ା ଆଣି ଆଇଲ ବୁଢ଼ିକେ । ବୁଢ଼ାବୁଢ଼ି ମିଟାମୁଟି ହେଇ ଗେନେସ୍ତ୍ । ବୁଢ଼ି ଖକ ଚଲେଇକେ ଆଉଥରେ ସାଉଢଲା ।

ଫଗୁଣା ନାଏକ
ଘଲ୍କୁଣ୍ଡୁ, କେଉଁଝର

## ଶବ୍ଦାର୍ଥ :

ଝଣେ - ଜଣେ, ସଁପଡ - ସମ୍ପଡ, ବଁଝା ବଁଝି - ବନ୍ଧ୍ୟା, ହେନେ - ହେଲେ,
ବନେସ୍ତ - କହିବାର ଅର୍ଥ, କୁକୁଲା - କୁକୁଡ଼ା, ହ୍ୱାଟୁ - ସେଥିରୁ, କଟିଏ - ଟିକିଏ,
ଖାଇକ - ଖାଇବାକୁ, ଧ୍ୟନାଁଇ - ଦଏନାହିଁ, ବଲସ୍ତ - କହେ, ହାକେ - ହେବ,
ସଦ - ଶବ୍ଦ, ହେରା - ହୁଅନ୍ତା, ଖାନ୍ଦେଇ - କାନ୍ଦଇ, କେଁଠେ - କେଉଁଠାରେ,
ଗୁଟେ - ଗୋଟିଏ, ଡ଼ଡର୍ - ଫମ୍ପା, ଆଇଲା - ଆସିଲା, କହ୍ଟୁ କହ୍ଟୁ - ଗ୍ରେଟ ଗ୍ରେଟ,
ସିଠୁ - ଇନ୍ଧିବଗ୍ରୁ, ଫୁଲକର - ପୋଡ଼, ମାଉଁସ - ମାଂସ, ଭୁଟଖେଇଚ୍ଛନ - ଭୋକ ଲାଗିଛି,
ଡଣ୍ଡେ - ଦଣ୍ଡେ, କଟେ କଟେ - ଟିକେ ଟିକେ, ନଡ଼ର୍ ନଡ଼ର - ବଡବଡ଼, କେଁଦନ - କେଉଁଦନ,
ଉଡ଼ାବାଲଆ - ଉଡ଼ିବାକୁ ସକ୍ଷମ, ଉଲ୍ଚୁଲୁ - ହଲ୍ଚଲ୍, ଅଲ୍ହାଦେନ୍ନ - ଓହ୍ଲାଇବୁ ନାହିଁ,
ଥିର୍ - ସ୍ଥିର, ପଇଲା - ପଡ଼ିଲା, ଇଟା - ଏହିଟା, କଇଲା - କଲା, ସିଠିକ - ସେହିଠାକୁ,
ସଜା - ପଥରେ, ଇଠେ - ଏହିଠାରେ, ଫଳନ୍ତୁଁ - ପଡ଼ିଅଛୁଁ, ଗ୍ଲଲ୍ବ୍ଛୁଲ୍ବ୍ର - ପରିତ୍ୟକ୍ତା (divorced)
ଥିଆକ୍ହେନେ - ଥିବ ହେଲେ, ଯୁଅ - ଯାଅ, ଢାଣ୍ଡିଆ - ମଧ୍ୟସ୍ଥ (negotiator),
ବଂଟାନେସ୍ତ୍ - ପଠାଇଲେ, ପୁସିମୁ - ପୋଷିବୁଁ, ହଁବାସା - ଚଳୁ, ରୁଉଣ - ତରକାରି,
ପାଗ - ପଗଡ଼, ଭ୍ଲର୍ - ଭୋର, ଦମ୍କଲା - କମ୍ପିଲା, ମିଟାମୁଟି - ସାକ୍ଷାତ, ଚଲେଇ - ଚଢେଇ ।

## ସିଆଲ କୁକୁଲା

କୁକୁଲା ଗୁଟେକେ ତାର୍ ଧାଲ କୁକୁଲାଟା । ସିଏ ତାର ଛୁଆ ଦୁଇଗଣ୍ଡା ଖଣ୍ଡେ ବଗ୍‌ବର୍ ବୁଲେଇକେ ନସ୍ତୁ । ଆଉ ମାସିଆ ସିଏ ତାର୍ ଗୁଟେ ବାଁସ ଇଏରେ ସିଏ ମାସିଆ ଧରିଛି । ଖୁ ବଡ ବଡ଼ ମାସିଆ । ସିଏ ମାସିଆ ଦନେ କସ କରିଛି ତାର ଫଲବାର୍ ସମସ୍ତ୍ ହେଇଗଲେନ । ପାକଲ ଗେଲାନ । କୁକୁଲା ଜାଇକରି କସ କରିଛି, ତାର୍ ଛୁଆ ମାନ୍‌କେ ସିଠେ ଧୂଳ ବାନ୍ଧ ଖେଲ୍ ଦେଉଛି । ଆଉ ଉଇପକ ନାନାଦ ରକମ୍ ଖିଆରୁଛନ୍ତ । ସିଏ ତାଙ୍କର ଖାଇକେ ନାଗିଛନ୍ତ । ମାସିଆ କହୁଛି ପଲାରେ କୁକୁଲ ଫଲବତ । କୁକୁଳ କହୁଛି ଫଲ୍‌ରେ ମାସିଆ ଫଲ୍ । ଦୂଲ୍ କରିବେ ନା ଭ୍ଲଟ୍ କରିବେ । ତେଭେବ ସିଏ କୁକୁଲ ଜାଏ ନାଇଁ । ଏଇ ରକମ୍ ହେଇକିରି ସିଏ ଦୁଇଥର୍ ତନ୍‌ଥର୍ କହୁଲ । କହୁବାକେ ସିଠୁ କୁକୁଲ ଆଉ ଘୁଁଟଲେ ନାଇଁ । ମାସିଆ ତାର ଫଲବାର୍ ସମସ୍ତ ହେଇଗେଲା । ସିଏ ଫଲ ଦେଲ । ଜନ୍ତୁ ଫଲଦେଲା ତାର୍ ମୁଣ୍ଡରେ କରି ପଇଲା । କୁକୁଲ ଧାଲଟାର୍ ମୁଣ୍ଡଟାତ ଏକାଥରେ ଗୁଣ୍ଡା ହେଇଗେଲା । ଜେରକମ୍ ଟରକ୍‌ଟଟି ହେଇ ଗେଲା ସିଏ ଡ଼ଆଁ ମାଇଲା ନର୍‌ପାନ୍ତ । ଡ଼ଆଁ ମାରତେ ଟଆଁଗା କହୁଛନ୍ ହଁ ମାଁ ଆମ୍‌ହର୍‌ତ ବାନ୍ଧ ଖେଲ୍ ଦେଉଛି । ଆମ୍‌ହେ ବେସ୍ ମଜା ଖାଉଛେସ୍ତୁଁ । ଇଆଲେ ସିଏ ତାର୍ ଆନନ୍ଦପୁର୍ ଗେଲାନ । ଜେତେବେଲେ ହମସ୍ତୁପ୍ ହେଇକରି ଫଲଗେଲା ସେତେବେଲେ ଛୁଆମାନେ କହୁନେସ୍ତୁ ମାଁତ ଆମ୍‌ହର୍ ମରିଗେଲା, ସିଠୁ କାନ୍ଦନେସ୍ତୁ । କାନ୍ଦନେସ୍ତୁ ଜେରକମ୍ ସିଆଲ ସିଏ ସୁଣ୍ତୁଥାଏ । ସୁନି ଶୁଣାକରି ଆଇଲା, ଆସିକରି କହୁଲ କସେଇଁରେ ଖଣଜ୍ଞମାନେ କାନ୍ଦସ ? ନାଇଁ ଆମ୍‌ହର ମାଁତ ମରିଗେଲା, ଆମ୍‌ହକେ କଏ ଆଉ ଖୁଦ କୁଣ୍ଡା ଦାକେ । ନା ତମ୍‌ହର ମାଁ ମରିଗେଲା । ଇଆକେ କସ କର୍‌ମୁ । ଦଅ ତାହାନେ ମୁଇଁ ପକେଇ ଦେଇ ଆସେସ୍ତୁଁ, କହୁଲ । ନା, କେଁଠ୍‌କେ ନେବ ମାମୁଁ, ନା, ନଇକେ ନେବ ଆଉ ରୁପି ଦେବ । ଗୁଉଲ ଦଅ, ନହତା ଗୁଟେ ଦଅ ଆଉ ତେଲ ଜିରା ମସ୍‌ଲା ଦଅ । ଜିରା ମସ୍‌ଲ ଗୁଉଲ ସବୁ ଦେନେସ୍ତୁ ତାକେ । ସିଏ ପକେଇକରି ଆଣ୍‌ଲା, ନେଇକରି ଖାଇଲା । ଖାଇକରି ଦଅ ଖଣ୍ଡଜ୍ଞମାନେ ଉଖୁଣି ଦୁଇଟା ଖୁଣ୍ଡି । ଉଖୁଣି ଖୁଣ୍ଡିତେ ଖୁଣ୍ଡିତେ ଦେଖିନେସ୍ତୁକେ ତାଳୁରେ କରି ଗିଧଟା ଦେଇଛି । ମାମୁଁ ଇଟା କସ ? ନା କ ନାଇଁ ଖଣଜ୍ଞ । ତୁମ୍‌ହର ମାଁ ଦୁଃଖରେ ଛେଚ କରୁଲ ହେଇ କାନ୍ଦ୍‌ଲକେ ଆଉ ଗଛ୍‌ରେ କୁଟିହେଲା ବଲେତ ଏଇଟା ଫାଟି ଗେଲା । ଗିଧଟା ଖିଆର ଆଇଲା । କୁକୁଲ ଛୁଆମାନେ କହୁନେସ୍ତୁକ ନାଇଁ ଆମ୍‌ହର ମାଁକେ ଇଏ ଖାଇନ ଦେଇଛି । ସିଠୁ ସିମାନେ ପଲେଇ ଗେନେସ୍ତୁ । ପଲେଇ ଗେନେସ୍ତୁ ବଲେ ଇଏ କସ କହୁଛନା ଭଣ୍‌ଜା ଖଣଜ୍ଞମାନେ ତୁମ୍‌ହେ କେଁଠେ ସୁଇବ । କୁକୁଲ ଛୁଆମାନେ କହୁନେସ୍ତୁ ଆଜ ଆମ୍‌ହେ ଚୂଲ୍‌ହ ଗାଲ୍‌ରେ ସୁଇମୁ । ରାତରେ ସିଏ ଆଇଲା । କୁକୁଲା ଛୁଆତ ତାଙ୍କର ସିଦନ ଜାଇକରି ହାଣ୍ଡି ଗୁଟେ ନାହୁରୁମା ଫଲଥାଏ ଉପ୍‌ରେ ଜେ ସିଠେ ସୁଇଥାନ୍ । ଇଏ ତାର ଆସିକରି ଚୂଲ୍‌ହା ଗାଡ୍‌ରେ ଖୁଜ୍‌ଲା । ଖୁଜୁଲା ଜୁଦୁର ଆଉ ପାଇଲା ନାହିଁ । ଗେଲା ସିଦିନ୍, ଫେର ତାର୍ ଆର୍‌ଦନ୍‌କେ ଆସିକରି କହୁଲା ଆଜ କେଁଠେ ସୁଇବ ଭଣଜା ଖଣ୍‌ଜ୍ଞ ମାନେ । ଆଜ ଆମ୍‌ହେ ସଙ୍ଗା ଡ଼ଣ୍ଡାରେ ସୁଇମୁ । ସଙ୍ଗା ଡ଼ଣ୍ଡାରେ ସୁଇବନା ? ନାଁ, ହଁ । ଫେର୍ ରାତ ହେଲା ଜେରକମ୍ ଆନ୍ଧଥରେ ଆଇଲା । ଆସିକରି ସେ ସଙ୍ଗା ଡଣ୍ଡା ଗୁଟା ଖଜଲା । ଖଜ୍ଞ ଖଜ୍ଞ ପାଇଲା ନାହିଁ । ଜେରକମ୍ ନାଇଁ ପାଇଲା ପଲ୍‌ଲା । ବର୍‌କତଣ ହେଇଗେଲା । ଦେଇକରି ଫେର୍ ଆର୍‌ଦନ୍ ସଁଜ ବେଲ୍‌କେ ଫେର ଆଇଲା । ଆସିକରି କହୁଲା ଆଜ କେଁଠେ ସୁଇବ ? ନା, ଆଜ ଆମ୍‌ହେ ମାଁ କେଁଠେ ସୁଇଥାଏ ସେଇ କୁଣ୍‌ରେ ସୁଇମୁ । ଏଇ ରକମ୍ କହୁନେସ୍ତୁ । ସିଠେ ସୁଇବ ? ନା, ହଁ । କାଇଁ ମୁଇଁ ତୁମ୍‌ହକେ ଦେଖିକାତ ପାଏ ନାଇଁ । ରାତରେ କାଲେ ତରୁଥମସ୍ତୁ, କହୁକରି ମୁଇଁ ଦେଖିକ ଆସ୍ତୁଁ, ଆଉ ତୁମ୍‌ହକେ ଦେଖି ପାଏ ନାଇଁ । ନାଇଁ ସିଠେତ ଆମ୍‌ହେ ସୁଇଥାଉଁ । ସିଠୁ ହେଇକରି ଇମାନେ ପଲେଇ ଗେନେସ୍ତୁ । ସିଆଲବ ପଲ୍‌ଲ । ଇଏ ଜାଇକରି ସେଇ ନାଉ ରୁମାରେ ଫୁରି ହେଇଛନ୍ତ । ସିଏ ଆଇଲା ରାତରେ । ଆସିକରି ଖୁଜ୍‌ଲା । ଖଜ୍ଞ ଖଜ୍ଞ ଆଉ ଗୁହାଟା ସାଗ୍ ଟୁଜ୍‌ବ । ସେଇକରତ ଗୁହା ସାଗ୍ ଖୁଜ୍‌ଲା । ଖୁଜ୍‌ଲକେ ଖଜ୍ଞ ଖଜ୍ଞ ନାଉରୁମାଟା ପାଇଲ । ପାଇଲ ଜେରକମ୍ ନାଉରୁମାଟା ବଇଲ ଇଟାତ ଆଜ ରୁହକରି ପଲାଇ । ଯଲା ପାଇଲନାଇଁ ଭଣଜା ଖଣଜ୍ଞ ମାନ୍‌ଙ୍କ । କହୁକରି ସେ ନାଉରୁମାଟା ନେଇକରି ପଲ୍‌ଲା । ଜାଇକରି ପଦାଜାଗାରେ ଜେଇକିରି

କସ୍କଲ ଦେଲା । ଜେଉଁକମ୍ କସ୍କଲ ଦେଇଛୁ ଫୁର୍‌ଫାର୍ ଫୁର୍‌ଫାର୍ କୁକୁଳ ଛୁଆସବୁ ଉଡ଼ିଗେଲେଣି । ଜେଉଁକମ୍ ଉଡ଼ିଗେଲେଣି ନେଣ୍ଡିଆ କଟି ଆଉ ଉଡ଼ି ପାଇଲା ନାହିଁ । ତା କେତ ମାଡ଼ମୁକ୍ତା କଣ ତାର୍ ଉପ୍‌ରେ ହଗିହୁଗା ଇଏ କଣ ଦେଇଛନ୍ତି । ତାର୍ ପଁଖିଗାତ ଖାଲ ଗୁହ ହେଇ ଜାଇଛୁ । ସେଇ ଇଏରେ ଆଉ ଉଡ଼ିପାଇଲା ନାହିଁ । ଜନ୍ତୁ ଉଡ଼ି ପାଇଲା ନାହିଁ ସିଠୁ କହୁଲା ମୁଇଁ ତକେ ଖାଇବି । ମାମୁଁ ଇଉଁକମ୍ ଗୁହ ସଲ୍‌ବଟିଆ ଖାଇବ ନା । ଆଉ ମକେ ତେଲ ହଲ୍‌ଦ କଣ ଗାଧେଇ ଆଣ । ମକେ ଟିକେ ଟକଣ୍ କଣ ଦେଇକିଣ ସିନା ଖାଇତ । ଇଉଁକମ୍ କହୁତେ ସିଠୁ ସିଏ ଟଆଁଟାର କଥା ମାନକର ବେସ୍ ମଜାର୍ ଧୂଇଧୁଆ ଆଣ୍‌ଲା । ଆଣିକର କହୁଲ ଇଥର ଖାଇବି । ନାହିଁ ମାମୁଁ ମୁଇଁ କଟିଏ ସୁକ ଜାଏଁ । ଅଦା ସଲ୍‌ବଟିଆଟା କେଁଉଁକମ୍ ଖାଇବ । ସିଠୁ ସିଏ ଖରାରେ ନେଇକରି ବସେଇ ଦେଲା । ତଣ୍ଡେଯାଏ ପଗ୍ଗରସ୍ ଖଣକ ସୁକଲନା ? ହଁ ତେଣା କଟି ସୁକଛୁ । ଆଉ ତଣ୍ଡେଯାଏ ପଗ୍ଗରସ୍ ଖଣକ ସୁକିଲନା ? ହଁ ଆଉ ଗୁଟେ କଟେ ସୁକିଲା । ଆଉ ତଣ୍ଡେଯାଏ ପଗ୍ଗରସ୍ ଖଣ୍‌କ ସୁକିଲନା ? ହଁ ଇଥର ଆଉ କଟେ ତେଣା ସୁକିଲା । ଆଉ ତଣ୍ଡେଜାଏ ଫେର୍ ପଗ୍ଗରସ୍, ଖଣ୍‌କ ସୁକିଲନା ? ହଁ ଇଥର ଆଉ କଟେ ସୁକିଲା । ଆଉଥରେ ପଗ୍ଗର ଦେଲା ବେଲ୍‌କେ କହୁଲା ନାହିଁ ସମୁଦାୟ ସୁକିଗେଲା । ଗଣ୍ଡି ମଣ୍ଡି ସବୁ ସୁକି ଗେଲା । ସୁକିଗେଲା ? ନା, ହଁ ସୁକି ଗେଲା । ଆଉ ତୁମ୍‌ହେ କିପେଇଁ ଏତେ କସ୍‌ଟ କରି ଖାଇବ । ତୁମ୍‌ହେ ଆଁଖିମୁଜ କରି ଆଁ କର, ମୁଇଁତ ପାଟିରେ ପସିଜିବି । ପସିଜିବ ? ନାଁ, ହଁ । ମରତ ଆଉ କଣ୍‌ସି ଆଲେ ଉଡ଼ିପାରୁବ ନାହିଁ । ପସିଜିବ ପାଟିରେ, ସିଏତ ବେସ୍ ଚକଣ୍ କରି ଧୁଇଦେଇଛନା । ତେଣାଗା ସବୁ ସୁକିଗେଲ ଜେଉଁକମ୍ ସିଏ ଏକାବେଲେ ତାର୍ ପାଟିକି ଉଡ଼ିଆଲେ କିସ, ଇଏ ଆଁଖି ମୁଜକରି ଆଁ କରିଛୁ, ପାଟିରେ ହଗି ଦେଇକରି ସିମ୍ଲ ଗଛରେ ଜାଇକରି ବସିଲା । ସିମ୍‌ଲ ଗଛରେ ବସିଲା ଜେଉଁକମ୍ ସିଆଲ କହୁଲା ତାର ଗୁହଟାତ ଏତେ ମଧୁର୍, ତାର୍ ମାଉଁସଟା କେତେ ମଧୁର୍ ନାହିଁ ହେଇ ଥିଆଲେ । କେତେବେଲେ ନାହିଁ ଫଲବ । ତାକୁହିଁ ଖାଇବ । ଇନ୍ତୁ କହୁ କରି ଉପର ଆଲେ ଚାହିଁକରି ଟକିସ ଗୁଟେରେ କଣ ବସିଛୁ । ଇଥଲେ ତାର୍ ଗାଣ୍ଡିଟା ଉଇ ଖାଇଦେଲାନ । ସିଠୁ ବସି ବସି କରି ଥକଲ ଜେଉଁକମ୍ କହୁଲା ହେଃ ଇଠେ ଆଉ ବସ୍‌ବ ନାହିଁ । ନଇ ଆଲେ ଗଲେତ ମାଛ କଙ୍କ୍‌ଲା ପାଇବ । କହିକରି ନଇଆଲେ ଗେଲା । ପଲେଇ ଜାଇକରି ସେଇ ନଇ ଜଲ୍‌ରେ ଗୁଟେ ସେର୍‌ଣା ମାଛ ପାଇଲା । ପାଇକରି ତାକୁ ଗିଲଦେଲା । ଜେଉଁକମ୍ ଗିଲ ଦେଇଛୁ ଗାଣ୍ଡିଟାତ ଉଇ ମାଣକରି ଭଣା କରିଦେଇଛୁ । ମାଛଟା ଦେଇଆଲେ ଖୁଆଣ ପଲ୍‌ଲା । ଖୁଆଣ ପଲ୍‌ଲା ଜେଉଁକମ୍ ଘୂରକରି ଦେଖ୍‌ଲା ଜେ ଫେର ଆଉର ଗୁଟେ ସେର୍‌ଣାମାଛ । ସେଇ ମାଛଟାକେ କହୁଛନ, ଆଉ ଗୁଟେ ପାଇଛେଁ । ତାକେ ଗିଲ୍‌ଲା । ଗୁଟେକେ ଦୁଇଟା ହେଲା । ଖାଲଟା ଦେକେ କୁକୁଳ ଛୁଆଟା ଆଲେ ମୁଇଁ ଚାହୁଁଥିଲି । ଇଉଁକମ୍ କହୁକରି ଫେର୍ ଗିଲଦସ୍, ଗାଣ୍ଡି ବାଟେ ଖୁଆଣଜାଏ । ଆଉଥରେ କୁନ ହେଇ ଆଣେ । ହଁ ଆଉର ଗୁଟେ ପାଇଛେଁ । ଦୁଇଟାକେ ତନଟା ହେଲା । ଇଉଁକମ୍ କହୁକରି ସଲା ଏତେ ଗିଲ୍‌ଲନ, କାହିଁ ପେଟଟା ଫୁଲୁଛୁ ବଇଲା । ସଲା ଭଲକଥା ହେଲା । କଥ ହେଲା ବଲକରି ଅଲେଇ ଦେଲାକେ ଗାଣ୍ଡି ପାଖଟା ଉଇ ମାଣ ଦେଇଛୁ । ଅହ ମର୍ ଗାଣ୍ଡିଟାତ ଭଣା ହୋଇଯାଇଛୁ । ନାହିଁ ମୁଇଁ ଜାଏଁ ଚମାର ଘଇକତ, ଗେଲା, ଜାଇକରି ଚମାରକେ କହୁଲା ଚମାର ଘଇ, ଚମାର ଘଇ ମର୍ ଗାଣ୍ଡିଟା ଟିକେ ସିଲେଇ କରିଦେ । ସିଏ ସିଲେଇ ଦେଲା । ସିଲେଇ ଦେଲାକେ ବଇଲା ସିଁ ବଜ କଣ ଦେବନା ଗୁଟେ ବାଟ ରଖିଦେବ । ନାହିଁ ଏକାଥରେ ବୁଜ ବୁଜା କରିଦେ । ବଲେ ତାକେ ମାଣ ଦେଲା । ଆଉ ବାଟ ରଖିଲା ନାହିଁ । ଏକାବେଲେ କନ୍ତୁ ବୁଜି ଦେଲା ତାର ପେଟ୍‌ଟା ଫୁଲଗେଲା । ସିଏ ଆଉ ହେଗି ପାଇଲା ନାହିଁ । ନାହିଁ, ଆଉଥରେ ନନ୍ଦବା ସାଲ ଠାଣିକ ଜାଏଁ ବଇଲା । ବନ୍ଦାଣି ଘଇ ଠାଣିକ ଗେଲ । ବଇଲା ବନ୍ଦାଣିଘଇ ବନ୍ଦାଣିଘଇ ବେତେ ଅଲୁଆ ହେଇଗେଲା । ଆଉ ଇଟା ଟିକେ ବାଟ କରିଦେ । ସିଏ ସିଠୁ ଗୁଟେ ନୁହାକେ ପିଟିକରି ଛୁନୁଆ କଇଲା । ଦେଇକରି ବଇଲା ପାକଲା ଖାଇବେ ନା କେଞ୍ଚା ଖାଇବେ । ସିଆଲ ବଇଲା ପାକଲା ଖାଇବ, ଆଉ କେଞ୍ଚା ଖାଇବ ନା । ସିଠୁ ବନ୍ଦାଣି ଘଇ ନୁହାକେ ତତେଇ ଦେଲା । ତତେଇ ଦେଇକରି ଦେଲା ଟିପିଯେ ଏକାଥରେ ଭଲ୍‌ଭଲ୍ ହେଇ ସେଇ ବନ୍ଦାଣିର ଭନ୍ଦସବୁ ଗୁହ ହେଇଗେଲା । ସିଆଲ ଇଥଲେ ଆନନ୍ଦ୍‌ପୁର ଗେଲା ।

ପାଟପୁର, ଝଦଲା

# ମାକ୍‌ଲ ଜାଉ ଖାଇଲା

ସାଦ୍‌ବ ବୃଡ଼ାର ତାର ସାନ୍ତ୍‌ଶା ଝିଅ । ସାନ୍ତ୍‌ଶା ଝିଅକେ ଗୁଟେକୁହିଁ ବର୍ ଅଇନେୟୁ ନାଇଁ । ବଲେସ୍ତ୍ ଏଇ ଅପ୍‌ଦୂପି ଝିଅଗାକୁ ମର୍ ଗୁଟେହିଁ ବର୍ ଆଇନେୟୁ ନାଇଁ । ଆଉ ତାଙ୍କର ମୁଖ ମୁଇଁ ଗୃହିଁବ ନାଇଁ, ଜେଁଆଲେ ହେନେ ପଲହୁଛତ ପଲ, ଘରେ ହେଇକର ରୁହ ନାଇଁ ବଇଲା । ସିଠ୍ ସାନକଟି ଶୁଣିଥିଲା । ଆଉଗ୍ଧଲ ନନା ପଲ୍‌ବା । ଆଉ ବାପ୍‌ଶା ହେଇକର ଆମ୍‌ହକେ ଇନ୍ସକର କହ୍ୟାକ୍‌ନା । ମର୍ ଝିଅଗା ଅପ୍‌ଦୁପିଗା, ଆଉ ଗୁଟେକୁହିଁ ବର୍ ଆଇନେୟୁ୍ ନାଇଁ । ଆଉ ତମର୍ ମୁଖ ଗୃହିଁବ ନାଇଁ । ଘରେ ହେଇକଣ ରୁହନାଇଁ ବଲକଣ କହ୍ୟାକ୍ ବାପ୍‌ଶା ହେଇକଣ । ଗ୍ଧଲ ପଲ୍‌ବା ବଇନେୟୁ୍ । ବେଳ୍ପ ସିଠ୍ ପଲେଇ ନେୟୁ । ପଲେଇନେୟୁକେ ପଲେଇନେୟୁକେ ପଲେଇନେୟୁକେ ଏକ ରଜା ଗ୍ଧଇକକେ । ସିଠେ ଜଙ୍ଗଲ୍‌ରେ ଗ୍ଧଢହେଇଗେଲା । ବଲେ ଗ୍ଧତଡ ହେଇଗେଲ୍, ଆଉ କେଁଠେ ରହ୍‌ବା ବଇନେୟୁ । ସିଠ୍ ଗୁଟେ ଢ଼ଙ୍ଗର୍ କାଠ୍ ଥାଏ । ଢ଼ଙ୍ଗର୍ କାଠଶାରେ କଣ ଭର୍ତ୍ତ ହେଇଗେନେୟୁ । ଭର୍ତ୍ତ ହେଇ ଗେନେୟୁ୍ ବଲେ ସିଠ୍ ତାର ବାପ୍ ଝଙ୍କଝଙ୍କ ଗେଲ୍ । କହ୍‌ଦେଲ୍ ବଲେ ସିନା କହ୍‌ଦେଲ୍ । ଆଉ ମର୍ ଝିଅଗାତ ସବୁ ପଲେଇନେୟୁ୍ । ଆନ୍ତ ମୁଇଁ ଜାଏଁ ଖଜକ ବଇଲ୍ । ଖଜକ ଗେଲ୍ । ଖଜକ ଗେଲ୍‌ବଲେ ଗେଲ୍‌କେ ଗେଲ୍‌କେ ଗେଲ୍‌କେ ଆଛ, ନାଇଁ ସିଏ ନାଇଁ ପାଇଲା । ବଲେ ଢ଼ଙ୍ଗ୍ର ଗଛଶାରେ ପିଟି ଦେଲାକେ ମାଛଗା ଭଣ୍ ଭଣ୍ କଇନେୟୁ । ବଲେ ସିଠ୍ ସେଇ ଢ଼ଙ୍ଗ୍ର କାଠ୍‌ଶା ବୃହ୍‌କର ଆଣି ଆଇଲ୍ ।

ବୃହ୍‌ବ ବଇଲାବଲେ ଏ ନନାଘର ମାରବେ, ଆଉ ସଭେଁ ବୃବା କାଠ୍‌ଶା ବୃହ୍ୟାକ୍ ବଲେ ସଭେଁ ହୁଲାହୁଲ ଦେବାକେ ଆଉ ପକେଇ ଦେଇକର ପଲାକେ । ନେଇକରତ କାଟଦେନେ ଆମ୍‌ହେ ସଭେଁ ମରକମୁଁ । ହୁଲାହୁଲ ଦେବା ବଇନେୟୁ । କେତେବେଲେ ଖାନ୍ଦେଇଲ୍ ଆଉ ତେତେବଲେ ହୁଲାହୁଲ ଦେନେୟୁ୍ । ହୁଲାହୁଲ ଦେନେୟୁବଲେ ସିଠ୍ ଜୁହାର ମହାପ୍ରଭୁ, ଆଉ ଅକାଶ୍‌ତ୍‌ରେ ବୃହ୍‌ଥଲ । ତମ୍‌କୁ ଆଜ୍ଞଠାଣ୍ଣ ରଖିଦେଉଛେୟୁଁ । ଆଉ ବୃହ୍‌ବ ନାଇଁ । ବଲେ ଆଉ ଥର୍‌କର ଉହେ୍‌ଇ ଦେଲ୍ । ଥର୍‌କର ଉଲ ହେଇଦେଲ, ଆଉ ରଖିଦେଲ୍, ଆନ୍ତ ପଲ୍‌ଲ୍ । ସିଠ୍ ଝିଅଗା ଖ୍ୱାଆର କଣ ଉଡ଼ି ପଲାନେୟୁ । ଗେନେୟୁ୍‌କେ ଗେନେୟୁ୍‌କେ ଜାଇକଣ ଗୁଟେ ମାକଲ ଘରେ ରହ୍‌ନେୟୁ । ମାକ୍‌ଲଶା ତାର ଆନ୍ତ ଝଙ୍କକ ଜାଇଥାଏ । ଖଜକ ଖାଇକ । ଖଜ ଖାଇକ ଜାଇଥାଏ ବଲେ ସିଠ୍ ଇଗା ଗେନେୟୁ । ଘାତ ଚୂଉଣ ବାଁଧିକର ଇଗା ଖାଇନେୟୁ । ମାକ୍‌ଲ ଆସିଲ୍‌ବଲେ ଆନ୍ତ ଗ୍ଧଲତାରେ ଜନ ଗେଁଜ ହେଇ ଗେନେୟୁ । ଗେଁଜ ହେଇଛନ୍ତ ବଲେ ଆର୍‌ଦନ ସିଠ୍ ସକାଲ୍ ପାହ୍‌ଲ୍ । ବଲେ ଦେଖିନେୟୁକେ କେଁ ହାଣ୍ଡିଶାରେ ଗଢ, କେଁ ହାଣ୍ଡିଶାରେ ଗୁଲ, କେଁ ହାଣ୍ଡିରେ ଢଆ ଗ୍ଧଉଲ, କେଁ ହାଣ୍ଡିରେ ଭର୍ଯିଲ ଗ୍ଧଉଲ ସବୁଖାଲ ଭର୍ତ୍ତ ହେଇଛ । ବଲେ ସାନ୍‌ଶା କହୁଛ ଏ ନନାମାନେ, ଇଗା ଗୁଲ ଅଛ । ଆଉ ଖିର କଣବା ଦନେ ବଇନେୟୁ । ସିଠ୍ ଢଆ ଗୁଲେ କୁଟ୍‌ନେୟୁ । ଖିର ଘାଣ୍ଟନେୟୁ୍ । ଖିର ଘାଣ୍ଟନେୟୁ ବଲେ ଆଉ ମାକ୍‌ଲ ପଲେଇଥାଏ ମାଗିଜ । ବଲେ ଇଗା ଖିର ଘାଣ୍ଟିକର ଖାଇନେୟୁ । ଖାଇନେୟୁ ବଲେ ସାନ୍‌ଶା ଆଉ ମାକ୍‌ଲ ବସ୍ୟୁ ପିଲ ହାଣ୍ଡା ଆଗ୍ରୟୁଁ ବଇଲ । ସିଠ୍ ଆଣ୍‌ଲ । ଖାଇନେୟୁ ଖାଇନେୟୁ, ଅଛ ସାନ୍‌ଭଟି ଖାଇ ପାଇଲ୍ ନାଇଁ । ବଲେ କେଁଶାରେ ମାକ୍‌ଲ ବସ୍ୟୁ ସେଇ ପିଲହାଣ୍ଡାରେ କଣ ଗ୍ରୁଟି ଦେଲ ସେଇ ଜାହ୍‌ଗା । ଖାଇଖଣ୍ଡ ଢଣ ଇମାନେ ପଲେଇ ନେୟୁଁ ବେଲ୍‌ହେ ସିଠ୍ ମାକ୍‌ଲ ଆଇଲ । ଖାଇଲ୍ ମାକ୍‌ଲ ଜାହ୍‌ଭାତ ଗୁଲେ ଦେଇ ପିଲ୍‌ହାଣ୍ଡାରେ ବସିକର । ସଲାରେ ଖାଲ୍ ନେଠ୍ କରୁଛ । ବଇଲ୍ ଇଗା ଦେଖ୍ୟୁଁ ନା । ଦେଖିଲ୍‌କେ ସେଇ ନାଁଙ୍ଗୁଲଶାରେ ଗୁଲେ ନାଗିଛ । ବଲେ ଇ ସଲାରେ ମର୍ ନାଁଙ୍ଗଲନ ଖାଉଛ । ସେଇ ଦେଖି ଗୁଡ଼୍‌ଲ, ଢଠ, ମକ୍‌ନା ସବୁଥିଲ୍, ଇ ସଲା ନାଁଙ୍ଗୁଲ ଖାଇ ଖାଇନ ଯାଇଲା । ମର୍ ହୁଣ୍ଡବ ଖାଉଛତ ମର୍ ନାଁଙ୍ଗୁଲଚ ଖାଉଛ । ଆଉ ସଲା ର, ଖାଇ ପାରଭି ବଇଲ୍ । ଖାଇ ସାଲେ । ସିଠ୍ ମାଟେସ୍‌ଢ ମାରକର ନାଁଙ୍ଗୁଲକେ ଦେଫ୍‌ରି । ଆଉ ମାକ୍‌ଲ ଫୁଟିଦେଲ୍ ନାଁଙ୍ଗଲ । ଆନ୍ତ ରଜାଭଗା ସିକାର ଆସିଥିନେୟୁ୍ ସେ ସାନ୍ ଭଉଣିକୁ ନେଇଗେନେୟୁ୍ ।

ଦାନ ନାଏକ

ଘରଧା, କରଂଜିଆ

# ସିଆଲ ଖେଲଆ

ସିଆଲ ଆର୍ ଖେଲଆ । ଦୁଇ ସଙ୍ଗାତ ତାଙ୍କର୍ । ସିଠ୍ ସିଆଲ ବଲୁଛି ଆଉ ଏ ସଙ୍ଗାତେ, ଖେଲଆ ବଲୁଛି, ନା, କସ । ନା, ଆଜ ଗୁଟେ ପିସ୍ଟି କରମୁ । ସିଆଲ ବଲୁଛି ମୁଇଁତ ଆଜ ଚୁଡା ଗଣ୍ଡା ଆଣ୍ବି । ଖେଲଆ ବଲୁଛି ମୁଇଁ ଜିବକେ ତାହାନେ ସୁଉଲ ଆଣ୍ବି । ଆଉ ପିସ୍ଟି କର୍ମୁ ଦୁଇ ସଙ୍ଗାତ । ସିଠ୍ ନେନେସ୍ । ପିସ୍ଟି କଇନେସ୍ । ସିଠ୍ ସିଆଲ ବଲୁଛି ତମହର୍ ଗାଡ଼ିଆ ତମ୍ହର୍ କଡ଼, ମର୍ ଗାଡ଼ିଆ ମର୍ କଡ଼େସୁଁ । ସିଆଲତ ତାର ବଡ଼୍ ଜନ୍ତୁ । ସିଏ ବଡ଼୍ ଗାଡ଼ିଆ କଡ଼ଲା । ଆଉ ଖେଲଆ ସିଏ କମ୍ ଗାଡ଼ିଆ କଡ଼ଲା । ସିଠ୍ ଖାଇନେସ୍ । ଖେଲଆ ତାର୍ ଅଲପ୍ ହେଲା । ସିଆଲ ତାର ବଡ଼୍ ଗାଡ଼ିଆ କଡ଼ି ଖାଉଛି । ଏ ସଙ୍ଗାତ ତୁମହେ ଖାଉଛ ? ନା, ହଁ । ମୁଇଁ କଟେ ଧିରେ ଧିରେ ଖାଉଥାଏଁ । ତୁମ୍ହେ ଖାଇକରି ଆସ । ଅହ୍ ସଙ୍ଗାତ, କଟେ ଖାଇ ପାରସୁଁ, ଏକା ସାତରେ ଜମୁ । ସିଠ୍ ଗେନେସ୍ । ସିଏ ସିଆଲ ଟେଲକେ ମର୍ଚତ ରଜାଘର ଧରିଛନେ ନାଲିଆ ଦସୁଛି । ସିଠ୍ କହୁଛି ସଙ୍ଗାତହ ଇଗାକେ ନାଲିଆ ଦସୁଛି । ଇଗା କସଗା ? ଏସ୍ ରଜାଘର ଟଙ୍ଗ୍ଲା ମାଛ, ଧରି ଧରେଇବ ନାଇଁ । ସିଆଲତ ଧଇଲାନ୍ତ ଚୁବ୍ଲା । କାଁପ୍ କାଁପ୍ କରି ଘଟ୍ଖଲା । ସିଠ୍ ଖେଲଆ ବଲୁଛି ରଇଥହ ସଙ୍ଗାତେ, ରଇଥହ ସଙ୍ଗାତେ । ଖାଇଥିଲେ ପଗ୍ ବଡ଼ ଗାଡ଼ିଆରେ ଛଡ଼୍ ଦେସି, ଖା । ସିଠ୍ ଆଉ ଠାଣିକି ଗେଲା । ସଙ୍ଗାତେ ଇଗା କସଗାବ ? ଖାଲି ଧାଲ୍ ହେଇକରି ବୁଲୁଥାନ୍ତି, ବାଲ ଜଣ୍ଡା । ନା ରଜାଘର କେମାଦେଇର ସୁଦ୍ଧିଁର । ପାଉଟି ଆଣ୍ଲା । ଦେନେସ୍ତ ବରଲ ନାଗିଲା । ପଲ୍ଲା । ଖାଇଥିଲେପଗ୍ ବଡ଼୍ ଗାଡ଼ିଆରେ, ଦେଖିଲେ । ଉ, ତକେନ ଦେଉଛେସୁଁ ଠିକ୍ କରି । ସିଠ୍ ଆଉଥରେ ଗେଲକେ ଏଇପାର୍ ବର୍ଲ ବନେଇଛି । ଏ ସଙ୍ଗାତେ ଇଟା କସ । ନା, ରଜା ଘର ତଲ୍ । ଏସ୍ ବଜେଇ ବଜେସୁବ ନାଇଁ । ରଜାଘର ମକେ ବାନ୍ଧିକରି ନେଇ ଜମେସୁତ । ଢ଼ଉ ଢ଼ଉ କରି ଟାଉଲା । ସେ ବର୍ଲର କାମ୍ଲି ଦେନେସ୍ । ଆଁଖିରେ କାନ୍ରେ । ସିଏ ଚହିଁଲକରି ପଲ୍ଲା । ଖାଇଥିଲେ ପଗ୍ ବଡ଼ ଗାଡ଼ିଆରେ ଛଡ଼୍, ଖାଆ । ସିଠ୍ ସିଏ ଗେଲା । ଗେଲକେ ଗୁଟେ ସାଁପ ପୁଇଆଏ । ଇଟା କସହ, ନା ରଜାଘର ବାଙ୍କ୍ରୁଣ ପଗ୍ । ଆଉ ଫୁଙ୍କି ଫୁଙ୍କେଇବ ନାଇଁ । ତାହାନେ ମକେ ନେଇ ଜମେସୁତ । ସିଏତ ସେଇ ସାଁପକେ ଫୁଙ୍କିଦେଲା । ସିଠ୍ ସିଏ କାମ୍ଲି ଦେଲାକେ ସିଆଲ ଏକବାରେ ଆନ୍ଦପୁର ବୁଲଗେଲା । ଖେଲଆ ବଡ଼ ଗାଡ଼ିଆର ଖିଆ ସୁଜେଇ ଦେଲା ।

ଅପୂର୍ବ ଦେଇ
ବସିପୁର, କରଂଜିଆ

## ଶବ୍ଦାର୍ଥ :

ଖେଲଆ - ଠେକୁଆ, ପିସ୍ଟି - Feast (ଭୋଜି), ନେନେସ୍ - ନେଲେ, ଗାଡ଼ିଆ - ଗ୍ରେଟ ପୋଖରୀ,
କଡ଼୍ - ଖୋଲ, ସାତରେ - ସହିତ, ମର୍ଚ - ମରିଚ, ନାଲିଆ - ଲାଲ,
ଧାଲହେଇକରି - ଧାଡ଼ିବାନ୍ଧି, ଜଣ୍ଡା - ଜନ୍ଦା, ସୁଦ୍ଧିଁର - ଭ୍ରମର, ବର୍ଲ - ବରୁଡ଼ି
ଟାଉଲା - ପିଟିଲା (ଆଘାତ୍ କଲା), କାମ୍ଲଦେନେସ୍ - କାମୁଡ଼ିଦେଲେ, ଆଁଖିରେ - ଆଖିରେ,
କାନ୍ - କାନ, ଚହିଁଲ - ଚିତ୍କାର କରି, ପଲ୍ଲା - ପଳେଇ ଗଲା, ସାଁପ - ସାପ, ଜମେସୁତ - ଯିବେତ,
ଏକବାରେ - ସମ୍ପୂର୍ଣ୍ଣଭାବରେ, ଆନ୍ଦପୁର୍ ଗେଲେ - ମୃତ୍ୟୁଲୋକକୁ ଗଲା (ରୂଢ଼ି ଅର୍ଥ),
ସୁଜେଇଦେଲା - ପରିଶୋଧ କରିଦେଲା ।

## ବାଘ ଆଉ ଚୂର

ସାଦ୍‌ବ ଘରେ ଗୁଟେ ବଲ୍‌ଦ ଇଡ଼ ସୁନ୍ଦରକେ ହେବା କଥା ନାଇଁ । ଚୂରବ ନୁଝ୍‌ କରଚ୍ଛ ସେଇ ବଲ୍‌ଦକେ, ବାଘବ ନୁଝ୍‌ କରଚ୍ଛ ସେଇ ବଲ୍‌ଦକେ । ଜସ୍‌ନା ଆଲତ, ଚୂର୍‌ କହୁଚ୍ଛ ସଲା ଜସ୍‌ନା ଆଲଟା ହେଲ, ଚୂର କରିକତ ଆଉ ହେଉନାଇଁ । ହଉ ର, ଅନ୍ଧାରଆ ହେଇଆସୁ । କେତେବେଲେ ଅନ୍ଧାରଆ ହେଇ ଆସିଚ୍ଛ ଚୂରବ ତାର୍‌ ପାଗ ପହଞ୍ଚିଜାଇଚ୍ଛ, ବାଘର୍‌ବ ପହଁଚଚ୍ଛ । ସେଇ ବାଘବ ଖୁଜ୍‌ଚ୍ଛ ଅନ୍ଧାର୍‌ରାତ, ଚୂରବ ଖୁଜ୍‌ଚ୍ଛ ଅନ୍ଧାର୍‌ରାତ । ଇନ୍ତ ଅନ୍ଧାର୍‌ରାତ ହେଇଥାଏ, ଅଲଗ୍ଗିଗଲା, ସେ ବାଘ ଆଗେ ପହଞ୍ଚିଜାଇଚ୍ଛ । ଗୃରୂତ ଖୁଆଲ ହେଇଥାନ୍ତ । ଆଉ ଚୂର ତାର୍‌ ପଗ୍ଗପଗ୍ଗ ଗେଲ । ଚୂର୍‌ କେତେପର୍‌ ପସିଲ ଟିକେ ବର୍‌ସା ହେଲ । ବର୍‌ସା ଟିପେ ଟିପେ ହେଲ । ଚୂର କହୁଚ୍ଛ ବାଘ୍‌ନେ ଡ଼ର୍‌ ନାଇଁ ଫାଗ୍‌କେ ଡ଼ର୍‌ନାଇଁ ଏଇ ଟିପାକେ ବେଲେ ଭୟ୍‌ । ବାଘତ ସୁଣିପାଇଲ । ବାଘ୍‌କେ ଡ଼ର୍‌ନାଇଁ ଫାଗ୍‌କେ ଡ଼ରନାଇଁ, ଟିପାକେ ବେଲେ ଡ଼ର୍‌ । ଏଇ ଟିପା କଅନ୍‌ରେ ମର୍‌ଠାଣ୍ଡତ ଇଏ ଧନ୍‌ଗୁଣ ବଡ଼୍‌ରେ, ଡର୍‌ହରେ ସେଇ ବାଘ ଖାଲି ଚୂପ୍‌ମାରିକରି ରହିଲ । ଆଉ ଗୁରୁକେକେ ଆଁଖିକରି ଜାଇଥିଲ ସେ ଗୁରୁନାଇଁ ଧରିକରି ଚୂପ୍‌ ମାରିକରି ରହିଚ୍ଛ । ଅନ୍ଧାର୍‌ରାତଆତ, ଆଉ ଦଶେଇକେ ନାଇଁ । ଚୂର କସ କରଚ୍ଛ ସବୁ ଦହଗା ଆଉ ପଁଚ୍ଛ ନେଇଗେଲ, ଆଉଁସି ନେଇଗେଲ । ଇନ୍ତ ହେଇକେ ହେଇକେ ବାଘର୍‌ ଦହଟା ଆଉଁସି ଦେଲ । ଇନ୍ତ ପର୍‌ସିକାରକେ ଆଉ ମାଚ୍ଛ ବସିଆଛନ୍ତ । ମାଚ୍ଛ ପିଛ୍‌ଲ କଆକେ ଏରତ ସେଇ ବଲ୍‌ଦ ବଲକରତ ବାଘର୍‌ ବେକ୍‌ରେ ବାନ୍ଧଲ ଗୁଟେ ବର୍‌ହେଇ । ବାଘ୍‌ର ବେକ୍‌ରେ ବାନ୍ଧକରତ ସିଠୂ ଟାଣ୍‌ଲ । କେତେ ଟାଣସୁ ଇସଲା ବାଘତ ଖୁଆଲ୍ତ ଆଉ ସରକ ନାଇଁ । କହୁଚ୍ଛ ମାର ପକେଇଆକେ ସଲା ଆଜ ଏଇଟିପା । କେତେ ଟାଣ୍‌ଲ କେତେ ଟାଣ୍‌ଲ ଆଉ ଘିସ୍‌ରେଇ ପାରକ ନାଇଁ । ଝୂର୍‌ସୁର୍‌ ଟାଣ୍‌ଲ ବେଲ୍‌କେତ ବାଘ ଘଆର ପଇଲ । ଘଆର ପଇଲ କିନ୍ତୁତ ଘିସ୍‌ରେଇ ନେଇଗେଲେ । ଚୂର ଆଉ ଗ୍ଗିଲସୁ ନାଇଁ । ନମା ବର୍‌ହେଇତ, ଗ୍ଗିଲ ଗ୍ଗିଲକରି ଇଏହ ତାର ପଗ୍ଗ ଘଟ୍‌କଲ । ହିଁ, ହିଁ, ର । ଚୂର ଥକ ଗେଲନ । ଥକ ଗେଲେବ ଆଉ ଗ୍ଗିଲକେ ନାଇଁ । ଧରଚ୍ଛ ନମା ଦଉଲା । ଇନ୍ତ ହେଇକରି ଗୁଟେ ଖୁଣ୍ଟିଥାଏ, ଗଛଟା । ସିଠେ ବସ୍ଥାଲ ପକଲ । ବଣ୍ଡାଲ ପକଲ କିନ୍ତୁ ଢବଲ ବାନ୍ଧତ ଦେଇଚେୟୁଁ, କଟେ ଅଦା ମାରୟୁଁ । ବସ୍‌ତେ ବସ୍‌ତେ ସୁଇ ଫଲ୍‌ଲ । ସୁଇ ଫଲ୍‌ଲ କିନ୍ତୁ ଆଇଲ ଭଲୁ ଗୁଟେ । ଭଲୁ ଆସିକରି ସୁଙ୍ଗିଲ । ଇଟା ମାନୁସ୍‌ଟା ଖାବନା ନାଇଁ ଖାବ, ବଙ୍ଗ୍‌ଲାରେ କହୁଚ୍ଛ । ଇଆଲେ ବାଘତ ଟାଣି ଝିଙ୍କି ହେଇ ହେଇତେ ଗଛ୍‌ଟା ଭଙ୍ଗି ଗେଲେ । ଭଙ୍ଗିକିରି ଭଲୁ ଉପ୍‌ରେ ଚେପିଗେଲ । ତାରପରେ ସିଠୂ ପହଞ୍ଚିଗେଲ ସିଆଲ ଗୁଟେ । ସିଆଲବ ସିରକମ୍‌, ଆଉ ମଣ୍‌ସ ଦହଟାତ ସମନ୍ଦ୍‌କାର୍‌ ନୁଝ୍‌ । ସୁଁ ସୁଁ ହେଇକିରି ସିଏବ କହୁଚ୍ଛ, ବଙ୍ଗ୍‌ଲା କହୁଚ୍ଛ ଖାବନା ନାଇଁଖାବ । ସିନ୍ତ କହିଲ ବେଲକେ ଚୂରତ ସୁଣିପାଇଲ । ହାତ୍‌ଟା ନେଇକିରି ଖଁଜାରେ ଧଇଲ । ଧରିକିରି ଉଡ଼୍‌ରେ ଧର୍‌ରେ ହଥାକେ ହଥେଇକିରି ଗ୍ଗିଲଦେଲ । କାଇଲି ହେଇକିରି ସିଆଲ ସିଆଡେ ବସିଲ । ଇନ୍ତ ହେଇତେ ହେଇତେ ରାତତ ପାହୁଗେଲ । କଟିଏ ପର୍‌ସିକାର୍‌ ଦେଖେଇଲ । ଦେଖେଇଲଠାଣ୍ଡ ସିଠୂ ଦେଖ୍‌ଲକେ ବାଘ, ବୃଛ୍ଯରେ ଦେଖ୍‌ଲ ଭଲୁ, ତାର ପରେ ଦେଖ୍‌ଲକେ ସିଆଲ । ବେଲେ ମସ୍‌କିଲ୍‌ ହେଲତ । ଘାଇରେତ ଫଲ ଗେଲ ମୁଇଁ । ତାହାନେ ମୁଇଁ କିସ ଉପାୟୁ କରଉ । ସଲେୟୁଁ ତ ମକେ ଖାଇଦେମେସ୍‌ । ଇଆଲେ କିସ ହେଇଚ୍ଛ ନା ସେଇ ଗଛରେ କେ ଦଉଲାଟା ବାନ୍ଧିଥିଲା ସିଟା ଗଛରୁ ଫୁଟ୍‌କି ଯାଇଥାଏ, ହେନେ ବାଘର୍‌ ବେକ୍‌ରେ ଜାଗିଥାଏ । ସିଟା ଦେଖିକିରି ଇଆଙ୍କର ଚନଟର କଥା ହେଇକେ ନାଗିଇନ୍ତ । ବାଘ ବଲୁଚ୍ଛ ଅୟ୍‌ଟା ବଠେ ଟିପା ବଠେ । ଭଲୁ କହୁଚ୍ଛ ନାୟୁଁ୍‌ ଭୟୁ୍‌, ଅୟୁ୍‌ଟାବଠେ ଉହୁର୍‌ଚେପା, ତାର ଉପରେ ଚେପିଥିଲ । ସିଆଲ ବଲୁଚ୍ଛ ନାଇଁ ଭୟୁ୍‌, ଇଟା ବଠେ ସୂରଣ୍‌ ଚେପା । ଇନ୍ତ ତାଙ୍କର୍‌ ରେଁସେସେ ହେନେୟୁ । ରେଁସେସେ ହେନେୟୁ୍‌, କେରଙ୍ଗମ୍‌ ଚୂର ସିଆଲେ ନୁକିକିରି ଧିରେ ଧିରେ ଦେ ଉଡ଼୍‌କାଣ୍ଡ୍‌ ।

# ତିନ୍ ସଙ୍ଗାତ୍ ଆଉ ଜେମାଦେଇ

ତାର୍ ଗୁଟେ ଝିଅ ଜେମାଦେଇ । ସିଏ କିସ ନାଗି ହସୁଛୁ । ନା, ଜଏ କାଲନ୍ଦ ହୃଦରୁ ଫୁଲ୍‌ଟି ଆଣିଦାକେ ସେଇ ତାହାକ ମୁଇଁ ମର୍ ଝିଅଟି ବାହା କରବ । ଇନ୍ତ୍ର ଆଖପାଖ କେତେ ପୁରୁଣି ଫୁଲ ଆଣି ପାରମେସ୍ତିଁ କାଲନ୍ଦ ହୃଦରୁ ? ସେଠି ଆଣି ପାର୍‌ମେସ୍ତନ । କେତେ କେତେ ଗେନେସ୍ତନେ ସଭେଇଁ ହଟି ଗେନେସ୍ତନ । କେହୁ ଆଣି ପାରକ ନାଇଁ । ସିଠୁ ଝଣେ ଏକା ଦନ୍‌କେ କାଣ୍ତ୍ ବନ୍ଧବାକ୍‌ଜେ ଏକାଦମ୍ ସାଉ୍‌ଦନ୍ ଜଆକେ । ଆଉ ଝଣେ ବସ୍‌ଲାଠାଣ୍ତ୍ରୁ ସଏ କୁସ୍ ଦେଖିଆକେ । ଆଉ ଝଣେ ହିଁ ବସିଛ ଠାଣ୍ତ୍ରୁ ସଣ୍ଡାଭତ୍‌ରେ ସଏ କୁସ ଦଉଲ ଜଆକ୍ ଦଉଲ ଆସିଆକ୍ । ଏଇ ତିନ୍‌ଝଣ ସଙ୍ଗାତ୍ ହେନେଇ । ତିନ୍ ସଙ୍ଗାତ୍ ହେନେସ୍ତକେ ସେଇତ ଆଖପାଖ ସବୁ ହଟି ଜାଇଛନ୍‌ନ, ଆଉ ଦେଖ ।

ବଦେସ୍ ଜାଇଛନ୍ତ୍ର ଇମାନେ । ସେଇ କାଣ୍ତ୍‌ବନ୍ଧା ଝଣେ, ଦଉଲଲାଝଣେ ଆଉ ଦେଖ୍‌ଲାଝଣେ, ତିନ୍‌ଝଣ ହେନେସ୍ତ । ତିନ୍‌ଝଣ ହେନେସ୍ତ ଜେ ଜଏ ସଏ କୁସ୍ ଦେଖସ୍ତୁ, ଦେଖ ଆଉ କେତେବେଲେ ଜଆକେ କାଲ ଚଶକ ସେତେବେଲେ ଜାଇକରି ଫୁଲ ଅଣିବା । ସିଠୁ ଏଇ ଦେଖିଲାବାଲା ଦେଖ୍‌ଲାକେ ନାଇଁ, ଚଦ୍‌ନ ପଲେଇଛୁ କାଲ । ଇଏ ସିଠୁଗେଲା । ଗେଲାକେ ଫୁଲ କେ ଆଣିଲା । ଆଣ୍‌ଲା ଆଣ୍‌ଲା, କେତେଧୁରୁ ଆଣି ପହଞ୍ଚେଇଛୁ ଟିକେ ଅକା ନାଗିଗେଲା । ବଲେ ସଲା କାଲ ଆସିକରି ତାର ବାସ ପାଇ ବଣ୍ତ୍ରାଲ ପକଲା । ଇଏତ ଆଉ ଆସିପାରକ ନାଇଁ । ଇମାନେ ସିଠୁ କହୁଛନ୍ତ୍ର ଏତେ ପର୍ ଆଉ କାଇଁ । ସଣ୍ଡାକେତ ସଏ କୁସ୍ ଆସସ୍ତୁ, ଆଉ କସ ହେଲାକେ ଏତେପର୍ ଜାଏଁ ଆସିକ ନାଇଁ । ଦେଖନା ତୁମ୍‌ହେ । ତମ୍‌କେତ ପର୍ ସଏ କୁସ ଦହସ୍ତ । ଇଏ ଦେଖିଲକେ ନାଇଁ ଅଣିଛୁ ଫୁଲ୍ । ହେନେ କସ ହେଲା କାଲ ବେଲ ହୁ ଦେଇଛୁ ଅଦବାଟ୍‌ରେ । ତାହାନେ କସ, ତୁମ୍‌ହେ ବନ୍ଧସ ପର୍ । ଏତେ ଧୂର୍‌କେ ବନ୍ଧ୍, ସାଉ୍‌ଦନ୍ କାଣ୍ତ୍ର ବନ୍ଧପାର । ଇଟା ଆଉ ନାଇଁ ପାରସ । ସିଠୁ ଇଏ ବନ୍ଧଲା । ବେଲ୍‌ହୁ ଥିଲା ସିନା କାଲ, ଆଉ ଆସ୍ତେ ଆସ୍ତେ ଛୁଲ ଦେଲ, କଟିଗଲା ଖଣେ । ଇଏ ତାହାନେ ଆଣିଆଇଲା । ଆଣି ଆସି କରି ସୁଲ ଜବା ରଜା ଘର୍‌କେ । ରଜାଘର୍ ଜେଁଠୁ ଗେନେସ୍ତ, ଏ ତିନ୍‌ଝଣ ଖାଲି ରେଁସେସେ ହେନେସ୍ତ । ଝଣେ କହୁଲା ମୁଇଁ ଆଣିହେସ୍ତିଁ ଜେ ଫୁଲ ଜାଇକରି ମୁଇଁ ବାହାହେବ । ନା ତୁମ୍‌ହେ ସଙ୍ଗାତ୍ ନାଇଁ ଆଣିପାରଥିତ । ତମକେତ କାଲ ବେଲ୍‌ହୁ ଦେଇଥିଲ । ମୁଇଁ ବାନ୍ଧଲା ବଲ ସିନା । ମୁଇଁ ବାହାହେବ । ଇଏ ଝଣେ ବଲୁଛକେ ନାଇଁ ମୁଇଁ ଦେଖିଥିଲ ବଲ ସିନା, ହାସ୍ତ୍‌ଟା ବେଲ୍‌ହୁଛୁବଲା । ଇନ୍ତ୍ର ତିନ୍‌ଝଣ ଖାଲି ରେଁସେସେ ହେନେସ୍ତ ବେଲ୍‌କେ ରଜାର ଝିଅ କସ କହୁଲାନା, କସେଇଁ ତାଙ୍କର୍ ରେଁସେସେ ହେମେସ୍ତ, ମୁଇଁ କାଆଲ ହେବନାଇଁ । ହେଇକରି ସିଏ ମରଗେଲା । ମରଗେଲା ଠାଣ୍ତ୍ରୁ ତାକେ ଡାହା କରକ ନେଇଗେନେସ୍ତ । ଡାହା କରକିକୁ ଦୂର ନେଇଗେନେସ୍ତ ସେଇ ତିନ୍‌ଝଣ ସାଙ୍ଗ ଡାହାକି ଗେନେସ୍ତ । ସଲା ଇଜନ୍‌ମରେ ନାଇଁ ହେନେ ଆର ଜନ୍‌ମରେ ବାହାହେବ । ମୁଇଁ ହିଁ ତାର୍‌ସେଇ ନଆଁ ଚାଡରେ ପସିଜବ । ସେଇ ନଆଁ ଗାଡରେ ସିଠୁ ସିଏ ପସିଗେଲା । ଆଉ ଝଣେ ମୁଇଁତାର ହାଡ ଦୁଇଖଣ୍ତ୍ର ନେଇକରି ହେନେ ଗଙ୍ଗାକେ ଜବ । ଇ ଜନ୍‌ମରେ ନାଇଁହେନେ ଆର ଜନ୍‌ମରେ ବାହା ହେବ । ଆଉ ଝଣେ ତାର ଝାର ମାଖିକରି ସନ୍ୟାସି ହେଇ ବୁଲ୍‌ବ ସୁଭଆଟଲ । ଇ ଜନ୍‌ମରେ ନାଇଁ ହେନେ ଆର ଜନ୍‌ମରେ ହେବ ।

ସିଠୁ ସିଏ ସନ୍ୟାସି ଜଏ ଝାର ମାଖିକରି ବୁଲୁଥିଲା ବୁଲ୍‌ତେ ବୁଲ୍‌ତେ ଜେଁଠେ ଗୁଟେ ମୁନି ଠାଣେ ଭେଟାଭୁଟି ହେନେସ୍ତ । କିସ ନାଗିରେ, ତୁତ ଭଲ୍ ପୁଅ, କିସନାଗି ଇନ୍ତ୍ର ବୁଲୁଛେ । ନାଇଁ ଆଉ ରଜାଝିଅକେ ବାହାହେବ ବଲକରି ଆଉ ପୁରୁଣି ଫୁଲ୍ କାଲନ୍ଦ ହୃଦରୁ ଆଣିଥିଲା । ଆଉ ସିଏତ ମଇଲା । ଆର ଜନ୍‌ମରେ ବାହାହେବ ବଲ ଆଉ ମୁଇଁ ଇନ୍ତ୍ର ବୁଲୁହେସ୍ତିଁ । ମୁନି କହୁଲା ହଉ କାଲ, ଜେଁଠେ ଡାହା କରଛ ସିଠ୍‌କେ ଜବ ତମହେ । ସିଠୁ ତାର୍ ଆର୍‌ଦନ ଇମାନେ ଗେନେସ୍ତ ସିଠ୍‌କେ । ମୁନିତାର ପାଣି କଟିଏ ମନ୍ତ୍ରକରି ମାରଦେଲା ଜନ୍ତ୍ର ରଜାର ଝିଅତ ଉଠିଆସ ପଡଲା । ତାର୍ ସାଥରେ ଜଏ ନଆଁ ଗାଡରେ ପସି ଥିଲା ସିଏବ

ଖ୍ଆର ପଇଲା । ସେ ଜଏ ଗଙ୍ଗାକେ ହାତ ନେଇ ଥିଲା ସିଏବ କେଁଠେଥିଲା ପନ୍ହାଇଗେଲା । ଫେର୍ ଆର୍ଥରେ ଛନ୍ ଝଣ୍ ରେଁ ଘେସେ ହେନେସ୍ତୁ । ଇଣ୍ଠା କିଏ ବାହା ହାକେ ଆଉ । ବାହା ହାକେ ବଲକର୍ ସେଇ ସନ୍ନ୍ୟାସୀ ହେଇକର ଜଏ ବୁଲ୍‌ଥିଲା ସେଇନ ବାହାହାକ୍ । ତାର କହୁଛ ପଦ୍ —

ତହ୍ନ ନାଗି ହେନେ ହେବ କୁଗିରେ ନବରଙ୍ଗି ।

ଫଗୁଣା ନାଏକ
ଘଲକୁଣ୍ଡ, କେଉଁଝର

**ଶବ୍ଦାର୍ଥ :**

ଜେମାଦେଇ - ରାଜକୁମାରୀ, କିସନାଗି - କ'ଣ ପାଇଁ, ହଟ୍ଟୁ - ଅଳିକରୁଛ, ହ୍ରଦ - ହ୍ରଦ,
କରାବ - କରାଇବ, ହଣ୍ଟିଗେନେସ୍ତୁ - ପାରିଲେନାହିଁ, ବସ୍ଲାଠାଣ୍ଡୁ - ବସିବାସ୍ଥାନରୁ, କୁସ - କ୍ରୋଶ,
ସଏ - ଏକ ଶହ, ବଦେସ୍ - ବଦେଶ, ଧୁର୍ - ଦୂର, ବାସ - ବାସ୍ନା,
ବଣ୍ଡାଲ ପକଲା - ବାନ୍ଧ ପକାଇଲା, ବେଲ୍ହ - ନେଡ଼ି, ଅଦ୍‌ବାଟ୍ - ଅଧାବାଟ, ଏତେପର୍ -ଏତେ ପ୍ରହର,
ରେଁ ଘେସେ - ଯୁକ୍ତତର୍କ, କିସେଇଁ - କଣପାଇଁ, କାଆର - କାହାର, ଡାହା - ଶବଦାହ,
ଜୁଦୁର - ଯଦ୍ୟପି, ଇଜନ୍ମ - ଏହି ଜନ୍ମ
ଗାଭ - ଗଣ୍ଡି, ସନ୍ନ୍ୟାସି - ସନ୍ନ୍ୟାସୀ, ଘୁରିଆଲେ - ଘୁରିଆଡ଼େ, ଖାର - ପାଉଁଶ
ବୁଲ୍‌ତେ ବୁଲ୍‌ତେ - ବୁଲି ବୁଲି, ମୁନ୍ଠାଣେ - ମୁନ୍ଦପାଖରେ, ସ୍ତବୁଣିଫୁଲ୍ - ପଦ୍ମଫୁଲ,
ଖ୍ଆର ପଇଲା - ବାହାରିପଡ଼ିଲା, କେଁଠେ - କେଉଁଠାରେ, ଇଣ୍ଠା - ଏହା, ଜୁଗି - ଯୋଗୀ,
ନବରଙ୍ଗି - ସୁନ୍ଦରୀ, ମଣ୍ଡପ - ମଣ୍ଡପ, ଛୁଲେଇବା - ଛଡ଼ାଇବା, ପଲ୍‌ହକି - ପଢ଼ିବାକୁ
ଘୁଲା - ଘୋଡ଼ା

## ଅଲ୍‌ସୁ ଆଉ ଖାଣ୍ଡିଆ ପଣ୍ଡା

ସାଦ୍‌ବ ବୁଢ଼ାର ତାର ଯାଟେ ପୁଅ । ସାତେ ପୁଅକେ ସାନ ପୁଅରେ ତାର ଖୁବ ଯତାଡ଼ା । ସାନ ପୁଅର୍ ନାଁ ହେଇଛେ ଅଲ୍‌ସୁ । ସିଏ କିଛୁ କାମ୍ ଦାମ୍ କରସ୍ତୁ ନାଇଁ । ସବୁଦିନ ପଣ୍ଡାଗିରି ନସ୍ତ୍ । ଦେଇ ବାଇସି ବଜାଏ । ଦେଇକରି ତାର ଭାଇମାନେ ବିଚାର କରନେସ୍ତୁ ଅଲ୍‌ସୁକେ କେଁରକମ୍ ମାଗଦେବା ବୁଲି, ଦେଇକରି ବିଚାର କରନେସ୍ତୁକେ ସିଏ ଭାତ୍ ଖାଇଲା ବେଲେ ପଖାଲ୍ ଭାତ୍‌ରେ ମହୁରି ଦେବା । ଦେଇକରି ଯେଦିନ ଅଲ୍‌ସୁ କେତେବେଲେ ଖାଇଛି ଆଉଛ ସିମାନେ ଅଗରୁ ପଖାଲ୍ ବେଲାରେ ମହୁରି ଦେଇଦେଇଛନ୍ତିନ । ତାର୍ ବହୁଜାଣିପାଇକରି ଆଉ ସିଙ୍ଖେଇ ଦେଇଛୁକେ ବେ ଅଲ୍‌ସୁ, ଆଜି ଗୁଇ ପଖାଲ୍ ଭାତ୍ ଖାଇବେ ନାଇଁ । ନା କିସନାଗି ନା କଥ୍ ଦେଇଦେଇଛନ୍ତି । ଭୁସ୍ତ କହୁବେ ଆଜ୍‌ମକେ ବେଢ଼େ ଜର୍ ଆଉଛୁ, ଜାକର ନାଗୁଛି, ସେଇନାଗ୍‌ରୁ ମୁଇଁ ପଖାଲ ଭାତ୍ ଖାଇବି ନାହିଁ । ସିଠୁ ଅଲ୍‌ସୁ ଜାଇକରି କହୁଲାକେ ଆଜ୍‌ମକେ ବେଢ଼େ ଜର୍ ଆଉଛି । ମକେ ତତଲା ଭାତ୍ ଦଅ । ସିଠୁ ତାକେ ତାତ୍‌ଲା ଭାତ୍ ଦେନେସ୍ତୁ । ସିଏ ବାଁଚେଗଲା ।

ତାକେ ମାର ପାଉନେସ୍ ନାଇଁ । ତାର୍ ଆର୍ଦିନ୍ ବିଗ୍ୟାର କର୍ନେସ୍ ଫେର୍ କେଁରକମ୍ କରି ମାରବା । ନାଇଁ ସିଏ ଦଇନକ୍ ବସିକରି ଖାଏ କେଁଠେ ଗାଡ୍ ଖୁଡ଼ି ଦଅ । ଆଉ ସିଠେ ବସିନେ ମାଟି ଜାକେଇ ଦେବା ତାର ଉପରେ । ଏଇରକମ୍ କହିକରି ଗାଡ୍ ଖୁଡ଼ି ରଖିଛନ୍ତି, ଅଲ୍‌ସୁ ଜେତେବେଲେ ପଣ୍ଡାରଖି ଆଉଛୁ ତାର ବଡ଼ ବନ୍ଧୁ କହୁଛୁ ବେସ୍ ଅଲ୍‌ସୁ ଦଇନକ୍ କେଁଠେ ଖାଆସେ ସିଠେ ବସିକରି ଖାଇବେନ । ନା, କସ ନାଗି ? ସିଠେ ଗାଡ ଖୁଡ଼ି ରଖିଛନ୍ତି ତକେ ପେଲେଇ ଦେଇକରି ମାଟି ଜାକେଇ ଦେମେସ୍ । ତାହାନେତ ଭଲ ଅସୁବିଧା କଥାହେଲା । ସିଠୁ ଅଲ୍‌ସୁତାର୍ ଆଇଲା । ସିଏ କେଁଠେ ଖାଏ ସିଠେ ଖାଇଲା ନାଇଁ । ଆଉଗୁଟେ ଅଚିନ ଜାଗାରେ ବସିକରି ଖାଇଲା । ତାର୍‌ପରେ ଭାଇମାନେ ବିଗ୍ୟାର୍ କର୍ନେସ୍ ଆନ୍ଜବତ ଅଲ୍‌ସୁ ସିଠେ ଖାଇଲା ନାଇଁ, କ ରକମ୍ କରି ମାରବା । ଚଲା ଜଉର ସିଅଡ଼ିଆତ ଇଏ । ଦେଇକରି ସିମାନେ କହିନେସ୍ ନାଇଁ ଆଜ୍ ରାତରେ ଜେତେବେଲେ ସୁଇଥିଆକେ ତାକେ ଜାଇକରି ହାଣିଦେବା । ହାଣିଦେନେ ମରିଜାଆକେ । ହାଟ୍ ଅଲ୍‌ସୁ ଜେତେବେଲେ ଆଉଛୁ ପଣ୍ଡା ରଖିକରି ତାର ବଡ଼ବନ୍ଧୁ କହୁଛୁ ଆଉ ଅଲ୍‌ସୁ ତର କେଁଠେ ସୁଅସେ ସିଠେ ସୁଇବେ ନାଇଁ । ନା କସ ନାଗି । ନା ତକେ ଆଜ ହାଣି ଦେମେସ୍, ତାହାନେ ମୁଇଁ କସ ବୁଦ୍ଧି କର୍‌ବ । ସିଏ କହିଲାକେ ଭଇ ଗୁଟେ ପାଣି ମାଠିଆ ଆଉ କଦଲଗଛ୍ ଗୁଟେ ଆଣିକରି ସିଠେ ରଖିଥିବେ । ଦେଇକରି ତାର୍ ଉପ୍‌ରେ ଚଦ୍‌ର ଢାକେଇ ଦେଇଥିବେ । ଆଉ ଭଇ ଅଚିନ ଘରକେ ପଲେଇ ଜିବେ ସୁଇକ । ଦେଇକରି ଅଲ୍‌ସୁ ଖାଇକ୍‌ଆଇକରି ତାର୍ ବଡ଼ ବନ୍ଧୁ ଜନ୍ତି କହିଥିଲା ସିନ୍ତି କରିକରି ସିଏ ଜାଇକରି ଆଉଗୁଟେ ଜାଗାରେ ସୁଇଲା । ଇମାନେ କେତେକି ରାତି ହେଇଗଲା ଜେରକମ୍ ଛଅସାଇ ପହଁଚ ଗେନେସ୍ । କେଁଠେ ସୁଅସୁ ଅଲ୍‌ସୁ । ବଡ଼ଭାଇଟା ଟାଙ୍ଗି ନେଇକରି ଦେଲାକେ ଚଟେ ଏକାଥରେ ସେଇ କଦଲଗଛଟା ଆଉ ପାଣିମାଠିଆ ଟାରେ ବାଜିଲା । ସିଠୁ ଭାଇମାନେ ଭାବନେସ୍‌କେ ଢେର୍ ନହୁ ବହି ଜାଇଛୁ । ସିଠୁ ସିମାନେ ପଲେଇ ଆସିକରି ସୁଇ ଗଲନେସ୍ । ତାର ଆର୍ଦିନ ଜେତେବେଲେ ସକାଲ ହେଲା ଅଲ୍‌ସୁ ତାର ବଇସି ଫୁଙ୍କି ଫୁଙ୍କି ଫେର୍ ପଣ୍ଡା ରଖିକ ନେଲା । ଇମାନେ କହିନେସ୍ କାଲ୍‌ତ ଆମ୍‌ହେ ହାଣି ଦେଇଥିଲୁ ରାତରେ, ଇଏ ଫେର୍ କେନ୍ତି ବଁଚକରି ଆଇଲା । ବଇସି କେନ୍ତି ଫୁଙ୍କୁଛୁ । ଦେଇକରି କହିନେସ୍ ନାଇଁ, ଆଜ୍ ଅଲ୍‌ସୁକେ କେନ୍ତି ପର୍‌କାରେ ହେଉ ମାରିଦେବା । ତାର ବଡ ବନ୍ଧୁ ତ ସୁଣିଥିଲା । ସିଏ ଜାଇକରି କହିଲା, ବେ ଅଲ୍‌ସୁ ତର୍ ଭାଇମାନେ ଆଜ୍ ସମତେ ତକେ ଖେଦ ଖେଦ ମାରିମେସ୍ । ତୁଇ ଆଉ କେନ୍ତି ବଞ୍ଚିବେ । ସିଠୁ ଅଲସୁତାର ଖାଣ୍ଡିଆ ପଣ୍ଡାରେ ବସି ଘଟ୍‌କିଲା । ଝଣ୍ଡିଆପଣ୍ଡା ଝୁର ଧାଇଁ ପାରକ ନାଇଁ । ଅଲ୍‌ସୁ ନଉଟି ଦେଖିଲାବେଲେ ତାର ଭାଇମାନେ ଠେସି ଆଉନେସ୍‌କ, ସିଠୁ ଇଏ କାଣ୍ଡପରଟା ପକେଇଦେଲା । କାଣ୍ଡପରଟା କେଁରକମ୍ ପଡେଇ ଦେଇଛୁ ଏକାଥରେ ବାଁସ ବଣ । ଜଉର ନଟା ହେଇଗଲା । ତାର୍ ଭାଇମାନେ ଇପାରେ ରହିଗେନେସ୍ । ସିଏ ସିପାର ରହିଲା । ଦେଇକରି ତାର ଭାଇମାନେ ବାଁସ ବଣ୍‌କେ କାଟିକାଟି ଫେର ପାହାର ଗେନେସ୍ । ଦେଖିନେସ୍‌କେ ହେଇକଟି ଅଲ୍‌ସୁ । ମୁଣ୍ଡ୍‌ଟା ଦିସୁଛୁ । ଢେର ଧୂରିଆ ଅଛୁ । ସିଠୁ ଧାଇଁନେସ୍‌କେ ଧାଇଁନେସ୍‌କେ ଫେର୍ ପହଁଚ ଗେନେସ୍ । ଜେତେବେଲେ ପାଖ୍‌କ ପହଞ୍ଚିଗେନେସ୍ ସେତେବେଲେ ଅଲ୍‌ସୁ ପଥ୍‌ରଟା ପକେଇଦେଲା । ପକେଇଦେଲା କେନ୍ତି ଢେର୍ ବଡ଼ ଡୁଙ୍ଗା ହେଇଗଲା । ଦେଇକରି ଭାଇମାନେ ସେଇ ଡୁଙ୍ଗକେ ଉଠିନେସ୍, ଉଠି ଉଠି ଡୁଙ୍ଗକେତ ପାହାରଗେନେସ୍ । ଦେଇକରି କହିନେସ୍ ଅଲ୍‌ସୁ ଧାଇଁଛୁ, ମୁଣ୍ଡଟା ଖାଲି ଦିସୁଛୁ । ଏତ କଟେ ଚଟେ, ଧାଇଁ ଧାଇଁ ଜାଇକରି ପହଞ୍ଚିଗେନେସ୍ ଅଲ୍‌ସୁ ପାସ୍‌କେ । ତେତେବେଲେ ଅଲ୍‌ସୁ ପୁରି ଅଜ ଟେଲନ । ସିଏ ସିଠୁ ପାଣି ଲୁଟାଟା ପକେଇଦେଲା । ଏକାଥରେ ଜଉର୍ ପାଣି ହେଇଗଲା । ପୁରା ଏକାଥରେ ଦରିହା । ସିଠୁ ତାର୍ ଭାଇମାନେ ପହଁରନେସ୍ । ପହଁର ପହଁରକରି ଫେର୍ ପାର୍ ହେଇ ଗେନେସ୍ । ଫେର୍ ଧାଇଁନେସ୍‌କେ ଧାଇଁନେସ୍‌କେ ଅଲ୍‌ସୁ ପାସ ପହଁଚ ଗେନେସ୍ । କେନ୍ତି ପହଁଚ ଗେନେସ୍ ଆଉ ଅଗ୍ନିଜାଲ ପକେଇଦେଲା । ଅଗ୍ନିଜାଲ ପକେଇ ଦେଲାତେ ନଆତ ହୁହୁରୁ ଜଳଲା । ଜଳଲା କେନ୍ତି ତାର୍ ଭାଇମାନେ ଇବାଟେ ପଲେଇ ଆଇନେସ୍ । ଅଲ୍‌ସୁ ଜାଇ କରିକା ଗୁଟେ ପୁଖ୍‌ରଠାଣି ପହଁଚଗଲା । ସେଇ ପୁଖ୍‌ର ଆଳରେ ପଣ୍ଡାକେ ଗ୍ରଳି ଦେଇକରି ଆଉ ସିଏ ତାରେ ବଇସି ବଜଉଛୁ । ସେଇ ପୁଖ୍‌ରକେ ସବୁଦିନ୍ କନିଆମାନେ ଆସନ୍ତି ଗାଧିକ । ଆଉ ଆସିନେସ୍ ଜେତେବେଲେ ଅଲ୍‌ସୁ ପାଖରେ ଭେଟ୍‌ଘାଟ୍ ହେଇଗଲୋ । ସିଠୁ ଇମାନେ କହିନେସ୍ ଆଉ ଆସ, ଆମ୍‌ହେ ପାଣିଭିତ୍‌ର ଲୁଚ୍‌ଲୁଚଆଣି ଖେଲ୍‌ବା । ନା କହ ଲୁଚ୍‌ଲୁଚଆଣି । ନା ଏଇ ମାଠିଆଟା ଲୁଚେଇବା

ଆଉ ଆମ୍‌ହେ ମାଠିଆଟା ଲୁକେଇନେ ରଇ ପାଇଜବେ ଜୁଦ ଆମ୍‌ହର ଭିଲାରେ ଜା'କୁ ହେନେ ବାହାହେବେ । ଆଉ ଆମ୍‌ହେ ଜୁଦ ପାଇଜମୁ ତାହାନେ ତର୍ ପଣ୍ଡାକେବ ନେମୁ , ଆଉ ତକେବ ନେମୁ । ସିଠୁ ଖେଲନେସ୍ତି । ଖେଲନେସ୍ତିଜେ ସେଇ କଲ୍‌ସାଟା ପର୍‌ଥମ୍ ଭ୍ଲ କନଆମାନେ ଲୁକେଇନେସ୍ତି । ଭ୍ଲ କନଆମାନେ ନେଇକଣ ଚୁଅରକମ୍ ଥାଏ ଗୁଟେ କୁଣରେ ଜଣ ଲୁକେଇ ଦେନେସ୍ତି । ଆଉ କାଦ ଜକେଇ ଦେନେସ୍ତି । ତାର୍‌ପରେ ପଣ୍ଡା ସେଇ ସମସ୍ତରେ ପାଣି ଖାଇକ ଜାଇଥଲା ଆଉ ଦେଖି ପକେଇଲା । ଅଲ୍‌ସୁ କେନେବେଲେ ପାଇଲ ନାହିଁ ସିଠୁ ଖାଣ୍ଡିଆ ପଣ୍ଡା ତାକେ କହିଦେଲା । ସେଇ କୁଣ୍‌ରେ ଖାଦ ଜକେଇ ଦେଇଛନ୍ତି ଆଉ ସେଇ ଖାଦଗା ଆଲ୍‌ହେଇ ଦେନେ ପାଇଜବେ । ସିଠୁ ଇଏ ଜାଇଜାଇ ପାଇଗେଲା । ପାଇଗେଲା ଜନ୍ତି ସିମାନେ କହିନେସ୍ତି ତୁଇ ଇଥ୍‌ର ଲୁକା । ଇଏ ଜାଇକଣତାର ପଣ୍ଡାକେ ପଚ୍ଚରିଲା, କେଁଠେ ଲୁକେଇବ । ନା ମୁଇଁ କେତେବେଲେ ପାଣିଖାଉଥିବ ମର୍ ପାଟିରେ ଦେଇଦେବେ । ମୁଇଁ ପାଣି ମିସା ଗିଲି ଦେବ । ସିଠୁ ସେଇ ପଣ୍ଡା କେତେବେଲେ ପାଣିପିଇଲା ସେତେବେଲେ ତାର୍ ପାଟିରେ ଭରତି ହେଇଗେଲା । ଆଉ ଭ୍ଲ କନଆମାନେତ ଖୁଜଖୁଜ ପାଇନେସ୍ତି ନାହିଁ । ଦନ ତେତେବେଲେ ତେର୍ ଘୁର ଗେଲାନ । ଆଉ କହିନେସ୍ତି ତାହାନେ ଦେ ଅଲ୍‌ସୁ ରଇ ଆଣିଦେ । ଆମ୍‌ହର ହାର୍‌ଗେଲୁ । ସାତେ ଝଣରୁ ଜାକେ ହେନେ ନେବେ । ସିଠୁ ଅଲ୍‌ସୁ ଗେଲା ଆଉ କଲ୍‌ସାଟା ସିନ ଆଇଲା । ସିନ ଆସିକଣ କହିଲା ଦଅ ତାହାନେ ଜାକେ ହେନେ । ସିମାନେ ଦେଇକଣ ଗାଧେଇ ପାଧେଇ କଣ ଧାଲ୍ ହେଇକରି ଠିଆ ହେଇ ଗେନେସ୍ତି । ରଇ ଜାକେ ନେବାକଥା ନେବେ । ଅଲ୍‌ସୁ ସିଠୁ ସେଇ ପଣ୍ଡାକେ ପଚ୍ଚରିଲା କେଁଟାକେନେବ ବଲିକରି । ପଣ୍ଡା କହିଲା ବଡଟାକେ ଆଣିନେ ସାନ୍‌ଗା ସାଲହେମେସ୍ତି ଆଉ ଖାଇଜମେସ୍ତି । ଆଉ ସାନ୍‌ଟାକେ ଆଣିନେ ଇମାନେ ଜେଡସାଲ ହେମେସ୍ତି, ଆଲ୍‌ହେଇ ଜମେସ୍ତି । ସେଇ ସାନ୍‌ଟା ଜେଁଟା ଗେଁଜେଲ୍ ମେଁଜେଲ ହେଇଛି ତାକେ ଆଣ୍ ବଲିଲା । ଦେଇକଣ ଠିଆ ହେନେସ୍ତି ଜନ୍ତି ତାର୍ ସେଇ ଜେଙ୍ଗେଲ୍ ମେଙ୍ଗେଲ୍ ମାଇଲା କନିକ ଆଣ୍‌ଲା । ଆଣିକରି ତେଣିକି ଘୁରଧନ ହେଇଗେଲା । ତାର୍ ବନ୍ଧୁକେ ଆଉ ପଣ୍ଡାଟାକେ ଧରିକରି ଗେଲା । ଗୁଟେ ପାହାଲରେ ଜାଇକରି କହିଲାକେ ମର୍‌ଇଠେଗୁଟେ ବଡ଼୍‌ବଡ ପାକାଘର ହେଇଜା । ସିଠୁ ହେଇଗେଲା ମସ୍ତବଡ଼ ପାକାଘର୍ । ତାରପରେ ସିଠେ ତାର ତେର୍ ସୁନା ଗହଣା ହେନ୍‌ତେନ୍ ଧାନ୍ ଚାଉଲ ଭର୍‌ପୁର୍ ଜବର ହେଇଗେଲା । ପୁଖରି ଗୁଟେ ଜଡବ ବଇଲାକେ ପଣ୍ଡାଟା ଗାଧାବୁଡା କଣଆକେ ପାଣିଫାଣି ଖାଉଥାକେ । ଦେଇକରି ପୁଖ୍‌ରି ଖୁଡ଼ାହାକ୍‌ବଲ ଭୁଣ୍ଡୁରି ଦେଲାକେ କୁଲେ ମାଟିକ ଧାନ୍‌କୁଲେ । ସବୁ କଡ଼କ ଆଇନେସ୍ତି । ଏଇ ରକମ୍ ହେଇକରି ତାର ଛଅଭାଇ ଗରିବ ହେଇ ଜାଇଛନ୍ତନ ସିମାନେ । ସିମାନେ ସବୁ ଆସିନେସ୍ତି । ଅଲ୍‌ସୁ ସିମାନ୍‌କେ ଚିନ୍‌ହି ପକେଇଲା । ତାର ବଡ଼ ବନ୍ଧୁକେ ଡାକି ନେଇକଣ ରଖିଲା । ଫେର୍‌ତାର ଭାଇମାନେ ଆସିକରି ସିଠେ ରହିନେସ୍ତି । ମିଲାମିସା ହେଇଗେନେସ୍ତି ।

ଦେବରାଜ ପୁର, ଉଦଲା

## ଶବ୍ଦାର୍ଥ :

ସାତେ - ସାତ, ସର୍‌ଧା - ଶରଧା (ଶ୍ରଦ୍ଧା), ରଖି - ରଖିବାକୁ, ବଇସି - ବଂଶୀ, କାକର୍ - ଅଶ୍ରୁ
ଜର୍ - ଜ୍ୱର, ଖୁନ୍ତି - ଖୋଳି, ଅସୁବିଦା - ଅସୁବିଧା, ଅଭନ - ଅନ୍ୟ,
ଜଉର - ପ୍ରବଳ, ସିଅଣିଆ - ଚତୁର, ଫଲନେସ୍ତି - ପଡ଼ିଲେ,
ପର୍‌କାରେ - ଉପାୟରେ, ସମତେ - ସମସ୍ତେ, ଟୁର୍ - ଜୋର, ବାଁସ - ବାଉଁଶ,
ସର - ଶର, ଇପାଟେ - ଏପଟରେ (ଏ ପାଖରେ), ନଟା - ଲଟା, ଡୁଲି - ଶ୍ରେଷ୍ଠ ପାହାଡ଼,
ଦରହା - ଦଣ୍ଡଆ, ନଆ -ନଅଁ, ନୁଚନୁଚଅଣି - ଲୁଚକାଳି, ଭିଲା - ଭିଡ, ଗହଣ
ଲୁକେଇ - ଲୁଚେଇ, ଖାଦ - କାଦ, ଆଲ୍‌ହେଇ - ଆଡେଇ
କଲ୍‌ସା - କଳସ, ଗେଁଜେଲ୍ ମେଁଜେଲ୍ - ଅପରିଷ୍କାର, ମାଇଲା - ସ୍ତ୍ରୀ, ପାକା - ପକ୍କା,
ମସ୍ତ - ବୃହତ, ହେନ୍‌ତେନ୍ - ଇତ୍ୟାଦି ଇତ୍ୟାଦି, କଡ଼୍‌ବ - ଖୋଳିବ, ଚୁଅ - କୂପ

# ହିନ୍ଦୁ ମୁସଲ୍‌ମାନେ

ହିନ୍ଦୁ ରାଜାଗୁଟେ । ମୁସଲ୍‌ମାନେ ରାଜା ଗୁଟେ । ଦୁଇରାଜା । ଇଏବି ରାଜାତ ସିଏବି ରାଜା । ଦିନ୍ ଜବା ଆସିବା
କରନ୍ତୁ ଇଏ ସରକାର ସିଏ । ଇଏ ଇଆଘରେ ଖାଇବ ନାହିଁ ସିଏ ତା ଘରେ ଖାଇବ ନାହିଁ । ସିଠୁ କସ କଇନେଇଁ, କଅନା,
କସ ଜଣବା ସଙ୍ଗାତ, ଗ୍ୟଲ ଇଟାଗୁଟେ ମିସିଜବା । ମିସିଗଲେ ଆମ୍‌ହର ଶିଆଦଅଟା ଭଲ୍ ଗ୍ୟଲତା । ହିନ୍ଦୁ ମୁସଲ୍‌ମାନେ ମିସିଜବା ।
ହଉ ତାହାନେ, ହିନ୍ଦୁ କହିଲା । ଇଟାତ ହାକ୍‌ଜେ ଭଉଚ୍‌ଗୁଟେ ଫେରେ, ମୁସଲ୍‌ମାନ ଆଉ ଭାରତ୍ ଆମ୍‌ହର୍ ହେଉଛି ହିନ୍ଦୁ ।
ଗୁଟେ ଖାତା ହାକେ ଜସ୍ । ନେସିକି ଇଟାକେ ଗୁଟେ ପଣ୍ଡିତ ଦରକାର୍ । ହଉ ତାହାନେ ଦେଖ ଗୁଟେଇଁ କଏ କରଥାକେ ।
ସିଠୁ ହିନ୍ଦୁରାଜା ପଲେଇ ଆଉଛି, ବାଟ୍‌ରେ ପାଇଲା ଗୁଟେ ଭଣ୍ଡେଇ । ସିଏ କହିଲା କାଆଣେ ଜାଇଥିଲ ମହାରାଜା, କହିକରି ଇନ୍ତୁ
ଜୁଅଣିଲ । ନା ମୁଇଁ ଜାଇଥିଲ ଇନ୍ତୁ ହିନ୍ଦୁ ମୁସଲ୍‌ମାନେ ଆମ୍‌ହେ କାଆରି ଘରେ କେହି ଖାଇଲେ ନାହିଁ । ସଙ୍ଗାତ କରଛି
ମୁସଲ୍‌ମାନ୍ ରାଜା ସାଙ୍ଗେ, ମିସିଜବା । ଆଉ ତୁମ୍‌ହେ ମିସେଇ ପାରବକ ? ଆଃ, ଇଟାପରି ମୁଇଁ ଦସ୍ ମିନଟ୍‌ରେ କରିଦେମି ।
ଦୁଇମାସ୍ ଲାଗିନେ କାଗ୍‌ଜ ପତର୍ ସବୁ ହେଇ ଜଆତେ । ତାହାନେ କରଦଅ । ଗ୍ୟଲଜବା, ତେବେ, ମତେ ଉଛୁଣିକା ଛନ୍‌ସ ଟଙ୍କା
ଦେବ । ମୁଇଁ ପୁରା ଛଅସ ଟଙ୍କା ନେମି, ଆଉ ଉଛୁଣା ବଇଣା ଛନ୍‌ସ ଟଙ୍କା ଦେବ । ନାହିଁନେ ମୁଇଁ ଖାଇମିକସ, ଖାତା କରମି
କେଁଠୁ । ତମ୍‌ହର୍ ଗୁଟେ ଖାତା, ତାର ଗୁଟେ ଖାତା । କେତେ କାଗ୍‌ଜ ଲାଗିଆକେ ତାର୍ ଠିକ୍‌ନାହିଁ । ହଉ ଗ୍ୟଲ ତାହାନେ ।
ଫେର ସୁଣନେଇଁ । ଜାଇକରି ମୁସଲମାନ୍ ରାଜା ପାସ୍‌ରେ ପହଁଚନେଇଁ । ନା, ଇଏ କରଦାକେ । ଆମ୍‌ହର ପଣ୍ଡିତ ।
ଠିକ କରିଦେବେ ? ନା, ହଁ । ଉଛୁଣି ମୁଇଁ ଛନ୍‌ସ ଟଙ୍କା ନେମି । ହଉ ତାହାନେ ନେ । ସିଠୁ ତାକେ ଛନ୍‌ସ ଟଙ୍କା ଦେଲେନେଇଁ,
ହିନ୍ଦୁରାଜା, ଦେନେଇଁ ଜନ୍ତୁ ଇଏ ଆଇଲା । ଆସିକରି ଇଆର ଘରେଜ ସଲା କଛି ନାହିଁ । ହାଟ୍ ହାଟ୍ ଗ୍ୟଲ୍‌ଲା । କହିଲା ପାଇକାଇଛିଁ
ସଲା । ସୁଖୁଆ ମାଛ୍ ଦିନ୍ ଦେଇ ପଇସାର୍ । ଆଉ ଦୁଇଟା ବୁରି ନେଇଥାଏ । ଜେଁ କାଗ୍‌ଜରା ଫଲଥାଏ ସିରା ସବୁ
ଭରତ କରସ୍ । ହାଟ୍ ଗେଲବେଲକେଉ ବେସ୍ ମାଛ୍ ମାଉଁସ କିଣି ଆଣସ୍ । ସବୁ କାଗ୍‌ଜ ପତର୍ ଦୁଇଟା ପଟମ୍ ଭରତ
କରିଦେଲା । ଭରତ କରଦେଇକରି ଆଇଲା । ପଇସାତ ସରିଆଇଲାନ । କହିଲା ଜାଏଁ ଆଉ ବାକି ଛନ୍‌ସଟଙ୍କା ଆଣିମି । ସିଠୁଗେଲା ।
ଭରତ କରି ଦେଇଛି ବୁରି ଦୁଇଟା । ତାକେ ଖବର କରି ଗ୍ୟଲ୍‌ଲା । ଦେଇକରି କହିଲା ଆଉ ଘରେ ଅଛନା । ନା, ହଁ । ଖିଆରି
ଆଇନେଇଁ । ନା, କାଗ୍‌ଜ ପତର୍ ଠିକ୍ ହେଇଗେଲା ? ହଁ ମୁସଲ୍‌ମାନେ ହିନ୍ଦୁ ଠିକ୍ ହେଇଗେଲେ । ମିସି ଜମେଇଁ । ମୁଇଁ ପରି
ଦିନ ରାତ ଲାଗିଲି । ନହେଲେ ଛଅମାସ ଜାଇଥାତା, ଦିନ୍ ରାତ ମର୍ ତେଲ୍ ଖରଚ୍, ଯେଇ ହାତ୍ ଖାଲି ରହିଗେଲା । ନେଖି ନେଖିକା ।
ଆଛା ଠିକ୍ ଅଛି । ଉଛୁଣା କସ ହାଆକେ । ନା ତୁମ୍‌ହର ଦସ୍‌କତ୍ ଦେନେତ ହେଇଗେଲା । ଆଉ ଦସ୍‌କତ୍ ଆଣ । ନା, ସଙ୍ଗାତେ
ଦେଇଛନ୍ତିନା । ଆରେ ସଙ୍ଗାତର୍‌ଟାରେ କଣଅଛି । ତୁମ୍‌ହରଟା ଦେଲେନେତ ସରିଗେଲା । ସଙ୍ଗାତ ଆରେ ଦେଇସାରିଛି । ତାର୍ ଘରଠାଣ୍ଡୁ
ମୁଇଁ ନେଇ ଆସିଛେଇଁ । ସିଠୁ ଗୁଟେ କାଗ୍‌ଜ କାଲ୍‌ହିକରି ଦେଲା । କହିଲା ନେଖ । ନା କସ ନେଖିମି ? ନା ତମ ନା ନେଖ ।
ନେଖିଲା, ତମ ବାପୁର ନାଁ । ନେଖ । ନେଖିଲା । ହଁ ତମ ବାପୁର କେତେଟା ପଇତା ଲୁହ । ରାଜା କହିଲା ଆମ୍‌ହର୍‌ତ ଦୁଇଟଣ,
ମୁଇଁତ ଗୁଟେ । ନା, ପାଞ୍ଚୁଟା ପଇତା ନେଖ । ଜୁହ ପାଞ୍ଚୁଟା ପଇତା ନେଖିବ ଦେଲେ ହିନ୍ଦୁ ମୁସଲ୍‌ମାନେ ମିସିବ । ନହେଲେ

ମୁଟେ ମିଁସିବନ । ଡମ ମାଇପର ପାଞ୍ଚୁଟା ଘଇତା କହନେ ହିନ୍ଦୁ ମୁସଲମାନେ ମିସିବ । ନା, ନା, ଆମ୍ହର୍ତ ଗୁଟେ ଘଇତା ମର୍ ବହୁର । ଆଉ ମୁଇଁ ପାଞ୍ଚୁଟା ଘଇତା କେଁଠୁ ଆଣିମି । ମଲ, ନେଖିବନନା । ହିନ୍ଦୁର ଅଛୁ ପାଞ୍ଚୁଟା ଘଇତା, ପଞ୍ଚୁ ପାଣ୍ଡେବ ଦ୍ରୁପଦର । ଆଉ ତୁମହେ ସିନ୍ତ ପାଞ୍ଚୁଟା ଘଇତା ନେଖ । ଏତେ ଘଇତା ନେଖି ପାରବନ । ଆମ୍ହର ନାଇଁନ ସେରକମ୍ । ତାହାନେ ଆଉ ଡନ୍ସ ଟଙ୍କା ପକା, ମୁଇଁ ଖଣ୍ଟିକରି କାଗ୍ଜ କରଛେସୁଁ ଏତେ, ଦୁଇସର୍ କାଗ୍ଜ କରଛେସୁଁ ନେଖି ନେଖିକା । ସିଠୁ ଡନ୍ସଟଙ୍କା ରଜା ଦେଲ । ଇବେ ଆସି ଆଇଲ, ଆଉ ହିନ୍ଦୁ ମୁସଲମାନ ମିସି ପାଇନେସୁ ନାଇଁ ।

କଇଲାସ ଦନେଇ
ପାଟପୁର, ଲୁଦଲା

**ଶବ୍ଦାର୍ଥ :**

ମୁସଲ୍ମାନେ - ମୁସଲ୍ମାନ୍, କସ୍ - କୋର୍ଦାର୍, ନେଖିକ - ଲେଖିବାକୁ, ଭଣ୍ଡେଇ - ଭଣ୍ଡ, ଜୁଆରଲ - ଜୁହାରକଲ, ଉଛୁଣିକା - ବର୍ତ୍ତମାନ, ବଇଣା - ଆଗୁଆ (advance)
ଉଛୁଣି - ବର୍ତ୍ତମାନ, ଡନ୍ସ - ଡନଶହ, ନେମି - ନେବ, ତାହାନେ - ତାହାହେଲେ,
ଦେନେସୁ - ଦେଲେ, ଜନ୍ତ - ଯେପରି, ଲୁସି - ବସ୍ତା ଅଖା, ଫଲଥାଏ - ପଡ଼ିଥାଏ,
କରସୁ - କରେ, ପଟମ୍ - ପୋଟଲା, ତାକେ - ତାକୁ, ଖ୍ୱାର - ବାହାର,
ମିସିକମେସୁ - ମିଶିଯିବେ, କସ୍ - କ'ଣ, ହାଆକେ - ହେବ, ଦସ୍କତ - ଦସ୍ତଖତ,
ଘର୍ଠାଣ୍ଡୁ - ଘରୁ-ଘରପାଖରୁ, ପାଞ୍ଚୁଟା - ପାଞ୍ଚଟା, ଘଇତା - ସ୍ୱାମୀ, ଟ୍ଣ୍ - ଜଣ,
ମାଇପ - ସ୍ତ୍ରୀ, ପାଣ୍ଡେବ - ପାଣ୍ଡବ, ଦ୍ରୁପଦ - ଦ୍ରୌପଦୀ

## ରଜା ଆଉ ମୁରୁଖ କବି

କଲାକର ଆଉ ତାର୍ ସାଙ୍ଗ୍ରା ପଲ୍ହୁଥିନେସୁକେ ଗୁର୍ଟଣ ପାଁଚଟଣ ବୁଜକ ରହନେସୁ । ଇବେ ଭାର ପାଇଲ ନାଇଁ ପାଠ୍ ପଲ୍ହୁ । ପାଇଲ ନାଇଁକେ ହେଇ ଏମ୍ଇ କ ଡାଇଁରେ ଗ୍ରୁକଲ । ଆଉ ତାକେ ବୁଜକ ମିଳାଅଜନା । ବାହା ହେଇଛୁକେ ତାରେ ଛୁଆ ଡନ୍ଟା ନା ବ୍ରଟା । ବାକ ମାଇଙ୍କ ନାଇଁକ ଅଣ୍ଡିଆ ନାଇଁ । ସଲା ପାଇଟି ହେନେ ସିକାଥିତା । ପାଇଟି ହେନେତ ସିକାଲନ । କେଁଠେ କାଆର୍ ଘରେ ମୁଲ ପାସୁାକେ ? ଅଲ୍ସୁଆ । ଛାଆତେ ପାଠନ୍ତି ହେଲନ । ଇନ୍ତ ହେଇହେଇ ଦିନେ ଜାସିକେ ନାଗୁଥାଏ ବାଜିଆଲେ, ଆଉ ଏଇ ଦଜାରେ ରଜାସର ଦାଇଁଧାବେଲେ ପଦନ୍ ଖାଇକେ ହେନେସୁ ସିବାଟେ ଖ୍ୱାର । ତାଙ୍କର ଗାଲ ସୁଣିନେସୁ, କଲି ଜୁଅନାରେ —

**ଶବ୍ଦାର୍ଥ :**

ପଲ୍ହୁଥିନେସୁ - ପଢ଼ୁଥିଲେ, ଗ୍ରୁକଲ - ଗ୍ରୁଡ଼ିଲ, ମାଇଙ୍କ - ମାଇ, ପାଇଟି - କର୍ମ,
ସିକାଥିତା - ଶିଖିଥାନ୍ତା, ପାସୁାକେ - ପାଇବ, ଦାଇଁଧା - ସନ୍ଧା, ଖାଇକ - ଖାଇବାକୁ

## ଗୃଙ୍ଗୁ ଗିତ

ସିରିରମ ରମ ତଲେ ସିରି ରମ ରମ ସିରି ରମ ରମ
ସିତଲ ବଉଲ ମୂଲେ ଡଣ୍ଡେ ବସିରମ ଡଣ୍ଡେ ବସିରମ ।

ଏ ଉଆ ସୁଉଲ କଁସୁ ଦୁଧ ବଡାମ ବନ୍ଦଇଁ ବଡାମ ବନ୍ଦଇଁ
ଏ ଉଆ ସୁଉଲ କଁସୁ ଦୁଧ ବଡାମ ବନ୍ଦଇଁ ବଡାମ ବନ୍ଦଇଁ

ଏ ପକେଇ ଦଅ ଚକ ପିଲ୍‌ହା ବସିବେ ବଡାମ, ବସିବେ ବଡାମ
ଏ ପକେଇ ଦଅ ଚକ ପିଲ୍‌ହା ବସିବେ ବଡାମ, ବସିବେ ବଡାମ

ଏ ସିରି ରମ ରମ ତଲେ ସିରିରମ ରମ ସିରିରମ ରମ
ସିତଲ ବଉଲମୂଲେ ଡଣ୍ଡେ ବସିରମ ଡଣ୍ଡେ ବସିରମ ।

ଏ ବନ୍ଦଇଁ ଦେବ ଦୁଗା ବନ୍ଦଇ ଦେବ ଦୁଗା କର ସୁଦସ୍ଥା କର ସୁଦସ୍ଥା
ବନ୍ଦୁଛୁ ଦେବ ଦୁଗା ବନ୍ଦୁଛୁ ଦେବ ଦୁଗା କର ସୁଦସ୍ଥାକେ ନାମ ଅଭସ୍ଥା ।

ଆଉ କଟକ ବାହୁବଲ ବସ୍ଟ ଗଲ
ହେ କଟକ ବାହୁବଲ ବସ୍ଟ ଗଲ

ଘେର ରହିଛୁ ଦେଖ ଘେର ରହିଛୁ ଦେଖ ଦୁଲ ପାହାଲକେ
ହେ ଘେର ରହିଛୁ ଦେଖ ଘେର ରହିଛୁ ଦେଖ ଦୁଲ ପାହାଲ ।

ଆଉ ପଚ୍ଛମ ଦାଗରେ ସେ ସମ୍ବିଖ ରହୁ
ହେ ପଚ୍ଛମ ଦଗରେ ସେ ସମ୍ବିଖ ରହୁ
ତାପାଖେ ଖୁସୁବୁଦ୍ରା ତା ପାଖେ ଖୁସୁବୁଦ୍ରା ନଦ ବୁହଇକେ
ତାପାଖେ ଖୁସୁବୁଦ୍ରା ନଦ ବୁହଇକେ ପାଟ ମଣ୍ଡାଇ
ଆଉ ପୁଜା ଡ଼ହାମ ଗ୍ରାମ ଜଗାମ ସ୍ଥାନ
ପଞ୍ଚୁ ପାଣ୍ଡେବ କର ପଞ୍ଚୁ ପାଣ୍ଡେବ କରିଛନ୍ତ ଆସ୍ତାନକେ, ସେହୁ ଆସ୍ତାନ
ମଘର ସାଇଁକୁଲା ବାହ୍ମଣ ସାଇ
ମଘର ସାଇଁକୁଲା ବାହ୍ମଣ ସାଇ
ଏଗିତ ହରେ କସ୍‌ଟଁ ଏ ଗିତ ହରେ କସ୍‌ଟଁ ରଚନା ସେହୁକେ, ଲୁହେଁ ଢଲନା
ଆଉ ଗିତ ବାନ୍ଧଛୁ କବ, ଗିତ ବାନ୍ଧଛୁ କବ ହେଉଛୁ ବଣୀକେ, ଲୁହେଁ ଢଲନା ।

ନଛିପୁର, କପ୍ତିପଦା

---

**ଶବ୍ଦାର୍ଥ :** ସିରିରମ - ଶ୍ରୀରାମ, ବସିରମ - ବଶ୍ରାମ, ବଡାମ - ବଲରମ, ପଲ୍‌ହା - ପଢା, ଦୁଗା - ଦୁର୍ଗା, ଗଲ - ଗଡ଼, ଦୁଲ - ଶ୍ରେଷ୍ଠ ପାହାଡ଼ (ପଥର ସ୍ତୁପ), ପାହାଲ - ପାହାଡ଼, ପଚ୍ଛମ - ପଶ୍ଚିମ, ସମ୍ବିଖ - ଶମିବୃକ୍ଷ, ଖୁସୁବୁଦ୍ରା - କୁଶଭଦ୍ରା, ଜଗାମ - ଗଜାଦର, ଆସ୍ତାନ - ଅସ୍ଥାନ, ଗିତ - ଗୀତ

( ୨ )

ଇଏ ହରବ୍ରମ ଗ୍ରମ ସିଶଗ୍ରମ ଗ୍ରମ
ସିଶ ପଦକେ ବନ୍ଦୁ ଅଛୁ ଫୁଲଚନ୍ଦନ, ମୁଖେ ଦଅ ଚୁମ୍ବନ
ହରଗ୍ରମ ଗ୍ରମ ସିଶ ଗ୍ରମଗ୍ରମ
ସିଶପଦକେ ବନ୍ଦୁ ଅଛୁ ଫୁଲଚନ୍ଦନ, ମୁଖେ ଦଅ ଚୁମ୍ବନ ।
ଘାଶରେ ସୁଆ ଗ୍ରମ ଭଜୁଛୁ
ଗୃହଘର ଦ୍ୱାର ହବ୍ ମାଣିକ ଜଳୁଛ, ସୁଆ ଗ୍ରମ ଭଜୁଛୁ ।
ରେ ଉଆଗ୍ରଉଲ କଁଗ୍ର ଦୁଧ ବଡ଼ାମ ବନ୍ଧଇନା
ଘାଶରେ ସୁଆଗ୍ରମ ଭଜୁଛୁ
ଘୃହଘର ଦ୍ୱାର ହବ ମାଣିକ ଜଳୁଛୁ ସୁଆ ଗ୍ରମ ଭଜୁଛୁ ।
ଏ କାଟିଲେ ମୁଣ୍ଡା କାଟିଲେ ମୁଣ୍ଡା
ଏପଦେ ବନ୍ଧଛେ ପଢ଼େ ବଡ଼ାମର ବୁଢା
ଘାଶରେ ସୁଆ ଗ୍ରମ ଭଜୁଛୁ
ଘୃହଘର ଦ୍ୱାର ହବ ମାଣିକ ଜଳୁଛୁ, ଖେଲ୍ ଖେଲ୍ ଖେଲ୍ ଲଫାସୁ, ଲଫାସୁ, ଲଫାସୁ ।
କୁଲ୍ହେଇ ପାଇନ ଗୁଡ଼ି
ଏ କୁଲ୍ହେଇ ପାଇନ ଗୁଡ଼ି
ଏ ପଦେ ବନ୍ଧଛେ ପଢ଼େ ବଡ଼ାମର ବୁଢ଼ି
ହାସୁ ହାସୁ ବଡାମର ବୁଢ଼ି ବଡ଼ାମର ବୁଢ଼ି
କାଟିଗନ ବୁଅ କାଟିଗନ ବୁଅ
ଏ ପଦେ ବନ୍ଧଛେ ପଢେ ବଡ଼ାମର ପୁଅନା
ହାସୁ ହାସୁ ବଡାମର ପୁଅ ।
ଏସୁ ସିଲ ଘରେ ମନ୍ଥୁ ନା ପନର୍ ଘରେ ମନ୍ଥୁ
ଏ ପଦେ ବନ୍ଧଛେ ପଢେ ବଡାମର ବନ୍ଧୁ
ହାସୁ ହାସୁ ବଡ଼ାମର ବନ୍ଧୁ ।
ଘାଶରେ ସୁଆ ଗ୍ରମ ଭଜୁଛୁ
ହାସୁ ହାସୁ ସୁରୁ ମୁହିଁକେ ସୁରୁ ଫଖା ଭଲ ଦସୁଛୁ, ଖେଲ୍ ଖେଲ୍ ଖେଲ୍ ଲଫାସୁ, ଲଫାସୁ, ଲଫାସୁ ।
ଆମ ଖିଆ କାଢନା ଆମ ଖିଆ କାଢ
ଏ ପଦେ ବନ୍ଧଛେ ପଢ଼େ ବଡ଼ାମର ନାଢ
ଏ ଘାଶରେ ସୁଆ ଗ୍ରମ ଭଜୁଛୁ
ଘୃହଘର ଦ୍ୱାର ହବ ମାଣିକ ଜଳୁଛୁ, ମାର୍ ମାର ଭୁଇଁତାଳୁକେ, ଗଡ଼ଡ଼େଗଲ ହାଣ୍ଡି ଘାଲ୍‌କେ
ଏନ୍ତୁକ ଜାଣସୁ ତେତ୍‌କ ଜାଣସୁ, ପାଡାଲେ ପଢ଼ଇନା
ବଡ଼ାମ୍ ଗିତ ଅଟେଇ କଲି, ଦେଉଛୁ ମେଲ୍ଚିନା
ଏ ଘାଶରେ ସୁଆ ଗ୍ରମ ଭଜୁଛୁ
ଘୃହଘର ଦ୍ୱାର ହବ ମାଣିକ ଜଳୁଛୁ ।

— ନଛିପୁର —

ଶବ୍ଦାର୍ଥ : ଚୁମ୍ବନ - ଚୁମ୍ବନ, ଦ୍ୱାର - ବାହାର, ଗୁଡ଼ି - ଗୋଡ଼, ଫଖା - ଶଙ୍ଖା, ଭୁଇଁତାଳୁ - ବୋଇତ କଖାରୁ

( ୩ )

ଚଲ୍ ଜିବା ବୃନ୍ଦାବନ
ରୁଲ ଜିବା ପୁସ, କରବା ରାସ
ରୁଲ ଜିବା ପୁସ କରବା ରାସ

ଏ କାଲ୍ ମଙ୍ଗଲ ବଦାନ
ଏ ପୁଣ ସଙ୍ଗାତ

ଏଇଜେ ଗଲେ ରୁଲବା ପାଇଁ ପାର୍‌ବତ କାଲ୍ତ
ହବେ ପୁଣ ସଙ୍ଗାତ

ନବଡ କୁସୁମ ନାମ ବଇକାଲକେ
ରୁକ୍ମଚନ୍ଦ୍ର ବ୍ରଜ ନାଣକେ
ରୁକ୍ମଚନ୍ଦ୍ର ବ୍ରଜ ନାଣକେ

କାହିଁ ଲୁଚଅଛ ବରଣ ଦେବ
କେତେ ଲୁଚଅଛ ନନ୍ଦର ନନ୍ଦେଲ
ଏଇଜେ କାଲ୍ ଆସିବା ଘରୁ ପଲାଇ
ରେ ନାଜ ନାଇଁ ମରଅରେ
କଲା ଘୁଲା ଧଲା ଘୁଲା
ସହ୍ଲାରେ ରଙ୍ଗଜୁଲ
ସହ୍ଲାରେ ରଙ୍ଗଜୁଲ

ଆଖିଁ ମିଟି ମିଟି, ଦାନ୍ତ କଟି କଟି
ଆଖିଁ ମିଟି ମିଟି, ଦାନ୍ତ କଟି କଟି

ଦେଖି ମରଲେରେ ରଯ ହୁବତ
ଗୁପି ହସ ରଭନ
ଛାଡ଼ି ପଲାଇଲେ ବୃନ୍ଦାବନ
ଗୁପି ହସ ରଭନ ।

ଆନ୍ଧାରେ ଦୁଠ
ରାଧିକା କନ୍ଦନ୍ତି

କୁସ୍‌ଟିଁ ଛାଡ଼ଦେଲ ହସ
କୁସ୍‌ଟିଁ ଛାଡ଼ଦେଲ ହସ

ଆମ୍‌ହେ ଦୁଇ ଦଖି, ଚରଣ ଶଟନ୍ତି
କହେ ରାମ ଚରଣ
ବସି ମାଗିଲେ ପାଣି ସରଣ
କହେ ରାମ ଚରଣ ।

'ବସିପୁର୍'

---

**ଶବ୍ଦାର୍ଥ :** ବୃନ୍ଦାବନ - ବୃନ୍ଦାବନ, ରୁଲ - ଡୋଲ, ପୁସ - ପୁଷ, ବଦାନ - ବଧାନ, ଗୁପି - ଗୋପୀ, କୁସ୍‌ଟିଁ - କୃଷ୍ଣ

( ୪ )

କି କୁଦୁମ୍ ମୂଳେ କିଏ ବସିଛୁ
କି କୁଦୁମ୍ ମୂଳେ କିଏ ବସିଛୁ

ଭ୍ରମର ପର ଝଣେ, ଭ୍ରମର ପରଝଣେ ଦିସୁଛୁ
କି କୁଦୁମ୍ ମୂଳେ କିଏ ବସିଛୁ ।

ସୁନା ପର ଦେହ ପିତଲ କଲୁଗ
ସୁନା ପର ଦେହ ପିତଲ କଲୁଗ
କି କୁଦୁମ୍ ମୂଳେ କିଏ ବସିଛୁ ।

ଧଅର ଗାଞ୍ଜିଆ
ଖଉଜ ଗାଞ୍ଜିଆଜେ
ସଇନ ଧାରଇଗ

କି କୁଦୁମ୍ ମୂଳେ କିଏ ବସିଛୁ
ଭ୍ରମର ପର ଝଣେ ଭ୍ରମର ପର ଝଣେ ଦିସୁଛୁ
କି କୁଦୁମ୍ ମୂଳେ କିଏ ବସିଛୁ ।

( ୫ )

ଆରେ ମତେ ନାଶକଲା ଆଣି ଦଇବ
ମତେ ନାଶକଲା ଆଣି ଦଇବ
ବନ ଫୁଲ୍‌ଡ଼ଗନେ ସମତେ ଜାଣନ୍ତି
ହୁଦ ପୁନେ କିଏ ଜାଣିବ
ମତେ ନାଶ କଲା ଆଣି ଦଇବ ।

ଆରେ ଦଇବ କି କଲା
ନାଗର ବରକେ ଜେ
ମର ରସିକ ବରକେ ନେଇ
ବିଦେସରେ ବନ୍ଧିଲା
ବିଦେସରେ ଆଡ଼ମ୍ବର, ବାଣ ବାଜିଲା
ପିଠି ଅଯୁ ନ ହେଲା
ପିଠୁ ହେଉ ବସିଲା

ସୁପାଠ ବହଣୀ ଦନେ, କଣଦେଲୁ ମନା
ସୁମନ ମିଛରେଉ ହେଲୁ ବାଇନା
ମତେ ନାଶ କଲା ଆଣି ଦଇବ ।

ବନ ଫୁଲ୍‌ଡ଼ଗନେ ସମତେ ଜାଣନ୍ତି, ହୁଦ ପୁନେ କିଏ ଜାଣିବ ।
କହେ ସଦାନନ୍ଦ ମନରେ ବିଷାଦ
ସତେକି ସୁଖଗ ହଇବ
ମତେ ନାଶ କଲା ଆଣି ଦଇବ ।

ପାଟ୍‌ଖଲ୍

---

## ଶବ୍ଦାର୍ଥ :

କି - କିଏ, କୁଦୁମ୍ - କଦମ୍ବ, ବସିଛୁ - ବସିଛୁ, ସଇ ନ ପାରଇ - ସହିନପାରଇ,
ବନ - ବଣ, ଫୁଲ୍‌ଡ଼ଗନେ - ପୋଡ଼ଗଲେ, ପୁନେ - ପୋଡ଼ିଲେ, ସୁଖଗ - ସୌଭାଗ୍ୟ

# ତୃତୀୟ ଭାଗ

# ଶବ୍ଦକୋଷ

## ସଂକେତ ବ୍ୟାଖ୍ୟା :

| | |
|---|---|
| + | ଯୁଗ୍ମଶବ୍ଦ |
| / | ବିକଳ୍ପ |
| ~ | ଚନ୍ଦ୍ରବିନ୍ଦୁ ( ଁ ) |
| ŋ | ଙ |
| ñ | ଞ |
| ḍ | ଡ |
| ṭ | ଟ |
| ṇ | ଣ |
| ḷ | ଳ |
| ɔ | ଅ |

## ବ୍ୟାକରଣିକ ସୂଚନା :

ବି = ବିଶେଷ୍ୟ

ବିଣ = ବିଶେଷଣ

କ୍ରି = କ୍ରିୟା

ସର୍ବ = ସର୍ବନାମ

କ୍ରି. ବିଣ = କ୍ରିୟା ବିଶେଷଣ

ଅଂ = ଅବ୍ୟୟ / ନିପାତ

ନି = ନିପାତ / ଅବ୍ୟୟ

ସଂ = ସଂଯୋଜକ

## ( ଅ )

ଅଁଳା (ବି) ɔ̃la ଅଅଁଳା phylanthos emblica

ଅଁସିଦାରି (ବି) ɔ̃sidari ଉତ୍ତରାଧିକାରୀ heir

ଅଇଁଠା (ବି) ɔĩṭha ଉଚ୍ଛିଷ୍ଟ offal

ଅଇଧା (ବି) ɔidha ଅଧିଆ Prostration before a deity

ଅଇନ (ସର୍ବ) ɔinɔ ଅନ୍ୟ other

ଅଇନା (ବି) ɔina ଦର୍ପଣ mirror

ଅଇରାନ (ବି) ɔiranɔ ଅରଣ୍ୟ Forest

ଅକସ୍ମାତ୍ (କ୍ରି.ବିଣ) ɔkɔsmat ଆକସ୍ମିକ sudden

ଅକାନ୍ଦ କାନ୍ଦ୍ଣା (ବି) ɔkandɔ kandṇa ଅର୍ଥହୀନ କାନ୍ଦଣା meaningless crying

ଅକାଳ (ବି) ɔkaḷɔ ବାନ୍ତି vomitting

ଅକାଳବା (କ୍ରି) ɔkaḷiba ବାନ୍ତିକରିବା to vomit

ଅକୁଳାନ୍ (ବିଣ) ɔkuḷan ସ୍ୱଳ୍ପ insufficient

ଅଖ (ବି) ɔkhɔ ଆରମ୍ଭ ସୂଚନା starting signal

ଅଖାଣି (ବି) ɔkhaṇi ବୈଶାଖ ମାସରେ ପଡୁଥିବା ଏକ ଶିକାର ସମୟ a hunting period of the month 'Baisakha'

ଅଖିଆ (ବିଣ) ɔkhia ଉପାସିତ unfed

ଅଗ୍ନାଅଗ୍ନି (ବିଣ) ɔgnaɔgni ଅଗମ୍ୟ, ଘଞ୍ଚ dense

ଅଗ୍ନିଜାଳ (ବି) ɔgnijaḷɔ ଏକପ୍ରକାର ଗଛ name of a kind of tree

ଅଗ୍ନିସର (ବି) ɔgnisɔrɔ ଏକ ପ୍ରକାର ଧାନଗଛ name of a Paddy Plant

ଅଗଣ୍ଡା (ବି) ɔgɔṇḍa ନୁହିବିଡା bundle of straw

ଅଗଳିବା (କ୍ରି) ɔgḷiba ବଳିପଡ଼ିବା to be excess

ଅଗାମୁଳା (ବି) ɔgamuḷa ଅଗମୂଳ ଅଗମୂଳ heads or tails

ଅଗିଲ (ବି) ɔgila ସ୍ତନାଗ୍ର nipple

ଅଗିହାଳି (ବିଣ) ɔgihaḷi ଅଭିଆଡ଼ୀ unmarried girl

ଅଙ୍ଗ୍ରା (ବି) ɔŋgra ଅଙ୍ଗାର charcoal

ଅଙ୍ଗନ୍‌ବାଡ଼ି (ବି) ɔŋgɔnbaḍi ପିଲାମାନଙ୍କ ଏକ ଶିକ୍ଷାନୁଷ୍ଠାନ a nursery school

ଅଙ୍ଗା (ବି) ɔŋga କୁର୍ତ୍ତା shirt

ଅଙ୍ଗୁରୁ (ବି) ɔŋguru ଅଙ୍ଗୁର grape

ଅଚଥ (ଅଂ) ɔcɔthɔ ଅଥଚ never-the-less

ଅଚଳ୍ (ବିଣ) ɔcɔḷ ଅଭାବ in want

ଅଚଲା (ବିଣ) ɔcɔḷa ଅଚଳ unmovable

ଅଚିନା (ବିଣ) ɔcina ଅଚିହ୍ନା unknown

ଅଞ୍ଚଳ୍ (ବି) ɔñcɔḷ ଅଞ୍ଚଳ area

ଅଛଡ଼ା (ବିଣ ɔchɔḍa ଅଛଡ଼ା non-stop

ଅଛି (କ୍ରି) ɔchi ଅଛି (ଅଛ+ଇ) (derivative of verb be)

ଅଜା (ବି) ɔja ଅଜା grand father (maternal)

ଅଜ୍ନା (ବିଣ) ɔjna ଅଜଣା unknown

ଅଜାଳିବା (କ୍ରି) ɔjaḷiba ଅଜାଡ଼ିବା to pour

ଅଜିନ୍‌ହେବା (କ୍ରି) ɔjinheba ଅଜୀର୍ଣ୍ଣହେବା not to digest

ଅଜିନିଆ (ବିଣ) ɔjinia ଅଜୀର୍ଣ୍ଣ indigestive

ଅଟଙ୍ଗା (ବି) ɔṭɔŋga କୁଟାଦଉଡ଼ିର ଛୋଟ ଗଣ୍ଠି small knot made of straw string

ଅଠର (ବିଣ) ɔṭhrɔ ଅଠର eighten

ଅଠା (ବି) ɔṭha ଅଠା gum

ଅଠାକାଣ୍ଡିଆ (ବି) ɔṭhakaṇḍia ଏକ ପ୍ରକାର ଫାଶ kind of snare

ଅଡ଼ର୍ (ବି) ɔḍɔr ଆଦେଶ order

ଅଡ଼ା (ବି) ɔḍa ଟସର ପୋକ ଘାଣ୍ଟି ଘର roost of silk worm

ଅଡାଳୁଆ (ବି) ɔḍaḷua ଏକ ପ୍ରକାର ଧାନ kind of Paddy that needs less water

ଅଡ଼ିବା (କ୍ରି) ɔḍiba ବସାଇବା (ଫାଶଆଦି) to set snare

ଅଡୁଆ/ଅଳୁଆ (ବିଣ) ɔḍua/ɔḷua ଅଡୁଆ complicated, inconvenient

ଅଣ୍‌ସାର (ବି) ɔṇsarɔ ଅଣସର the day before fifteen days of carfestival

ଅଣାବଣା (ବିଣ) ɔṇabɔṇa ହତବୁଦ୍ଧି puzzled

ଅଣ୍ଟା (ବି) ɔṇṭa ଅଣ୍ଟା waist

ଅଣ୍ଟେଇବା (କ୍ରି) ɔṇṭeiba ପାଣିମରିଯିବା to absorb

ଅଣ୍ଡ୍ରା (ବିଣ) ɔṇḍra ଅଣ୍ଡିରା male

ଅଣ୍ଡ (ବିଣ) ɔṇḍɔ ବୋକା tomfool

ଅଣ୍ଡାଳିବା (କ୍ରି) ɔṇḍaḷiba ଅଣ୍ଡାଳିବା to grope about

ଅଣ୍ଡିଆ (ବି) ɔṇḍia ବୃଷଭ bull

ଅତ୍‌ର (ବି) ɔtrɔ ବାସ୍ନାତେଲ ferfume, scented oil

ଅତି (ଅ°) ɔti ଅତିରେକ excess

ଅତିଶୟ (ବିଣ) ɔtisɔy ଅତିଶୟ toomuch

ଅଥ୍‌ରା (ବିଣ) ɔthra ଅବିବାହିତ ଯୁବକ unmarried youth

ଅଥ୍‌ରି (ବିଣ) ɔthri ଅବିବାହିତା ଯୁବତୀ unmarried youth (female)

ଅଦ୍‌ରାଣି (ବି) ɔdraṇi ଗଡାଣି slope

ଅଦ୍‌ରେଇବା (କ୍ରି) ɔdreiba ଗଡ଼ାଇବା (ଉପରୁ ତଳକୁ ) cause to slide

ଅଦର୍ (କ୍ରି) ɔdɔr ଗଡ଼ିବା to slide

ଅଦଲ୍‌ବଦଲ୍ (ବି) ɔdɔḷbɔdɔḷ ପରିବର୍ତ୍ତନ alternation

ଅଦା (ବିଣ) ɔda ଆର୍ଦ୍ର wet

ଅଡାଳ (ବି) ɔdaḷɔ ଘେର fence

ଅଦୁସ୍‌ଟ (ବିଣ) ɔdusṭɔ ଅଦୃଷ୍ଟ invisible

ଅଦେ/ଅଧେ (ବିଣ) ɔde/ɔdhe ଅଧେ half

ଅଧାର (ବି) ɔdharɔ ଚଢ଼େଇ ଛୁଆ ମାଆ ପାଟିରୁ ଖାଉଥିବା ଖାଦ୍ୟ feeding

ଅଧିକାଁସ (ବିଣ) ɔdhikãsɔ ଅଧିକାଂଶ most

ଅନ୍‌କୁଲ୍ (ବି) ɔnkuḷ ପ୍ରାରମ୍ଭ beginning

ଅନ୍‌ନା (ବିଣ) ɔnna ଅଲଣା lack of salt

ଅନ୍ତ୍‌ର (ବି) ɔntrɔ ଜମିର କର୍ଷଣଗାର Ploughing line

ଅନ୍ତ୍‌କପ୍‌ଟିଆ (ବିଣ) ɔntkɔpṭia ପ୍ରତାରଣାମୂଳକ hypocritical

ଅନିଆନ (ବିଣ) ɔnianɔ ଅନ୍ୟାନ୍ୟ others

ଅନୁମାନ୍ (ବି) ɔnuman ଅନ୍ଦାଜ approximate

ଅନୁସାରେ (କ୍ରି.ବିଣ) ɔnusare ଅନୁସାରେ according

ଅନ୍ତୁଲି (ବି) ɔntuḷi ଅନ୍ତୁଡ଼ିଶାଳ confinement, labour-room

ଅନେକ (ସର୍ବ) ɔnek ଅନେକ many

ଅନେଇବା (କ୍ରି) ɔneiba ଦେଖିବା to look at

ଅନ୍ତାପନ୍ତା (ବି) ɔntapɔnta ଅନ୍ଧସନ୍ଧ every nook and corner

ଅନ୍ନ (ବି) ɔnnɔ ଅନ୍ନ rice

ଅନ୍ନପୂନ୍ନ (ବି) ɔnnɔpunnɔ ଏକପ୍ରକାର ଧାନ name of a paddy

ଅନ୍‌କାର/ଅନ୍ଧ୍‌କାର (ବିଣ) ɔndkar/ɔndhkar ଅନ୍ଧକାର dark

ଅନ୍ଦାର୍/ଅନ୍ଧାର (ବିଣ) ɔndar/ɔndhar ଅନ୍ଧାର dark

ଅନ୍ଧ (ବି) ɔndhɔ ଅନ୍ଧ blind

(ବି) ɔndhɔ ଯୁଆଳିରେ ହଳକୁ ବନ୍ଧା ଯାଉଥିବା ଦଉଡି a cord used in fastening yoke and plough shaft

ଅପ୍‌ଘାତ୍ (ବି) ɔpghat ଅପଘାତ accidental death

ଅପ୍ଦୁସି (ବିଣ) ɔpdusi ଅଭାଗିଆ ill-fated

ଅପ୍ମାନ୍ (ବି) ɔpman ଅପମାନ insult

ଅପଟା (ବିଣ) ɔpɔṭa ଅପଟ unamicable

ଅପଲ୍ହ୍ (ବିଣ) ɔpɔḷh ନିରକ୍ଷର illiterate

ଅପର୍ସନ୍ (ବି) ɔpɔrsɔn ଅସ୍ତ୍ରୋପଚାର operation

ଅପାଠ (ବିଣ) ɔpaṭhɔ ଅପାଠ୍ୟ unreadable

ଅପିସ୍ (ବି) ɔpis କାର୍ଯ୍ୟାଳୟ office

ଅପେରା (ବି) ɔpera ଅପେରା opera

ଅଫଳା (ବିଣ) ɔphɔḷa ବନ୍ଧ୍ୟା unfruitful

ଅଫାଞ୍ଚେଇଲା (ବିଣ) ɔphañceila ଅଶୌଚ unwashed after going latrine

ଅଫିମ (ବି) ɔphimɔ ଅଫିମ୍ opium

ଅବଇସ (ଅ°) ɔbɔisɔ ଅବଶ୍ୟ of course

ଅବଡ୍ (ବିଣ) ɔbɔḍ ଛୋଟ small

ଅବଧାନି (ବିଣ) ɔbɔdhani ଅପ୍ରଚଳିତ, ଅବଧାନି demoded

ଅବସ୍ତା (ବି) ɔbɔsta ଅବସ୍ଥା condition

ଅଭାବ (ବି) ɔbhab ଅଭାବ want

ଅଭୁକା (ବିଣ) ɔbhuka ଯିଏ ଭୁକେନାହିଁ unyelp

ଅମଙ୍ଗ (ବିଣ) ɔmɔŋg ଅନନୁକୂଳ disagreeable

ଅମଞ୍ଜ (ବି) ɔmɔñj ଯାହାର ମଞ୍ଜ ନାହିଁ marrowless

ଅମରି (ବିଣ) ɔmɔri ଅମର immortal

ଅମଳ୍ (ବି) ɔmɔḷ ସମୟ, କାଳ age, time

ଅମାନ୍ତିଆ (ବିଣ) ɔmantia ଅବାଧ୍ୟ disagreeable

ଅମାନ୍ତିଆ ହେବା (କ୍ରି) ɔmantiaheba ଅସମ୍ମତହେବା to disagree

ଅମିସା (ବି) ɔmisa ଅମାବାସ୍ୟା new moon day

ଅମୁକ୍ (ବିଣ) ɔmuk କେହି something, somebody

ଅମୁଲ୍ (ବି) ɔmul ଅମୁଲ୍ Amul (milk Powder)

ଅମୁହୁଁଧୁଆ (ବିଣ) ɔmuhũdhua ଅମୁହଁଧୁଆ Unwashed mouth

ଅର୍ଖ (ବି) ɔrkhɔ ଅରଖ name of a Plant

ଅର୍ଗଳି (ବି) ɔrgɔḷí ଅରଗଳ barricade

ଅର୍ଘା (ବି) ɔrgha ଅର୍ଘ୍ୟ offering

ଅର୍ଘଥାଳି (ବି) ɔrghɔthaḷi ଅର୍ଘ୍ୟଥାଳି offering plate

ଅର୍ଜନ (ବି) ɔrjɔnɔ ଅର୍ଜନ earning

ଅର୍ଜୁନ (ବି) ɔrjunɔ ଅର୍ଜୁନ the great warrior and the middle pandava

ଅର୍ଥ (ବି) ɔrthɔ ଅର୍ଥ meaning

ଅରଜ୍ (କ୍ରି) ɔrɔj ଅର୍ଜିବା to earn

ଅରଳା (ବିଣ) ɔrɔḷa ଯିଏ ରଡ଼ି କରେ ନାହିଁ (କୁକୁଡ଼ା) hen that does not cackle

ଅଳ୍ (କ୍ରି) ɔḷ ଘୋଡ଼ିବା to warp

ଅଳ୍ଝିଲ (ବିଣ) ɔḷjhila ଝୁଲିରହିଥିବା suspended

ଅଳ୍ତା (ବି) ɔḷta ଅଳତା lacdye

ଅଳ୍ମିବା (କ୍ରି) ɔḷmiba ଝୁଲିରହିବା to be suspended

ଅଳ୍ସୁଆ (ବିଣ) ɔḷsua ଅଳସୁଆ idle

ଅଳ୍ସେଇବା (କ୍ରି) ɔḷseiba ଅଳସୁଆ ହେବା to be idle

ଅଳ୍ହେଇଚ (ବି) ɔḷheicɔ ଅଳାଇଚ Alpínia cardamomum

ଅଳନ୍ଧ (ବି) ɔḷndhɔ ଅଳନ୍ଧୁ soot

ଅଳପ୍ (ବିଣ) ɔḷɔp ଅଳ୍ପ little

ଅଳମ୍ (କ୍ରି) ɔḷɔm ଓହଳିବା to be suspended

ଅଳ୍ମେଇବା (କ୍ରି) ɔḷmeiba ଓହଳାଇବା to suspend

ଅଳି (ବି) ɔḷi ହାକୁଟି hiccup

ଅଲଚ୍ଛ (ବ) ɔḷicha ଓଲ୍ଲ eve of a roof

ଅଲଜେଠ (ବ) ɔḷijeṭhɔ ଅଣନାତି great grandson

ଅଲୁକା (ବ) ɔḷuka ଧାନବଡ଼ା ବାନ୍ଧିବାର ଧାନଗଛ Paddy stalk used for tying paddy bunch

ଅଲେଇବା (କ୍ରି) ɔḷeiba ସଫାକରିବା to sweep

ଅଲ୍‌ଙ୍କାର୍ (ବ) ɔŋkar ଅଲଙ୍କାର ornament

ଅଲ୍‌ଗା (ବଣ) ɔlga ଅଲଗା separate

ଅଲ (ବ) ɔlɔ ଓଲୁଅ kind of root

ଅସ୍‌କର୍‌ (ବଣ) ɔskɔra ଅସୁନ୍ଦର ugly

ଅସ୍‌କୁ ନାଗିବା (କ୍ରି) ɔskunagiba ଘୃଣା ଲାଗିବା to feel filthy

ଅସ୍‌ଦ (ବ) ɔsdɔ ଔଷଧ medicine

ଅସ୍‌ନ (ବ) ɔsnɔ ଅସନ Asantree

ଅସ୍‌ରପା (ବ) ɔsrɔpa ଅସରପା cockroach

ଅସ୍‌ମାଲ (ବଣ) ɔsmaḷ ପ୍ରଚୁର aboundant

ଅସ୍‌ଟମଙ୍ଗ୍‌ଲା (ବ) ɔsṭɔmɔŋgḷa ଅଷ୍ଟମଙ୍ଗଳା eighth day after the marraige ceremony

ଅସକ (ବ) ɔsɔkɔ ଅଶୋକ a flower

ଅସାନ୍ତି (ବଣ) ɔsanti ଅଶାନ୍ତି unrest

ଅସାଲ (ବ) ɔsaḷɔ ଆଷାଢ଼ July-Aug

ଅସାଲୁଆ (ବ) ɔsaḷua ଏକଫଳ kind of fruit

ଅସି (ବଣ) ɔsi ଅଶୀ eighty

ଅସିଣ (ବ) ɔsiṇɔ ଆଶ୍ୱିନ sep-oct

ଅସୁକ୍ (ବ) ɔsuk ଅସୁଖ, ଅସୁସ୍ଥ illness

ଅସୁଦିଆ (ବ) ɔsudia ଅଶୁଦ୍ଧ/ମୃତ୍ୟୁକ୍ରିୟା death rite

ଅସୁବିଦା (ବ) ɔsubida ଅସୁବିଧା inconvenience

ଅସୁର (ବ) ɔsurɔ ଅସୁର giant

ଅସୁରାଣି (ବ) ɔsuraṇi ଅସୁରାଣୀ female giant

ଅହ୍‌ର (ବ) ɔhrɔ ଓହଳ the branches of banyan tree those came down to take

ଅହଲିବା (କ୍ରି) ɔhɔḷiba ଓହ୍ଲାଇବା to come down

ଅୟ୍‌ (କ) ɔy ଉଦ୍‌ବୋଧନାତ୍ମକ ଅବ୍ୟୟ an invocative Particle

ଅୟ୍‌ଭାସ୍/ଅଇଭାସ୍‌ (ବ) ɔybhas/ɔibhas ଅଭ୍ୟାସ habit

# ଆ

ଆଁ (ବଣ) ã ଖୋଲା gaping, with the mouth wide open

ଆଁକର (କ୍ରି) ã kɔr ମେଲାକର to open

ଆଁକା ପାଁକା (ବ) ãka pãka ଅସ୍ଥିର restless

ଆଃ (କ) ã ସନ୍ତୋଷ ବୋଧକ ଅବ୍ୟୟ an exclamation of pleasure

ଆ (କ୍ରି) a ଆସ (ଆସୁ) to come

ଆଇଁସି (ବ) aĩsi ଆଇଁଷ fishy

ଆଇଗାଁ (ଅ) aigã ଆଜ୍ଞା polite response

ଆଇଚର (ବ) aicarɔ ଆଚାର pickle

ଆଇଜାଏଁ (କ୍ରି. ବଣ) aijaẽ ଆଜିପର୍ଯ୍ୟନ୍ତ till today

ଆଇସଁପ୍‌ (ବ) aisɔ̃p ଆଶୀର୍ବାଦ benediction

ଆଇସ (ବ) aisɔ ଆୟୁ life span

ଅଉ (ଅ) au ଏବଂ and

ଆଉଜେଇବା (କ୍ରି) aujeiba ଆଉଜେଇବା to incline

ଅଉଟିବା (କ୍ରି) auṭiba ଆଉଟିବା to melt

ଆଉଣ୍ଡିବା (କ୍ରି) auṇḍiba ଆବର୍ତ୍ତିତହେବା to revolve

ଆଉଥରକି (କ୍ରି. ବଣ) authɔrki ପୁଣିଥରେ, ଆଉଥରକୁ next time

ଆଉଳୁବାଉଳୁ (ବଣ) auḷubauḷu ଅସ୍ତବ୍ୟସ୍ତ topsyturvy

ଆକ୍ରମଣ (ବି) akrɔmɔṇ ଆକ୍ରମଣ attack

ଆକାର୍ (ବି) akar ଆକାର size

ଆକାସ୍ (ବି) akas ଆକାଶ sky

ଆକାସି (ବି) akasi ହଂସା breath of life

ଅଙ୍କ୍ଲେଇବା (କି) aŋkḷeiba ଅଙ୍କୁଶ ଲଗାଇ ଟାଣିବା to hook

ଅଙ୍କିମେସ୍ବ (କି) aŋkimey ଚିତ୍ରକରିବା to draw picture

ଆଁଖି (ବି) ãkhi ଆଖି eye

ଆଁଖିକରିବା (କି) ãkhikɔriba ଲୋଭ କରିବା to desire strongly others belonging

ଆଁଖିଟିକା (ବି) ãkhiṭika ଡୋଳା eye ball

ଆଁଖୁ (ବି) ãkhu ଆଖୁ sugar cane

ଆଖ୍ଲା (ବି) akhḷa ଆଖଡ଼ା rehearsal

ଆଖ୍ଲାଖାନା (ବି) akhḷakhana ଆଖଡ଼ାଶାଳା casino

ଆଖପାଖ (ବି) akhɔpakhɔ ଆଖପାଖ vicinity

ଆଗ୍କାଳିଆ (ବଣ) agkaḷia ପ୍ରାଚୀନପନ୍ଥୀ conservative

ଆଗପଛ (କି. ବଣ) agɔpɔchɔ ଆଗପଛ head and tail

ଆଗବତ୍ (କି. ବଣ) agɔbɔt ପୂର୍ବପର as usual

ଅଗିଲ (କି. ବଣ) agila ଆଗରେ ahead

ଆଗୁ (କି ବଣ) agu ପୂର୍ବରୁ before-hand

ଆଙ୍ଗ୍ଳି (ବି) aŋgḷi ଆଙ୍ଗୁଳି Finger

ଆଚ୍କା (ବଣ) acka ହତବୁଦ୍ଧି Puzzled

ଆଚ୍ମିତ୍ (ବଣ) acmit ଆଚମ୍ବିତ amazed

ଅଚ୍ଛା (କି. ବଣ) acha ଅଚ୍ଛା okay
(ବଣ) acha ଭଲ good

ଆଜ୍ (ବି) aj ଆଜି today

ଆଜ୍କାଲ୍ (ବି) ajkal ଆଜିକାଲି now a days

ଆଟିକା (ବି) aṭika ଅଟିକା small earthen pot

ଆଠ୍ (ବଣ) aṭh ଆଠ eight in number

ଆଠଣି (ବି) aṭhɔṇi ଆଠଣା ପଇସା a eight anna piece

ଆଡ଼ (ବି) aḍɔ ଓସାର breath

ଆଡକାନି (ବି) aḍɔkani ଏକପ୍ରକାର କାନଫୁଲ୍ a kind of ear ring

ଆଡ଼ଡଣ୍ଡା (ବି) aḍɔdɔṇḍa ଲମ୍ବବାଡ଼ି side staff

ଆଣ୍ (କି) aṇ ଆଣ to bring

ଆଣ୍ଟ୍ (କି) aṇt ଶକ୍ତକରିବା to make tight

ଆଣ୍ଟୁଆ (ବି) aṇṭua ଅଣ୍ଟୁଆ kind of pocket formed by tucking up the cloth

ଆଣ୍ଠ୍କୁଳା (ବଣ) aṇṭhkuḷa ନିଃସନ୍ତାନ issueless

ଅଣ୍ଠୁ (ବି) aṇṭhu ଆଣ୍ଠୁ knee

ଆଣ୍ଠୁଚକି (ବି) aṇthucɔki ଆଣ୍ଠୁଚକି knee cap

ଆତ୍ଘାତ୍ (ବି) atghat ଆତଘାତ restless

ଆଦର୍ (ବି) adɔr ଆଦର affection

ଆଦିବାସି (ବି) adibasi ଆଦିବାସୀ aboriginal

ଆଦେସ୍ବ୍ (ବି) adey ଅଦାୟ collection

ଆନଜାଦ୍ (ବଣ) anjad ଅନୁମାନିକ approximate

ଆପତି (ବି) apɔti ଆପତ୍ତି objection

ଆପସ୍ (ବି) apɔs ପରସ୍ପର mutual

ଅବୁ (ବି) abu ଫୁଲା, ଅବୁ swelling

ଅବୁରିନେବା (କି) aburineba ଦଖଲକରି ନେବା to take into possesion

ଆମ୍ଳା (ବି) amḷa ଆମ୍ବଡ଼ା hogplum

ଆମ୍ହର (ସର୍ବ) amhɔr ଆମ୍ଭର our

ଆମ୍‌ହେ (ସର୍ବ) amhe ଅମ୍ଭେ we

ଆମ୍‌ପୁଡ଼ିଚାମ୍‌ପୁଡ଼ିହେବା (କ୍ରି) ampuḍichampuḍiheba ମୁଣ୍ଡ କୁଣ୍ଡାଇବା to comb

ଆମ୍ବ (ବି) ambɔ ଆମ୍ବ mango

ଆମ୍ବ୍‌ସଳା (ବି) ambsoḷa ଆମ୍ବସଢ଼ା cake prepeard from mango juice

ଆମ୍ବିଳା (ବଣ) ambiḷa ଅମ୍ବିଳା acidulous

ଆର (ସର୍ବ) ar ଅନ୍ୟ other

ଆର୍‌ଫୁଲିଆ (ବି) arfuḷia ଅଣ୍ଡାଯୋଗୁଁ ତଣ୍ଟି କୁଣ୍ଡାଇବା ଅନୁଭବ pricking sensation in the throat

ଆର୍ସି (ବି) arsi ଦର୍ପଣ mirror

ଆରା (ବି) ara ଚକର କେନ୍ଦ୍ରକୁ ପରିଧିକୁ ସଂଯୋଗ କରୁଥିବା କାଠଖଣ୍ଡ bur connecting the hub of cart wheel

ଆରିସା (ବି) arisa ଆରିସାପିଠା a cake prepeard from rice Powder

ଆରେ (ଅ) are ହେ, ଆରେ oh

ଆରେଦିନ୍ (କ୍ରି. ବିଣ) aredin ଅନ୍ୟଦିନ otherday

ଆଳି (ବି) aḷi ଆଡ଼ boundry ridge of tank

ଆଳୁ (ବି) aḷu ଆଳୁ Potato

ଆଲ୍‌ମୟ୍ (ବିଣ) almɔy ଆଲୋକିତ lighted

ଆଲ୍‌ମିରା (ବି) almira ଆଲମାରି almirah

ଆଲୋ (ବି) alɔ ଆଲୁଅ light

ଆସ୍‌ନ (ବି) asnɔ ଆସନ mat

ଆସା (ବି) asa ଆଶା hope

ଆସୁ (ବିଣ) asu ଲଘୁ early variety

ଆସ୍ତାନ (ବି) astanɔ ସ୍ଥାନ Place

ଆସ୍ତେ ଆସ୍ତେ (କ୍ରି. ବିଣ) aste aste ଆସ୍ତେ ଆସ୍ତେ slowly

ଆହା (ଅ) aha ଖେଦସୂଚକ Ah

ଆହାର (ବି) aharɔ ଆହାର eats

ଆହୁରି (ବିଣ) ahuri ଅଧିକ more

ଆୟ (କ୍ରି) ay ଆୟ୍ income

ଆୟ୍‌ମଳ/ଆଇମଳ୍ (ବି) aymɔḷ/aimɔḷ ଅମଳ harvest

## ( ଇ )

ଈଖ୍‌ରେଇବା (କ୍ରି) ĩkhreiba ଖୁଖାରିବା to dig by poking

ଈଜେସନ୍ (ବି) ĩjesɔn ଇଞ୍ଜେକ୍‌ସନ୍ injection

ଈଟା (ବି) ĩṭa ଇଟା brick

ଇଃ (ଅ) iʔ ଆଶ୍ଚର୍ଯ୍ୟ ସୂଚକ Note of astonishment

ଇ (ସର୍ବ) i ଏହି this

ଇଆର୍ (ସର୍ବ) iar ଏହାର its

ଇଆଳୁ (ଅଂ) iaḷu ଏହିଆଡୁ From this side

ଇଆଳେ (ଅଂ) iaḷe ଏହିଆଡେ in this side

ଇଏ (ସର୍ବ) ie ଏହିବ୍ୟକ୍ତି this person

ଇଖ୍‌ଣି (କ୍ରି. ବିଣ) ikhṇi ଏହିକ୍ଷଣି now

ଇଗା (ବିଣ) iga ଏଗୁଡ଼ା these

ଇଙ୍ଗାଣି (ବି) iŋgaṇi ଏକ ଛୋଟ ମଛିକା a kind of very little sizefly

ଇଙ୍ଗିନ୍‌କଟେ (ବିଣ) iŋginkɔṭe ଅତିଅଳ୍ପ little

ଇଚ୍ଛା (ବି) icha ଇଚ୍ଛା wish

ଇଞ୍ଚ୍‌ପଟା (ବି) iñcpɔṭa ସ୍କେଲପଟା scale

ଇଞ୍ଚାରିବା (କ୍ରି) iñcariba ବିସ୍ତାରିବା to spread something poking by nail

ଇଟା (ବିଣ) iṭa ଏହିଟା this

ଇଠ୍‌ରି (କ୍ରି. ବିଣ) iṭhri ଏଠାକାର ଏ ସ୍ଥାନର of this Place

ଇଠେ (କ୍ରି. ବିଣ) iṭhe ଏଠାରେ Here

ଇଥର୍ (କ୍ରି. ବିଣ) ithrɔ ଏଥର this time

ଇନା (କ୍ରି. ବିଣ) ina ବର୍ତ୍ତମାନ now

ଇନାଗ୍ (କ୍ରି. ବିଣ) inag ବର୍ତ୍ତମାନ now

ଇନାଜାଇଁ (କ୍ରି. ବିଣ) inajaĩ ଏ ପର୍ଯ୍ୟନ୍ତ yet

ଇନ୍ଦ (ବି) indɔ ଏକ ପୂର୍ଣ୍ଣିମା ତିଥି a lunar day

ଇମ୍ତି/ଇଁତି (ବିଣ) imti/ĩti ଏହିପରି such

ଇମାନେ (ସର୍ବ) imane ଏମାନେ these persons

ଇଲ୍ସି (ବି) ilsi ଇଲିଶି kind of fish

ଇଲା (ବି ila ଅଧିକାର ସୂଚାଇବାର ସଙ୍କେତ sign of Possession

ଇଲାଜ୍ (ବି) ilaj ଆରୋଗ୍ୟ ବ୍ୟବସ୍ଥା cure

ଇଲେକ୍ଟିରି (ବି) ılekṭiri ବିଦ୍ୟୁତ electricity

ଇସର୍ (ବି) isɔr ଈଶ୍ୱର God

ଇସିରା (ବି) isira ଇସାରା indication

ଇସ୍ଟାଟ୍ (ବି) isṭaṭ ଆରମ୍ଭ start

## ( ଉ )

ଉଆ (ବି) ua ଅରୁଆ unparboiled rice

ଉଆସ (ବି) uasɔ ଅନ୍ତଃପୁର zenana

ଉଇ (ବି) ui ଉଇ white ant

ଉକୁଚେଇବା (କ୍ରି) ukuceiba ଟାଙ୍ଗିବା to hang

ଉଖା (ବି) ukha ମାଛଧରିବା କଣ୍ଟା kind of a fishing hook

ଉଖୁଡ଼ା (ବି) ukhuḍa ଉଖୁଡ଼ା pop-corn

ଉଖୁଣି (ବି) ukhuṇi ଉକୁଣି louse

ଉଖେଇକାଠ୍ (ବି) ukheikaṭh କୋକେଇ bier

ଉଗୁଲେଇବା (କ୍ରି) uguḷeiba ଓଲଟାଇବା to reverse, to invert

ଉଛ୍ଲିବା (କ୍ରି) uchliba ଉଛୁଳି ପଡ଼ିବା to overflow

ଉଚୁଣି (କ୍ରି. ବିଣ) uchuṇi ବର୍ତ୍ତମାନ now, at Present

ଉଚୁରୋ (କ୍ରି. ବିଣ) uchurɔ ବିଳମ୍ବ late

ଉଜନ୍ (ବି) ujɔn ଓଜନ weight

ଉଜାତି (ବି) ujati ଅଜାତି lose caste

ଉଝ୍ଲେଇବା (କ୍ରି) ujhleiba ଉଝାଳିବା to clear out

ଉଝା (ବି) ujha ଚାଙ୍ଗୁ ବାଦ୍ୟର ଅଂଶ ବିଶେଷ a Part of changu drum

ଉଞ୍ଚେଇବା (କ୍ରି) uñceiba ଉଞ୍ଚାଇବା to raise

ଉଟ (ବି) uṭɔ ଓଟ camel

ଉଠ୍ (କ୍ରି) uṭh ଉଠ to get up

ଉଠାଣି (ବି) uṭhaṇi ଉଠାଣି acclivity

ଉଠାରି (ବି) uṭhari ଉଠିଆରି bath of mother on the 9th day after delivery

ଉଡ଼ାବାଳିଆ (ବିଣ) uḍabaḷia ଉଡ଼ିବା ଭଳିଆ ଅବସ୍ଥା grown up stage of the bird

ଉଡ଼ିଆ (ବି) uḍia ଓଡ଼ିଆ oriya

ଉଡ଼ିବା (କ୍ରି) uḍiba ଉଡ଼ିବା to fly

ଉଡ଼ିସା (ବି) uḍisa ଓଡ଼ିଶା orissa

ଉଡ଼ୁସ (ବି) uḍusɔ ଛାରପୋକ bug

ଉଢ୍ଣା (ବି) uḍhṇa ଓଢ଼ଣା veil

ଉଢାଣିଆ (ବି) uḍhaṇia ଆଢୁଆଳ concealment

ଉଣ୍ଟିଜିବା (କ୍ରି) uṇtijiba ବତୁରିଯିବା to be soaked

ଉଣ୍ଡିବା (କ୍ରି) uṇḍiba ଉଷୁମିବା to sit on egg

ଉଣ୍ଡେଇବା (କ୍ରି) uṇḍeiba ଗୋଟାଇବା to gather

ଉତ୍ରିବା (କ୍ରି) utriba ଉତୁରିବା to grow

ଉତ୍ସୁବ (ବି) utsubɔ ଉତ୍ସବ ceremony

ଉତର୍ (ବି) utɔr ଜବାବ answer

(ବି) utɔr ଉତ୍ତର ଦିଗ North

ଉଦ୍କିବା (କ୍ରି) udkiba ସାମ୍ନାକୁ କୁଦିପଡ଼ିବା to spring upward

ଉଦ୍‌ଲ (ବି) udḷɔ ବଳଦଗାଡ଼ିର ଅଖ ଉପରେ ପଡ଼ିଥିବା କାଠ bar on the axle of bullock cart

ଉଦ (ବି) udɔ ଓଧ otter

ଉଧାରି (ବି) udhari ଋଣ credit

ଉଧାରିଆ (ବିଣ) udharia ଧାରୁଆ creditor

ଉପ୍‌ଗାର (ବି) upgar ଉପକାର benefit

ଉପ୍‌ର (କ୍ରି. ବିଣ) uprɔ ଉପର above

ଉପାଳିବା (କ୍ରି) upaḷiba ଓପାଡ଼ିବା to up-root

ଉପାସ୍ (ବି) upas ଉପବାସ Fasting

ଉପାୟ (ବି) upay ଉପାୟ way, means

ଉପି (ବି) upi ଉପି dandruff

ଉଭିବା (କ୍ରି) ubhiba ଅଦୃଶ୍ୟହେବା to disappear

ଉମେହି (ବି) umehi ଉମ୍ନାଇ fire-pan, oven

ଉର (ବି) ura ଉଚ୍ଚଭୂମି mound

ଉଳିଏ (ବିଣ) uḷie ଅଧାଦିନ six hours of the day

ଉଲ୍‌ଟିବା/ନଲ୍‌ଟିବା (କ୍ରି) ulṭiba/nɔlṭiba ଓଲଟିପଡ଼ିବା to turn over

ଉଲୁଚ୍‌ଲୁହେବା (କ୍ରି) uluculuheba ଢଳଢଳହେବା to wobble

ଉସ୍‌ମେଇବା (କ୍ରି) usmeiba ଉଷୁମ କରିବା to warm up

ଉସତ୍ (ବିଣ) usɔt ସହଜ easy

ଉସାର୍ (ବି) usar ଓସାର breadth

ଉସାସ୍ (ବିଣ) usas ହାଲୁକା light

ଉସିବା (କ୍ରି) usiba ଗରମ କରିବା to boil

ଉସିଲ (ବିଣ) usila ଉତ୍କ୍ଳିତ boiled

ଉସୁମ୍ (ବିଣ) usum ଅଳ୍ପଗରମ warm

ଉସ୍ତାତ୍ (ବି) ustat ଓସ୍ତାଦ୍ master

( ଏ )

ଏଇ/ଇ (ସଂ) ei/i ଏହି this

ଏଇପାର (ବିଣ) eipar ଏତେବଡ଼ this size

ଏଇମିତି/ଇମ୍‌ତି/ଇଁତି (ବିଣ) eimiti/imti/ĩti ଏହିପରି such

ଏୟ୍ (ଜ) ey ଉଦ୍‌ବୋଧନାତ୍ମକ ନିପାତ, ହେ Particle (invocative)

ଏକ୍ (ବିଣ) ek ଏକ one

ଏକ୍‌ଦମ (ବିଣ) ekdɔm ସମ୍ପୂର୍ଣ୍ଣଭାବେ absolutely

ଏକ୍‌ପାଳି (ବି) ekpaḷi ଫତେଇ cape

ଏକ୍‌ଲା (ବିଣ) ekla ଏକାକୀ alone

ଏକ୍‌ସିଆ (ବି) eksia ଶିଶୁ ଜନ୍ମର ଏକୋଇଶ ଦିନ twenty first day of child's birth

ଏକା (ବିଣ) eka ସମାନ same

ଏକିବାରେ (ବିଣ) ekibare ସମ୍ପୂର୍ଣ୍ଣଭାବେ absolutely

ଏକାଠାଣେ (ଅ°) ekaṭhaṇe ଏକତ୍ର together

ଏକୁଇସ୍ (ବିଣ) ekuis ଏକୋଇଶ twenty one

ଏକୁର (ଅ°) ekura ବାରମ୍ବାର Frequent

ଏଗାର (ବିଣ) egarɔ ଏଗାର eleven

ଏଡ଼ିକଟେ (ବିଣ) eḍikɔte ଏତେ ଅଳ୍ପ very little

ଏଡ଼େ (ବିଣ) eḍe ଆକାର ସୂଚକ adj. indicating size

ଏଣିକି (ଅ°) eṇiki ଏଦିଗକୁ to this side

ଏଣେତେଣେ (ଅ°) eṇeteṇe ଏଣେତେଣେ here and there

ଏଣ୍ଡ୍ର (ବିଣ) eṇḍra ବଡ଼ ଆଖିଆ bulging eyes/ goggle eyed

ଏଣ୍ଡ୍‌ରେଇବା (କ୍ରି) eṇḍreiba ବଡ଼ଆଖିରେ ଦେଖିବା stare at with bulging eyes

ଏତେ (ବିଣ) ete ପରିମାଣ ସୂଚକ adj, indicating quantity

ଏନ୍‌କ୍ରୁଚମେଣ୍ଟ (ବି) enkrucmenṭ ଜବର ଦଖଲ encruchment

ଏରିଆ (ବି) eria ଇଲାକା area

ଏରେଯ୍ (ଜ) erey ସମ୍ବୋଧନାତ୍ମକ ନିପାତ invocative particle

ଏସୁଁ (ଅ°) esũ ଏହିବର୍ଷ this year

( କ )

କଁଳୁଆ (ବିଣ) kɔ̃ḷua କୋମଳ tender

କଁଠି/କେଁଠେ (କି. ବିଣ) kɔ̃ṭhi/kẽṭhe କେଉଁଠାରେ where

କଁସ (ବି) kɔ̃sɔ କଂସ the epic character kangsa

କଁସା (ବି) kɔ̃sa କଂସା bellmetal

କଁସେଇ (ବି) kɔ̃sei କଂସେଇ butcher

କଁଟା/କେଁଟା (କି. ବିଣ) kɔṭa କେଉଁଟା which one

କ (କି) kɔ କହ say

କଇଁ (ବି) kɔĩ କଇଁ water lily

କଇନା (ବି) kɔina କନ୍ୟା bride

କଉଡ଼ି (ବି) kɔuḍi କଉଡ଼ି cowrie

କଙ୍କ୍‌ଲା (ବି) kɔŋkḷa କଙ୍କଡ଼ା crab

କଙ୍କ୍‌ଲା ଦାଲ୍‌ହିଆ (ବି) kɔŋkḷa daḷhia କଙ୍କଡ଼ାବିଛା scorpion

କଙ୍କିସିଆଲ (ବି) kɔŋkisiaḷɔ କୋକିଶିଆଳ Fox

କଙ୍ଗାଲ (ବି) kɔŋgaḷɔ କାଙ୍ଗାଳ wretch

କଚଡ଼ା (ବି) kɔcḍa ଧାନବିଡ଼ା bundle of Paddy staks

କଚ୍ଚଲ (କି) kɔcaḷ କଚାଡ଼ to dash down

କଚିଲା (ବି) kɔciḷa କଚିଲା nuxvomice

କଚିରି (ବି) kɔciri କଚେରୀ court

କଚ୍ଛିମ (ବି) kɔchimɔ କଚ୍ଛପ tortoise

କଜଲ (ବି) kɔjḷɔ କଜ୍ଜ୍ୱଳ collyrium

କଜଲ୍‌ପତି (ବି) kɔjɔlpɔti କଜ୍ଜ୍ୱଳ ରଖିବା ପାତ୍ର collyrium Plate

କଜିଆ (ବି) kɔjia ଦ୍ୱନ୍ଦ୍ୱ conflict

କଞ୍ଚ୍‌ଡ଼ି (ବି) kɔñcḍi କଅଁପତ୍ର shoot

କଞ୍ଚଡ଼ିବା (କି) kɔñcḍiba କଅଁଳିବା to sprout

କଞ୍ଚନି (ବି) kɔñcɔni ଏକ ଫୁଲ ଗଛ thorn apple gold

କଞ୍ଚାଳିଆ (ବିଣ) kɔñcaḷia ଅପକ୍ୱ unripe

କଟ୍‌ରି (ବି) kɔṭri କଟୁରି chopper

କଟାସ (ବି) kɔṭasɔ ବଣ ବିରାଡ଼ି wild cat

କଟିଏ (ବିଣ) kɔṭie ଟିକିଏ little

କଟିବା (କି) kɔṭiba ବଢ଼ିବା to

କଟୁଆଲ (ବି) kɔṭuaḷɔ ପ୍ରହରୀ guard

କଟୁକଟୁ (ବିଣ) kɔṭukɔṭu ଛୋଟ ଛୋଟ small in size

କଟେ (ବିଣ) kɔṭe ଟିକେ, ଅଳ୍ପ a little

କଟେଇବା (କି) kɔṭeiba ବିତାଇବା to spend

କଟେଇଖାନା (ବି) kɔṭeikhana କଂସେଇଖାନା butchery Place

କଠଉ (ବି) kɔṭhɔu କଠାଉ wooden sandals

କଠା (ବି) kɔṭha କଠା small size measuring basket

କଠିଆ (ବି) kɔṭhia ମଜୁରିଆ contract labourer

କଠିଆଣି (ବି) kɔṭhiaṇi ସ୍ତ୍ରୀ (କଠିଆ) fem (contract labourer)

କଡ଼ା (ବିଣ) kɔḍa କଡ୍‌ଲୋଭ୍ Passionate, firm

କଣା (ବିଣ) kɔṇa ଅନ୍ଧ blind

କଣିକ (ବି) kɔṇiki କଣିକା grain particle

କଣ୍ଟ (ବି) kɔṇtɔ ବଚନଧାର୍ଯ୍ୟ affiance

କଣ୍ଟି (ବି) kɔṇti କଣ୍ଟା nail

କଣ୍ଟିଆ (ବି) kɔṇṭia ମାଛବିଶେଷ kind of fish

କଣ୍ଟୁଲ୍ (ବି) kɔṇṭul ରସଦ୍ ration

କଣ୍ଠି (ବି) kɔṇṭhi କଣ୍ଠୀ necklace of bead

କତ୍‌ରଣି (ବି) kɔtrɔṇi କଇଁଚି Pair of scissors

କତକ (ବି) kɔtɔkɔ ଏକ ବିଷାକ୍ତ ଫଳ a Poisonous fruit

କତା (ବି) kɔta ମାଛକାତି scale

କତି (ବି) kɔti ଧାର side

(ବିଣ) kɔti ନିକଟ near

କଥା (ବି) kɔtha ବିଷୟ subject

କଥାଣି (ବି) kɔthaṇi ଗଳ୍ପ story, tale

କଥାବାର୍ତ୍ତା (ବି) kɔthabarta କଥାବାର୍ତ୍ତା talk

କଦଲ (ବି) kɔdiḷɔ କଦଳୀ Plantain

କନ୍ (ବିଣ) kɔn କେଉଁ which

କନମତେ (ବିଣ) kɔnɔmɔte କୌଣସି ପ୍ରକାର by any means

କନିଅର (ବି) kɔniɔrɔ କନିଅର oleander flower

କନ୍ଦା (ବିଣ) kɔnda ମୂକ dumb

କନ୍ଦାକଟା (ବି) kɔndakɔṭa କ୍ରନ୍ଦନ crying

କନ୍ଦି (ବି) kɔndi ଅଭ୍ୟନ୍ତର inner

କପ୍‌ନି (ବି) kɔpni କୌପୀନ loincloth

କପା (ବି) kɔpa କାର୍ପାସ cotton

କପୁର (ବି) kɔpurɔ କର୍ପୂର camphor

କବ୍‌ତା (ବି) kɔbta କପୋତ dove

କବ୍‌ସିବା (କ୍ରି) kɔbsiba କଷମିବା to be wounded

କବ୍‌ଲ (ବି) kɔbḷɔ ଖୋଳପ slough

କବ୍‌ଟା (ବି) kɔbṭa ଛିଣ୍ଡାକନା torn cloth

କବାଟ୍ (ବି) kɔbaṭ କବାଟ door

କବି (ବି) kɔbi କୋବି cabbage

କମ୍‌ଲ (ବି) kɔmḷɔ କମ୍ବଳ blanket

କମ୍‌ଲା (ବି) kɔmḷa କମଳା orange

କମର୍ (ବି) kɔmɔr ଅଣ୍ଟା waist

କମାର (ବି) kɔmarɔ ବିନ୍ଧାଣି, କମାର black smith

କମେଇ (ବି) kɔmei ଉପାର୍ଜନ income

(ବି) kɔmei କ୍ଷୌର shaving

କମ୍ପେଇବା (କ୍ରି) kɔmpeiba କମ୍ପନ ସୃଷ୍ଟି କରିବା to quiver

କମ୍ଫ (ବି) kɔmphɔ କଫ Phelgam

କମ୍ଫମାନ (ବିଣ) kɔmphɔmanɔ କୋପ ଜର୍ଜିତ wrathful

କରତ (ବି) kɔrtɔ କରତ saw

କର୍ମଙ୍ଗା (ବି) kɔrmɔŋga କରମଙ୍ଗା Averrhoa carambola

କର୍ମା (ବି) kɔrma ଏକ ଠାକୁରାଣୀ a goddess

କର୍ହାଲ (ବି) kɔrhaḷɔ ଏକ ପ୍ରକାର ବୃକ୍ଷ kind of tree

କର୍ଜ (ବି) kɔrjɔ କରଜ credit

କର୍ଜବାଡ଼ି (ବି) kɔrjɔbaḍi କରଜ credit

କରଣା (ବି) kɔrɔṇa ସରଞ୍ଜାମ essentials

କର୍ମଚରି (ବି) kɔrmɔcari କର୍ମଚାରୀ employee

କରମ (ବି) kɔrɔmɔ ଭାଗ୍ୟ fate

କରାଟ (ବି) kɔraṭɔ ଡଗରଫୁଲ tecoma

କରଣ୍ଡି (ବି) kɔranḍi କେରଣ୍ଡି ମାଛ minnow

କରିଆ (ବି) kɔria କରିଆ small napkin

କରିଣି (ବି) kɔriṇi କରଣୀ Trowel

କରିବା (କ୍ରି) kɔriba କରିବା to do

କରେଇ (ବି) kɔrei କରେଇ couldron

କଲ୍ସା (ବି) kɔḷsa କଳଶ Pitcher

କଲ୍ହ (ବି)kɔḷhɔ କଳିକା bud

କଲ୍ହାଣ (ବି) kɔḷhaṇɔ କଢ଼ାଣ first term plough

କଲ (ବି) kɔḷɔ କଳ machine

(ବି) kɔḷɔ କଡ଼ side

କଲଖେଦା (ବି) kɔḷɔkheda ଅଙ୍ଗରେ ହୋଇଥିବା ଚିହ୍ନ Drawing on skin by poking

କଲନା (ବି) kɔḷɔna କଳ୍ପନା imagination

କଲି (ବି) kɔḷi କଳହ quarrel

କଲିକଜିଆ (ବି) kɔḷikɔjia କଳହ affray

କଲିଙ୍କା (ବି) kɔḷiŋka କଳଙ୍କି rust

କଲେଇ (ବି) kɔḷei ମଇଁଷି ଛୁଆ calf

କଲ୍ରା (ବି) kɔlra କଲରା bitter gourd

କଲ୍ବଲ୍ (ବିଣ) kɔlbɔl ଅଶାନ୍ତ restless

କଲ୍ଜ (ବି) kɔljɔ କଲିଜା liver

କଲମ୍ (ବି) kɔlɔm କଲମ pen

କଲିକା (ବି) kɔlika ଧୂମପାନନଳ smoking pipe

କଲିହା (ବିଣ) kɔliha କଳହପ୍ରିୟ quarrelsome

କଲେଇ (ବି) kɔlei ଝିଙ୍କପୋକ winged-ant

କହୁଁଳିଆ (ବି) kɔhũḷia କୁହୁଡ଼ି fog

କସ୍ (ବିଣ) kɔs ପ୍ରଚୁର, ପ୍ରବଳ aboundant, forceful

କସ୍ଟ (ବି) kɔsṭɔ କଷ୍ଟ pain

କଷଣ (ବି) kɔsɔṇɔ କଷଣ pain

କସିବା (କ୍ରି) kɔsiba ପରୀକ୍ଷା କରିବା to test

କେସା (ବିଣ) kesa କଷାୟ astringent

କହଣି (ବି) kɔhɔṇi କହୁଣୀ elbow

କାଥେ (ସର୍ବ) kaaṭhe କାହାଠାରେ with whom

କାଆଡୁ (ସର୍ବ) kaaḍu କେଉଁଠାରୁ where from

କାଆର୍ (ସର୍ବ) kaar କାହାର whose

କାଇଁ (କ୍ରି. ବିଣ) kaĩ କାହିଁ where

କାଇଁସର (ବି) kaĩsɔrɔ କାଇଁଶ a plant of the straw which is used to make fine baskets.

କାଇଁସିଲା (ବି) kaĩsiḷa ଶାଗବିଶେଷ kind of pot herbs

କାଇ (ବି) kai କାଇ tree ant

କାଉଁରିଆ (ବିଣ) kaũria ଉଜ୍ଜ୍ୱଳ (କାଉଁରିଆ ଜହ୍ନ) bright

କାକ୍ରିଜିବା (କ୍ରି) kakrijiba ଥଣ୍ଡାହୋଇଯିବା to be cooled

କାକର୍ (ବିଣ) kakɔr ଥଣ୍ଡା cold

କାକୁଲି (ବି) kakuḷi କାକୁଡ଼ି cucumber

କାକେରା (ବି) kakera କାକରା a oil filtered cake

କାଗ୍ଜ (ବି) kagjɔ କାଗଜ paper

କାଙ୍କ (ବି) kaŋkɔ ଗୈଁତି mattock

କାଙ୍କଣ (ବି) kaŋkɔṇɔ କଙ୍କଣ bracelet

କାଚ (ବି) kacɔ ଚୁଡ଼ି, କାଚ bracelet, glass

କାଚ୍ଚ (ବିଣ) kaca ଧୁଆ washed

କାଛ (ବି) kacha କାଛ small cloth

କାଜି (ବି) kaji ବିଚାରପତି judge

କାଞ୍ଚି (ବି) kam̐ci କାଞ୍ଚୁଳି metal cup

କାଞ୍ଚିଏ (ବିଣ) kam̐cie କାଞ୍ଚୁଳିଏ full of a metal cup

କାଞ୍ଜି (ବି) kañji କାଞ୍ଜି soup made by cooking vegetables with rice water

କାଞ୍ଜିଆ (ବି) kañjia ଅରଣ୍ୟଜାତ ପଦାର୍ଥ kind of thing available in forest

କାଟ୍ରିଆ (ବଣ) kaṭria କଟାକ୍ଷ squint

କାଟିବା/ଗାର କାଟିବା (କି) kaṭiba/garɔ kaṭiba ଗାର କାଟିବା to draw

ଦିନ କାଟିବା (କି) dinɔkaṭiba ଦିନ କାଟିବା to pass

କାଟିକୁଟା ହେବା (କି) kaṭikuṭa heba ଯନ୍ତ୍ରଣା ପାଇବା to suffer

କାଠ୍ (ବି) kaṭh କାଠ wood

କାଣି (ବଣ) kaṇi କାଣୀ (blind) fem

କାଆଣେ (କି. ବଣ) kaaṇe କେଉଁଆଡେ where

କାଣ୍ଟି (ବି) kaṇṭi ତେଲର ମଇଳା oil residue

କାଣ୍ଟିଆଙ୍ଗୁଳି (ବି) kaṇṭi aggḷi କନିଷ୍ଠ ଆଙ୍ଗୁଳି little finger

କାଣ୍ଡ (ବି) kaṇḍɔ ଧନୁଶର Arrow

କାଣ୍ଡ୍ ଧୁଣ (ବି) kaṇḍ dhuṇ ଧନୁ ଓ ଧନୁଶର Arrow and bow

କାଣ୍ଡିବା (କି) kaṇḍiba କାଣ୍ଡିବା to make clean

କାତ୍ଲ (ବି) katla ମାଛବିଶେଷ kind of fish

କାତି (ବି) kati ଗୁଆକାତି nut-craker

କାଦ (ବି) kadɔ କାଦୁଅ mud

କାଦଖୁଞ୍ଚି (ବି) kadɔkhuci କାଦୁଅଖୁଞ୍ଚି snipe

କାଦହାଟି (ବି) kadɔhaṭi ବର୍ଷାଦିନରେ ହେଉଥିବା କାଦୁଅ ଖେଳ mud play

କାନ୍ (ବି) kan କାନ ear

କାନ୍ଗୁହ (ବି) kanguhɔ କାନମଇଳା ear-wax

କାନ୍ମୁଳ୍ (ବି) kanmuḷɔ କାନମୂଳ earlobe

କାନି (ବି) kani ଶିକାର ବେଳାର କୋଣ side line

କାନିଆ (ବି) kania ଶିକାର ସମୟରେ ଯେଉଁମାନେ କୋଣରେ ରହନ୍ତି hunter on side line

କାନ୍ଥ୍ଘଡ଼ି (ବି) kanthghɔḍi କାନ୍ଥଘଣ୍ଟା wall-clock

କାନ୍ଥି (ବି) kanthi ପୋଖରୀ ବୁଢ଼ାର ଧାର side boundary ridge of the tank or river.

କାନ୍ଥିଆ (ବି) kanthia କାନ୍ଥକୁଠୁରୀ wall-niche

କାନ୍ଦ (ବି) kandɔ କାନ୍ଦ crying

କାନ୍ଦ୍ଣା (ବି) kandṇa କାନ୍ଦଣା crying

କାପ (ବି) kapɔ କାପ earring

କାପଡ଼ (ବି) kapɔḍɔ କପଡ଼ା cloth

କାଫିବା (କି) kaphiba କାର୍ଯ୍ୟକରିବା to act properly

କାବ୍ଜା (ବି) kabja କବ୍ଜା Hinge

କାବାହେବା (କି) kabaheba ଆଶ୍ଚର୍ଯ୍ୟହେବା to be astonished

କାମ୍ (ବି) kam କର୍ମ work

କାମ୍ଗିରି (ବି) kamgiri କର୍ତ୍ତା Performer

କାମ୍ତୁଣି (ବି) kamtuṇi ଗୃହକର୍ତ୍ରୀ char-woman

କାମ୍ଲିବା (କି) kamḷiba କାମୁଡ଼ିବା to bite

କାମିନି (ବି) kamini କାମିନୀଫୁଲ chinese box flower

କାମୁଳା (ବି) kamuḷa ବାଉଁଶ ବଣ ଯାହା ଘରର ଛାଉଣୀରେ ଲଗେ split bamboo tied to fence or root of straw thatched house

କାର୍ଖାନା (ବି) karkhana କାରଖାନା Factory

କାର୍ତିକ (ବି) kartikɔ କାର୍ତ୍ତିକମାସ Oct-Nov.

କାର୍ବାରି (ବି) karbari ବେପାରି businessman

କାର୍ସାଦି (ବି) karsadi କୌଶଳ trick

କାଳ (ବି) kaḷɔ ସମୟ time

କାଳବାଜୁଣି (ବି) kaḷɔbajuṇi ଏକ ପ୍ରକାର ପକ୍ଷୀ a kind of bird

କାଳି (ବି) kaḷi ଉଧାର credit

କାଲିଆ (ବିଣ) kaḷia କଳା black

କାଲେ (ବିଣ) kaḷe ବୋଧେ Perhaps

କାଲ୍ଟି (ବି) kalṭi ଅଣ୍ଡାଦେଇନଥିବା ମାଈକୁକୁଡ଼ା hen that has not laid egg

କାଲାଗାଣ୍ଡିଆ (ବି) kalagaṇḍia ବଧିର deaf

କାଲି/କାଲ୍ (ବି) kali/kaḷ କାଲି last day or next day

କାଷି (ବି) kasi କାଶତଣ୍ଡି sachharum spontaneum

କାହାନ୍ତେ (କ୍ରି. ବିଣ) kahante କେଉଁଠି where

କାହାଳିଆ (ବି) kahaḷia ଶାଳପତ୍ର ତିଆରି ବିଡ଼ି biri made of sal leaf

କାହିଲ୍ (ବିଣ) kahil କାଇଲ fatigue

କି (ଅଂ) ki କଣ what

କିଆ (ବି) kia କିଆ screwpine

କିଆରଣି (ବି) kiarɔṇi ଶାଗବିଶେଷ kind of pot herb

କିଆରି (ବି) kiari କିଆରି Plot

କିଛି (ବିଣ) kichi କିଛି some

କିଣା (ବି) kiṇa କିଣା Purchase

କିନାଗି (ବିଣ) kinagi କିପାଇଁ what for

କିନ୍ଦ୍ରିବା (କ୍ରି) kindriba ଘୂରିବା to whirl

କିବଲି (ସ) kibɔli କଣବୋଲି what

କିମ୍ଟିବା (କ୍ରି) kimṭiba ଚିମୁଟିବା to pinch

କିମ୍ଟିକୁମ୍ଟା (ବି) kimṭikumṭa ଚିମୁଟିମୁଟା jabbing

କିମ୍ତି/କିଁତି (ବିଣ) kimti/kĩti କିପରି how

କିମ୍ପା (ବିଣ) kimpa କୃପଣ miser

କିମ୍ଭିର (ବି) kimbhirɔ କୁମ୍ଭୀର crocodile

କିର୍ତନ (ବି) kirtɔn କୀର୍ତ୍ତନ carol

କିର୍ପଣିଆ (ବିଣ) kirpɔṇia କୃପଣ miser

କିରାନି (ବି) kirani କିରାଣୀ clerk

କିଲ୍ (କ୍ରି) kiḷ ବନ୍ଦକର to shut

କିଲ୍ନି (ବି) kiḷni କିଳଣି door bolt

କିଲା (ବି) kiḷa ଖିଲା bolt

କିଲ (ବି) kilɔ କିଲୋଗ୍ରାମ୍ kilogram

କିଲାସ (ବି) kilas କ୍ଲାସ class

କିଲେ (ବିଣ) kile ଏକ କିଲୋଗ୍ରାମ a quantity of one k. g.

କିସ (ବିଣ) kisɔ କଣ what

କିସେଇଁ (କ୍ରି. ବିଣ) kisẽĩ କାହିଁକି why

କ୍ରିପାଲ୍ (ବି) kripal କେରପାଲ୍ Hessiar

କୁଆ (ବି) kua କାଉ crow

କୁଆକୁଟା (ବି) kuakuṭa ପାଟିଗୋଳ noise

କୁଆଲି (ବି) kuaḷi ଘାସବିଶେଷ a kind of grass

କୁଇଲା (ବି) kuila କୋଇଲା coal

କୁଇଲି (ବି) kuili କୋଇଲି cuckoo

କୁକୁର (ବି) kukurɔ କୁକୁର dog

କୁକୁର୍ପେଲିଆ (ବି) kukurpeḷia ଏକପକ୍ଷୀ a kind of bird

କୁକୁର୍ମାଛି (ବି) kukurmachi ଡାଁଶ gadfly

କୁକୁଲା (ବି) cukuḷa କୁକୁଡ଼ା cock

କୁକୁଲା ଛଉ (ବି) kukuḷa chou ଧଳାରୋଗ albinism

କୁକୁଲିଚିଆଁ (ବି) kukuḷiciã କୁକୁଡ଼ାଛୁଆ chicken

କୁଙ୍କୁଡ଼ିହାଡ଼ (ବି) kuŋkuḍi haḍ ବେକହାଡ଼ collarboen

କୁଙ୍କୁଚିବା (କ୍ରି) knŋkuciba ସଙ୍କୁଚିତ ହେବା to shrink

କୁଙ୍କୁଲି (ବି) kuŋkuli ଜୁଳୁଜୁଳିଆ ପୋକ glow-worm

କୁଚ୍ନି (ବି) kucni ଖୁଚୁରା ଦୋକାନ retail seller

କୁଝା (ବ) kujha କୁଜା hunch back

କୁଞ୍ଚି (ବ) kuñci ଚାବିକାଠି key

କୁଞ୍ଚିକୁଞ୍ଚି (ବଣ) kuñci kuñci କୁଞ୍ଚିତ shrunken

କୁଞ୍ଚେଇବା (କ୍ରି) kuñceiba ଲୁଗାକୁ ଶୃଙ୍ଖଳାରେ ସଂକୋଚ କରିବା to contract cloth in order

କୁଞ୍ଜବନ (ବ) kuñjɔbɔnɔ ଲତାର ଅରଣ୍ୟ arbour

କୁଟ୍ (କ୍ରି) kuṭ ଆଘାତ କରିବା to hit

କୁଟ୍କୁଟା (ବଣ) kuṭkuṭa କେତେକେତା tattered

କୁଟାକୁଟି (ବ) kuṭakuṭi ଦୁର୍ଘଟଣା crushing accident

କୁଟାରି (ବ) kuṭari ଏକ ପ୍ରକାର ଜନ୍ତୁ a kind of animal

କୁଟିଆ (ବ) kuṭia କୁଟାଦ୍ୱାରା ଦୁଷ୍ଟ ନିର୍ଣ୍ଣୟ Black art of hunting witch by straw

କୁଟିକୁଟି (ବଣ) kuṭi kuṭi କୋଟି କୋଟି crore and crore

କୁଟିବା (କ୍ରି) kuṭiba ଛେଚିବା to crush

କୁଟିହେବା (କ୍ରି) kuṭiheba ଝୁଣ୍ଟିବା to stumble

କୁଟୁମ (ବ) kuṭumɔ କୁଟୁମ୍ବ family

କୁଠି/କୁଠା (ବ) kuṭhi/kuṭha ଧାନ ରଖିବା ଘର grannary

କୁଠିଆ (ବ) kuṭhia ଠୋଠିଆ contract labourer

କୁଡଣ୍ଡ (ବ) kuḍɔṇḍɔ କୋଦଣ୍ଡ bow

କୁଡ଼ି (ବ kuḍi କୋଡ଼ି spade

କୁଡ଼ିଆ (ବ) kuḍia ଏକପ୍ରକାର ଗଛ kind of tree

କୁଡ଼ିବା (କ୍ରି) kuḍiba କୋଡ଼ିବା to dig, to spade up

କୁଣ (ବ) kuṇɔ କୋଣ corner

କୁଣି ବ) kuni କଣୀ bamboo shoots

କୁଣିଆ (ବ) kuṇia କୁଣିଆ guest

କୁଣ୍ଟୁ କୁଣ୍ଟୁ ନାଗିବା (କ୍ରି) kuṇṭu kuṇṭu nagiba କୁଣ୍ଡେଇହେବା ଅନୁଭବ to feel the pricking sansation

କୁଣ୍ଡଳି (ବ) kuṇḍḷi ଚାଙ୍ଗୁ ବାଦ୍ୟର ଗୋଲାକାର ଫ୍ରେମ୍ changu frame

କୁଣ୍ଡ (ବ) kuṇḍɔ କୁଣ୍ଡ cistern

କୁଣ୍ଡା (ବ) kuṇḍa କୁଣ୍ଡା Paddy husk

କୁଣ୍ଡାକୁଣ୍ଡି (ବ) kuṇḍa kuṇḍi ଆଲିଙ୍ଗନ embracement

କୁଣ୍ଡିଆ (ବ) kuṇḍia ଛୋଟ ଗାଡ଼ small pond

କୁଣ୍ଡିଆଣି (ବ) kuṇḍiaṇi କୁଣ୍ଡିଆ itches

କୁଣ୍ଡୁଲୁ (ବ) kuṇḍulu ଅଣିଶୋଇବା ଅବସ୍ଥା curve gesture

କୁତ୍ତ (ବ) kuttɔ ଗୁଡ଼ ରଖିବା ପାତ୍ର earthen Pot to Preserve molasses

କୁଦ୍ର (ବ) kudra ନଦୀକୂଳିଆ ଭୂମି river side land

କୁଦ (ବ) kudɔ ଶସ୍ୟବିଶେଷ a kind of grain

କୁଦାଳ (ବ) kudaḷi କୋଦାଳ spade

କୁଦୁମ୍ (ବ) kudum କଦମ୍ବ kadam flower

କୁଦୁମ୍ କେଶର୍ (ବ) kudumkesɔr ଏକପ୍ରକାର ଧାନ name of a paddy plant and its grain

କୁନ୍ଦ୍ରି (ବ) kundri କୁନ୍ଦୁରି frannincense

କୁନ୍ଦ (ବ) kundɔ କୁନ୍ଦଯନ୍ତ୍ର lathe

କୁନ୍ଦଧର (ବଣ) kundɔdhɔra କୁନ୍ଦାହୋଇଥିବା lathed

କୁନ୍ଥୁଲା (ବ) kunthuḷa ଝୁଲମୁଣି ruck-sack

କୁବ୍ଜି (ବ) kubji ଏକ ବାଦ୍ୟଯନ୍ତ୍ର kind of music instrument

କୁମ୍ତି (ବଣ) kumti ଅଳ୍ପତା less

କୁମ (ବ) kumɔ ସ୍ତମ୍ଭ Pillar, Post

କୁମା (ବି) kuma ପତ୍ରଘର cone shaped leaf cave

କୁମ୍ପାସ୍ (ବି) kumpas କମ୍ପାସ compass used for drawing circle

କୁମ୍ଭ (ବି) kumbhɔ ଏକ ପ୍ରକାର ବିଷାକ୍ତ ଫଳ a poisonous fruit

କୁମ୍ଭାର (ବି) kumbharɔ କୁମ୍ଭକାର potter

କୁର୍କୁଟି (ବି) kurkuṭi କାଇ tree ant

କୁର୍ଳ (ବି) kurḷɔ ଜମି ସମତୁଲ କରିବା ଉପକରଣ ladder for levelling

କୁର୍ଳିବା (କ୍ରି) kurḷiba ସମାନ କରିବା to level

କୁରାଳ୍ହି (ବି) kuraḷhi କୁରାଢ଼ି axe

କୁରୁଡ଼ା (ବି) kuruḍa କୋରଡ଼ା whip made of grass

କୁଳ୍କୁଚ (ବି) kuḷkuca କୁଳି gargling

କୁଳ୍ଚି (ବି) kuḷci ଏକଗଛ kind of tree

କୁଳ୍ଥ (ବି) kuḷthɔ କୁଳଥ horse gram

କୁଳ୍ହେଇବା (କ୍ରି) kuḷheiba କୁଡ଼ାଇବା to pick up

କୁଳ (ବି) kuḷɔ କୋଳ lap

କୁଳି (ବିଣ) kuḷi କୁଡ଼ି a quantity of certain measure

(ବି) kuḷi କୋଳି Plum

କୁଳିଆ (ବି) kuḷia କୁଡ଼ିଆ hut

(ବିଣ) kuḷia କୁଳ ଅନ୍ତର୍ଭୁକ୍ତ of the race

କୁଳିଏ (ବିଣ) kuḷie କୋଡ଼ିଏ a score

କୁଳେଇବା (କ୍ରି) kuḷeiba ଗୁଡ଼ାଇବା to coil

କୁଲ୍ପ (କ୍ରି) kulpɔ ତାଲା lock

କୁଲା (ବି) kula କୁଲା winnowing fan

କୁଲେ (ବିଣ) kule କୁଲାଏ a quantity of an winnoing fan full

କୁଷ (ବି) kusɔ କୋଶ a distance of certain measure

କୁସ୍ରାଣୀ (ବି) kusraṇi ଧାଈ wet-nurse

କୁସୁଡ଼ା (ବି) kusuḍa କୋଶଲାଶାଗ kind of pot herb

କୁସ୍ଟେଇବା (କ୍ରି) kusṭeiba ପାଦିବା to pass wind through the anus

କୁହାକୁହି (ବି) kuhakuhi ଆଲୋଚନା discussion

କୁହାଟ (ବି) kuhaṭɔ କୁହାଟ shouting

କୁହାଟିବା (କ୍ରି) kuhaṭiba ଉଚ୍ଚସ୍ୱରରେ ଡାକିବା to shout loudly

କେ (ସର୍ବ) ke କିଏ who

କେଁ/କଁ (ବିଣ) kẽ/kɔ̃ କେଉଁ which

କେଉଟ (ବି) keuṭɔ କେଉଟ fisherman

କେଖେଇବା (କ୍ରି) kekheiba କାଖେଇବା to carry in arm pit

କେଙ୍କ୍ଡ଼ିବା (କ୍ରି) keŋkḍiba କୁଙ୍କୁଡ଼ିବା to cramp

କେଙ୍ଗ୍ଟ (ବି) keŋgṭɔ ଏଣ୍ଡୁଅ chameleon

କେଙ୍ଗୁଟି (ବି) keŋguṭi ଚେଙ୍ଗୁଟି lime-stone

କେଞ୍ଚା (ବିଣ) keñca କଞ୍ଚା unripe

କେଞ୍ଚିବା (କ୍ରି) keñciba କେଞ୍ଚିବା to poke

କେଞ୍ଚୁଆ (ବି) keñcua ଜିଆ earth worm

କେଟ୍କେଟା (ବି) keṭkeṭa ପକ୍ଷୀବିଶେଷ kind of bird

କେଡ଼େ (ବିଣ) keḍe ଆକାର ସୂଚକ Adj, indicative size

କେଣ୍ସି keṇsi କୌଣସି any

କେତକି (ketɔki) କେତକୀ kind of flower

କେତୁରି (ବି) keturi ଝିଟିପିଟି lizard

କେତେ (ଅ॰) kete କେତେ howmuch

କେତେପର୍ (ଅ°) ketepɔr କେତେପ୍ରହର how long

କେତେବେଳେ କେତେବେଳେ (ଅ°) ketebeḷe ketebeḷe କେତେବେଳେ କେତେବେଳେ casually

କେନା (ବି) kena ବୃକ୍ଷଶାଖା branches of the tree

କେନାଲି (ବି) kenali କେନାଲ canal

କେନ୍ଥ୍ରେଇବା (କ୍ରି) kenthreiba ମୁହଁ ମୋଡ଼ିବା to contort

କେନ୍ଦାଳୁ (ବି) kendaḷu କନ୍ଦମୂଳ sweet potato

କେନ୍ଦି (ବି) kendi କନ୍ଧ fem (dumb)

କେନ୍ଦୁ (ବି) kendu କେନ୍ଦୁ name of a tree and its fruits

କେବିବା (କ୍ରି) kebiba ଚିମୁଟିବା to pinch

କେରା (ବିଣ) kera କେରା small bunch

(ବି) kera କେଣ୍ଡା ear of corn

କେରାଢି (ବି) keraḍhi ଗଣ୍ଠିରେଉପରକୁ ଉଠିଥିବା ଅଂଶ Adam's apple

କେସ୍ରୋ (ବି) kesrɔ କେଶର yolk

କେସୋ (ବି) kesɔ କେଶ hair

କେସା (ବିଣ) kesa କଷା astringent taste

କେସାଫଲ (ବି) kesafhɔḷ ହରଡ଼ା Black myrobalam

କେହି (ସର୍ବ) kehi କେହି somebody

## ( ଖ )

ଖଁଚି (ବି) khɔ̃ci ମାଛଧରିବାର ଏକ ଉପକରଣ cone shaped fishing trap

ଖଇ (ବି) khɔi ଖଇ parched paddy

ଖଇର (ବି) khɔirɔ ଖଇର catechu

ଖକ୍ରା (ବିଣ) khɔkra ପଚା spoiled

ଖକ୍ରିଜିବା (କ୍ରି) khɔɔkrijiba ପଚି ନଷ୍ଟ ହୋଇଯିବା to get spoiled

ଖକାରୁ (ବି) khɔkaru କଖାରୁ pumpkin

ଖଙ୍କା (ବି) khɔŋka ଜଳସ୍ରୋତ water current

ଖଜ୍ଣା (ବି) khɔjṇa କର tax

ଖଜ୍ (କ୍ରି) khɔj ଖୋଜିବା to search

ଖଜ (ବି) khɔjɔ ପଶୁର ପାଦଚିହ୍ନ foot print of animals

ଖଞ୍ଜା (ବି) khɔñja ଗଣ୍ଠି ସ୍ଥାନ joint

(ବିଣ) khɔñja ଚୁକ୍ତିବଦ୍ଧ contract

ଖଞ୍ଜିବା (କ୍ରି) khɔñjiba ଯୋଡ଼ିବା to join

ଖଟ୍ (ବି) khɔṭ ଖଟ charpoy

ଖଟା (ବିଣ) khɔṭa ଖଟା sour

ଖଟି (ବି) khɔṭi ଘା ଶୁଖି ଯାଇଥିବା ଚମଡ଼ା rind

ଖଟିବା (କ୍ରି) khɔṭiba ଶ୍ରମକରିବା to labour

ଖଡ଼ା (ବି) khɔḍa ଛୋଟକାଠି splinter

ଖଡ଼ାନୁକା (ବି) khɔḍanuka କାଠି ଲୁଗାଇବା ଖେଳ splinter h.ding

ଖଡ଼ି (ବି) khɔḍi ଖଡ଼ି chalk

ଖଡ଼ିକା (ବି) khɔḍika ଛୋଟ ଛୋଟ କାଠି wattle

ଖଣ୍ (ବିଣ) khɔṇ କ୍ଷଣ moment

ଖଣ୍ତି (ବି) khɔṇti ଖଣତା narrow spade

ଖଣ୍ଡ (କ୍ରି) khɔṇḍ ଛେଦନ କରିବା to cut

(ବି) khɔṇḍ ଅଂଶ part

ଖଣ୍ଡଧୁର୍ (ବିଣ) khɔṇḍdhur ଅଳ୍ପଦୂର, କଡ଼ୁବାଟ little distance

ଖଣ୍ଡ୍‌ମଣ୍ଡ୍‌ଲ (ବି) khɔṇḍmɔṇḍḷɔ ଆଖପାଖ ଅଞ୍ଚଳ adjoining areas

ଖଣ୍ଡା (ବି) khɔṇḍa ଖଡ୍‌ଗ sword

ଖଣ୍ଡି (ବି) khonḍi ମାଣଏକକ an unit of twenty bowls

ଖଣ୍ଡେ ଖଣ୍ଡେ (ବିଣ) khonḍe khonḍe ଗୋଟେ ଗୋଟେ one and one

ଖତ (ବି) khoto ପଶୁ ଗୋବର ସାର manure from cowdung

ଖଣ୍ଡାପିଠା (ବି) khonda piṭha ଗାଡ ଖାଣ୍ଡ ଦିଆଶ ହେଉଥିବା ପିଠା kind of cake

ଖପ୍ର (ବି) khopro ଖପର potsherd used for roofing

ଖପ୍ରା (ବି) khopra ଖପ୍ରା potsherd

ଖପ୍ରିବା (କ୍ରି) khopriba ଶୁଖିଯିବା to get dry

ଖପ୍ରି (ବି) khopri ଖପୁରୀ seull

ଖମ୍ବାର (ବି) khombaro ଖମାର granary

ଖର୍ (କ୍ରି. ବିଣ) khor ଶୀଘ୍ର quick

ଖର୍କା (ବି) khorka ଖଡ଼ିକା ଝାଡ଼ୁ stick broom

ଖର୍କିବା (କ୍ରି) khorkiba ଓଳାଇବା to sweep

ଖର୍ଲିବା (କ୍ରି) khorḷiba ଭାଜିବା (ଶାଗ ପ୍ରଭୃତି) to fry herbs

ଖରଚ୍ (ବି) khoroc ଖରଚ expenditure

ଖରା (ବି) khora ସୂର୍ଯ୍ୟକିରଣ sun ray

ଖରାପ୍ (ବିଣ) khorap ମନ୍ଦ bad

ଖରାହାଟି (ବିଣ) khorahaṭi ଖରାଦିନିଆ suitable for summer

ଖଳା (ବି) khoḷa ଖଳା barn

ଖଳି (ବି) khoḷi ଖଳି scum of rice powder

ଖଳିଟାଟି (ବି) khoḷiṭaṭi ବାଉଁଶ ବତା ଦିଆଶ କବାଟ (ତାଟି) screen of bamboo laths

ଖଲି (ବି) kholi ଖଲି leaf plate

ଖସ୍ରା (ବିଣ) khosra ପିଚ୍ଛିଳ slippery

ଖସା (ବି) khosa ରାଶି sesamum

ଖା (କ୍ରି) kha ଖା to eat

ଖାଇ (ବି) khai ଖାଇଦୋଳି a type of swing

(ବି) khai ଆଖୁ ପେଡ଼ିବା ଯନ୍ତ୍ର sugarcane pressing machine

ଖାକ (ବି) khako କାଖ armpit

ଖାଙ୍କ (ବି) khaŋko ସ୍ୱଳ୍ପତା shortage

ଖାଙ୍କିନେବା (କ୍ରି) khaŋkineba ଜୋରଜବରଦସ୍ତ ଜୋର କରି ନେଇଯିବା to push off

ଖାଞ୍ଚିବା (କ୍ରି) khañciba ଓଟାରିବା, ଟାଣିବା to stretch

ଖାଡ଼ି (ବି) khaḍi କାଠି stick

ଖାତା ମାରିବା (କ୍ରି) khatamariba ସଜାଇ ରଖିବା to keep in order

ଖାନି (ବି) khani କାନି corner of the sari

ଖାନ୍ଦି (ବି) khandi କାନ୍ଧି bunch

ଖାପିବା (କ୍ରି) khapiba ଯୋଡ଼ିହେବା to be fixed

ଖାବାଳି (ବି) khabaḷi ଗଛର ଗଣ୍ଡିରେ ଦିଆଯାଉଥିବା କଟାଚିହ୍ନ hallowmark on the log

ଖାର (ବି) kharo ପାଉଁଶ ash

ଖାଳୁଆ (ବି) khaḷua ଖଡୁ bracelet

ଖାଳେଇ (ବି) khaḷei ଖାଳେଇ creel

ଖାସ (ବି) khaso କାଶ cough

ଖାସୁ (ବି) khasu ଖାସି castrated goat

ଖାଲି (ବିଣ) khali ଶୂନ୍ୟ empty

ଖିଆପିଆ (ବି) khiapia ଖିଆପିଆ eating and drinking

ଖିଆଲ (ବି) khial ଦେହୁ caprice

ଖିଆହାତ (ବି) khiahaṭa ଡାହାଣହାତ right hand

ଖିଚ୍ଳି (ବି) khicḷi ଖେଚେଡ଼ି hodge-podge

ଖିମ୍ପିବା (କ୍ରି) khimpiba ଠୁମ୍ପିବା to peck

ଖିମ୍ପେ (ବଣ) khimpe ଥଣ୍ଟର ଥରେ ଆଘାତ one pecking

ଖିରପାନ (ବି) khirɔpanɔ ଦୁଗ୍ଧପାନ milk-drinking

ଖିରି (ବି) khiri କ୍ଷୀରି pud

ଖିଲ୍କି (ବି) khiḷki ଖିଡ଼କି door-bolt

ଖିଲ (ବି) khilɔ କିଲା bolt

(ବି) khilɔ ବାହୁର ଉପର ଅଂଶ upper part of the arm

ଖିଲି (ବି) khili ପଦବୀ title

ଖୁ (ବଣ) khu ଅତ୍ୟନ୍ତ strongly

ଖୁଆବାଡ଼ି (ବି) khuabaḍi ଖୁଆଦଣ୍ଡ churning rod

ଖୁଆଳ (ବି) khuaḷɔ ଖୁଆଡ଼ cattle-pen

ଖୁଆଳିବା (କ୍ରି) khuaḷiba ଖୁଆଡ଼ରେ ପୂରାଇବା to put in cattle-shed

ଖୁଏଇବା (କ୍ରି) khueiba ଖୁଆଇବା to feed

ଖୁଚ୍ରା (ବି) khucra ରେଜାପଇସା small coins

ଖୁଚା (ବି) khuca ଛୋଟ ପତ୍ରକାଠି splinter

ଖୁଚି (ବି) khuci ମୁନିଆ ଡଙ୍କା (ଡାଙ୍ଗି) twig used in fencing

ଖୁଡ଼ିବା (କ୍ରି) khuḍiba ଖୋଳିବା to dig

ଖୁଣ୍ଟା (ବି) khuṇṭa ଖୁଣ୍ଟ post

ଖୁଣ୍ଟିବା (କ୍ରି) khuṇṭiba ଖୁଣ୍ଟିବା to collect picking one by one

ଖୁଦ (ବି) khudɔ ଖୁଦ broken rice

ଖୁମଆଳୁ (ବି) khumɔaḷu ଶମ୍ବଆଳୁ yam

ଖୁର (ବି) khurɔ କ୍ଷୌର ଅସ୍ତ୍ର razor

ଖୁରା (ବି) khura ଖୁରା hoof

ଖୁଲ୍ପା (ବି) khuḷpa ଖୋଲପା carpace

ଖୁଳ (ବି) khuḷɔ ଖୋଳ frame, sheath

ଖୁସ୍ଣି (ବି) khusṇi ଚଟୁ skimmer

ଖୁସା (ବି) khusa ପଣସକୋଷା

ଖୁସି (ବଣ) khusi ଖୁସି glad

ଖୁଲ (ବି) khulɔ ଗର୍ତ୍ତ hole

ଖୁଲ୍ଲା (ବଣ) khulla ଖୋଲା opened

ଖୁଲସ (ବଣ) khulas ମୁକ୍ତ free

ଖେଙ୍କା (ବଣ) kheŋka କଷାୟ astringent

ଖେଚଡ (ବଣ) khecḍɔ ବଦମାସ stupid

ଖେଞ୍ଚିବା (କ୍ରି) kheñciba ଖେଞ୍ଚିବା to poke

ଖେଜା (ବି) kheja ତାଳପତ୍ର ପୋଥି Palm leaf manuscript

(ବି) kheja ଅଂଶ barterd

ଖେଜ୍ରା (ବି) khejra ଏକ ପ୍ରକାର ମାଛ kind of fish

ଖେଜୁର (ବି) khejurɔ ଖର୍ଜୁର date palm

ଖେସାରି (ବି) khesari ଡାଲି ଜାତୀୟ ଶସ୍ୟ kind of peas

ଖେଳିଆ (ବି) kheḷia ଠେକୁଆ hare

ଖେଣ୍ଡ୍ରେଇବା (କ୍ରି) kheṇḍreiba କିଛି ଅଂଶ ଖଣ୍ଡି ନେବା to take a portion by poking

ଖେଣ୍ଡ୍ରି (ବି) kheṇḍri ପଙ୍ଗପାଳ locust

ଖେତି (ବି) kheti କ୍ଷତି loss

ଖେଦିବା (କ୍ରି) khediba ଘଉଡ଼େଇବା to drive away

ଖେବ୍ଚେଇବା (କ୍ରି) khebceiba ଅଯତ୍ନରେ କାଟିବା to cut (st) carelessly

ଖେମ୍ଚା (ବି) khemca ଘିଁଷା claw

ଖେମ୍ତା (ବି) khemta କ୍ଷମତା capacity

ଖେସୁ (ବି) khesu କାଛୁ itches

## ( ଗ )

ଗଇଁ (ବି) gɔĩ ଭଣୋଇ brother-in-law

ଗଇଁଠା (ବି) gɔĩṭha ଗୋଇଠା kick

ଗଉଣି (ବି) gɔuṇi ମାପବିଶେଷ a measure of grains

ଗଉଳ (ବି) gɔuḷɔ ଗଉଡ଼ milk-man

ଗଖୁର (ବି) gɔkhurɔ ଗୋଖର cobra

ଗଗ୍ରା (ବି) gɔgra ଗଗ୍ର metal pot

ଗଙ୍ଗ୍ରା (ବି) gɔŋgra ଗମ୍ଭିର ventilationless room

ଗଙ୍ଗେଇ (ବି) gɔŋgei ବାଜରା kind of corn

ଗଛ (ବି) gɔchɔ ଗଛ tree

ଗଜା (ବି) gɔja ଗଜା, ଅଙ୍କୁର germ

(ବି) gɔja ଖୋଞ୍ଚିଆ sharp

ଗଜେଇବା (କ୍ରି) gɔjeiba ଗଜାହେବା to germinate

ଗଞ୍ଜଣା (ବି) gɔñjɔṇa ଗଞ୍ଜଣା abuse

ଗଞ୍ଜା (ବି) gɔñja ଅଣ୍ଡିରା କୁକୁଡ଼ା cock

ଗଡ଼ (ବି) gɔḍ ଗୋଡ଼ leg

ଗଣକ (ବି) gɔṇkɔ କୋଷ୍ଠୀକାରକ person deals with horoscope

ଗଣାଗୁଣ୍ଠା (ବି) gɔṇaguṇṭha ଗଣାଗୁଣ୍ଠା counting

ଗଣେଶର (ବି) gɔṇesɔrɔ ଗଣେଶ୍ୱର Ganeswar

ଗଣ୍ଡମଳା (ବି) gɔṇḍmɔḷa ରୋଗବିଶେଷ mumps

ଗଣ୍ଡା (ବିଣ) gɔṇḍa ଚାରିଏକକ unit of four numbers

(ବି) gɔṇḍa ଅବୁ swelling, wart

ଗଣ୍ଡି (ବି) gɔṇḍi ମୋଟାକାଠ billet

ଗଣ୍ଡିର (ବି) gɔṇḍira ଗଣ୍ଠି bale

ଗଣ୍ଠି (ବି) gɔṇṭhi ଗ୍ରନ୍ଥି knot

ଗଣ୍ଠିଆ (ବିଣ) gɔṇṭhia ଗଣ୍ଠିଆ knobby

ଗଣ୍ଠେଇବା (କ୍ରି) gɔṇṭheiba ଗଣ୍ଠେଇବା to make knot

ଗତେଇବା (କ୍ରି) gɔteiba ଗଛାଇବା to leave in the custody of

ଗଦ୍‌ଗଦ (ବି) gɔdgɔdi ଜଳପ୍ରପାତ cascade

ଗଦାକରିବା (କ୍ରି) gɔdakɔriba ଗୋଟିଏ ସ୍ଥାନରେ ଜମା କରିବା to make a heap

ଗଧ (ବି) gɔdhɔ ଗଧ ass, donkey

ଗଧି (ବି) gɔdhi ଗୋଧି ସାପ iguana

ଗନ୍ଥା (ବି) gɔntha କନ୍ଥା garment of shreds

ଗନ୍ଧ (ବି) gɔndhɔ ଗନ୍ଧ scent

ଗନ୍ଧା (ବି) gɔndha ଧୂଣାଧୂପାଦି incense

ଗନ୍ଧାପଣା (ବି) gɔndhapɔṇa ଗନ୍ଧାଦି ଅର୍ପଣ offering of incense

ଗନ୍ଧି (ବି) gɔndhi ଏକପ୍ରକାର ପୋକ kind of insect

ଗପନ (ବିଣ) gɔpɔnɔ ଗୁପ୍ତ secret

ଗମ୍‌ଗମ୍ (ବିଣ) gɔmgɔm ଗମଗମ flow in a thin stream (trickle)

ଗମ୍ହା (ବି) gɔmha ବଳରାମଙ୍କ ଜନ୍ମଦିନ birth day of lord Balaram

ଗଭଡ଼ିଜିବା (କ୍ରି) gɔbhḍijiba ମା ପେଟରେ ଭ୍ରୁଣ ନଷ୍ଟହେବା misscarry

ଗରବ (ବି) gɔrɔb ଗର୍ବ Pride

ଗରଭ (ବି) gɔrɔbh ଗର୍ଭ womb

ଗର୍ଜିବା (କ୍ରି) gɔrḷiba ଗର୍ଜନ କରିବା to roar

ଗରହଣ (ବି) gɔrhɔṇɔ ଚନ୍ଦ୍ରଗ୍ରହଣ eclipse

ଗରଜ (ବି) gɔrɔj ପ୍ରୟୋଜନ necessity

ଗରମ୍ (ବି) gɔrɔm ଭାତ rice
(ବିଣ) gɔrɔm ଗରମ warm

ଗରାଖି (ବି) gɔrakhi ଗ୍ରାହକ customer

ଗରାଣ୍ଡି (ବି) gɔraṇḍi ଜନ୍ତୁବିଶେଷ kind of an animal

ଗରିବ୍ (ବିଣ) gɔrib ଗରିବ Poor

ଗରୁ (ବି) gɔru ଗୋରୁ cattle

ଗଳି (ବି) gɔḷi ସ୍ରୋତନାଳ drain

ଗଳିସ (ବି) gɔḷisɔ ମାଛବିଶେଷ gudgeon

ଗଳ୍ହ (ବି) gɔḷhɔ ଦୁର୍ଗ, ଗଡ଼ fort

ଗଳା (ବି) gɔḷa କଣ୍ଠ throat

ଗଳିଆ ଗଳିଆ (ବିଣ) gɔḷia gɔḷia ଗଡଗଡ଼ Piece by piece

ଗଳେଇବା (କ୍ରି) gɔḷeiba ଗଳାଇବା to pass through a hole

ଗସ୍ତ (ବି) gɔstɔ ଗସ୍ତ to visit

ଗହଣା (ବି) gɔhɔṇa ଅଳଙ୍କାର ornaments

ଗହଣ୍ଡିବା (କ୍ରି) gɔhɔṇḍiba ଗୁରୁଣ୍ଡିବା to crawl

ଗହଦି (ବି) gɔhɔdi ଝାଳ sweat

ଗହମ୍ (ବି) gɔhɔm ଗହମ wheat

ଗାଁ (ବି) gã ଗ୍ରାମ village

ଗାଅଣ (ବି) gaaṇɔ ଗାଇଣିଆ artiste

ଗାଇବା (କ୍ରି) gaiba ଗାଇବା to sing

ଗାଇ (ବି) gai ଗାଈ cow

ଗାଉଁଛା (ବି) gaũcha ଗାମୁଛା napkin

ଗାଜାମାଜା (ବି) gajamaja ବଡ଼ାଟେଆ expression of disapproval

ଗାଜିବା (କ୍ରି) gajiba ଗାଳିବା to rebuke

ଗାଞ୍ଜିଆ (ବି) gañjia ଥଳି Purse

ଗାଡ (ବି) gaḍɔ ଗାତ pit

ଗାଡ଼ି (ବି) gaḍi ଗାଡ଼ି cart

ଗାଣ୍ଡି (ବି) gaṇḍi ଗାଣ୍ଡି buttock

ଗାଣ୍ଡୁଆ (ବି) gaṇḍua ଝୁଡ଼ି scuttle

ଗାଦା (ବିଣ) gada ଗଦା heap

ଗାଦି (ବି) gadi ସିଂହାସନ thron

ଗାଦିଗାଦି (ବିଣ) gadigadi ପ୍ରଚୁର aboundant

ଗାଧିବା (କ୍ରି) gadhiba ଗାଧୋଇବା to bathe

ଗାବିବା (କ୍ରି) gabiba ପ୍ରୋଥିତ କରିବା to plant

ଗାର (ବି) garɔ ହଳ କରାଯାଇଥିବା ଗାର furrow

ଗାଳିହା/ଗାଡ଼ିଆ (ବି) gaḷiha/gaḍia ଗାଡ଼ିଆ pond

ଗାଲ୍ (ବି) gal କପୋଳ cheek

ଗାଲ୍ଟୁମ୍କି (ବି) galṭumki ଗାଲଫୁଲିବା glanders

ଗାଲ୍ସି (ବି) galsi ଗାଲସି gills

ଗିଜ୍ଳିବା (କ୍ରି) gijḷiba ଦାନ୍ତଦେଖାଇବା to snarl

ଗିଜ (ବି) gijɔ ଯୋନି vagina

ଗିତ (ବି) gitɔ ଗୀତ song

ଗିତାଳୁ (ବି) gitaḷu କବି poet

ଗିଧ (ବି) gidhɔ ଅଣ୍ଡିରି ଗେଣ୍ଡାଳିଆ grey crane (male)

ଗିଧି (ବି) gidhi ମସ୍ତିଷ୍କ ଭିତରର ନରମ ପଦାର୍ଥ brain

ଗିନା (ବି) gina ଗିନା metal

ଗିନି (ବି) gini ଗିନି Guinea

ଗିର୍ଧିନି (ବି) girdhini ମାଈ ଗେଣ୍ଡାଳିଆ grey crane (fem)

ଗିରଫ (ବି) girɔph ଗିରଫ arrest

ଗିରସ୍ତ (ବି) girɔstɔ ସ୍ୱାମୀ husband

ଗିରାଇବା (କ୍ରି) giraiba ପାଣିରେ ଲୁଗା ଝାଡିବା to net

ଗିରିସମ୍ (ବି) girisɔm ଗରମ warm, hot

ଗିରହା (ବ) giriha ମାଲିକ master

ଗିଲିବା (କି) giḷiba ଗିଳିବା to swallow

ଗିଲ୍‌ରି (ବ) gilri ଫୁଲବିଶେଷ kind of flower

ଗିଲସ (ବ) gilas ଗ୍ଲାସ glass

ଗିହାଲି (ବ) gihaḷi ଗିହାଳି fucked woman

ଗିହାଳୁ (ବ) gihaḷu ଦୁଷ୍ଟ ଚରିତ୍ର fucker

ଗୁଆ (ବ) gua ଗୁବାକ nut

ଗୁଆସାଁପ୍ (ବ) guasāp ଏଣ୍ଡୁଅଁ raptile that changes colour

ଗୁଚର (ବ) gucɔr ଗୋଚର pasture

ଗୁଚେଇବା (କି) guceiba ଫିଟାଇବା to release

ଗୁଛେ (ବଣ) guche ଗୋଛା a bunch of

ଗୁଜି (ବ) guji ଖେଳବିଶେଷ kind of Play

ଗୁଟ୍‌କିଆ (ବଣ) guṭkia ଅଲଗା separate

ଗୁଟ୍‌ମାଟିଆ (ବଣ) guṭmaṭia ଗୋଲାକାର ଗଠନାକୃତ ଶରୀର chubby

ଗୁଟି (ବ) guṭi ଗୋଲି small size ball of glass

ଗୁଠ (ବ) guṭhɔ ଗୋଠ, ସମାବେଶ gathering cattle pan

ଗୁଠାଣି (ବ) guṭhaṇi ଗୋଠ cattle pan

ଗୁଡା (ବ) guḍa ପଡ଼ିଆ ଜମି, ଉଚ୍ଚାଣିଆ ଜମି high level land

ଗୁଡାଇବା (କି) guḍaiba ପଛରେ ଧାଇଁବା to chase

ଗୁଡି (ବ) guḍi ଛୋଟ ପଥର, ଗୋଡି Pebble

ଗୁଡିମହନ (ବ) guḍimɔhɔnɔ ଏକ ପ୍ରକାର ବିଷାକ୍ତ ଫଳ kind of poisonous fruit

ଗୁଣ (ବ) guṇɔ ଚରିତ୍ର, ଗୁଣ character, quality

ଗୁଣା (ବି) guṇa ନାକର ଅଳଙ୍କାର nosering

(ବିଣ) guṇa ପୋଷା pet

ଗୁଣିଆ (ବି) guṇia ଗୁଣିଆ trickster

ଗୁଣ୍ଠ (ବି) guṇṭhɔ ଜମିର ମାପ ସମ୍ବନ୍ଧୀୟ certain measurement unit of land

ଗୁଣ୍ଡ୍‌ରି (ବି) guṇḍri ଏକ ଛୋଟ ପକ୍ଷୀ kind of bird

ଗୁଣ୍ଡଲି (ବି) guṇḍli ଏକ ପ୍ରକାର ଶସ୍ୟ kind of corn used as rice

ଗୁଣ୍ଡାଧୂଳି (ବି) guṇḍadhuḷi ମୂରୁଜ coloured Powders

ଗୁଣ୍ଡି (ବି) guṇḍi ଗୁଣ୍ଡିରୋଗ measles

ଗୁଣ୍ଡିଚ୍ଚ (ବି) guṇḍica ଗୁଣ୍ଡିଚ୍ଚ squirrel

ଗୁଟାମ୍ (ବି) gutam ବୋତାମ୍ button

ଗୁଦ୍‌ର (ବି) gudrɔ ଗୋଦର elephentiasis

ଗୁଦାମ୍ (ବି) gudam ଗୋଦାମ warehouse

ଗୁନ୍ଥିବା (ବି) gunthiba ଗୁନ୍ଥିବା to string together

ଗୁପ୍‌ଣି (ବି) gupṇi ବାଟୁଲି catapult

ଗୁପୁତି (ବି) guputi ଅସ୍ତ୍ରବିଶେଷ kind of weapon

ଗୁବ୍‌ର (ବି) gubrɔ ଗୋବର cowdung

ଗୁମିବା (କି) gumiba ଗରମ ପାଇବା to get warm

ଗୁମୁରା (ବି) gumura ମୁଥ fist

ଗୁମେଇବା (କି) gumeiba ଗରମ କରି ପାଚେଇବା to put under something to get warm

ଗୁରୁ (ବି) guru ଗୁରୁ guru

(ବିଣ) guru ଗୁରୁ late variety

ଗୁରୁଳି (ବି) guruḷi ଏକ ପ୍ରକାର ଫଳ kind of fruit

ଗୁଲ୍‌ମାଲ୍ (କି) guḷmaḷ ଗୋଲମାଳ disturbance

ଗୁଳ (ବି) guḷɔ ଗୁଡ଼ molasses

ଗୁଳାକ (ବି) guḷakɔ ଗୁଡ଼ାଖୁ mixture of tobacco and molasses

ଗୁଳି (ବି) guḷi ଗୁଳି bullet

ଗୁଳିଆ (ବିଣ) guḷia ଘୋଳିଆ Polluted

ଗୁଳିଆ କରିବା (କ୍ରି) guḷia kɔriba ଗୋଳିଆ କରିବା to pollute

ଗୁଳିବା (କ୍ରି) guḷiba ଗୋଳାଇବା to mix

ଗୁଲ୍ (ବି) gul ଗୋଲ୍ round

ଗୁଲାପି (ବିଣ) gulapi ଗୋଲାପି rosy, pink

ଗୁଲାଲୁ (ବି) gulalu ଆଳୁ potato

ଗୁଲେଇଚ (ବି) guleicɔ ଗୋଲମରିଚ black pepper

ଗୁସିଆଁ (ବି) gusiã ସ୍ୱାମୀ husband

ଗୁସୁ (ବି) gusu ଆଈ grand mother

ଗୁହ (ବି) guhɔ ବିଷ୍ଠା stool

ଗୁହାରି (ବି) guhari ଜଣାଣ prayer

ଗୁହାରିଆ (ବି) guharia ଜଣାଣକାରୀ Petitioner

ଗୁହିଗାଡ଼ (ବି) guhigaḍɔ ମିଥିଁଗାତ Foundation

ଗେଜ୍‌ରିବା (କ୍ରି) gejriba ବକ୍‌ବକ୍ ହେବା to talk meaningless

ଗେଜ୍‌ରେଇବା (କ୍ରି) gejreiba ବିରକ୍ତ କରିବା to perturb

ଗେଜେଡା (ବିଣ) gejeḍa ଦାନ୍ତୁଆ.toothed

ଗେଞ୍ଜି (ବି) geñji ଗଞ୍ଜି cardigan

ଗେଟ୍ (ବି) geṭ ଫାଟକ gate

ଗେଟିସ୍ (ବି) geṭis ଗାଳ botch

ଗେଣ୍ଠା (ବି) geṇṭha ବୃଥା invain

ଗେଣ୍ଡ୍‌ଲ (ବି) geṇḍlɔ ଶତପଦ centipede

ଗେଣ୍ଡା (ବି) geṇḍa ଗେଣ୍ଡା snail

ଗେଣ୍ଡୁ (ବି) geṇḍu ଫୁଲର କେଶର filament of a flower

ଗେଣ୍ଡେଇବା (କ୍ରି) geṇḍeiba ପ୍ରବୋଧିଇବା to persuade

ଗେଣ୍ଟୁରା (ବି) gentura ମାଛବିଶେଷ kind of fish

ଗେରୁଆ (ବିଣ) gerua ଗେରୁଆ ରଙ୍ଗ saffron colour

ଗେଲ୍‌ହ (ବି) gelhɔ ଆଦର love, affaction

( ଘ )

ଘଇତା (ବି) ghɔita ସ୍ୱାମୀ husband

ଘଟ୍‌କାନର୍ଦା (ବି) ghɔṭkanɔrda ଦୌଡ଼ running

ଘଟ୍‌କିବା (କ୍ରି) ghɔṭkiba ଦୌଡ଼ିବା to run

ଘଟ୍‌ଣା (ବି) ghɔṭṇa ଘଟଣା incident

ଘଟି (ବି) ghɔṭi ଲୋଟା jug

ଘର୍ (ବି) ghɔr ଘର house

ଘର୍‌ଜିଆଁ (ବି) ghɔrjiã ଘରଜୋଇଁଆ domestic-son-in-law

ଘରିକା (ପ୍ର) ghɔrika ବହୁବଚନାତ୍ମକ ପ୍ରତ୍ୟୟ plural marker

ଘଳି (ବି) ghɔḷi ଘଡ଼ି watch

ଘସ୍‌ର (ବି) ghɔsrɔ ଘୋଷାରିବା କାମ act of draging

ଘଷଣ (ବି) ghɔsṇɔ ଘର୍ଷଣ rubbing

ଘଷିବା (କ୍ରି) ghɔsiba ଘଷିବା to rub

ଘା (ବି) gha ଘା wound

ଘାଇ (ବି) ghai ଫକାଣ୍ଡି ପଥ breach to pass water

ଘାଇଲା (ବି) ghaila ଆହତ wounded

ଘାଗ୍‌ରା (ବି) ghagra ଏକପ୍ରକାର ଗରା kind of brass bowl

ଘାଗୁରି (ବି) ghaguri ଘୁଙ୍ଗୁର jingling bell

ଘାଟ (ବି) ghaṭɔ ଘାଟ wharf

ଘାଟିଆ (ବି) ghaṭia ଘାଟ ଜଗୁଆଳ wharfinger

ଘାଣ୍ଟିବା (କ୍ରି) ghaṇṭiba ଘାଣ୍ଟିବା to stir

ଘାନା (ବି) ghana ବଡ଼ହାତୁଡ଼ି sledge

ଘାର୍ଲି (ବି) gharḷi ସୂତା ସୁଗଇବା ଯନ୍ତ୍ର spindle

ଘାରିବା (କି) ghariba ଓଗାଳିବା to best

ଘାରି (ବି) ghari ପଞ୍ଜୁରି cage

ଘାସ (ବି) ghasɔ ଘାସ grass

ଘାସି (ବି) ghasi ଏକଜାତି low caste

ଘାଲିବା (କି) ghaliba ମାରିବା to kill

ଘି (ବି) ghi ଘିଅ ghee

ଘିଞ୍ଚିବା (କି) ghiñciba ଟାଣିବା to pull

ଘିନିପଳା (ବି) ghinipɔḷa ଧରିପଳେଇବା elopement

ଘିସ୍ରେଇବା (କି) ghisreiba ଘୋଷାରିବା to drag

ଘୁଗ୍ଗି (ବି) ghuggi ଘଣ୍ଟଛଡ଼ା burberry

ଘୁଗ୍ଗିଆଣି (ବି) ghuggiaṇi ଘୁଗ୍ଗି ଆଣୁଥିବା ସ୍ତ୍ରୀ woman who deals in burberry

ଘୁଞ୍ଚ୍ (କି) ghuñc ସ୍ଥାନାନ୍ତର ହେବା to move a little

ଘୁଣ୍ଟି (ବି) ghuṇṭi ଦେଶୀୟ ଔଷଧ country medicine

ଘୁଣ୍ଟୁରେଇବା (କି) ghuṇṭureiba ଘୁଙ୍ଗୁଡ଼ି ମାରିବା to snor while sleeping

ଘୁପିବା (କି) ghupiba ଗେଞ୍ଜିବା to pierce

ଘୁମେଇବା (କି) ghumeiba ଢୁଳାଇବା to drowse

ଘୁର୍ (ବିଣ) ghur ଘୋର, ପ୍ରବଳ dense, violent

ଘୁରଣ୍ (ବିଣ) ghurɔṇ ଘୂରୁଥିବା, ଘୂର୍ଣ୍ଣିମାନ revolving

ଘୁରି ପଡ଼ିବା (କି) ghuripɔḍiba ଫେରି ବୁଲି ପଡ଼ିବା to turn back

ଘୁରୁଘୁରିଆ (ବି) ghurughuria ଝିଙ୍କାରି cricket

ଘୁରୁଣା (ବି) ghuruṇa ଘୃଣା hatred

ଘୁରୁଲୁ (ବି) ghurulu ଏକଫଳ kind of fruit

ଘୁଲା (ବି) ghuḷa ଘୋଡ଼ା horse

ଘୁଲାକାଠ୍ (ବି) ghuḷakaṭh ଶିଡ଼ିକାଠ ladder

ଘୁଲିଆ କାଠ୍ (ବି) ghuḷiakaṭh ଛାତରେ ଲାଗୁଥିବା ଏକକାଠ a supporting staff used inroof

ଘୁସୁରୁ (ବି) ghusura ଘୁଷୁରି swine

ଘେର (ବି) gherɔ ବେଢ଼ boundry

ଘେନିବା (କି) gheniba କିଣିବା to buy, to carry

## ( ଚ )

ଚଇତ (ବି) cɔitɔ ଚୈତ୍ରମାସ march and April

ଚଈଁ (ବି) cɔĩ ଖଡ଼ା, ଲୁଈଁ spinage

ଚଉକାଠ୍ (ବି) cɔukaṭh ଦୁଆରବନ୍ଧ door frame

ଚଉକିଆ (ବି) cɔukia ଚୌକିଦାର chowkidar

ଚଉଠ (ବି) cɔuṭhɔ ଚଉଗ four-fold

ଚଉତି (ବି) cɔuti ଚଉପଦୀ leaf-cup

ଚଉଦ (ବିଣ) cɔudɔ ଚଉଦ fourteen

ଚକ୍ଳି (ବି) cɔkḷi ଚକୁଳି kind of cake

ଚକ୍ଳ (ବିଣ) cɔklɔ ସଙ୍କୁଚିତ shrunken

ଚକ (ବି) cɔkɔ ଚକ wheel

ଚଖେଇବା (କି) cɔkheiba ଝଘାଇବା to whet

ଚଗ୍ଟିବା (କି) cɔgṭiba ଗୋଳିବା to mix well

ଚଘରିବା (କି) cɔghriba ଘୋଷାରିବା to crawl

ଚଞ୍ଚ୍ଳିବା (କି) cɔñcḷiba ଚଞ୍ଚଳହେବା verb form of alaerity

ଚଟ୍ (କି. ବିଣ) cɔṭ ଶୀଘ୍ର quick

ଚଟ୍ଣି (ବି) cɔṭṇi ଚଟୁଣି sauce

ଚଟୁ (ବି) cɔṭu ଚଟୁ stick ladle

ଚଟେଇଦେବା (କ୍ରି) coṭeideba ଜିଭରେ ଲଗାଇ ଦେବା Put some thing on the tip of one's tongue

ଚଣା (ବି) coṇa ଡାଲିଜାତୀୟ ଶସ୍ୟ gram

ଚତ୍ରି (ବି) cotri ତୃଣଶୂନ୍ୟ ପଥୁରିଆ ସ୍ଥାନ grassless stony place

ଚଉଥ (ବିଣ) cotutho ଚତୁର୍ଥ fourth

ଚଉରମାସିଆ (ବି) coturmasia ବର୍ଷାଋତୁ rainy season

ଚଉରି (ବିଣ) coturi ଚତୁରୀ clever girl

ଚନ୍ଦନ (ବି) condno ଚନ୍ଦନ sandal wood

ଚମ୍କିବା (କ୍ରି) comkiba ଚମକିବା to feel alaram at

ଚମ୍ଲା (ବି) comḷa ଚମଡ଼ା leather

ଚମାର (ବି) comaro ମୋଚି cobbler

ଚମ୍ପଟ୍ (କ୍ରି. ବିଣ) କ୍ଷଣେ ଅଦୃଶ୍ୟ, କ୍ଷିପ୍ର ପଳାୟନ sudden flight

ଚମ୍ପାଫୁଲ (ବି) compaful ଚମ୍ପାଫୁଲ champak

ଚରଣ (ବି) corono ଚରଣ leg

ଚରାଇବା (କ୍ରି) coraiba ଚରାଇବା to pasture/ puttograze

ଚରିବା (କ୍ରି) coriba ଚରିବା to graze

ଚଲ୍କ (ବି) coḷko ଚଡ଼କ thunderbolt

ଚଲିବା (କ୍ରି) coḷiba ଜୀବନଯାପନ କରିବା to live

ଚଲ (ବି) cola ଚାଲୁଣୀ sieve

ଚସ୍ମା (ବି) cosma ଚଷମା spectacles

ଚସୁ (ବି) cosu ତୁଷ chaff

ଚହ୍କା (ବି) cohoka ଖୋଲା ସମତଳ ଭୂ ଭାଗ champaign

ଚହଟ୍ (ବିଣ) cohoṭ ଉଜ୍ଜ୍ୱଳ bright

ଚହରା (ବି) cohora ଚବୁତରା raised platform

ଚଲ୍କା (ବି) colka ଜଳ ଲହରୀ water waves

ଚଲ୍ହା (ବି) colha ଦହି curd

ଚଲେଇବା (କ୍ରି) coleiba ଚଳାଇବା to drive

ଚାଆର (ବି) caaro ଚାମର chowrie

ଚାଉଆ (ବି) caua ରୋଗ ବିଶେଷ, ଫାଟୁଆ ରୋଗ murrain

ଚାଉଳ (ବି) cauḷo ଚାଉଳ rice

ଚାକର୍ (ବି) cakor ଚାକର servent

ଚାକରି (ବି) cakiri ଚାକରୀ service

ଚାକୁ (ବି) caku ଛୁରୀ knife

ଚାକୁଣ୍ଡା (ବି) cakuṇḍa ଚାକୁଣ୍ଡା ଗଛ cassia tora

ଚାଖଲ (ବି) cakhḷo ଚାଖଣ୍ଡ span

ଚାଙ୍ଗୁ (ବି) caŋgu ଚାଙ୍ଗୁ ବାଦ୍ୟ changu drum

ଚାଞ୍ଚ୍ଲା (ବି) cañcḷa ଚାଞ୍ଚଡ଼ା cover of bamboo blade

ଚାଞ୍ଚ (ବି) cañco ମସିଣା mat

ଚାଞ୍ଚୁରି (ବି) cañcuri ବିବାହକାଳରେ କରାଯାଉଥିବା ଏକଖେଳ a play

ଚାଞ୍ଚିବା (କ୍ରି) cañciba ଚାଞ୍ଚିବା to scrape

ଚାଟ୍ସାଲି (ବି) caṭsaḷi ଚାଟଶାଳୀ village school

ଚାଟିଆ (ବି) caṭia ଘରଚଟିଆ sparrow

ଚାଦ୍ର (ବି) cadro ଚାଦର upper cloth

ଚାନ୍ଦକୁଲି (ବି) candkuḷi ଏକପ୍ରକାର ମାଛ kind of fish

ଚାନ୍ଦ (ବି) cando ଚନ୍ଦ୍ର moon

ଚାନ୍ଦା (ବି) canda ଚାନ୍ଦା subscription

ଚାପ୍ଲ (ବି) caplo ଚାପଡ଼ slap

ଚାପ୍ଲି (ବି) capli ଚପଲ slipper

ଚାପ୍ସରି (ବି) capsori ଏକପ୍ରକାର ଅଳଙ୍କାର an ornament worm around the neck

ଚାପିନିକଣ୍ଟା (ବି) capinikoṇṭa ମୁଣ୍ଡକଣ୍ଟା hair pin

ଚାମୁଚ୍ (ବି) camucu ଚାମୁଚ spoon

ଚାର୍ (ବଣ) car ଚାର four

ଚାର୍ଡାଳିଆ (ବଣ) carḍaḷia ଚଉମାଠିଆ flat

ଚାର (ବି) car ଏକପ୍ରକାର୍ କୋଳ kind of fruit

ଚାରଣି (ବି) carɔṇi ପଚଶ ପଇସି a four anna piece

ଚାରା (ବି) cara ଚାରା plant

ଚାରଆଲେ (ବଣ) cariaḷe ଚାରଆଡ଼େ everywhere

ଚାଳ (ବି) caḷɔ ଚାଳ roof

ଚାଲେଇବା (କ୍ରି) caḷeiba ପଶୁମାନଙ୍କୁ ଭୟଭୀତ କରାଇବା to rouse

ଚାହା (ବି) caha ଚା tea

ଚାହାଟ (ବି) cahaṭɔ ମାଛବିଶେଷ kind of fish

ଚାହିଁବା (କ୍ରି) cahĩba ଚାହିଁବା to look

ଚାହୁଁରି (ବି) cahũri ଚଅଁର chowri

ଚାଲାକିଆ (ବଣ) calakia ଚତୁର cunning

ଚାଲିବା (କ୍ରି) caliba ଚାଲିବା to walk

ଚିଆର୍ (ବି) ciar ଚୌକି chair

ଚିଆଳ (ବି) ciaḷɔ ଏକପ୍ରକାର୍ ଶର kind of an arrow

ଚିଆଁ (ବି) ciã କୁକୁଡ଼ା ଛୁଆ chiken

ଚିଏଁଇବା (କ୍ରି) ciẽiba ଚେଁଦେବା to brand with hot iron

ଚିକଣ୍ (ବଣ) cikɔṇ ଚିକ୍କଣ polished

ଚିଗିଲେଇବା (କ୍ରି) cigileiba ଥଟ୍ଟା କରିବା to play joke, to hoax

ଚିଙ୍ଗ୍ଲା (ବି) ciggḷa ଚିଙ୍ଗୁଡ଼ି prown

ଚିଟ୍କଜଳା (ବି) ciṭkɔjɔḷa ଏକପ୍ରକାର୍ ଜଡା kind of castor

ଚିଟ୍କିବା (କ୍ରି) ciṭkiba ଛିଟିକି ପଡ଼ିବା to squirt

ଚିଟ (ବି) ciṭɔ ଆଖିର ମଇଳା rheum from the eyes

ଚିଠି (ବି) ciṭhi ଚିଠି letter

ଚିଠିଘର (ବି) ciṭhighɔr ଡାକଘର post-office

ଚିତର୍କାବର (ବଣ) citɔrkabɔr ଚିତ୍ରବିଚିତ୍ର briedled

ଚିନ୍ତା (ବି) cinta ଚିନ୍ତା thought

ଚିନ୍ତର୍ (ବି) cintɔr ଏକପ୍ରକାର୍ ମାଛ kind of fish

ଚିପ୍ଲିବା (କ୍ରି) cipḷiba ଚିପୁଡ଼ିବା to wring

ଚିପା (ବଣ) cipa ଚିପା tight

ଚିର୍ଗୁଣି (ବି) cirguṇi ଭୂତ hobgoblin

ଚିପାଲଇଟ୍ (ବି) cipalaiṭ ଟର୍ଚ୍ଚ torch

ଚିର (ବି) cirɔ ପଶୁର ସ୍ତନାଗ୍ର milking artery of animals

ଚିରିବା (କ୍ରି) ciriba ଚିରିବା to tear .

ଚିଲ୍କଝିଟିକା (ବି) ciḷkɔjhiṭika ଏକପ୍ରକାର୍ ଝିଟିକା kind of grass hopper

ଚିଲ (ବି) cilɔ ଚିଲ kite

ଚିଲିକ୍ଚିତା (ବଣ) cilikcita ଛଇଳା showy, frolicsome

ଚୁଅ (ବି) cuɔ କୂଅ well

ଚୁଏଇବା (କ୍ରି) cueiba ଝରିବା to stream

ଚୁଙ୍ଗି (ବି) cuggi ବାଉଁଶଲ୍ୟାମ୍ପ wick lamp

ଚୁଙ୍ଗିତେଲ (ବି) cuggitelɔ କିରାସିନ kerosine

ଚୁଚୁମିବା (କ୍ରି) cucmiba ଚୁମ୍ବିବା, ଚକ୍ଚକ୍ କରି ଖାଇବା to suck

ଚୁଟ (ବି) cuṭɔ ଚୋଟ, ଦଂଶନ sting

ଚୁଟ୍କି (ବି) cuṭki ଚୁଟୁକି pigtail

ଚୁଟି (ବି) cuṭi ବାଳ hair

ଚୁଟିଆ (ବିଣ) cuṭia ଦୁର୍ଦ୍ଦାନ୍ତ atrocious

ଚୁନ୍ମଲା (ବି) cunmɔḷa ଗୁଣ୍ଡାଗୁଣ୍ଡି tobbaco dust

ଚୁନା (ବି) cuna ଚାଉଳଗୁଣ୍ଡି rice powder

ଚୁପ୍ (ବି) cup ନୀରବ silent

ଚୁପ୍ରା (ବି) cupra ଚୋପା rind

ଚୁବେଇବା (କ୍ରି) cubeiba ଚୋବାଇବା to chew

ଚୁମ (ବି) cumɔ ଚୁମ୍ବନ kiss

ଚୁର୍ହ (ବି) curhɔ ଚୋର thief

ଚୁରିବା (କ୍ରି) curiba ଗୁଣ୍ଡକରିବା to make power

ଚୁଳ (ବି) cuḷɔ ଶୀର୍ଷ peak

ଚୁଳା (ବି) cuḷa ଚୁଡ଼ା pressed rice

ଚୁହାଳି (ବି) cuhaḷi ଓଠ lip

ଚୁହିବା (କ୍ରି) cuhiba ଚୋଷିବା to suck

ଚୁଲ୍ହି (ବି) culhi ଚୁଲି oven

ଚୁଲିମ (ବି) culimɔ ଧୂମପାନନଳୀ smoking-pipe

ଚେକ୍ଲା ଘାସ୍ (ବି) cekḷaghas ଏକ ପ୍ରକାର ଘାସ kind of grass

ଚେକା (ବି) ceka ଚେକା circular peice

ଚେଙ୍କା (ବିଣ) ceŋka ଖଟା sour

ଚେଙ୍କେଇବା (କ୍ରି) ceŋkeiba ଧାସଦେବା to give a brand by fire

ଚେଉଁପେଉଁ (ବି) ceũpeũ ମୂଷାରଧ୍ୱନି squeak

ଚେଙ୍ଗ୍ରିବା (କ୍ରି) ceŋgriba ବଡ଼ଆଖିରେ ଚାହିଁବା to look with expanded eye

ଚେଙ୍ଗ୍ଲ (ବି) ceŋglɔ ଚେଙ୍ଗମାଛ gilt head

ଚେଜ୍ପତର (ବି) cejPɔtɔr ତେଜପତ୍ର cinmamonium obtusifolium

ଚେଣ୍ଟ୍ରିହାତ୍ (ବି) cenṭrihat ବାମହାତ left hand

ଚେଣ୍ଡ୍ରି (ବି) cenḍri ଧାନର ଏକ ରୋଗ a disease to paddy

ଚେତା (ବି) ceta ଚେତନା consiousness

ଚେତା ଗାରିଆ (ବିଣ) cetagaria ସଚେତନ conseious

ଚେନି (ବି) ceni ଚିନି sugar

ଚେପା (ବିଣ) cepa ଚେପା Pressed inside

ଚେର (ବି) cerɔ ଚେର root

ଚେରେଷ୍ଟା (ବି) ceresṭa ଚେଷ୍ଟା trial

ଚେଲ (ବି) cela ଚେଲା tuft-hunter

ଚେହେରା (ବି) cehera ରୂପ appearance

## ( ଛ )

ଛ (ବିଣ) chɔ ଛଅ six

ଛଉ (ବି) chɔu ଛଉନାଚ chhou dance

ଛଉର (ବି) chɔurɔ ପରସ୍ତ ply

ଛକ (ବି) chɔkɔ ଛକ cross road

ଛଟ୍କ (ବି) chɔṭkɔ ଛଟକ show, beauty

ଛଟ୍କି (ବିଣ) chɔṭki ଛଟକ showy

ଛଟର୍ପଟର (ବିଣ) chɔṭɔrpɔṭɔr ରସିକ merry maker

ଛଟା (ବି) chɔṭa ରସିକ କଥା bantering, badinage

ଛଟାଙ୍ଗି (ବି) chɔṭaŋgi ୨୫୦ ଗ୍ରାମ୍ one fourth of a k. g.

ଛଡା/ଛଳା (ବି) chɔḍa/chɔḷa ଛଡ଼ା heifer

ଛଣି (ବି) chɔṇi ଶଣ flax, hemp

ଛତୁ (ବି) chɔtu ଛତୁ mushroom

ଛନ୍ମନିଆ (ବିଣ) chɔnmɔnia ଚପଳ giddy

ଛନ୍ଦ୍ଲିବା (କ୍ରି) chɔndḷiba ବାନ୍ଧିବା, ଛନ୍ଦିବା to entrap

ଛନ୍ଦ୍ଲାପଘା (ବି) chɔndḷapɔgha ପଘା tether

ଛଣ୍ଡା (ବି) chɔṇḍa ଅବିବାହିତ ଯୁବକ unmarried youth

ଛପ୍‌ର (ବି) chɔprɔ ଛପର roof

ଛପିବା (କ୍ରି) chɔpiba ଲୁଚିବା to hide

ଛବି (ବି) chɔbi ଛବି picture, art

ଛଲିବା (କ୍ରି) chɔliba ଛେଲିବା to scrape

ଛାଇବା (କ୍ରି) chaiba ଛପର କରିବା to cover the roof

ଛାଉଣିଆ (ବି) chauṇia ଯିଏ ଘର ଛାଏଁ the person who covers the roof

ଛାଙ୍କିବା (କ୍ରି) chaŋkiba ଛାଣିବା to filter

ଛାଙ୍କା (ବିଣ) chaŋka ଛଣା filtered

ଛା ବା (କ୍ରି) chaciba ଚେର ଧରିଯିବା to send out roots and begin to grow

ଛାଞ୍ଚ (ବି) chañcɔ ଛାଞ୍ଚ frame

ଛାଟ୍‌ଣି (ବି) chaṭṇi ଛାଟ୍‌ଣି bamboo shoots

ଛାଡ୍‌ରି/ଛାଲ୍‌ରି (ବିଣ) chaḍri/chaḷri ଘରଛଡ଼ା divorced

ଛାତି (ବି) chati ଛାତି chest

ଛାତ୍ର (ବି) chatrɔ ଛାତ୍ର student

ଛାପା (ବି) chapa ଛାପା printed

ଛାଳିବା (କ୍ରି) chaḷiba ଛାଡ଼ିବା to leave

ଛାଲ (ବି) chalɔ ଛାଲ skin

ଛାୟା (ବି) chaya ସାୟା pettcoat

ଛିଆଣି (ବି) chiaṇi ଛପର roofing

ଛିଙ୍କିବା (କ୍ରି) chiŋkiba ଛିଙ୍କିବା to sneeze

ଛିଛିକର (ବିଣ) chichikɔr ଘୃଣ୍ୟ contemptuous

ଛିଟ (ବିଣ) chiṭɔ ଛାପିଦେବା chintz

ଛିଟିଆ (ବିଣ) chiṭia ଅସମ୍ପୂର୍ଣ୍ଣ incomplete

ଛିଣିବା (କ୍ରି) chiṇiba ଛିଣିବା to catch

ଛିଣ୍ଡା (ବିଣ) chiṇḍa ଛିଣ୍ଡା torn

ଛିଣ୍ଡିବା (କ୍ରି) chiṇḍiba ଛିଣ୍ଡିବା to tear

ଛୁଆ (ବି) chua ଛୁଆ baby

ଛୁଆଳି (ବିଣ) chuaḷi ପ୍ରସୂତିକା begoty

ଛୁଁଆଛନ୍ଦା (ବି) chũachɔnda ଅସ୍ପୃଶ୍ୟତା touchablity

ଛୁଇଁବା (କ୍ରି) chuĩba ଛୁଇଁବା to touch

ଛୁଞ୍ଚି (ବି) chuñci ଛୁଞ୍ଚି needle

ଛୁଞ୍ଚିଆ (ବିଣ) chuñcia ମୁନିଆ pointed sharp

ଛୁଟରାୟ (ବି) chuṭray ଶ୍ରେଷ୍ଠରାୟ younger brother of the king

ଛୁଟି (ବି) chuṭi ଛୁଟି offday

ଛୁତ (ବି) chutɔ ମୂତ୍ର urine

ଛୁତିକା (ବି) chutika ପ୍ରସବ ଜନିତ ଅପବିତ୍ରତା impurity caused by child birth

ଛୁରି (ବି) churi ଛୁରୀ knife

ଛେଙ୍କିବା (କ୍ରି) cheŋkiba ଛେଙ୍କିବା to confront, to hinder

ଛେଚିବା (କ୍ରି) checiba ଛେଚିବା to crush

ଛେଣି (ବି) cheṇi ଘାସ fodder

ଛେଟେଲ (ବିଣ) chetela ଚେପେଲା pressed, flat

ଛେଦ (ବି) chedɔ ବଳି animal offering

ଛେଦିବା (କ୍ରି) chediba କାଟିବା to cut, to chop

ଛେନା (ବି) chena ଛେନା cheese

ଛେନିକି (ବିଣ) cheniki ଭୟଭୀତା frightened girl

ଛେପ୍ (ବି) chep ଛେପ spittle

ଛେମ୍‌ଲା (ବି) chemḷa ଛାୟାମଣ୍ଡପ awning made of leaf

ଛେମ୍‌ଡିଆ (ବି) chemḍia ଅରକ୍ଷିତ orphan

ଛେର (ବି) cherɔ କ୍ଷୌର shaving

ଛେରବଣି (ବି) cherabɔṇi ବଣି myna

ଛେରବା (କ୍ରି) cheriba ଛେରବା to give up loose stool

ଛେଳା (ବି) cheḷa ଛିଟା spatter

ଛେଳି (ବି) cheḷi ଛେଳି goat

ଛେଳିଆଟ୍କା (ବି) cheḷia ଛେଳି ଜଗୁଆଳ goat-watcher

ଛେଲା (ବି) chela କିଆର plot

## ( ଜ )

ଜଁ (ସର୍ବ) jɔ̃ ଯେଉଁ that, which

ଜଅଁଳା (ବି) jɔ̃ɔḷa ଯାଆଁଳା twin

ଜଇଗଁ (ବି) jɔigɔ̃ ଯଜ୍ଞ sacrifice

ଜଇନ୍ (ବି) jɔin ସଂଯୋଗ combination

ଜଉ (ବି) jɔu ଜଉ paste, lac

ଜଉତୁକ (ବି) jɔutukɔ ଯୌତୁକ dowry

ଜଉବନ (ବି) jɔubɔnɔ ଯୌବନ youth

ଜଗନାଥ୍ (ବି) jɔgɔnath ଜଗନ୍ନାଥ Lord Jaganath

ଜଙ୍କେଇବା (କ୍ରି) jɔŋkeiba ଉପରେ ଥୁପଦେବା to put load on something

ଜଙ୍ଗ (ବି) jɔŋgɔ ଜଂଘ thigh

ଜଙ୍ଗଲ୍ (ବି jɔŋgɔl ଜଙ୍ଗଲ forest

ଜଞ୍ଜଳା (ବି) jɔñjḷa ଏକ ପ୍ରକାର ଶସ୍ୟ kind of corn

ଜଞ୍ଜାଳ (ବି) jɔñjaḷɔ ଜଞ୍ଜାଳ burden, trouble

ଜଟ (ବି) jɔṭɔ ଜଟ knotty hair

ଜଟାଧାରି (ବି) jɔṭadhari ସାଧୁ saint

ଜଡ଼ା (ବି) jɔḍa ଅମୃତଭଣ୍ଡା papaya

ଜଣ୍ଡା (ବି) jɔṇḍa ଜଡା black pismire

ଜତନ (ବି) jɔtɔnɔ ଯତ୍ନ care

ଜତା (ବି) jɔta ତେଲ୍ ନିଗାଡ଼ିବା ବେଳେ ବ୍ୟବହାର ହେଉଥିବା ପୁଡ଼ା pressing packet

ଜନ୍ତ୍ର (ବି) jɔntrɔ ଯନ୍ତ୍ର machine

ଜନ୍ତ୍ରି (ବି) jɔntri ପେଷଣ ପଥର mill stone

ଜନ୍ତା (ବି) jɔnta ଜନ୍ତା pressing machine

ଜନ୍ତୁ (ବି) jɔntu ଜନ୍ତୁ animal

ଜନ୍ତେଇବା (କ୍ରି) jɔnteiba ଚିପିବା to press

ଜନ୍ମ (ବି) jɔnmɔ ଜନ୍ମ birth

ଜନ୍ହ (ବି) jɔnhɔ ଜହ୍ନ moon

ଜନ୍ହି (ବି) jɔnhi ଜହ୍ନି luff Acutaṇgula

ଜମ୍କିବା (କ୍ରି) jɔmkiba ଆନନ୍ଦର ଶୀର୍ଷରେ ପହଞ୍ଚିବା to culminate

ଜମ (ବି) jɔmɔ ଯମ yama

ଜମା (ଅ°) jɔma ଆଦୌ at all

ଜମି (ବି) jɔmi ଜମି land

ଜମିଦାର (ବି) jɔmidar ଜମିଦାର land lord

ଜମିନାପ (ବି) jɔminapɔ ଜମିମାପ land measurement

| | |
|---|---|
| ମାଣ | maṇɔ |
| ଗୁଣ୍ଠ | guṇṭhɔ |
| ବିସୁଆ | bisua |
| ନଠା | nɔṭha |
| ଜରିବ୍ | jɔrib |

ଜର୍ (ବି) jɔr ଜ୍ୱର fever

ଜରକା (ବିଣ) jɔrka ଦନ୍ତଦନ୍ତିଆ marshy

ଜରୁଆ (ବିଣ) jɔrua ଅସୁସ୍ଥ sick

ଜରେଇବା (କ୍ରି) jɔreiba ଜ୍ୱରହେବା to suffer from feaver

ଜଲିଗଛ୍ (ବି) jɔḷigɔch ଅଶ୍ୱତ୍ଥ ଗଛ PeePul tree

ଜଳିଦେବା (କ୍ରି) jɔḷideba ପୂରଣ କରିବା to fill

ଜଲ୍ଦି (କ୍ରି. ବିଣ) jɔldi ଶୀଘ୍ର quick

ଜଲ (ବି) jɔlɔ ଶିଉଳ moss

ଜସ୍ନା (ବି) jɔsna ଜ୍ୟୋତ୍ସ୍ନା moonbeam

ଜୟ (ବି) jɔy ଜୟ acclamation

ଜହର (ବି) jɔhɔrɔ ବିଷ poison

ଜା (ବି) ja ଭଉଜାୟା wife of husband's brother

ଜାଗ (ବି) jagɔ ଜଗୁଆଳ watchman

ଜାଗା (ବି) jaga ସ୍ଥାନ place

ଜାଗିବା (କ୍ରି) jagiba ଜଗିବା to guard

ଜାଙ୍କିବା (କ୍ରି) jaŋkiba ଚୁପଦେବା to press

ଜାଚିବା (କ୍ରି) jaciba ଯାଚିବା to offer

ଜାଡ (ବିଣ) jaḍɔ ଥଣ୍ଡା chill

ଜାଣିବା (କ୍ରି) jaṇiba ଜାଣିବା to know

ଜାତ୍କ (ବି) jatkɔ ଜାତକ horoscope

ଜାତ୍ର (ବି) jatra ଯାତ୍ରା festival

ଜାତି (ବି) jati ଜାତି caste

ଜାତିଆ (ବିଣ) jatia ଜାତିଆ indigenous well-bred

ଜାଦୁ (ବି) jadu ଜାଦୁ ring-worm

ଜାଦୁଆ (ବିଣ) jadua ଜାଦୁଆ ring-worm affected person

ଜାବ୍କିବା (କ୍ରି) jabkiba ଜାବୁଡିବା to catch by hand in mud

ଜାବତ୍ (ଅ) jabɔt ପର୍ଯ୍ୟନ୍ତ till

ଜାବତିୟ (ବିଣ) jabɔtiyɔ ନାନାବିଧ variety

ଜାବୁଳିବା (କ୍ରି) jabuḷiba ଜାବୁଡିବା to hold tightly

ଜାମୁ (ବି) jamu ଜାମୁକୋଳି black berry

ଜାମୁଗଛ (ବି) jamugɔch ଜାମୁଗଛ black berry tree

ଜା'ର୍ (ସର୍ବ) jaar ଯାହାର somebody's

ଜାଳ (ବି) jaḷɔ ଉତ୍ତାପ heat

ଜାଲ୍ (ବି) jal ଜାଲ net

ଜିଆଗଛ (ବି) jiagɔch ଜିଆଗଛ kind of tree

ଜିଇଁତା (ବିଣ) jiĩta ଜୀବନ୍ତ animated

ଜିଇଁତି (ଅ) jiĩti ଯେପରି as

ଜିଏ (ସର୍ବ) jie ଯିଏ who

ଜିକ୍ଜିକ୍କରିବା (କ୍ରି) jikjikkɔriba ଝଟକିବା to glitter

ଜିନ୍ହେବା (କ୍ରି) jinheba ଜୀର୍ଣ୍ଣହେବା to be digested

ଜିନ୍ତିବା (କ୍ରି) jintiba ଜୟଲାଭ କରିବା to win

ଜିଭ (ବି) jibhɔ ଜିହ୍ୱା tongue

ଜିମାଦେବା (କ୍ରି) jimadeba ଅନ୍ୟର ତତ୍ତ୍ୱାବଧାନରେ ରଖିବା to place in the custody of

ଜିହଲ (ବି) jihɔl ଜେଲ୍ jail

ଜୁଆଣ (ବିଣ) juaṇ ଯୁବକ young

ଜୁଆର/ଜୁହାର (ବି) juar/juhar ଜୁହାର salutation

ଜୁଅଦେବା (କ୍ରି) juadeba ଗଜୁରିବା to germinate

ଜୁଆଁୟ (ବି) juãy ଜ୍ୱାଇଁ son-in-law

ଜୁଇଧ (ବି) juidhɔ ଯୁଦ୍ଧ fighting

ଜୁଏଇବା (କ୍ରି) jueiba ପାଣିରେ ରଖିବା to keep in water

ଜୁଗ (ବି) jugɔ ଯୁଗ age

ଜୁଗାଳିବା (କ୍ରି) jugaḷiba ପ୍ରସ୍ତୁତ କରିବା to prepear

ଜୁଗିତି (ବି) jugiti ଯୁକ୍ତି argument

ଜୁଗି (ବି) jugi ଯୋଗୀ saint

ଜୁଟିବା (କ୍ରି) juṭiba ଜୁଟିବା, ଏକତ୍ରିତ ହେବା to assemble

ଜୁଟେଇବା (କ୍ରି juṭeiba ଏକତ୍ର କରିବା, ଯୋଗ କରିବା to aggregate

ଜୁତ (ବି) jutɔ ଜୁଆଳରେ ବନ୍ଧାଯାଉଥିବା ଦଉଡ଼ି rope tied with plough beam

ଜୁତ୍ତା (ବି) jutta ଜୋତା shoes

ଜୁଦ୍ରି (ଅ°) judri ଯଦି if

ଜୁଦି (ଅ°) judi ଯଦି if

ଜୁବ୍ରା (ବି) jubra ଅସନା, ଅଳିଆ dirt

ଜୁବସ୍ତ (ବି) jubɔstɔ ଯୌବନ youth

ଜୁବାକାଳ (ବି) jubakaḷɔ ଯୌବନ youth

ଜୁରୁମାନା (ବି) jurumana ଜୋରିମାନା penality

ଜୁଲି (ବି) juḷi ଯୋଡ଼ି Pair

ଜେଙ୍କ (ବି) jeŋkɔ ଜୋକ leech

ଜେଙ୍ଗ୍ଲା (ବିଣ) jeŋgla ଅପରିଷ୍କାର dirty

ଜେଙ୍ଗେଲ୍ ମେଙ୍ଗେଲ୍ (ବିଣ) jeŋgel meŋgel ଅପରିଷ୍କାର dirty

ଜେଝାର୍ (ସର୍ବ) jejhar ସେ ସାହାର themselves

ଜେଠ (ବି) jeṭhɔ ଅଣନାତି grand grand son

ଜେଠି (ବି) jeṭhi ଦେଠେଇ aunt

ଜେତେବେଲେ (ଅ) jetebeḷe ଯେତେବେଳେ while

( ଝ )

ଝୋଟି (ବି) Jhɔṭi ଝୋଟି drawing by liquidated rice

ଝୋଟୁଆ (ବି) Jhɔṭua ଶିମ୍ବ bean

ଝଣ (ବି) Jhɔṇ ଗଣ number

ଝଣା (ବି) Jhɔṇa ଚାଲୁଣି sieve

ଝଠ (ବି) Jhɔti ଜ୍ୟୋତି lustre

ଝଳିଆ (ବି) Jhɔḷia ଝଡ଼ continuous rain

ଝପ୍ଝପ୍ (କ୍ରିବିଣ) Jhɔpjhɔp ଅନୁକରଣାତ୍ମକ ଶବ୍ଦ onomatopoetic word

ଝରଣିନାଳ (ବି) Jhɔṇinaḷɔ ଝରଣା stream

ଝରିବା (କ୍ରି) Jhɔriba ଝରିବା to flow

ଝଳା (ବି) Jhɔḷa ବାଲୁଙ୍ଗା wild paddy

ଝଳିଜିବା (କ୍ରି) Jhɔḷijiba ଝଡ଼ିଯିବା to weaken

ଝଲ୍କା (ବି) Jhɔlka ଜଲକା shortsightedness

ଝଲ୍ସିବା (କ୍ରି) Jhɔlsiba ଆଖିକୁ ନ ଦେଖାଯିବା to blear

ଝଲ (ବି) Jhɔlɔ ପରଳ catract

ଝଲମଣି (ବି) Jhɔlamɔṇi ଝୋଲାମୁଣ୍ଡି satchel

ଝାଇଁ (ବିଣ) Jhaĩ ଅଧିକ ଉତ୍ତାପପ୍ରାପ୍ତ excess heated

ଝାଞ୍ଜ (ବି) Jhañjɔ ଝାଞ୍ଜ cymbal

ଝାଞ୍ଜଲି (ବି) Jhañjḷi ହାଣ୍ଡିଆ rice-bear

ଝାଟି (ବି) Jhaṭi ଝଟା wattle

ଝାମ୍ପ (ବି) Jhampɔ ଫାଟକର ଦ୍ୱାର gate door

ଝାମ୍ପି (ବି) Jhampi ତାଳପତ୍ର ଟୋପି palmleaf hat

ଝାମ୍ପୁଲି (ବିଣ) Jhampuli ଝାମ୍ପୁରି clustered head

ଝାଲ୍ଖଣ୍ଡ (ବି) Jhaḷkhɔṇḍ ବଣ୍ଡୁଆମୂଳକ land of forest

ଝାଲ୍ଖେସୁ (ବି Jhaḷkhesu ଝାଳଗିମିରି a skin disease due to excessive heat

ଝାଳା (ବି) Jhaḷa ମଳ stool

ଝାଳିବା (କ୍ରି) Jhaḷiba ଝାଡ଼ିବା to shed

ଝାଲି (ବି) Jhali ଥାଳିକ brass plate

ଝାଲିଆ (ବି) Jhalia ମୟୂର ପୁଚ୍ଛ Peacocks trail

ଝି/ଝିଅ (ବି) Jhi/Jhiɔ ଝିଅ daughter

ଝିଙ୍କ (ବି) Jhiṇkɔ ଝିଙ୍କ hedgehog

ଝିଙ୍କା (ବି) Jhiŋka ଝିଙ୍କା knob of woven

ଝିଙ୍କାରି (ବି) Jhiŋkari ଝିଙ୍କାରି cricket

ଝିଙ୍ଗା (ବି) Jhiŋga ଜହ୍ନି Luffa Acutangula

ଝିଣା (ବି) Jhiṇa କାଚବଳା bangle

ଝିଣ୍ଟିବା (କି) jhiṇṭiba ପାଣି ଛିଟିବା to spatter

ଝିଟିକା (ବି) jhiṭika ଝିଟିକା grasshopper

ଝିଟିପିଟି (ବି) jhiṭiPiṭi ଝିଟିପିଟି lizard

ଝିପ୍ (ବି) jhip ଜିପ jeep

ଝିପ୍‌ରିପାଣି (ବି) jhipripaṇi ଝିପିଝିପି ବର୍ଷା drizzling

ଝିଲ୍‌ଝାଲ୍ (ବି) jhiljhal ଝଲଝଲ, ମିଟିମିଟି twinkling

ଝୁଙ୍କ୍ (ବି) jhuŋk ଉତ୍ସାହ whim

ଝୁଙ୍କା (ବି) jhuŋka ଥୋପା bunch

ଝୁଙ୍କିବା (କି) jhuŋkiba ଆଗ ବା ପଛକୁ ଝୁଙ୍କି ପଡ଼ିବା to lean forward or downward

ଝୁଟି (ବି) jhuṭi ଝୋଟ jute

ଝୁଣ୍ଟିଆ (ବି) jhuṇṭia ପାଦର ଅଳଙ୍କାର ବିଶେଷ ornament worn on leg

ଝୁଣ୍ଟିହେବା (କି) Jhuṇṭiheba ଝୁଣ୍ଟିବା to stumble

ଝୁମ୍‌କାବାତ (ବି) Jhumkabat ଗୋରୁଙ୍କୁ ହେଉଥିବା ଏକରୋଗ a disease of caltle

ଝୁମ୍‌କା (ବି) Jhumka ଝୁମୁକା an instrument that gives twinkling sound

ଝୁମ୍ପିବା (କି) Jhumpiba ମୁଣ୍ଡବୁଲାଇବା to make dizzy

ଝୁର୍‌କା (ବି) Jhurka ଝରକା window

ଝୁର୍‌ସୁର୍ (କି. ବିଣ) Jhursur ଜୋର ଜୋର forcefully

ଝୁରିବା (କି) Jhuriba ଦୁଃଖ କରିବା, ଝୁରି ହେବା to bemoan

ଝୁଲ୍‌ଝୁଲିଆ (ବିଣ) Jhuljhulia ବାଲିଆ, ଧୂଳିଆ dusty

ଝୁଲ (ବି) Jhulɔ ଝୋଲ soup

ଝୁଲା (ବି) Jhula ଜୁଡ଼ା chignon

ଝୁଲି (ବି) Jhuli ଝୁଡ଼ି basket

ଝୁଲଣ ଭିଖାରି (ବି) Jhulɔṇɔ bhikhari ଏକପ୍ରକାର ଭିକାରୀ a type of beggar

ଝୁଲ୍ (ବି) Jhula ମାଟି ବହିବା ଝୋଲ a kind of carrier

ଜୁଲେଇବା (କି) Jhuleiba ଝୁଲାଇବା to swing

ଝୁରା (ବି) Jhura ମାଛ ବିଶେଷ kind of fish

ଝେପ୍‌ଲା (ବିଣ) Jhepla ଢିଲା loose

ଝେଲ୍‌ରି (ବି) Jhelri ଝାଲର fringe

## ( ଟ )

ଟକ୍‌ଲି (ବି) ṭɔkli ଟୋକୀ lass

ଟକବକ (ବିଣ) ṭɔkɔbɔkɔ ପାଣିଫୁଟିବା ଶବ୍ଦ boiling sound

ଟଙ୍କା (ବି) ṭɔŋka ଟଙ୍କା money

ଟଟ୍ଣିମକ୍‌କା (ବି) ṭɔṭṇimɔkka ଏକ ପ୍ରକାର ମକା one variety of maize

ଟଡ଼ା (ବି) ṭɔḍa ମୋଟାଠେଙ୍ଗା cudgel

ଟଣ୍ଟ୍‌ଲି (ବି) ṭɔnṭli ପକ୍ଷୀମାନଙ୍କ ତଣ୍ଟିରେ ଥିବା ଖାଦ୍ୟଥଳି foodbag in the throat of birds

ଟଣ୍ଟି (ବି) ṭɔnṭi ତଣ୍ଟି rhroat

ଟପ୍ର (ବି) ṭɔprɔ ଟୋପି cap

ଟପା (ବି) ṭɔpa ତେଲମାପ metal cup especially used to measure oil

ଟଭା (ବି) ṭɔbha ଏକ ଫଳ kind of fruit

ଟଲ୍‌ଟଲିଆ (ବିଣ) ṭɔlṭɔlia ଶୁଖିଲା dried

ଟଳିବା (କ୍ରି) ṭɔḷiba ଓଲଟି ପଡ଼ିବା to turn over

ଟର୍କ (ବି) ṭɔrkɔ ଟ୍ରକ୍ Truck

ଟସ୍ର (ବି) ṭɔsrɔ ଟସର silk-worm

ଟହଟହ (ବଣ) ṭɔhɔṭɔhɔ ସତେଜ, ଉଜ୍ଜ୍ୱଳ bright

ଟାଇମି (ବି) ṭaimi ସମୟ time

ଟାଇଲି (ବି) ṭaili ଟାଇଲ୍ tile

ଟାକୁରା (ବି) ṭakura ଜଳନ୍ତା ଅଙ୍ଗାର burning charcoal

ଟାଙ୍କ୍ରେଇବା (କ୍ରି) ṭaŋkreiba ଅଣ୍ଟାରେ ଲୋମଟାଙ୍କୁରିବା to horripilat

ଟାଙ୍ଗ୍ରା (ବି) ṭaŋgra ଟାଙ୍ଗରା bald

ଟାଙ୍ଗର (ବି) ṭaŋgɔrɔ ପଥର stone

ଟାଙ୍ଗିଆ (ବି) ṭaŋgia ଟାଙ୍ଗିଆ hatchet

ଟାଟର୍ (ବି) ṭaṭɔr ଚୁଞ୍ଚା thing made of bamboo blades

ଟାଟି (ବି) ṭaṭi ତାଟି wattle

ଟାଟିଆ (ବି) ṭaṭia ଗିନା goblet

ଟାଡ଼ (ବି) ṭaḍɔ ବାହୁ armlet

ଟାଣ୍ (ବଣ) ṭaṇ ଟାଣ, ଶକ୍ତ hard

ଟାଣିବା (କ୍ରି) ṭaṇiba ଟାଣିବା to stretch

ଟାଣ୍ଟୁ (ବଣ) ṭaṇṭu ପତ୍ରହୀନ leafless

ଟାପ୍ରା (ବି) ṭapra ଥଟ୍ଟା joke

ଟାମ୍ପ (ବି) ṭamp ଷ୍ଟାମ୍ପ stamp

ଟିକ୍ଲି (ବି) ṭikli ଟିକା wafer

ଟିକଟ୍ (ବି) ṭikɔṭ ଟିକଟ ticket

ଟିକା (ବି) ṭika ଟୋପା mark on the brow

ଟେଡ଼ିବା (କ୍ରି) ṭeḍiba ଠେଲିବା to push

ଟେଣ୍ଟା (ବି) ṭeṇṭa ଟେଣ୍ଟା harpoon

ଟେଣ୍ଡା (ବି) ṭeṇḍa ଟେଣ୍ଡା water lifiting crane

ଟେବୁଲ୍ (ବି) ṭebul ମେଜ table

ଟେମ୍ପିରିଆ (ବଣ) ṭempiria ଫୁଟାଣିଆ, ଗର୍ବୀ proudy

ଟେର୍ (ବଣ) ṭer ମଗ୍ନ sunken

ଟେଳା (ବି) ṭeḷa ଟେଳା clod of earth

ଟେସନ (ବି) ṭesɔn ଷ୍ଟେସନ station

## ( ଠ )

ଠକ୍ଲ (ବି) ṭhɔkla ମୁଗୁର wooden mallet

ଠକ (ବଣ) ṭhɔkɔ ମିଥ୍ୟା false, hypocrisy

ଠକିବା (କ୍ରି) ṭhɔkiba ଠକିବା to cheat

ଠକୁଆ (ବଣ) ṭhɔkua ପ୍ରତାରକ hypocrite

ଠଣ୍ଟ (ବି) ṭhɔṇṭɔ ଥଣ୍ଟ beak

ଠଲ୍କା (ବି) ṭhɔḷka ଗୋରୁ ବେକରେ ବନ୍ଧାଯାଉଥିବା କାଠଘଣ୍ଟି cow-bell

ଠାଏ ଠାଏ (କ୍ରି. ବଣ) ṭhae ṭhae ସ୍ଥାନେ ସ୍ଥାନେ in some places

ଠାକୁର (ବି) ṭhakurɔ ଠାକୁର lord

ଠାକୁରାଣି (ବି) ṭhakurani ଠାକୁରାଣୀ deity, goddess

ଠାଣୁ (ଅ) ṭhaṇu ଠାରୁ from

ଠାଣେ (ଅ) ṭhaṇe ଠାରେ at, with, in

ଠାର (ବି) ṭharɔ ଇଙ୍ଗିତ beck

ଠାସ (ବି) ṭhasɔ ସାଠକଥା puzzle

ଠିଆ (ବି) ṭhia ଛିଡ଼ା standing

ଠିକ୍ (ବଣ) ṭhik ଠିକ୍ correct

ଠିକଣା (ବି) ṭhikiṇa ଠିକଣା address

ଠୁକୁରେଇବା (କ୍ରି) ṭhukureiba ଠୋକର ଦେବା to knock

ଠୁକୁରା (ବି) ṭhukura କାଠହଣା wood pricker

ଠୁଙ୍ଗୁରି (ବି) ṭhuɟguri ବାଦ୍ୟ ବିଶେଷ kind of musical instrument

ଠୁଟ୍ଲ (ବିଣ) ṭhuṭla ସାଫସୁତୁରା, ସଫା clean, weeded out

ଠୁଣ୍ଟି (ବିଣ) ṭhunṭi ଥୁଣ୍ଟା lopped up

ଠୁପେ (ବିଣ) ṭhupe ଟୋପାଏ capful

ଠୁଲ୍ହେବା (କ୍ରି) ṭhulheba ଏକଜିତ ହେବା to assemble

ଠୁଲବା (କ୍ରି) ṭhulɔba ଠୁଳାଇବା, ସଂଗ୍ରହ କରିବା to collect

ଠେକା (ବି) ṭheka ଠେକା basket

ଠେକେଇବା (କ୍ରି) ṭhekeiba ଜଳାଇବା to put into fire

ଠେଙ୍ଗା (ବି) theɟga ଠେଙ୍ଗା staff

ଠେଙ୍ଗେଇବା (କ୍ରି) ṭheɟgeiba ଠେଙ୍ଗାରେ ପିଟିବା to beat with staff

ଠେଣ୍ଟଲ (ବିଣ) ṭhenṭlɔ ପରବିହୀନ Featherlecs

ଠେଲାଗାଡ଼ି (ବି) ṭhelagaḍi ଠେଲାଗାଡ଼ି trolly

ଠେସିବା (କ୍ରି) ṭhesiba ଉଦ୍ଭଟିବା to come forward

## ( ଡ )

ଡଅଁରିଆ (ବି) ḍɔɔ̃ria ତେଣ୍ଡରିଆ talisman

ଡଗ୍ର (ବି) ḍɔgrɔ ସାକ୍ଷୀ witness

ଡଗର୍ (କ୍ରି) ḍɔgɔr ଅନୁସରଣ କରିବା to follow

ଡଙ୍କ (ବି) ḍɔɟkɔ ଡେଙ୍କ shoot

ଡଙ୍କେଇବା (କ୍ରି) ḍɔɟkeiba କଅଁଳିବା to shoot

ଡଙ୍ଗା (ବି) ḍɔɟga ଡଙ୍ଗା boat

ଡଙ୍ଗାଳିଆ (ବି) ḍɔɟgaḷia ନାବିକ boatman

ଡଣ୍ଡ (ବି) ḍɔnḍɔ ଦଣ୍ଡ punishment

ଡଣ୍ଡା (ବି) ḍɔnḍa ଲଗୁଡ଼ staff

ଡଣ୍ଡାହାଡ (ବି) ḍɔnḍahaḍɔ ମେରୁହାଡ଼ back-bone

ଡଣ୍ଡେ (ବିଣ) ḍɔnḍe ଦଣ୍ଡେ a while

ଡବା (ବି) ḍɔba ଡବା metal case

ଡବଲ୍ (ବିଣ) ḍɔbɔl ଦୁଇଗୁଣ double

ଡମ/ଡୁମ (ବି) ḍɔmɔ/ḍumɔ ହରିଜନ low caste

ଡର୍ହ (ବି) ḍɔrhɔ ଡର fear

ଡର୍ହୁଆ (ବିଣ) ḍɔrhua ଡରୁଆ fearful, timid

ଡଲ (ବି) ḍɔla ଡଲ largetray of wicker work

ଡହଳ (ବି) ḍɔhɔḷɔ ଡାଳ branch

ଡାଇଁ (ବି) ḍaĩ ଖେଜୁରି ଡାଳ bough of date-palm

ଡାକିବା (କ୍ରି) ḍakiba ଡାକିବା to call

ଡାକୁ (ବି) ḍaku ଡକାୟତ dacoit

ଡାକୁଆ (ବି) ḍakua ଡାକୁଆ summon bearer

ଡାଙ୍ଗ (ବି) ḍaɟgɔ ଡାଙ୍ଗ twig

ଡାଙ୍ଗେଇବା (କ୍ରି) ḍaɟgeiba ଘାଣ୍ଟିବା to stir

ଡାଢ଼ି (ବି) ḍaḍhi ମାଈ କୁକୁଡ଼ା hen

ଡାଣ୍ଡ (ବି) ḍanḍɔ ଦାଣ୍ଡ way

ଡାଣ୍ଡି (ବି) ḍanḍi ଏକ ପ୍ରକାର ଗୀତ type of song

ଡାଣ୍ଡିଆ (ବି) ḍanḍia ଦୂତ, ଘଟକ gobetween, matchmaker

ଡାଫ୍ଣ (ବି) ḍaphṇɔ ଡାମଣ bodkin

ଡାବ (ବି) ḍabi ଈଶ plough beam

ଡାବୁଣି (ବି) ḍabuṇi ଢାଙ୍କୁଣି lid

ଡାଳି (ବି) ḍaḷi ଏକ ପର୍ବ a fstival of Bathudi people

ଡାଲିମ (ବ) ḍaḷimɔ ଡାଳିମ୍ବ pomegranate

ଡାଲି (ବ) ḍali ଡାଲି dal

ଡାହା (ବ) ḍaha ଚିତା pyre

ଡାହାଣି/ଡାଆଣି (ବ) ḍahaṇi ଡାହାଣୀ kitch

ଡାହି (ବ) ḍahi ପତିତ ଜମି waste land

ଡିଆଁ (ବ) ḍiã ଡିଆଁ jump

ଡିଆ (ବ) ḍia ମାଛ ବିଶେଷ kind of fish

ଡିଆସିଲି (ବ) ḍiasili ଦିଆସିଲି match box

ଡିଙ୍ଗ୍ରା (ବ) ḍiŋgra ଏକ ପ୍ରକାର ପୋକ kind of worm

ଡିଗ୍ରି (ବ) ḍigri ଡିଗ୍ରୀ decree

ଡିଡିବା (କ୍ରି) ḍiḍiba ପ୍ରସ୍ତୁତ ହେବା to prepear

ଡିଣ୍ଡା (ବ) ḍinḍa ଅବିବାହିତ ଯୁବକ ବା ବ୍ୟକ୍ତି unmarried person

ଡିପୁ (ବ) ḍipu କେନ୍ଦ୍ର centre

ଡିବି (ବ) ḍibi ଡିବି kerosin burner

ଡିହ (ବ) ḍihɔ ଘରବାଡ଼ି site of dwelling

ଡୁଙ୍ଗା (ବ) ḍuŋga ଏକ ପ୍ରକାର ଗୃହ ସାମଗ୍ରୀ kind of an article

ଡୁବ୍ (କ୍ରି) ḍub ବୁଡ଼ିବା to sink

ଡୁମ୍ରି (ବ) ḍumri ଏକ ପ୍ରକାର ଫଳ kind of fruit

ଡୁମ୍ (ବ) ḍum ବଲ୍ବ bulb

ଡୁମ (ବ) ḍumɔ ଜାତିବିଶେଷ low caste

ଡୁରି (ବ) ḍuri ଡୋରି chord

ଡୁଲି (ବ) ḍuli ଡୋଲି big size basket

ଡେଁ (କ୍ରି) ḍẽ ଡେଇଁବା to jump

ଡେକ୍ଚି (ବ) ḍekci ଡେକ୍ଚି casserole

ଡେଗା (ବ) ḍega ଦୀର୍ଘ ଲମ୍ଫ lope

ଡେଙ୍ଗା (ବିଣ) ḍeŋga ଡେଙ୍ଗା tall

ଡେଡ୍ରା (ବିଣ) ḍeḍra ଅଚେତ ଓ ଅଚଳ stiffed, unmovable

ଡେଣା (ବ) ḍeṇa ଡେଣା wing

ଡେଣ୍ଡେଇ (ବ) ḍenḍei ମାଛ ବିଶେଷ kind of fish

ଡେର୍ (କ୍ରି) ḍer ଡେରିବା to keep in leaning position

ଡେରା (ବ) ḍera ତମ୍ବୁ tent

ଡେରାଦେବା (କ୍ରି) ḍera deba ତମ୍ବୁପକାଇବା to camp

## ( ଢ )

ଢଙ୍କ୍ରିବା (କ୍ରି) ḍhɔŋkriba ଗର୍ଜନ କରିବା to roar

ଢଙ୍ଗ (ବ) ḍhɔŋgɔ ଶୈଳୀ, ରୀତି style

ଢଣ୍ଡ (ବ) ḍhɔnḍɔ ଧଣ୍ଡ ସାପ water snake

ଢଡ୍ରା (ବିଣ) ḍhɔḍra ଫମ୍ପା hollow

ଢଳିବା (କ୍ରି) ḍhɔḷiba ଗଡ଼ି ପଡ଼ିବା tumble down to the ground

ଢାଙ୍ଗୁଆ (ବ) ḍhaŋgua ଯୁବକ young boy

ଢାଙ୍ଗୁଲି (ବ) ḍhaŋguli ଯୁବତୀ young girl

ଢାବୁଆ (ବ) ḍhabua ଛାତ ceiling

ଢାଳିବା (କ୍ରି) ḍhaḷiba ଢାଳିବା to pour

ଢାଲୁ ଢାଲୁ (ବିଣ) ḍhaluḍhalu ଏକ ଆକାର a type of shape

ଢିପ (ବ) ḍhipɔ ଉଚ୍ଚଭୂମି highland

ଢୁକିବା (କ୍ରି) ḍhukiba ପଶିବା to enter

ଢୁକେ (ବିଣ) ḍhuke ଢୋକେ mouthful

ଢୁକେଇବା (କ୍ରି) ḍhukeiba ପୁରାଇବା to insert

ଢୁଣ୍ଡ୍ରା (ବ) ḍhunḍra ଢେଣ୍ଡୁରା announcement

ଢୁଣ୍ଡ୍ରି (ବି) ḍhuṇḍri ଶାଳେଇ creel

ଢୁଲ (ବି) ḍhulɔ ଢୋଲ drum

ଢୁଲିଆ (ବି) ḍhulia ଢୋଲିଆ drumer

ଢୁଲୁବାଡ଼ିଆ (ବଣ) ḍhulubaḍia ପିଲ ପଡ଼ିବା ଅବସ୍ଥା drumlike due to impregnation

ଢେଙ୍କି (ବି) ḍheŋki ଢିଙ୍କି husking pedal block with liver

ଢେମ୍ଣା (ବି) ḍhemṇa ସାପଢେଣ hybrid cobra

(ବି) ḍhemṇa ଉପପତି paramour

ଢେମ୍ଣି (ବି) ḍhemṇi ଉପପତ୍ନୀ leman

ଢେର (ବି) ḍher ପ୍ରଚୁର enough

## ( ତ )

ତଅଁର (ବି) tɔ̃rɔ ଧଡ଼ି border

ତକ୍ଲି (ବି) tɔkli ତାକୁଡ଼ି spindle

ତଖଣ୍ (ଅଂ) tɔkhɔṇ ସେତେବେଳେ at that time

ତତ (କି) tɔtɔ ଗରମ କରିବା to heat

ତତିଲ (ବଣ) tɔtila ଗରମ hot, warm

ତଥାପି (ଅଂ) tɔthapi ତଥାପି yet

ତର (ସର୍ବ) tɔrɔ ତର your

ତରିବା (କି) tɔriba ବଚାଇବା to be saved

ତଲରାଇବା (କି) tɔlɔraiba ତରଳାଇବା to melt

ତପ (ବି) tɔpɔ ତପ penauce

ତପଇସା (ବି) tɔpɔisa ତପସ୍ୟା penance

ତଫାତ୍ (ବି) tɔphat ପ୍ରଭେଦ difference

ତମ୍ବୁ (ବି) tɔmbu ତମ୍ବୁ tent

ତରାସ (ବି) tɔrasɔ ଅଲୌକ ଜ୍ୟୋତିଃ lustre

ତରଡ଼ (ବି) tɔrɔḍɔ ଲମ୍ବାଜହ୍ନି Luffa Acutangula

ତଳ (କିବଣ) tɔḷɔ ତଳ down

ତଳା (ବି) tɔḷa ତଳ seedling

ତଳିଆ (ବଣ) tɔḷia ପରବର୍ତ୍ତୀ later

ତଳିପାଦ (ବି) tɔḷipadɔ ତଳିପା sole

ତସ୍ଲ (ବି) tɔsla ତସଲା wide mouthed brass cooking pot

ତସିଲ୍ଦାର (ବି) tɔsildar ତହସିଲ୍ଦାର Tahasildar

ତାଇ (ବି) tai ତାଇ big sized flat frying pan

ତାକତ୍ (ବି) takɔt ଶକ୍ତି strength

ତାଡ଼ିବା (କି) taḍiba ଯାତ୍ରା ଆରମ୍ଭ କରିବା to start a Journey

ତାର୍କଥା (ବି) tarkɔtha ତାରବାର୍ତ୍ତା telephone

ତାର୍ (ସର୍ବ) tar ତାହାର his/her

ତାଳ (ବି) taḷɔ ତାଳ palm

ତାଳୁ (ବି) taḷu ମୁଣ୍ଡ head

ତାସ (ବି) tasɔ ଚାଷ cultivation

ତାହାନେ (ଅଂ) tahane ତାହାହେଲେ, ତେଣୁ so

ତିଆରିବା (କି) tiariba ତିଆରି କରିବା to prepear

ତିକିସା (ବି) tikisa ଚିକିତ୍ସା treatment

ତିତି (ବି) titi ଚିତିସାପ kind of snake

ତିଥି (ବି) tithi ଚନ୍ଦ୍ରଦିବସ lunarday

ତିନ୍ (ବଣ) tin ତିନ୍ three

ତିନ୍କାନିଆ (ବି) tinkania ଏକପ୍ରକାର କଣ୍ଟା caltrop

ତିନ୍ତେଇବା (କି) tinteiba ଓଦାକରିବା to wet

ତିରିଲ (ବି) tirila ସ୍ତ୍ରୀ wife

ତିଲଉ (ବି) tiḷɔu ତିଳଫୁଲ sesamum flower

ତୁଇ (ସର୍ବ) tui ତୁ, ତୁମେ you

ତୁଉଣ (ବି) tuuṇɔ ତରକାରି curry

ତୁଉନ୍ (ବିଣ) tuun ମୌନ silence, mum

ତୁଡ଼ି (ବି) tuḍi ମାଛବିଶେଷ, ତୋଡ଼ି ell

ତୁଣିହେବା (କି) tuṇiheba କାଦୁଅରେ ମୁଣ୍ଡ ପୁରାଇ ପଡ଼ିରହିବା to lie silently in mud

ତୁନ୍ତୁଳି (ବି) tuntuḷi ତେନ୍ତୁଳି tamarind

ତୁପିବା (କି) tupiba ପୋତିବା to bury

ତୁମ୍ଳା କରିବା (କି) tumḷakɔriba ମୁହଁ ଫୁଲାଇବା to bloat mouth

ତୁମ୍ହେ (ସର୍ବ) tumhe ତୁମ୍ଭେମାନେ you

ତୁମା (ବି) tuma ଲାଉଖୋଳ calabash

ତୁରନ୍ତ୍ (କ୍ରିବିଣ) turɔnt ଶୀଘ୍ର sudden

ତୁରାଣି (ବି) turaṇi ତୋରାଣି rice water

ତୁଲିବା (କି) tuḷiba ତୋଳିବା to pluck

ତୁସ (ବି) tusɔ ତୁଷ chaff

ତେଣିକି (କ୍ରିବିଣ) teṇiki ତା'ପରେ then

ତେତ୍କ (ବିଣ) tetkɔ ସେତକ that much

ତେନ୍ତୁଆ (ବି) tentua ବୁଢ଼ିଆଣି spider

ତେଭେ (ଅ) tebhe ତଥାପି yet

ତେମ୍ତି (ଅ) temti ସେହିପରି like that, such

ତେର୍ତିଆ (ବି) tertia ଚୂଡ଼ାଖିଆ a day on which paddy sowing festival is observed

ତେର (ବିଣ) terɔ ତେର thirteen

ତେଲ (ବି) telɔ ତେଲ oil

ତେଲି (ବି) teli ତେଲି oil man

ତେଲିଆ (ବିଣ) telia ତେଲିଆ soaked with oil

## ( ଥ )

ଥୟ (ବିଣ) thɔy ସ୍ଥିର calm

ଥକା (ବିଣ) thɔka କ୍ଲାନ୍ତ tired

ଥକିବା (କି) thɔkiba କ୍ଲାନ୍ତ ହୋଇ ପଡ଼ିବା to get tired

ଥତ୍ମତେଇବା (କି) thɔtmɔteiba ଥତମତ ହେବା to fumble

ଥତ୍ଲେଇବା (କି) thɔtḷeba ଖନେଇବା to stammer

ଥନ (ବି) thɔnɔ ସ୍ତନ bosom

ଥବ୍ଳି (ବିଣ) thɔbḷi ଅଥର୍ବ old woman

ଥରେ (କ୍ରିଣ) thɔre ଏକଦା once

ଥଳି (ବି) thɔḷi ସ୍ଥଳୀ, ପର୍ବତସ୍ଥ ଉପତ୍ୟକା ravine

ଥାକ (ବି) thakɔ ଓଜନ ପଥର weight

ଥାକପଲ୍ (ବି) thakɔpɔli ତରାଜୁ balance

ଥାନ (ବି) thanɔ ସ୍ଥାନ place

ଥାପ୍ନା (ବି) thapna ସ୍ଥାପନା establishment

ଥାଲି (ବି) thaḷi ଥାଳି plate

ଥିତା (କି) thita ଥାନ୍ତା woude

ଥିର (ବିଣ) thirɔ ସ୍ଥିର motionless

ଥୁ (ଜପାତ) thu ଘୃଣାସୂଚକ note of contempt

ଥୁବ୍ଲୁ (ବିଣ) thublu ଦଣ୍ଡା blunted

ଥୁମ୍ନି (ବି) thumṇi ଘଣ୍ଟୁର ମୁହଁ Jaw

ଥୁଳେ (ବିଣ) thuḷe ଥୋଡ଼ା few

ଥେଟାରି (ବି) theṭari ଥଟାରି (କଂସା ତିଆରି ଶ୍ରେଣୀ ନିର୍ମାଣ କରନ୍ତି) a community

ଥେଟାରି ପାହୁଲ (ବି) theṭaripahuḷɔ ଏକ ପ୍ରକାର ଅଳଙ୍କାର kind of braclet

## ( ଦ )

ଦଇବ (ବି) dɔibɔ ଭାଗ୍ୟ fate

ଦଉଡ (ବି) dɔuḍɔ ଦ୍ୱିତୀୟ ଥର କର୍ଷଣ second time ploughing

ଦଉଡ଼େଇବା (କ୍ରି) dɔuḍeiba ଦ୍ୱିତୀୟ ଥର ପାଇଁ କର୍ଷଣ କରିବା to plough for second time

ଦଉଳ (ବି) dɔuḷɔ ଦେଉଳ temple

ଦଉଳା (ବି) dɔuḷa ଦଉଡ଼ି rope

ଦଖଲ୍ (ବି) dɔkhɔl ମାଲିକାନା possession

ଦଖଲ୍ (ବି) dɔkhɔl ଆଘାତ wound

ଦଖିଣ (ବି) dɔkhiṇɔ ଦକ୍ଷିଣ south

ଦଣ୍ଡକିଆ (ବିଣ) dɔṇḍkia ଅଳ୍ପ ସମୟ

ଦନ୍ଦ (ବି) dɔndɔ ଦ୍ୱନ୍ଦ୍ୱ conflict

ଦପିଁଖା (ବି) dɔp̃ɔkha forked road

ଦବାଟି (ବି) dɔbaṭi ଚୌଛକ crossroad

ଦମ୍କିଲ (କ୍ରି) dɔmkila କମ୍ପିଲା vibrated

ଦମେ (ବିଣ) dɔme ପ୍ରଚୁର enough

ଦର୍କାର (ବିଣ) dɔrkar ଆବଶ୍ୟକ wanted

ଦର୍ସନ୍ (ବି) dɔrsɔn ଦର୍ଶନ seeing, visiting

ଦର୍ହ (ବି) dɔrhɔ ନଦୀ ମଧ୍ୟରେ ଥିବା ଗଭୀର ଅଞ୍ଚଳ deep point in river

ଦରାଣ୍ଡିବା (କ୍ରି) dɔraṇḍiba ଦରାଣ୍ଡିବା to grope in dark

ଦରିଆ (ବି) dɔria ଦରରେ at the rate of

ଦଳ (ବି) dɔḷɔ ଦଳ group

ଦଳିବା (କ୍ରି) dɔḷiba ଦଳିବା to knead

ଦଲ୍କ (ବି) dɔlkɔ ଥଣ୍ଡା severe cold

ଦଲଣ (ବି) dɔlaṇɔ କୋଠା ଘରର ସମ୍ମୁଖରେ ଥିବା ଛାତ vaulted roof

ଦଲରି (ବି) dɔlari ଦଲାଲ broker

ଦସ୍ (ବିଣ) dɔs ଦଶ ten

ଦସ୍ରା (ବି) dɔsra ଦଶହରା tenth day of the bright fort night of Aswina

ଦସ୍କତ୍ (ବି) dɔskɔt ଦସ୍ତଖତ signture

ଦସ୍ତୁର୍ (ବି) dɔstur ପ୍ରକୃତି nature

ଦହୁରା (ବି) dɔhura ମନ୍ତ୍ର charm

ଦହୁରି (ବି) dɔhuri ପୂଜକ priest

ଦାଁତ (ବି) dãtɔ ଦାନ୍ତ tooth

ଦାଁତୁଆଣି (ବି) dãtuaṇi ଜଳଖିଆ, ଦାନ୍ତଘଷି ସାରିବା ପରେ ଖାଇବା breakfast

ଦାଉ ଦାଉ (ବିଣ) daudau ଉଜ୍ଜ୍ୱଳ bright

ଦାଉଲି (ବି) dauli ଦା sickle

ଦାଗ (ବି) dagɔ ଚିହ୍ନ brand

ଦାଗି (ବି) dagi ଦାଗୀ ଦୋଷୀ convict

ଦାଣ୍ଟ (ବିଣ) danṭɔ ଠାଣ hard

ଦାଦା (ବି) dada ବାପାଙ୍କ ବାପା grand father

ଦାନ (ବି) danɔ ଦାନ gift

ଦାନା (ବି) dana ପଶୁଖାଦ୍ୟ bait

ଦାଣ୍ଡେଇବା (କ୍ରି) danḍeiba କଢେଇବା to guide

ଦାପ (ବି) dapɔ ପଦ୍ମାସନ lotus gesture

ଦାପିବା (କ୍ରି) dapiba ପାଣିରେ ଦୀର୍ଘ ସମୟ ରହିବା to sit in water for a long time

ଦାବୁଡ଼ିବା (କ୍ରି) dabuḍiba ନଖ ସାହାଯ୍ୟରେ ଚିରିବା for scratch by nail

ଦାମ୍ (ବି) dam ଦାମ୍ rate

ଦାମ୍ଲିଆ (ବି) damḷia ଦାମଡ଼ା young bullock

ଦାରୁ (ବି) daru ମଦ wine

ଦାଲ୍ହି (ବି) daḷhi ଦାଢ଼ି beard

(ବି) daḷhi ମାଉଉକୁଣି mother louse

ଦିଅର (ବି) diɔrɔ ଦେବର husband's younger brother

ଦିଆଣି (ବି) diaṇi ଧାଈ wet-nurse

ଦିନ (ବି) din ପ୍ରତିଦିନ, ଦିନ every-day

ଦିନ୍ସ (ବି) dinsɔ ଜିନିଷ things

ଦିନେ (ବଣ) dine ଦିନେ oneday

ଦିର୍ଘ (ବଣ) dirghɔ ଦୀର୍ଘ long

ଦିଶିବା (କି) disiba ଦେଖାଯିବା to be visible

ଦିସେଇ ଦେବା (କି) diseideba ଦେଖିବାକୁ ସମର୍ଥ କରାଇବା to make visible

ଦିହ (ବି) dihɔ ଶରୀର body

ଦୁଆ (ବି) dua କାନ୍ଥର ଗୋଟିଏ ଗୋଟିଏ ସ୍ତର step of wall

ଦୁଆର (ବି) duarɔ ଦୁଆର door

ଦୁଆରି (ବି) duari ଅଠର ଦେଉଳ ଦେବତା a deity of othara deula

ଦୁଇ (ବଣ) dui ଦୁଇ two

ଦୁଇପର (ବି) duipɔr ଦ୍ୱିପ୍ରହର after-noon

ଦୁୟଣା (ବଣ) duyɔṇa ଦୁଇଅଣା two anna

ଦୁକ୍ତା (ବି) dukta ଧୂଆଁପତ୍ର tobacco leaves

ଦୁକାନି (ବି) dukani ଦୋକାନୀ shopkeeper

ଦୁଖ (ବି) dukhɔ ଦୁଃଖ sorrow

ଦୁଙ୍ଡକିବା (କି) duŋdkiba ଢୁଙ୍କିବା to peep

ଦୁତିକା (ବି) dutika ଦୂତୀ bawd

ଦୁଧ (ବି) dudhɔ ଦୁଗ୍ଧ milk

ଦୁନା (ବି) duna ଦୋନା leaf cup

ଦୁନିଆ (ବି) dunia ଦୁନିଆଁ world

ଦୁମା (ବି) duma ଉଚ୍ଚ ଭୂମି mound

ଦୁର୍ବିକ୍ଷ (ବି) durbikhɔ ଦୁର୍ଭିକ୍ଷ famine

ଦୁଲି (ବି) duḷi ଦୋଳି swing

ଦୁଲ୍ କରିବା (କି) dulkɔriba ଦୁଲ ଶବ୍ଦରେ ଖସି ପଡ଼ିବା to fall with sound 'dul'

ଦୁଲ୍ଦୁଲି (ବି) dulduli ଭୂମିକମ୍ପ earth quake

ଦୁସ (ବି) dusɔ ଦୋଷ quilt, fault

ଦୁସି (ବଣ) dusi ଦୋଷୀ guilty

ଦୁସ୍ରା (ବଣ) dusra ଅନ୍ୟ, ବିକଳ୍ପ alternate

ଦୁସ୍ଟିଆ (ବି) dusṭia କୁଦୃଷ୍ଟି ପକାଉଥିବା ଡାହାଣୀ a type of witch

ଦ୍ରୁପଦି (ବି) drupɔdi ଦ୍ରୌପଦୀ wife of the Pandavas

ଦେ (କି) de ଦେବା to give

ଦେଇ (ଖା ପ୍ର) dei ଦ୍ୱାରା by

ଦେଉଡ଼ିଆ (ବଣ) deuḍia ତାନ୍ତବ stringy

ଦେଖ୍ (କି) dekh ଦେଖ to see

ଦେଖନ୍ତ (କି ବିଣ) dekhɔnt ଦେଖିବା ମାତ୍ରେ in the twinkling of an eye

ଦେଣ୍ଠୁ (ବି) denṭhu କାଣ୍ଡ stem

ଦେବ୍ତା (ବି) debta ଦେବତା deity

ଦେଲ୍ହିଆ (ବି) deḷhia ଏକ ଗୋରୁରୋଗ kind of cattle disease

ଦେସ (ବି) desɔ ଦେଶ country

ଦେହେକିଲ୍ନି (ବି) dehekiḷni ଦେହରକ୍ଷୀ escort

## ( ଧ )

ଧଅଁସା (ବି) dhɔ̃sa ନାଗରା kettle drum

ଧଁସିବା (କି) dhɔ̃siba ଦଂଶନ କରିବା to sting

ଧଡ୍କେଇବା (କି) dhɔḍkeiba ଜୋରରେ ଢିଙ୍କି କୁଟିବା to pedal quickly to the husking pedal block

ଧତାରିଆ (ବି) dhɔtaria ଜୁଆଡ଼ି gambler

ଧନ (ବି) dhɔnɔ ଧନ wealth

ଧନ ଦରବ/ଧନଦୁକାନ (ବି) dhɔndɔrbɔ / dhɔndukanɔ ଦୌଲତ property

ଧନି (ବିଣ) dhɔni ଧନି rich

ଧନୁସର (ବି) dhɔnusɔrɔ ଧନୁ ଓ ଶର arrow and bow

ଧନ୍ଦା (ବି) dhɔnda ଧନ୍ଦା business

ଧବ୍‌ଲ (ବିଣ) dhɔbla ଧଳା white

ଧର୍ମ (ବି) dhɔrmɔ ପୁଣ୍ୟ virtue

ଧରାଟି (ବି) dhɔraṭi କଟକଣା restriction

ଧରାଧୁରି (ବି) dhɔradhuri ତଲାସି checking

ଧରିବା (କି) dhɔriba ଧରିବା to hold, to catch

ଧରିନେବା (କି) dhɔrineba ଗିରଫ କରିବା to arrest

ଧସାଇବା (କି) dhɔsaiba ଜୋରରେ ଠେଲି ପଶାଇବା to push forcefully

ଧାଁ ଧାଁ (କି. ବିଣ) dhā̃ dhā̃ ଶୀଘ୍ର, ଶୀଘ୍ର quickly

ଧାଇଁବା (କି) dhaĩba ଦୌଡ଼ିବା to run

ଧାତା (ବି) dhata ଶକ୍ତି, ସାହସ courage

ଧାନ୍ (ବି) dhan ଧାନ paddy

ଧାପିବା (କି) dhapiba ଦବିଯିବା tobe

ଧାରଣା (ବି) dharṇa କାଠଧାରଣା beam

ଧାର (ବି) dharɔ ଦିଗ side

ଧାଲ୍ ହେବା (ବିଟ) dhaḷ heba ଧାଡ଼ିକରିବା to make queue

ଧାଲି (ବି) dhaḷi ଧାଡ଼ି row

ଧିରୁବତାରା (ବି) dhirbɔtara ଧ୍ରୁବତାରା North Pole star

ଧୁଇବ (କି) dhuiba ଧୋଇବା to wash

ଧୁଙ୍ଗାଇବା (କି) dhuggaiba ଧୁଆଁ ଛାଡ଼ିବା to produce smoke

ଧୁଣା (ବି) dhuṇa ଝୁଣା resin

ଧୁତି (ବି) dhuti ଧୋତି dhoti

ଧୁନି (ବି) dhuni ଧୁନି

ଧୁଣ୍ଡି (ବି) dhundi ଝଡ଼ storm

ଧୁପ (ବି) dhupɔ ଧୁପ incense

ଧୁବା (ବି) dhuba ଧୋବା washerman

ଧୁମ୍ (ବିଣ) dhum ପ୍ରବଳ violent

ଧୁମ୍‌ତାରା (ବି) dhumtara ଧୁମକେତୁ comet

ଧୁର୍ (ବି) dhur ଦୂର distance

ଧୁରିଆ (ବିଣ) dhuria ଦୂର distant

ଧୁଳିଆ (ବିଣ) dhuḷia ଧୁଳିଆ dusty

## ନ

ନଅ (ବିଣ) nɔɔ ନଅ nine

ନଈ (ବି) nɔi ନଦୀ river

ନଇଜା (ବି) nɔija ଲଜ୍ଜା shame

ନଉଟିବା (କି) nɔuṭiba ପଛକୁ ବୁଲିବା to turn back

ନଉଟେଇବା (କି) nɔuṭeiba ଅନ୍ୟ ପଟକୁ ବୁଲାଇବା to turn to other side

ନକ୍‌ସା (ବି) nɔksa ନକ୍‌ସା design

ନକ (ବି) nɔkɔ ଲୋକ people

ନଖ (ବି) nɔkhɔ ନଖ nail

ନଗାଧରା (ବି) nɔgadhɔra ମୁଷ୍ଟିଯୁଦ୍ଧ wrestling

ନଗେଇବା (କି) nɔgeiba ଲଗାଇବା to plant

ନଘନା (ବିଣ) nɔghna ଲଘୁ early variety

ନଙ୍କା (ବି) nɔŋka ଲଙ୍କା chilly, pepper

ନଙ୍କା ମରିଚ (ବି) nɔŋkamɔrci ଲଙ୍କାମରିଚ pepper

ନଙ୍ଗ୍‌ଳ (ବି) nɔŋgḷɔ ଲଙ୍ଗଳ plough

ନଟପଟ (ବି) nɔṭɔpɔṭɔ ଲଟପଟ indulgence

ନଟି (ବି) nɔṭi ଲତା creeper

ନଟେ (ବିଣ) nɔṭe ଏକ ନଟେଇ a reel of

ନଡ଼ର ନଡ଼ର (ବିଣ) nɔḍɔr nɔḍɔr ବଡ଼ ବଡ଼ big in size

ନଡୁ (ବି) nɔḍu ଲଡୁ ball-shaped sweets

ନଣ୍ଦ (ବି) nɔṇdɔ ନଣନ୍ଦ husband's sister

ନତା (ବି) nɔta ଲତା creeper

ନଥ୍‌ଲ (ବିଣ) nɔthlɔ ଅତି ନରମ, ଲଥପଥ very, soft

ନଦି (ବି) nɔdi ନଦୀ river

ନଦିବା (କ୍ରି) nɔdiba ଲଦିବା to load

ନଫାପା (ବି) nɔphapa ଲଫାପା envelope

ନବଙ୍ଗ (ବି) nɔbɔŋgɔ ଲବଙ୍ଗ clove

ନବରଙ୍ଗି (ବିଣ) nɔbɔrɔŋgi ଛଳି showy

ନମନମ (କ୍ରି ବିଣ) nɔmɔnɔmɔ ସାପର ଗତି movement of snake

ନମା (ବିଣ) nɔma ଲମ୍ବା long

ନମେଇବା (କ୍ରି) nɔmeiba ଲମ୍ବାଇବା to lengthen

ନରମ୍ (ବିଣ) nɔrɔm ନରମ soft

ନଲ୍‌ହେଇ (ବି) nɔḷhei ଲଢ଼େଇ fighting

ନଳାପାଣି (ବି) nɔḷapaṇi ଦୁଧ milk

ନଳି (ବି) nɔḷi ନଳ pipe

ନଳିଆ (ବି) nɔḷia ନଡ଼ିଆ coconut tree

ନଳିତା (ବି) nɔḷita ଛୁଆ ଜନ୍ମହେବାର ନଅ ଦିନ ninth day of child birth

ନଲ୍‌ଟିବା (କ୍ରି) nɔlṭiba ଓଲଟିବା to turn over

ନଲ୍‌ନଲି/ନଲ (ବି) nɔlnɔli/nɔla ଘଣ୍ଟିକା tonsil

ନହ (ବି) nɔhɔ ଲତା creeper

ନହଭଲିଆ (ବି) nɔhɔbhalia ଲଙ୍କା ଆମ୍ବ cashew nut

ନହତା (ବି) nɔhɔta କରେଇ couldron

ନହମ୍ବର (ବି) nɔhɔmbɔr ନମ୍ବର number

ନହରା (ବି) nɔhɔra କମାର black smith

ନହରା ସାଲ୍ (ବି) nɔhɔrasal କମାରଶାଳ black smith's hearth

ନହସି ନହସି (କ୍ରି. ବିଣ nɔhɔsinɔhɔsi ହାତୀର ଗତି swinging movement of elephant

ନହସିବା (କ୍ରି) nɔhɔsiba ଦହଲିବା to swing

ନହୁ (ବି) nɔhu ରକ୍ତ blood

ନହୁଣି (ବି) nɔhuṇi ଲହୁଣୀ butter

ନାଇଁ (ଅ°) naĩ ନୁହେଁ, ନାସ୍ତିସୂଚକ not

ନାଇବା (କ୍ରି) naiba ଧାରଣ କରିବା, ପିନ୍ଧିବା to wear

ନାଇନ (ବି) nain ଲାଇନ୍ line

ନାଉ (ବି) nau ଲାଉ gourd

ନାଉଡଙ୍କିଆ (ବି) nauḍɔŋkia ଏକ ପ୍ରକାର ସାପ arboreal adder

ନାଉତୁମା (ବି) nautuma ଲାଉ ଖୋଲରେ ତିଆରି ହୋଇଥିବା ଏକ ବାଦ୍ୟ mucical instrument made from gourd

ନାୟିକ (ବି) nayikɔ ପ୍ରଧାନ chieftain

ନାକ୍ (ବି) nak ନାକ nose

ନାକ୍‌ଡଣ୍ଡା (ବି) nakḍɔnḍa ନାକଦଣ୍ଡା bridge of the nose

ନାକପୁଡା (ବି) nakpuḍa ନାକପୁଡ଼ା nostrils

ନାକି (ବିଣ) naki ନାକୋଇ long nosed

ନାକୁଆଲ (ବି) nakualɔ କୋଚିଲାଖାଇ horn-bill

ନାକେରା (ବିଣ) nakera ଦୁଷ୍ଟଦୁଷ୍ଟା, ନାଗରା bad

ନାଖ୍‌ରାଜ୍ (ବି) nakhraj ଲାଖିରାଜ property give by the king

ନାଖ (ବି) nakhɔ ଲାଖ lac

ନାଗର (ବି) nagɔrɔ ପ୍ରେମିକ lover

ନାଗରି (ବି) nagɔri ପ୍ରେମିକା beloved

ନାଗି (କା. ପ୍ର) nagi ପାଇଁ for

ନାଗିବା (କ୍ରି) nagiba ଲାଗିବା, ଯୋଗ ହେବା to fiften

ନାଚ (ବି) nacɔ ନାଚ dance

ନାଚୁଣି (ବି) nacuṇi ନାଚୁଣୀ dencer (fem)

ନାଜ (ବି) najɔ ଲଜ୍ୟା shame

ନାଞ୍ଚ (ବି) nañcɔ ଲାଞ୍ଚ bride

ନାଞ୍ଜି (ବି) nañji ଧୂମକେତୁ comet

ନାଞ୍ଜୁଲ୍ (ବି) nañjuḷɔ ଲାଞ୍ଜୁଡ଼ tail

ନାଟ୍ (ବି) naṭ ନାଟ dancing and singing

ନାଟ୍‌ଖିଟ୍‌ଣି (ବି) naṭkhiṭiṇi ନାଟ, ମଉଜ amusement

ନାଟୁଆ (ବି) naṭua ନାଟୁଆ player, actor

ନାଠି (ବି) naṭhi ଲଠି, ଅଙ୍କୁଶ cudgel, hook

ନାଡ଼ିବା (କ୍ରି) naḍiba ହଲାଇବା to waggle

ନାଣ୍ଡୁମୁଣ୍ଡା (ବିଣ) nanḍumunḍa ଲଣ୍ଡିତ bald headed

ନାତି (ବି) nati ନାତି grand son

ନାତୁଣି (ବି) natuṇi ନାତୁଣୀ grand daughter

ନାଥ (ବି) nathɔ ନାଥ lord

ନାପ (ବି) napɔ ମାପ measurement

ନାପ କରିବା (କ୍ରି) napɔkɔriba to measure

ନାଭ (ବି) nabhɔ ଲାଭ Profit

ନାମ୍ (ବି) nam ନାମ name

ନାରଙ୍ଗ (ବି) narɔŋgɔ ଏକପ୍ରକାର ଫଳ kind of fruit

ନାରି (ବି) nari ନାରୀ woman

ନାଳ୍‌ନୁଳିଆ (ବିଣ) naḷnuḷia ପାତଳା thin

ନାଳ (ବି) naḷɔ ଲାଳ saliva

ନାଳେଇବା (କ୍ରି) naḷeiba ନାଳକରିବା to drain

ନାଲ୍‌ଚେନି/ଗୁଳ (ବି) nalceni/guḷɔ ଗୁଡ଼ molasses

ନାଲା (ବି) nala ଧାନଗଛକୁ ହେଉଥିବା ଏକରୋଗ a disease of paddy plant

ନାଲିଆ (ବିଣ) nalia ଲାଲରଙ୍ଗ red

ନାଲିଆ (ବି) nalia ସିନ୍ଦୁର vermilion

ନାସକରିବା (କ୍ରି) nasɔkɔriba ନାସ (ଧୂଆଁ ପାନ) କରିବା to smoke

ନାହି/ପୁଣ୍ଟି (ବି) nahi/punṭi ନାଭି navel

ନାହାଳିବା (କ୍ରି) nahaḷiba ବାଘ ଗର୍ଜନକରିବା to roar

ନାହୁଡ଼ି (ବି) nahuḍi ନାଭିକୁ ସଂଯୋଗ କରୁଥିବା ନାଳୀ artery connected to the naval

ନିଁଠା (ବିଣ) nĩṭha ଅଭୁକ୍ତ pure, untouched

ନିଅଣ୍ଟ (ବିଣ) niɔnṭɔ ନିଅଣ୍ଟ shortage

ନିଆ (ବି) nia ନିଆଁ fire

ନିଅଁଷିଆ (ବିଣ) niaĩsia ନିରାମିଷ vegetarian

ନିଆମ୍ (ବି) niam ନିୟମ, ଶପଥ law, oath

ନିଆଳି (ବି) niaḷi ବଣମଲ୍ଲୀ Jasminum Aroborescens

ନିଇତି (ବିଣ) niiti ଦୈନନ୍ଦିନ daily

ନିକେଇବା (କ୍ରି) nikeiba କୁଣ୍ଡା ସଫାକରିବା to clean husk

ନିଗିଡ଼ା (ବିଣ) nigiḍa ପର (ଗଳନିଡ଼ା) after

ନିଘା (ବି) nigha ଅକ୍ଷ axel

ନିଘେଇବା (କ୍ରି) nigheiba ଅନବରତ ପିଟିବା to beat with out stop

ନିଗ୍‌ଗ୍ଳେଇବା (କ୍ରି) niggḷeiba ଗାଳିବା to drainout

ନିଚେଁ (ଅ°) nicẽ ନିଶ୍ଚୟ sure

ନିଛତ୍ରି (ବିଣ) nichɔtri ରାଜା ବିହୀନ kingless

ନିଛାଟିଆ (ବିଣ) nichaṭia ନିର୍ଜନ solitary

ନିଛାଳ (ବି) nichaḷɔ ଭୂତ ଛଡାଣ use of black art to drive out ghosts

ନିଜମ (ବି) nijamɔ ରାଜାଦତ୍ତ ସ୍ଥାନ village given by the king

ନିଜେ (ସର୍ବ) nije ନିଜେ self

ନିଝାରି (ବି) nijhari ଅଠର ଦେଉଳ ଦେବତା a Atharadeula deity

ନିଝୁପ୍ (ବିଣ) nijhup ନିର୍ଜନ solitary

ନିଦ (ବି) nidɔ ନିଦ୍ରା sleep

ନିଦେଇବା (କ୍ରି) nideiba ନିଦ୍ରାଯିବା to sleep

ନିନା (ବି) nina ନାନୀ sister

ନିନ୍ଦା କରିବା (କ୍ରି) nindakɔriba ନିନ୍ଦା କରିବା to defame

ନିପ୍ (ବି) nip ନିବ୍ nib

ନିପନ୍ତା (ବି) niponta ସମୂଳେ ନଷ୍ଟ being abolished

ନିପିବା (କ୍ରି) nipiba ଲିପିବା to smear

ନିବାପିଆ (ବିଣ) nibapia ପିତୃହୀନ fatherless

ନିଭେଇବା (କ୍ରି) nibheiba ଲିଭାଇବା to put out

ନିମ (ବି) nimɔ ନିମ୍ବ neem tree

ନିମତ୍ରଣ (ବି) nimɔtrɔṇ ନିମନ୍ତ୍ରଣ invitation

ନିରଚ୍ଛା (ବି) nircha ଅଛୁଆ untouched

ନିର୍ଥୁଳିଆ କରିବା (କ୍ରି) nirṭhuḷia ଖାଲିକରିବା to make empty

ନିର୍ଧନି (ବିଣ) nirḍhoni ନିର୍ଦ୍ଧନ poor

ନିର୍ଧୁମ୍ (ବିଣ) nirḍhum ବହୁତ excessive

ନିର୍ନୟ (ବି) nirnɔy ନିଶ୍ଚିତକରଣ as certainment

ନିର୍ଳା (ବିଣ) nirḷa ଏକେଲା lonely

ନିରାକାର (ବି) nirakarɔ ଆକାରହୀନ god

ନିରିଜିଆ (ବିଣ) nirijia ନିର୍ଲଜ shameless

ନିରିମାୟା (ବିଣ) nirimaya ନିଷ୍କପଟ honest

ନିଳା (ବି) niḷa ପ୍ରହସନ kind of farce drama

ନିଳୁଆ (ବିଣ) niḷua ନୀଳ blue

ନିଲଜ୍ (ବିଣ) nilɔj ନିର୍ଲଜ shameless

ନିଶ (ବି) nisɔ ନିଶ mustache

ନିଶା (ବି) nisa ନିଶା intoxicating drug

ନିଶାସ୍ (ବି) nisas ନିଶ୍ୱାସ breath

ନିସି (ବି) nisi ରାତି night

ନିସ୍ଚୁପ୍ (ବିଣ) niscup ନିସ୍ତବ୍ଧ calm

ନିସ୍ଟି (ବି) nisṭi ତାଲିକା list

ନିସ୍କାମିଆ (ବିଣ) niskamia ଅଳସୁଆ idle

ନିହାତି (ବିଣ) nihati ନିଶ୍ଚୟ sure

ନୁଆଁ (ବିଣ) nuã ନୂଆ new

ନୁଇଁବା (କ୍ରି) nuiĩba ନଇଁବା to bend

ନୁକ୍ନୁକାଣି (ବି) nuknukaṇi ଲୁଚକାଳି hide and seek

ନୁକିବା (କ୍ରି) nukiba ଲୁଚିବା to hide

ନୁକେଇବା (କ୍ରି) nukeiba ଲୁଚାଇବା to hide

ନୁଖୁସାନେ (ବି) nukhusane କ୍ଷତି loss

ନୁଖୁରାଚୁଟି (ବି) nukhuracuṭi ତେଲ ଦିଆଯାଇ ନ ଥିବା ଚୁଟି oilless hair

ନୁଗା (ବି) nuga ଲୁଗା cloth

ନୁଗାଡଣ୍ଡା (ବି) nugaḍɔnḍa ଅଲଗୁଣି hanger

ନୁଙ୍ଗି (ବି) nuggi ଲୁଙ୍ଗି lungi

ନୁଟ୍ନିଝୁଳା (ବି) nuṭnijhuḷa ମୁଣ୍ଡର ଜୁଡ଼ା hair knot

ନୁଟା (ବି) nuṭa ଲୋଟା jug

ନୁଣ୍ (ବି) nuṇ ଲୁଣ salt

ନୁଣିଆଣି (ବି) nuṇiaṇi ଖୁଚୁରା ବିକ୍ରେତା retailer

ନୁଣ୍ଡା (ବି) nuṇḍa ଗୋବର ପାଣିର ଲେପନ smearing of liquidated cowdung

ନୁନ୍ତା (ବି) nunta ଭୋଜି feast

ନୁଲ୍କ (ବି) nulkɔ ନାକର ଅଲଂକାର nosering

ନୁଭ (ବି) nubhɔ ଲୋଭ greediness

ନୁହା (ବି) nuha ଲୁହା Iron

ନେ (କ୍ରି) ne ନେବା to take

ନେଉଟିଆ (ବି) neuṭia ଏକ ପ୍ରକାର ଶାଗ kind of green

ନେକ୍ଳା (ବି) nekḷa ଗଧିଆ wolf

ନେଖା (ବି) nekha ଲେଖା writing

(ବିଣ) nekha ଲେଖାଏଁ in number

ନେଖିବା (କ୍ରି) nekhiba ଲେଖିବା, ଚିତ୍ର କରିବା to write, to draw picture

ନେଙ୍ଗ୍ଳା (ବିଣ) neŋgḷa ଲଙ୍ଗଳା naked

ନେଙ୍ଗ୍ଳେଇବା (କ୍ରି) neŋgḷeiba ଲଙ୍ଗୁଡ଼ରେ ଧରି ଖୋଡ଼ିବା to limp

ନେଞ୍ଜ୍ରା (ବି) neñjra ଲେଞ୍ଜେରା eyerheum

ନେଝ୍ରି (ବି) nejhri ଆକୁଳ, ଘଟୋଦରୀ big-bellied

ନେଟ୍କିବା (କ୍ରି) neṭkiba ଟଙ୍କି ରହିବା to cling

ନେଟ୍କେଇବା (କ୍ରି) neṭkeiba ଟଙ୍କାଇବା to hang

ନେଟେପେଟେ (ବିଣ) neṭepeṭe କାଦୁଅ ପଚପଚ mudabsorbed

ନେଠ୍ ନେଠ୍ (ବିଣ) neṭh neṭh ଅଠା ଅଠା sticky

ନେଠା (ବି) neṭha ଅଠାଳିଆ ଦ୍ରବ୍ୟ paste

ନେଡ଼ା (ବିଣ) neḍa ଚେପା pressed inside

ନେଣ୍ଟେଇ ଯିବା (କ୍ରି) nenṭeijiba ଅଳସିବା, ଧଇଁ ସଇଁ ହେବା to feel exhausted

ନେଣ୍ଡି (ବି) neṇḍi ଲଣ୍ଡି ordure

ନେଣ୍ଡିଆ (ବିଣ) neṇḍia ଛୋଟ little

ନେତ୍ରର (ବି) netrɔ ମାଛ ବିଶେଷ kind of fish

ନେଥିବା (କ୍ରି) nethiba ଲେଥିଯିବା to cluster together

ନେମ୍ବୁ (ବି) nembu ଲେମ୍ବୁ lemon

ନେସିବା (କ୍ରି) nesiba ଲେସିବା to besmear

ନେହୁଡ଼ିଆ (ବି) nehuḍia ସାଧାରଣ, ଗୌଣ petty

ନେହେଙ୍କା (ବିଣ) neheŋka ଲହକ lank

ନେହେଙ୍ଗା (ବି) neheŋga ଶାଗ ବିଶେଷ kind of potherb

## ( ପ )

ପଁଖି (ବି) pɔ̃khi ପର feather

ପଁଛିବା (କ୍ରି) pɔ̃chiba ପୋଛିବା to wipe

ପଁଝା (ବି) pɔ̃jha ପଁଝା claw

ପଇଁତରା (ବି) pɔ̃itɔra ପଇଁତରା movement

ପଇକାରି (ବି) pɔikari ବ୍ୟବସାୟୀ

ପଇତା (ବି) pɔita ଉପବୀତ sacred thread of bramhin

ପଇଲା (ବି) pɔila ଛୋଟ ଆକାର ପରିମାପକ ପାତ୍ର small size measuning bowl

ପଇସା (ବି) pɔisa ପଇସା Paise

ପଇଣ୍ଡା (ବି) pɔiŋḍa ପିଣ୍ଡା verandah

ପଇଁଣ୍ଡି (ବି) pɔĩṇḍi ଯେଉଁଠି ହାଣ୍ଡି ରଖାଯାଏ raised plat form to keep pots

ପଉଟି (ବି) pɔuṭi ମାପର ଏକକ a measuring unit

ପକାଉଁ (କ୍ରି) Pɔkaũ ପକାଇବା to drop

ପଖାଳ (ବି) pɔkhaḷ ପଖାଳ watered rice

ପଘା (ବି) pɔgha ପଘା tether

ପଙ୍କ (ବି) pɔŋkɔ ପଙ୍କ mud

ପର୍ତେକ୍ (ବିଣ) portek ପ୍ରତ୍ୟେକ each

ପର୍ଥମ୍ (ବିଣ) porthom ପ୍ରଥମ first

ପର୍ଦିନ (ବି) pordin ପରଦିନ day-after tommorow

ପର୍ବତ୍ (ବି) porbot ପର୍ବତ mountain

ପର୍ବତିଆ (ବିଣ) porbotia ପର୍ବତ ଜାତ mountain born

ପର୍ମିସର (ବି) pormisoro ପରମେଶ୍ୱର lord vishnu

ପର୍ସନ (ବି) porsono ପ୍ରଶ୍ନ question

ପର୍ସିକାର୍ (ବିଣ) porsikar ପରିଷ୍କାର, ମସୃଣ clean, polished

ପର (ବିଣ) poro ଅପର other

ପରବ୍ (ବି) porob ପର୍ବ festival

ପରସ୍ତ (ବି) porosto ପରସ୍ତ folds

ପରା (ବି) pora ପରି like

ପରାଣ (ବି) poraṇo ପ୍ରାଣ life

ପରାଣିଆ (ବିଣ) poraṇia ପାରିବାରିକ (ଦୁଇପରାଣିଆ) conjugal

ପରାସି (ବି) porasi ଏକ ପ୍ରକାର ଗଛ kind of tree

ପରିକା (ଉ) porika ପରି like

ପରିବା (ବି) poriba ପରିବା vegitable

ପରିସମ (ବି) porisom ପରିଶ୍ରମ labour

ପରିସ୍ତିତି (ବି) Poristiti ପରିସ୍ଥିତି situation

ପରିଖା (ବି) porikha ପରୀକ୍ଷା examination

ପଲ୍ହା (ବି) poḷha ପଢ଼ା reading

ପଲ୍ହୁଆଁ (ବିଣ) poḷhuã ପ୍ରଥମ ସନ୍ତାନ first child

ପଲା (ବି) poḷa ତରଳ ପଦାର୍ଥ ମାପକ cask

ପଲାସ (ବି) poḷaso କିଂଶୁକ butea frondosa

ପଲିଆ (ବି) poḷia ପଡ଼ିଆ ground

(କ୍ରି) poḷia ଫେରିଆସ to comeback

ପଲିସିଆ (ବି) poḷisia ପଡ଼ୋଶୀର neighbouring

ପଲ (ବି) polo ଦଳ herd

ପଲଣ (ବି) polaṇo ପଲଣ saddle

ପଲି (ବି) poli ଓଜନ ଦାଣ୍ଡି balance

ପସ୍ତେଇବା (କ୍ରି) posteiba ଅନୁତାପ କରିବା to repent

ପସଲା (ବିଣ) posḷa ମନୋହର appealing

ପସାପୁସି (ବି) posapusi ପଶିବାକାର୍ଯ୍ୟ act of entering

ପସେଇବା (କ୍ରି) poseiba ପଶାଇବା to insert

ପସିଆ (ବିଣ) posia ଯେ ପଶିଆସିଥାଏ, ଭୁଲଅସିଥାଏ being cooxed

ପସ୍ଟାପିସ୍ (ବି) posṭapis ଡାକଘର post-office

ପହଁରା (ବି) pohɔ̃ra ପହଁରା swiming

ପହଁରିବା (କ୍ରି) pohɔ̃riba ପହଁରିବା to swim

ପହଟିବା (କ୍ରି) pohoṭiba ଅଭ୍ୟସ୍ତ ହେବା to be accustomed

ପହର (ବି) pohoro ସମୟ time

ପାଁଚେ (ବିଣ) pãce ପାଞ୍ଚ five

ପାଞ୍ଚଣ (ବି) pañcoṇo ଏକ ପ୍ରକାର ଗଛ kind of tree

ପାଞ୍ଚିବା (କ୍ରି) pañciba ଚିନ୍ତାକରିବା to think

ପାଁଜି (ବି) pãji ପଞ୍ଜିକା almance

ପାଁସ (ବିଣ) pãso ପାଞ୍ଚଶହ five hundred

ପାଇ (ବି) pai ପରିମାପକ ପାତ୍ର a measuring bowl

ପାଇକ (ବି) paiko ପାଇକ warrior

ପାଇକାଲି (ବି) paikaḷi ଏକ ପ୍ରକାର ନାଚ୍ kind of heroic dance

ପାଇଖିନା (ବି) paikhina ପାଇଖାନା latrine

ପାଇଟି (ବି) paiṭi ପାଇଟି daily work

ପଞ୍ଚକ (ବି) pɔñcko ପଞ୍ଚକ last five days of kartika

ପଞ୍ଚା (ବି) pañca ଚାନ୍ଦା subscription

ପଞ୍ଚାମୃତ (ବି) pɔñcamrutɔ କଦଳୀ ଗୁଡ଼ ଆଦିର ମିଶ୍ରଣ mixture of plantain molasses etc.

ପଞ୍ଜର (ବି) pɔñjra ପଞ୍ଜରହାଡ଼ skeleton

ପଞ୍ଜୁରି (ବି) pɔñjri ପଞ୍ଜୁରୀ cage

ପଚା (ବିଣ) pɔca ପଚା rotten

ପଚାଶ (ବିଣ) pɔcas ପଚାଶ fifty

ପଚିବା (କ୍ରି) pɔciba ପଚିବା to decay

ପଛ (କ୍ରି. ବିଣ) pɔcha ପଛରେ behind

ପଛଲିଆ (ବିଣ) pɔchaḷia ପଛୁଆ latter

ପଛେ (କ୍ରି. ବିଣ) pɔche ପରେ later

ପଛିମ (ବି) pɔchimɔ ପଶ୍ଚିମ west

ପଟମ (ବି) pɔtɔm ପୋଟଲା packet

ପଟା (ବି) pɔṭa ପଟ୍ଟା lease

(ବି) pɔṭa କାଠପଟା wooden plank

(ବି) pɔṭa ମାଛଧରିବା ଯନ୍ତ୍ର a fishing instrument

ପଟାଘାଟ (ବି) pɔṭaghaṭ ଯେଉଁ ସ୍ଥାନରେ ପଟା ବସାଯାଏ ghail for setting the fishing instrument

[illegible] (ବି) pɔtiḷa ପୋଟଲା Packet

[illegible] (ବି) pɔṭhaṇɔ ମୁସଲମାନ muslim

[illegible] (ବି) Pɔḍub[illegible] ଜମି [illegible]land

[illegible] (ବି) pɔṇɔ [illegible] de [illegible]

[illegible]

[illegible]

[illegible]

ପତ୍ନି (ବି) pɔtni ଟସର ପୋକ silk worm

ପତ୍ର (ବି) pɔtrɔ ପତ୍ର leaf

ପତ୍ରି (ବିଣ) pɔtri ଏକ ପ୍ରକାର ସୁନା king of gold

ପତ୍ଲି (ବି) pɔtḷi ବେଙ୍ଗଲା thrashing

ପତା (ବି) pɔta ଆଖିପତା eye-brow

ପତା (ବି) pɔta ପୁଅ son

ପଠ (ବି) pɔti ଗଞ୍ଜେଇ Indian hemp

ପତୁଆ (ବି) pɔtua ପତ୍ର ଦୋନାରେ ପୋଡ଼ା ଜିନିଷ things burnt in leafcup

ପଥ୍ର (ବି) pɔthrɔ ପଥର stone

ପଥି (ବି) pɔthi ପଥ୍ୟ diet

ପଦ (ବି) pɔdɔ ପଦ stanza

ପଦମ୍ (ବି) pɔdɔm ପାପୁଲି palm

ପଦା (ବିଣ) pɔda ଖୋଲା, ସଫା open, clean, weedless

ପଦିଷ୍ଟା (ବି) pɔdiṣṭa ପ୍ରତିଷ୍ଠା consecration

ପଦେ (ବିଣ) pɔde ପଦଏ one stanza

ପଧାନ (ବି) pɔdhanɔ ମୁଖ୍ୟ chief

ପନ୍କ (ବି) pɔnkɔ ପଲଙ୍କ bedstead

ପନ୍ଖି (ବି) pɔnkhi ପନିକ vegetable chopper

ପନ୍ଦ୍ର (ବିଣ) pɔndrɔ ପନ୍ଦର fifteen

ପପିତା (ବି) pɔpita ଅମୃତଭଣ୍ଡା papaya

ପବ୍ନ (ବି) pɔbnɔ ପବନ wind

ପର୍କାପୁର୍କି (ବି) pɔrkapuṛki ଚକଷି, ପରୀକ୍ଷା testing

ପର୍କୁତ୍ (ବିଣ) pɔrkut ପ୍ରକୃତ actual

ପର୍ଜା (ବି) pɔrja ପ୍ରଜା tenant

ପର୍ଜନ୍ତେ (କ୍ରି ବିଣ) ପର୍ଯ୍ୟନ୍ତେ till

ପର୍ତିଗାଁ (ବି) pɔrṭigã ପ୍ରତିଜ୍ଞା promise

ପର୍ତିପୁସନ (ବି) pɔrtipusɔṇ ପ୍ରତିପୋଷଣ nourishing

ପାଇବା (କି) paiba ପାଇବା to get

ପାଉଝମ୍ (ବି) paujhom ନୂପୁର tinkling anklet

ପାଉଣ୍ଡିଆ (ବିଣ) paundia ଧୂସର grey

ପାଏ (ବିଣ) pae ଏକ ଚତୁର୍ଥାଂଶ onefourth

ପାକ୍ଟନ୍ (ବି) pakton ଏକପ୍ରକାର ତନ୍ତୁଦାୟୀ ଗଛ kind of fibre plant

ପାକ୍ଟି (ବି) pakti ଗୋରୁ ମୁହଁରେ ଲଗୁଥିବା ଏକପ୍ରକାର ପଘା kind of tether

ପାକ୍ଲା (ବି) pakla କୁସୁମ ଗଛ ଓ ଫଳ kusum tree and its fruits

ପାକା (ବି) paka ପାକ୍କା, ସିମେଣ୍ଟ କାମ cement works

ପାକିଲ (ବିଣ) pakila ପକ୍ୱ ripe

ପାକୁପାକୁ କରବା (କି) pakupaku kɔriba ପାକୁପାକୁ opening and closing of mouth

ପାକୁଳବା (କି) pakuḷiba ପାକୁଳାଇବା to chew the cud

ପାକୁଟା (ବି) pakuṭa ପାଖୁଡ଼ା petal

ପାଖ (ବିଣ) pakhɔ ନିକଟ near

ପାଗ୍ଲ (ବି) pagla ପାଗଳ mad

ପାଗ (ବି) pagɔ ପାଗ (ମାଟିପାଗ, ପାଣିପାଗ) condition of soil, atmosphere etc.

ମାଟିପାଗ : ମେଞ୍ଚୁଆଳି meñcuaḷi

ଧୂଳିଆ dhuḷia

କାଦୁଅ kadua

ପାଗ (ବି) pagɔ ପଗଡ଼ି turban

ପାଙ୍ଗିବା (କି) paŋgiba ଗୁଣିବିଦ୍ୟା ପ୍ରୟୋଗ କରବା to use black-art

ପାଙ୍ଗଣିଆ (ବି) paŋgṇia ଗୁଣି trickster

ପାଚ୍ଲ (ବି) paclɔ ପରଚର୍ଚ୍ଚା calumny

ପାଚ୍ଲେଇବା (କି) pacleiba ପରଚର୍ଚ୍ଚା କରବା to slander

ପାଚୁରି (ବି) pacuri ପାଚେରୀ boundary

ପାଛଳିବା (କି) pachḷiba ପାଛୁଡ଼ିବା to winnow

ପାଛୁଳା (ବି) pachuḷa ଗୁଢ଼ର upper cloth

ପାଟ୍ରାଣି (ବି) paṭraṇi ପାଟରାଣୀ queen-consort

ପାଟ୍ବା (କି) paṭba ପ୍ରବଳ ଭାବେ ପିଟିବା to wallop

ପାଟ (ବି) paṭ ପାଟ silk

ପାଟି (ବି) paṭi ପାଟି mouth

ପାଟିଆ (ବି) paṭia ଖେଜୁର ପତ୍ର ତିଆରି ମସିଣା mat of date leaves

ପାଠ (ବି) paṭhɔ ପାଠ reading

ପାଠୁଆ (ବିଣ) paṭhua ପାଠୁଆ reader

ପାଡ଼ବା (କି) paḍiba ପାଡ଼ିବା to pass wind through the the anus

ପାଣ (ବି) paṇɔ ଜାତିବିଶେଷ a community

ପାଣି (ବି) paṇi ପାଣି water

ପାଣିକମ୍ପ (ବି) paṇikɔmpɔ ଡମ୍ପ cobra-de-capeilo

ପାଣିଚ୍ଚ (ବିଣ) paṇica ପାଣିଚ୍ଚ watery

ପାତ୍ଲା (ବିଣ) patḷa ପତଳା thin

ପାତ (ବି) pati ବ୍ଲେଡ୍ blade

ପାତବା (କି) patiba ବଢାଇବା (ହାତ, ଲୁଗାଆଦି) to extend or to spread

ପାଦ (ବି) padɔ ପାଦ foot

ପାନ୍ (ବି) pan ପାନ betel

ପାନକି (ବି) paniki ଡବାର palunquin

ପାନିଅମୁଣ୍ଡି (ବି) paniamundi ଏକପକ୍ଷୀ kind of bird

ପାବ (ବି) pabɔ ପବ internode

ପାର୍ଥନା (ବି) parthɔna ପ୍ରାର୍ଥନା prayer

ପାରଧି (ବି) pardhi ଶିକାର hunting

ପାରଧିଆ (ବି) pardhia ଶିକାରୀ hunter

ପାର (ବି) para ପାର pigeon

ପାରିଆଖଣ୍ଟା (ବି) pariakhṇṭa ଯେଉଁ ଖୁଣ୍ଟ ଘରର ଭାର ଧରି ରଖେ abutment

ପାଲ (ବି) paḷɔ ପାଳୁଅ indian arrowroot

ପାଲବା (କି) paḷiba ପାଳନ କରିବା, ମାନିବା to observe, abide by

ପାଲ୍ଟିବା (କି) palṭiba ଓଲଟିବା to turn over

ପାଲ୍ଟିକରବା (କି) palṭikɔrba ପୁଣିକରିବା to restart

ପାଲ (ବି) palɔ ଏକ ପ୍ରକାର ଗଛ kind of tree

ପାଲବା (କି) paliba ପତ୍ର ବାହାରିବା to shoot or send out new twigs

ପାଲିସ୍ (ବିଣ) palis ମସୃଣ polished

ପାସ୍ରବା (କି) pasriba ପାଶୋରିବା to forget

ପାସ୍ରେ (ବିଣ) pasre ପାଖରେ near

ପାସାଣ (ବି) pasaṇɔ ପଥର stone

ପାହାର ପାହାର (ବିଣ) paharɔ paharɔ ବଡ଼ବଡ଼ bulky

ପାହାରିଜିବା (କି) paharijiba ଅତିକ୍ରମ କରିଯିବା to surpass, to cross

ପାହାରୁଙ୍ଗି (ବି) paharuŋi ଧାନକୁଟିବା ଯନ୍ତ୍ର pestle

ପାହାଲ (ବି) pahaḷɔ ପାହାଡ଼ hill

ପାହି (ବି) pahi ଧାଡ଼ି row

ପାହିବା (କି) pahiba ବିତିବା to pass

ପାହୁଲ (ବି) pahuḷɔ ପାହୁଡ଼ anklet

ପାହୁଲଗଣ୍ଠି (ବି) pahuḷɔgɔṇṭhi ଗୋଇଠି ankel

ପିଅନ (ବି) piɔn ଚପରାଶି peon

ପିଆଜ୍ (ବି) piaj ପିଆଜ onion

ପିଇବା (କି) piiba ପିଇବା to drink

ପିଇସା (ବି) piisa ପିଉସା Father's sister's husband

ପିଙ୍କା (ବି) piŋka ପିକା cheroot

ପିଚ୍କାରି (ବି) pickari ପିଚକାରୀ syring, sprayer

ପିଚ (ବି) picɔ ହଳଦୀବସନ୍ତ golden oriole

ପିଚ୍ଚ (ବି) pica ପିଚ୍ଚ buttock

ପିଚିକା (ବି) picika ପୁରୁଷର ଲିଙ୍ଗାଗ୍ର front part of penis

ପିଛ୍ଲବା (କି) pichḷiba ଖସିବା to slip

ପିଞ୍ଜ୍ବା (କି) piñjba ପିଞ୍ଜିବା to card

ପିଟ୍ (କି) piṭ ପିଟିବା to beat

ପିଟ୍ଣା (ବି) piṭṇa ପିଟଣା mallet

ପିଠ (ବି) piṭhɔ ପିଠଉ paste of rice

ପିଠା (ବି) piṭha ପିଠା cake

ପିଠାଲି (ବି) piṭhaḷi ଅଣ୍ଡା egg

ପିଠି (ବି) piṭhi ପିଠି back

ପିଠିଆ (ବିଣ) piṭhia କନିଷ୍ଠ younger

ପିଣ୍ଡ (ବି) piṇḍɔ ଶ୍ରାଦ୍ଧରେ ଦିଆଯାଉଥିବା ଅନ୍ନ lump

ପିତ୍ଲବା (କି) pitḷiba ପିତଳବର୍ଣ୍ଣ ଧାରଣ କରିବା to beformed a coating on brass

ପିତ (ବି) pitɔ ପିତ୍ତ bile

ପିତାଳୁ (ବି) pitaḷu ଏକ ପ୍ରକାର କନ୍ଦାଆଳୁ kind of potato

ପିନ୍କଣ୍ଟା (ବି) pinkɔṇṭa ପିନ କଣ୍ଟା alphin

ପିନ୍ଧା (ବି) pindha ଧୋତି dhoti

ପିନ୍ଧବା (କି) pindhiba ପିନ୍ଧିବା to puton

ପିମ୍ପ୍ଲି (ବି) pimpḷi ପିମ୍ପୁଡ଼ି ant

ପିମ୍ପା (ବି) pimpa ପିପା barrel

ପିରେତ (ବି) pireto ପ୍ରେତ devil

ପିଲ୍‌ହା (ବି) pilha ପିଢ଼ା base

ପିସାପ୍ (ବି) pisap ପରିସ୍ରା urine

ପିସ୍‌ତି (ବି) pisti ଭୋଜି feast

ପିଲ (ବି) pila ପିଲା child

ପିଲେନ୍ (ବିଣ) pilen ସୂକ୍ଷ୍ମ fine

ପୁଅ (ବି) puɔ ପୁଅ son

ପୁଆଁ (ବି) puã ଚଢ଼ୈଚ a type of fishing trap. cone shaped fishing instrument

ପୁଆଁଳ (ବି) puãḷɔ କୁଟା straw

ପୁଇ (ବି) pui ପୋଇ spinach

ପୁଇଁବା (କ୍ରି) puĩba ନିଆଁ ପାଖରେ ସେକ ହେବା to get warm sitting by the fire side

ପୁକ/ପକ (ବି) pukɔ/pɔkɔ ପୋକ insect

ପୁଖରି (ବି) pukhri ପୋଖରୀ tank

ପୁଚକିବା (କ୍ରି) puckiba ଖସିଯିବା to slip, to escape

ପୁଜ (ବି) pujɔ ପୂଜ pus

ପୁଟ୍ରା (ବିଣ) puṭra ବାଙ୍ଗର, ଗେଡ଼ା man of short height

ପୁଟ୍ରି (ବିଣ) puṭri ଗେଡ଼ି woman of short height

ପୁଟ୍‌ଲ (ବି) puṭlɔ ପୋଟଳ parbal

ପୁଟ (ବି) puṭɔ ଏକ ପ୍ରକାର ସାପ kind of snake

ପୁଟିଆ (ବି) puṭia ପେଶି muscle

ପୁଡ଼ା (ବି) puḍia ପୁଡ଼ା bundle made of straw to preserve grain

ପୁଣ୍ଟା (ବି) punṭa ପାକସ୍ଥଳୀ stomach

ପୁଣ୍ଟିଆ (ବି) punṭia ଗଡ଼ର ଧାର ଅଂଶ circumference of cartwheel

ପୁତ୍ର (ବି) putra ପୁତୁରା nephew

ପୁତ୍‌ଲା (ବି) putḷa ପୁତୁଳା Idol

ପୁଦୁନା (ବି) puduna ପୋଦନା meantleaf

ପୁନାମ (ବି) punamɔ ପ୍ରଣାମ salutation

ପୁନେଇଁ (ବି) puneĩ ପୂର୍ଣ୍ଣିମା full moon night

ପୁର୍ନା (ବିଣ) purna ପୁରୁଣା old, outdated

ପୁର୍ବ (ବି) purbɔ ପୂର୍ବ east

ପୁର (ବି) purɔ ମଣ୍ଡାପିଠାରେ ଦିଆଯାଉଥିବା ମିଠାଦ୍ରବ୍ୟ sweet substance in ball-cake

ପୁରା (ବିଣ) pura ପୂର୍ଣ୍ଣ full

ପୁରାପେଣ୍ଟ (ବି) purapant ପୁରାପେଣ୍ଟ fullpant

ପୁରୁଣି (ବି) puruṇi ପଦ୍ମ lotus

ପୁରେଇତ (ବି) pureitɔ ପୁରୋହିତ priest

ପୁସ (ବି) pusɔ ପୌଷମାସ dec-Jan.

ପୁସ (ବି) pusɔ ଏକ ପ୍ରକାର ଘାସ a sacred grass

ପୁସିବା (କ୍ରି) pusiba ପାଳନକରିବା to support

ପୁସ୍ତ (ବି) pustɔ ପୋସ୍ତ poppyseed

ପୁହି (ବି) puhi ବନସୀ ସୂତାରେ ଲଗିଥିବା ସୋଲ the floating stickon a fishing line

ପୁହୁଣା (ବି) puhuṇa ପୋହଣ, ବେଙ୍ଗଫୁଲା kind of fish, tadpole

ପୁହାଁ (ବି) puhã ପୋଲୁଅ, ଚଢ଼ୈଚ fishing trap (tnstruments)

ପୁଲ୍‌ହ pulhɔ

ଝିମିରି Jhimri

କହଣିଆ kɔhɔṇia

ପୁହୁଳା (ବି) puhuḷa ପୋହଳା coral

ପୁହେଇବା (କ୍ରି) puheiba ବିତାଇବା to spend

ପୁଲିଆ (ବି) pulia ପୋଲ bridge

ପେକ୍ (ବିଣ) pek ପୂର୍ଣ୍ଣ full

ପେଜ୍ (ବି) pej ପେଜ gruel

ପେଟ୍ରା (ବିଣ) peṭra ବଡ଼ପେଟଥିବା ପୁରୁଷ big-bellied man

ପେଟ୍ରି (ବିଣ) peṭri ଗର୍ଭବତୀ ସ୍ତ୍ରୀ pregnant woman

ପେଟି (ବି) peṭi ପେଟି/ବାକ୍ସ Box

ପେଟେଇବା (କ୍ରି) peṭeiba ପେଟରେ ଗୁରୁଣ୍ଡିବା to crawl on belly

ପେଡ଼ା (ବି) peḍa ପିଜୁଳି guava

ପେଣ୍ଟ (ବି) penṭ ପ୍ୟାଣ୍ଟ pant

ପେଣ୍ଡା (ବି) penḍa ଗୋଛା bunch

ପେନ୍ଟା (ବି) penta ଧାଡ଼ି row

ପେନ୍ଟାଲିଆ (ବି) pentaḷia ଯେଉଁମାନେ ଧାଡ଼ିରେ ଚାଲନ୍ତି line man

ପେନ୍ଦୁଆ (ବି) pendua ମିଛୁଆ lier

ପେମ୍ପେଲ (ବି) pempela ପ୍ରଜାପତି butterfly

ପେର୍ମେଣ୍ଟ (ବି) permenṭ ଦେୟ payment

ପେଲ (ବି) peḷɔ ଅଣ୍ଡକୋଷ testicle

ପେଲାଗାଡ଼ି (ବି) pelagaḍi ଠେଲାଗାଡ଼ି barrow

ପେଲିବା (କ୍ରି) peliba ପେଲିବା to press

ପେସାକ୍ (ବିଣ) pesak ବୃଦ୍ଧି କଡ଼ା interest

ପେଷିବା (କ୍ରି) pesiba ପେଷିବା to grind

ପେସିଲ୍ (ବି) pesil ପେନ୍ସିଲ pencil

ପେସେଙ୍ଗା (ବିଣ) pesegga ବ୍ୟଙ୍ଗାତ୍ମକ satirical

ପେହେଁକାଲି (ବି) pehẽkaḷi ତୁରୀ trumpet

( ଫ )

ଫଗ୍ଲା (ବିଣ) phɔgḷa ଫଗଲା toothless

ଫଗୁଣ (ବି) phɔguṇɔ ଫାଲ୍ଗୁନ feb.-march

ଫଣ୍ସ (ବି) phɔnsɔ ପଣସ Jack fruit

ଫଟ୍ଫଟି (ବି) phɔṭphɔṭi ମଟର ସାଇକେଲ motor cycle

ଫଟ୍ (ବି) phɔṭ ଫଟ photo

ଫଟାଫଟ୍ (କ୍ରି. ବିଣ) phɔṭaphɔṭ ହଠାତ୍ all of a sudden

ଫପ୍ସା (ବି) phɔpsa ଫୁସ୍ଫୁସ୍ lungs

ଫମ୍ପ୍ରା (ବି) phɔmpra ଫମ୍ପା hollow

ଫର୍ଚ୍ଚ (ବିଣ) phɔrca ସଫା clean

ଫଳ (ବି) phɔḷɔ ଫଳ fruit

ଫଳଜିବା (କ୍ରି) phɔḷɔjiba ଗର୍ଭହେବା to conceive

ଫଳା (ବି) phɔḷa ଅକ୍ଷର letter

ଫଲି (ବି) phɔḷi ଫଡ଼ିଆ rump with leg

ଫଲିବା (କ୍ରି) phɔḷiba ପଡ଼ିବା to fall

ଫଲିଦେବା (କ୍ରି) phɔḷideba ପଡ଼ିଯିବା to fall

ଫସନ୍ଦ୍ (ବି) phɔsɔnd ପସନ୍ଦ liking

ଫାଉ (ବି) phau ଉପରଠାଉରିଆ superficial

ଫାଉଟ (ବି) phauṭɔ ଏକପ୍ରକାର ଅସ୍ତ୍ର hoe

ଫାଙ୍କ୍ହେବା (କ୍ରି) phank heba ପଣ୍ଡହେବା to govain

ଫାଙ୍କ (ବି) phankɔ ଫାଙ୍କ gap

ଫାଞ୍ଚେଇବା (କ୍ରି) phañceiba ଶୌଚ ହେବା to clean private parts of the body after answenig calls of nature

ଫାଟିବା (କ୍ରି) phaṭiba ଫାଟିବା to burst

ଫାନ୍ଦ (ବି) phandɔ ଫାସ, ଜାଲ snare

ଫାନ୍ଦିବା (କ୍ରି) phandiba ବାନ୍ଧିବା to frame

ଫାବ୍ଲିବା (କ୍ରି) phabḷiba ଫୋପାଡ଼ିବା to throw

ଫାର୍ମା (ବି) pharma ଆକାର, ଛାଞ୍ଚ frame

ଫାଲେ (ବିଣ) phaḷe ଫାଳେ, ଅଧେ half

ଫାଲ୍ତୁ (ବିଣ) phaltu ଫାଲ୍ତୁ unnecessary

ଫାସ (ବି) phasɔ ଫାସ snare

ଫାସିଆ (ବି) phasia ଅଲଂକାର ବିଶେଷ an ornament of ear

ଫାସିଆରି (ବି) phasiari ଏକ ପ୍ରକାର ଜାଲ kind of net

ଫି (ବିଣ) phi ପ୍ରତ୍ୟେକ each

ଫିଙ୍ଗ୍ଳିବା (କ୍ରି) phiŋgḷiba ଫିଙ୍ଗିବା to throw

ଫିଙ୍ଗା (ବି) phiŋga କଜଳପାତି ଚଢ଼େଇ black drango

ଫିଙ୍ଗାଜାଲ୍ (ବି) phiŋgajal ଏକ ପ୍ରକାର ଜାଲ kind of net

ଫିତା (ବି) phita ଫିତା ribbon

ଫିର୍ (ବିଣ) phir ଅବାଧ free

ଫିରିକି (ବି) phiriki ଏକ କଣ୍ଟା ଗଛ a throny tree

ଫିର୍ଫିରା (ବି) phirphira ବାଉଁଶ ତିଆରି ପଂଖା ଯାହା ପବନରେ ବୁଲେ fan that moves by wind

ଫୁଙ୍କିବା (କ୍ରି) phuŋkiba ଫୁଙ୍କିବା to blow

ଫୁଙ୍ଗେଇବା (କ୍ରି) phuŋgeiba ଗଛକାଟି ପକାଇ ସଫାକରିବା to weed out

ଫୁଟକ (ବିଣ) phuṭɔkɔ ଖଣ୍ଡି piece

ଫୁଟାଣି (ବି) phuṭaṇi ବଡ଼ିମା boast

ଫୁଟିବା (କ୍ରି) phuṭiba ଫୁଟିବା, ଫୁଲ ଫୁଟିବା, ବାଣ ଫୁଟିବା, ଅଣ୍ଡା ଫୁଟିବା to bloom, to explod, to hatch

ଫୁଡା (ବିଣ) phuḍa ପୋଡା burnt

ଫୁଡିବା (କ୍ରି) phuḍiba ପୋଡ଼ିବା to burn

ଫୁର୍ତି (ବିଣ) phurti ଚଞ୍ଚଳ quick

ଫୁର୍ଫାର୍ (କ୍ରି. ବିଣ) phurphar ପକ୍ଷୀ ଉଡ଼ିବାର ଶବ୍ଦ flapping of birds

ଫୁରେଇବା (କ୍ରି) phureiba ପୂରଣ କରିବା to fill

ଫୁଳ (ବି) phuḷɔ ଫୋଡ଼ bore

ଫୁଳୁଣି (ବି) phuḷuṇi ଫୋଡଣୀ punch

ଫୁଲସି (ବି) phulsi ପୋଲିସ୍ police

